# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ମେ' ୨୦/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 20/2023 | Page 16 | ₹ 7.00

୪୯ଶ ଭାଗ ୧୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 174 | ମୂଲ୍ୟ₹୭/-



# Creating Rankers: Today, Tomorrow & Beyond ...

## FRESHERS: AIIMS & GOVERNMENT MEDICAL COLLEGE PROBABLES - 2023

50+ Freshers are expected to score more than 500 out of 720 marks in NEET 2023

SATYAM 670

640 OJASWITA | 624 ANIKESH | 620 NAIMISH | 615 TULASI | 605 SOUMYARANJAN | 605 PRIYARANJAN

602 AYUSHMAN | 600 PRIYABRATA | 595 BUDDHADEV | 592 SUJAL SANKET | 590 SIDDHANT | 525 CATEGORY SOUMARANJAN MAGALING

## The Story of "Others" Vs "Us"

**COMMON MISTAKES STUDENTS MAKE WHILE CHOOSING OTHERS**

- ✓ Falling prey to low fee honeytrap
- ✓ Biased by discounted fee in the name of scholarships
- ✓ Getting attracted to sugar-coated commitments
- ✓ Frequently misled by results of other states
- ✓ Unaware of demerits of big-batch size (150-200)
- ✓ Getting lost among large number of students
- ✓ Outsourced hostel, food and transport
- ✓ Mistaking 'ordinary' teachers as specialists

**YUVODAYA WOW FACTORS**

- ✓ Consistent top NEET and JEE ranks, year after year
- ✓ Enviable success rate supremacy
- ✓ Expertise in converting the mediocre to the marvellous
- ✓ Dedicated Ranker Specialists from all over India
- ✓ Small-batch size (40-50) to ensure individual attention
- ✓ Self-managed homely hostels and safe transportation

## 100+ AIIMS & Govt. Medical College Probables in 2023

REETIK SAHOO | ASHUTOSH SAHOO | DIPTI P. BEHERA | PRABHANSHU | AJAYA MEHER | SURYAPRAKASH | LISHA AGRAWAL | NILESH BEHERA | PRAGYAN P. NIAL | SAHIL KU. BAG

BABLU MEHER | SOUMYARANJAN | SUBHAM BISWAL | SONALI GAHIR | SRIANSH MEHER | RITISNIGDHA | DONAL SAHU | DURGESH KHATUA | JYOTIRANJAN | SWAYAMSU NANDA

SUBRAT SAHU | OMM PRAKASH | SRUJANIKA | SWAGATIKA SAHU | USHASI ROUT | BARSHARANI | PRABEEN BHOI | ALPPI SAHOO | ANKITA PATRA | DEEPENDU BEHERA

AJAYA KU. SAHU | ARYAN SAHU | PRANAYA NAIK | JAGRUTI BISWAL | PRITIPRANGYA | JIBANANDA BAG | ANKITA PALAI | ARUNIMA MISHRA | APARNA DASH | ANKITA P. PADHAN

SWADESH MUDULI | SARBESWAR SAHU | ADARSHA MISHRA | MANISHA MOHANTY | JYOTSHNAMAYEE | SOBHAN PRADHAN | SWABHIMAN PATEL | JYOTIPRAKASH | OMKAR RANA | OMSHREE PANDA

PRAJNA PRIYA | SPANDITA SWARUPA | DIPTIMAYEE | SASWAT SINGH | SAMBIT BISWAL | SOUMYA P. DASH | TULESWAR MEHER | PRAGYAN | SAHIL K. BEHERA | AKANKSHYA

SHIBASISH MEHER | SUBHAM PARIDA | SUGYAN TRIPATHY | BISWARANJAN | RUDRA SARATHI | SUCHISMITA | RICHI PRIYADARSHINI | SUDHANSHU SAHU | RAHUL DEV KALSAI | PABITRA PRADHAN

DEBASISH BUDEK | ADITYA K. BEHERA | BALGOPAL MEHER | SHIVRAJ MALLIK | JAYACHANDRA JAL | SUBHAM K. DORA | BHARATI BHUE | ADYASHA CH. TUDU | NEELAM BISWAL | SMRUTIMAYEE DAS

CENTRE OF EXCELLENCE
MEDICAL IIT-JEE
YUVODAYA
EXCLUSIVE CENTRE FOR ONE-YEAR PREPARATION

BHUBANESWAR: JAYADEV VIHAR
9437330577, 7077983222

BALANGIR: SHANTI PADA
9777884488, 9938086842

DIRECT ADMISSIONS 2023-24

YUVODAYA
CBSE-XI & XII

SiP
SCHOOL INTEGRATED PROGRAM

Eligibility: 10th Board Pass

- BHUBANESWAR -
Behind Ram Mandir
7847851736, 9040064200

- BALANGIR -
Hatisal Pada, Near Treasury
9777884488, 9938086842

- BERHAMPUR -
St. Xavier's Campus, Ambapua
9437338316, 9437091905

**OUR PREDICTIVE CRITERIA OF SELECTION:**

- ✓ General category students will score 590 to 685 out of 720 marks
- ✓ Reserved categories (SC & ST) are expected to score 490 and 400 marks or more respectively
- ✓ 200+ students out of 350 are projected to score more than 500 marks

bona fide Yuvodayans - Now and Always

JEE MAINS - 2023 RESULTS: 48 STUDENTS SCORED MORE THAN 90 PERCENTILE (24 FRESHERS). EVOLVING & GOING FAR IN THE FIELD OF JEE ADV.

**ଇମ୍ରାନ୍‌ଙ୍କ ଲାହୋର ବାସଭବନ ତଲାସି ପାଇଁ ୱାରେଣ୍ଟ**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଲାହୋର ବାସଭବନରେ ୩୦ରୁ ୪୦ ଆତଙ୍କବାଦୀ ଆତ୍ମଗୋପନ କରିଥିବାର ଅଭିଯୋଗ ପରେ ତାଙ୍କ ଘରକୁ ସମ୍ପୂର୍ଣ୍ଣ ତଲାସି ନେବା ଲାଗି ପଞ୍ଜାବ ପୋଲିସ ଶୁକ୍ରବାର ୱାରେଣ୍ଟ ହାସଲ କରିଛି। ଇମ୍ରାନ୍‌ଙ୍କ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ ନେତୃତ୍ୱ ସହ ଆଲୋଚନା ପାଇଁ ପଞ୍ଜାବ ସରକାର ଏକ ଟିମ୍ ପଠାଇବାକୁ ନିଷ୍ପତ୍ତି ନେବା ପରେ ଉପରୋକ୍ତ ପଦକ୍ଷେପ ନିଆଯାଇଛି। ତଲାସି ଟିମ୍‌ର ନେତୃତ୍ୱ ଜଣେ ଏସ୍‌ପି ନେବାକୁ ଥିବାବେଳେ ସେଥିରେ ମହିଳା ପୋଲିସ ଅଧିକାରୀ ରହିବେ।

# ହିରୋଶିମାରେ ବିଶ୍ୱନେତା

➥ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ ସହର ହିରୋଶିମାରେ ଶୁକ୍ରବାର ଆରମ୍ଭ ହୋଇଛି ଜି୭ ସମ୍ମିଳନୀ। ଏହା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ।
➥ଏଥିରେ କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ବ୍ରିଟେନ୍, ଆମେରିକା ଏବଂ ୟୁରୋପୀୟ ସଂଘର ନେତାମାନେ ସାମିଲ ହୋଇଛନ୍ତି।
➥୧୯୪୫ରେ ଆମେରିକା ପକ୍ଷରୁ ନିକ୍ଷେପ କରାଯାଇଥିବା ପରମାଣୁ ବୋମା ବିସ୍ଫୋରଣରେ ନିହତ ହୋଇଥିବା ଅନେକ ହଜାର ଲୋକଙ୍କୁ ହିରୋଶିମା ପିସ୍ ମେମୋରିଆଲ ପାର୍କରେ ଶ୍ରଦ୍ଧାଞ୍ଜଳି ଦେବା ପାଇଁ କିଶିଦା ସଦସ୍ୟ ରାଷ୍ଟ୍ର ନେତାମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।
➥ରୁଷିଆର ୟୁକ୍ରେନ୍ ଆକ୍ରମଣ ଏବଂ ଏହାର ହାଇ ଏଜେଣ୍ଡାକୁ କିପରି ମୁକାବିଲା କରାଯିବ ସେନେଇ ଅପରାହ୍ଣରେ ଆଲୋଚନା ହୋଇଛି।
➥ବିକ୍ଷୋଭକାରୀମାନେ ହିରୋଶିମାରେ 'କ୍ରଶ୍ ଜି ସମିଟ୍' ନାମରେ ରାସ୍ତାକୁ ଓହ୍ଲାଇଛନ୍ତି।



ଜାପାନର ହିରୋଶିମା ସହରରେ ଜି ୭ ସମ୍ମିଳନୀ ପାଇଁ ଏକତ୍ରିତ ହୋଇଥିବା (ବାମରୁ) ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ, ୟୁରୋପୀୟ କମିଶନ ଅଧ୍ୟକ୍ଷା ଭୋନ୍ ଡେର୍ ଲେୟେନ୍, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା, ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି, ୟୁରୋପିଆନ୍ କାଉନ୍‌ସିଲ ପ୍ରେସିଡେଣ୍ଟ ଚାର୍ଲ୍ସ ମିଶେଲ, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଏବଂ ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ପିସ୍ ମେମୋରିଆଲ ପାର୍କରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଉଛନ୍ତି।



ଜି୭ ସମ୍ମିଳନୀରେ ଯୋଗଦେବା ପାଇଁ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହିରୋଶିମାରେ ସ୍ୱାଗତ କରାଯାଉଛି।

# ଜି୭ରେ ରୁଷିଆ ବିରୋଧୀ ରଣନୀତି

**ହିରୋଶିମା, ୧୯।୫**

ବିଶ୍ୱର ସବୁଠୁ ପ୍ରଭାବଶାଳୀ ଗଣତନ୍ତ୍ରଗୁଡ଼ିକର ନେତାମାନେ ଶୁକ୍ରବାର ଜାପାନର ହିରୋଶିମା ସହରରେ ଏକାଠି ହୋଇଛନ୍ତି। ୟୁକ୍ରେନ୍ ଉପରେ ୧୫ ମାସ ଧରି ଆକ୍ରମଣ ଜାରି ରଖିଥିବା ରୁଷିଆକୁ ଦଣ୍ଡିତ କରିବା ପାଇଁ ଜି୭ ସଦସ୍ୟ ରାଷ୍ଟ୍ରର ନେତୃବୃନ୍ଦ ସମ୍ମିଳନୀର ପ୍ରଥମ ଦିନ ନୂଆ ରଣନୀତି ସ୍ଥିର କରିଛନ୍ତି। ୟୁକ୍ରେନ୍‌କୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆଣବିକ ଆକ୍ରମଣ ଧମକ ସାଙ୍ଗକୁ ଉତ୍ତର କୋରିଆର ମାସାଧିକ କାଳ କ୍ଷେପଣାସ୍ତ୍ର ପରୀକ୍ଷଣ ଏବଂ ଚାଇନା ଦ୍ରୁତଗତିରେ ବିସ୍ତାର କରିଚାଲିଥିବା ନ୍ୟୁକ୍ଲିୟର ଅସ୍ତ୍ର ବିରୋଧରେ ଜାପାନର ଆଣବିକ ନିରସ୍ତ୍ରୀକରଣ ଅଭିଯାନକୁ ଜି୭ ରାଷ୍ଟ୍ରମୁଖ୍ୟମାନେ ସମର୍ଥନ କରିଛନ୍ତି। ବିଶ୍ୱନେତାମାନେ ୧୯୪୫ ଅଗଷ୍ଟ ୬ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଆମେରିକା ପକ୍ଷରୁ ହିରୋଶିମାରେ ଏକ ବି-୨୯ ପରମାଣୁ ବୋମା ନିକ୍ଷେପ ଫଳରେ ନିହତ ହୋଇଥିବା ୧,୪୦,୦୦୦ ଲୋକଙ୍କୁ ପିସ୍ ପାର୍କରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଗ୍ରୁପ୍ ଫଟୋ ଏବଂ ପ୍ରତୀକାତ୍ମକ ଭାବେ ବୃକ୍ଷରୋପଣ କରିବା ପରେ ସେମାନେ ମସ୍କୋ ବିରୋଧରେ ନୂଆ ପର୍ଯ୍ୟାୟରେ କଟକଣା ଜାରି ପାଇଁ ଆଲୋଚନା କରିଥିଲେ।




ରୁଷିଆ ହେଉଛି ବିଶ୍ୱରେ ସର୍ବାଧିକ କଟକଣା ଭୋଗୁଥିବା ରାଷ୍ଟ୍ର। କିନ୍ତୁ ଏହା ବିରୋଧରେ ଲାଗିଥିବା ଆର୍ଥିକ କଟକଣାଗୁଡ଼ିକର ପ୍ରଭାବ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଛି। ତେଣୁ ପୂର୍ବରୁ ଜାରି କରାଯାଇଥିବା କଟକଣାଗୁଡ଼ିକୁ କାର୍ଯ୍ୟକାରୀ ପାଇଁ ଉଦ୍ୟମକୁ ଦ୍ୱିଗୁଣିତ କରିବା ଉପରେ ସେମାନଙ୍କ ଫୋକସ୍ ରହିଥିବା ଜଣେ ଆମେରକୀୟ ଅଧିକାରୀ ସୂଚନା ଦେଇଛନ୍ତି। ରୁଷୀୟ ହୀରା ଆମଦାନୀ ବନ୍ଦ ସହ ମସ୍କୋ ପାଇଁ ବାଣିଜ୍ୟିକ କାରବାରର ଦ୍ୱାର ବନ୍ଦ କରିବା ଉପରେ ୟୁରୋପୀୟ ସଂଘ (ଇୟୁ) ଗୁରୁତ୍ୱ ଦେଉଛି ବୋଲି ୟୁରୋପିଆନ୍ କାଉନ୍‌ସିଲ୍ ଅଧ୍ୟକ୍ଷ ଚାର୍ଲ୍ସ ମିଶେଲ କହିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି୭ରେ ଯୋଗଦେବା ପାଇଁ ହିରୋଶିମାରେ ପହଞ୍ଚିଛନ୍ତି। ସେ କ୍ୱାଡ୍ ସମ୍ମିଳନୀରେ ଯୋଗଦେବା ପାଇଁ ଏଠାରୁ ଅଷ୍ଟ୍ରେଲିଆ ଯିବେ। ଜାପାନ, ପପୁଆ ନ୍ୟୁ ଗିନି ଓ ଅଷ୍ଟ୍ରେଲିଆରେ ମୋଦି ୪୦ ବୈଠକରେ ସାମିଲ ହେବେ। ଭାରତ ଚଳିତ ବର୍ଷ ଜି୨୦ରେ ଅଧ୍ୟକ୍ଷତା କରୁଥିବାରୁ ଜି୭ ସମ୍ମିଳନୀରେ ତାଙ୍କ ଉପସ୍ଥିତି ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମୋଦି ଟୁଇଟ୍ କରିଛନ୍ତି। ଜାପାନ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣକ୍ରମେ ଜି୭ରେ ସାମିଲ ହେବାକୁ ଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ମଧ୍ୟ ମୋଦି ଆଲୋଚନା କରିବେ ବୋଲି ଜଣାପଡ଼ିଛି।




ହିରୋଶିମାରେ ଜି୭ ସମ୍ମିଳନୀ ଶୁକ୍ରବାର ଆରମ୍ଭ ହୋଇଥିବାବେଳେ ଏହାର ପ୍ରତିବାଦରେ ବିକ୍ଷୋଭ କରାଯାଉଛି।

## ଶାସକ ଦଳରୁ ଫିଲିପାଇନ୍ସ ଉପରାଷ୍ଟ୍ରପତିଙ୍କ ଇସ୍ତଫା

**ମାନିଲା, ୧୯।୫(ଆଇଏଏନ୍‌ଏସ୍):** ଫିଲିପାଇନ୍ସ ଉପରାଷ୍ଟ୍ରପତି ସାରା ଡୁଟେର୍ଟେ ଶୁକ୍ରବାର ଶାସକ ଦଳ ଲାକାସ-କ୍ରିଷ୍ଟିଆନ୍ ମୁସ୍‌ଲିମ ଡେମୋକ୍ରାଟ୍ସ (ଲାକାସ-ସିଏମ୍‌ଡି)ର ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେଙ୍କ ଝିଅ ସାରା ଦଳର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ସେ ତାଙ୍କର ଇସ୍ତଫାର କାରଣ ସମ୍ପର୍କରେ କିଛି କହି ନାହାନ୍ତି।



ସାରା ଡୁଟେର୍ଟେ

ଫିଲିପାଇନ୍ସ ଜନସାଧାରଣଙ୍କ ଆସ୍ଥା ପାଇଁ ସେ ଆଜି ଏଠାରେ ଅଛନ୍ତି। ଏହାକୁ ରାଜନୈତିକ ପ୍ରଦୂଷଣ ଦ୍ୱାରା ବିଷାକ୍ତ କରାଯାଇପାରିବ ନାହିଁ କିମ୍ବା ରାଜନୈତିକ ପାୱାରପ୍ଲେ ଦ୍ୱାରା ଦୁର୍ବଳ କରାଯାଇପାରିବ ନାହିଁ ବୋଲି ସାରା କହିଥିଲେ। ପୂର୍ବତନ ରାଷ୍ଟ୍ରପତି ତଥା ବର୍ତ୍ତମାନର ଏମ୍‌ପି ଗ୍ଲୋରିଆ ମାକାପାଗାଲ ଆରୋୟୋଙ୍କୁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ବରିଷ୍ଠ ଡେପୁଟି ସ୍ପିକରରୁ ଡେପୁଟି ସ୍ପିକରକୁ ପଦାବନତ କରାଯିବା ପରେ ସାରା ଦଳରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିଲେ।

## ଯୁବକଙ୍କ ମୁଣ୍ଡକାଟି ଧରି ବୁଲିଲେ

**ଜୟପୁର, ୧୯।୫:** ରାଜସ୍ଥାନର ଜାଲୋର ଜିଲାରେ ଜଣେ ୫୦ ବର୍ଷୀୟ ବ୍ୟକ୍ତି ସର୍ବସମ୍ମୁଖରେ ଜଣେ ୨୩ ବର୍ଷୀୟ ଯୁବକଙ୍କ ମୁଣ୍ଡକାଟି ହତ୍ୟା କରିଛନ୍ତି। ବୁଧବାର ସନ୍ଧ୍ୟାରେ ଏଭଳି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ଜଣକ କିଛି ସମୟ ପର୍ଯ୍ୟନ୍ତ ଯୁବକଙ୍କ କଟାମୁଣ୍ଡ ଧରି ବୁଲିବା ପରେ ରାସ୍ତା ପାର୍ଶ୍ୱରେ ଫିଙ୍ଗିଦେଇଥିଲେ। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗିରହିଥିବାବେଳେ ଇଣ୍ଟରନେଟ ସେବା ବନ୍ଦ ରହିଛି। ଅଭିଯୁକ୍ତ ଶଙ୍କଲାରାମ ଭିଲ୍‌ଙ୍କୁ ପୋଲିସ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି।

# ଜ୍ଞାନବାପି ଶିବଲିଙ୍ଗର କାର୍ବନ ଡେଟିଂକୁ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୯।୫**

ବାରାଣସୀର ଜ୍ଞାନବାପୀ ମସ୍‌ଜିଦ-କାଶୀ ବିଶ୍ୱନାଥ କରିଡର ମଧ୍ୟରେ ରହିଥିବା ଶିବଲିଙ୍ଗର କାର୍ବନ ଡେଟିଂକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ଭିଡିଓଗ୍ରାଫି ସର୍ଭେ ବେଳେ ଜ୍ଞାନବାପି କମ୍ପ୍ଲେକ୍ସ ପରିସରରୁ ଶିବଲିଙ୍ଗ ଭଳି ଏକ ବିବାଦୀୟ ଢାଞ୍ଚା ମିଳିଥିଲା। ତାହା ଶିବଲିଙ୍ଗ କି ନୁହେଁ ଏବଂ କେବେଠାରୁ ସେଠାରେ ରହିଛି,



ତାହା ଜାଣିବା ପାଇଁ କାର୍ବନ ଡେଟିଂ ନିମନ୍ତେ ଆଲ୍ଲାହାବାଦ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ କାର୍ବନ ଡେଟିଂ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟ ବିରୋଧରେ ମୁସଲମାନ ପକ୍ଷ କରିଥିବା ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାରଙ୍କୁ ଜବାବ ମାଗିଛନ୍ତି। କାର୍ବନ ଡେଟିଂ ବ୍ୟତୀତ ଅନ୍ୟ ବୈଜ୍ଞାନିକ ପଦ୍ଧତିର ଅନୁଧ୍ୟାନ କରାଯିବା ଆବଶ୍ୟକ ବୋଲି ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତରେ ଯୁକ୍ତି ଉପସ୍ଥାପନ କରିଥିଲେ।

## ମୋଚା ତାଣ୍ଡବ ମ୍ୟାନ୍‌ମାରରେ ୧୪୫ ମୃତ

**ବ୍ୟାଙ୍କକ୍, ୧୯।୫**

ବାତ୍ୟା ମୋଚା ପ୍ରଭାବରେ ମ୍ୟାନ୍‌ମାରରେ ଅଦ୍ୟାବଧି ୧୪୫ ଜଣଙ୍କ ପ୍ରାଣହାନି ଘଟିଛି। ମୃତକଙ୍କ ମଧ୍ୟରେ ୧୧୭ ରୋହିଙ୍ଗ୍ୟା ମୁସଲମାନ ରହିଛନ୍ତି। ମ୍ୟାନ୍‌ମାରର ରାଖିନରେ ମୋଚା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟାଇଥିବାବେଳେ ଅନ୍ୟ ଅଞ୍ଚଳରେ ବାତ୍ୟା ଯୋଗୁ କେତେଜଣ ପ୍ରାଣ ହରାଇଛନ୍ତି ସେ ନେଇ ମ୍ୟାନ୍‌ମାର ଆର୍ମି ଶାସକଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଅନ୍ୟପକ୍ଷେ ବାତ୍ୟାରେ ଦେଶରେ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ସେନା ପକ୍ଷରୁ ଖଣ୍ଡନ କରାଯାଇଛି।

## ବିହାର ସରକାରଙ୍କୁ ମୂଳ ରେକର୍ଡ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୯।୫(ପି.ଟି.)**

**ଆନନ୍ଦ ମୋହନଙ୍କୁ ଜେଲରୁ ମୁକ୍ତ କରାଯିବା ଘଟଣା**

୧୯୯୪ରେ ବିହାର ଗୋପାଳଗଞ୍ଜ ଜିଲାପାଳ ଜି. କ୍ରିଷ୍ଣେୟାଙ୍କୁ ହତ୍ୟା ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ପୂର୍ବତନ ଏମ୍‌ପି ଆନନ୍ଦ ମୋହନଙ୍କ ଦଣ୍ଡ କୋହଳ କରାଯାଇ ଅବଧି ପୂର୍ବରୁ ମୁକ୍ତ କରାଯିବା ଘଟଣାରେ ସୁପ୍ରିମକୋର୍ଟ ବିହାର ସରକାରଙ୍କୁ ଜବାବ ମାଗିଛନ୍ତି। ଆନନ୍ଦ ମୋହନଙ୍କ ଦଣ୍ଡ କୋହଳ କରାଯିବା ସମ୍ପର୍କିତ ସମସ୍ତ ମୂଳ ରେକର୍ଡ ଦାଖଲ କରିବା ପାଇଁ ଶୁକ୍ରବାର ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ କହିଛନ୍ତି। ମାମଲାର ଶୁଣାଣିକୁ ଅଧିକ ଦିନ ସ୍ଥଗିତ ରଖାଯାଇପାରିବ ନାହିଁ ବୋଲି ଜଷ୍ଟିସ ସୂର୍ଯ୍ୟ କାନ୍ତ ଏବଂ ଜେ.ବି. ପର୍ଦ୍ଦିୱାଲାଙ୍କ ଖଣ୍ଡପୀଠ ବିହାର ସରକାରଙ୍କ ଓକିଲ ମନୀଷ କୁମାରଙ୍କୁ କହିବା ସହ ତୁରନ୍ତ ସମସ୍ତ ରେକର୍ଡ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରେକର୍ଡ ଦାଖଲ ପାଇଁ ମନୀଷ ସମୟ ଚାହିଁବାରୁ ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୮କୁ ଧାର୍ଯ୍ୟ କରାଯାଇଛି। ଆନନ୍ଦ ମୋହନଙ୍କୁ ଜେଲ୍‌ରୁ ମୁକ୍ତ କରାଯିବା ଘଟଣାକୁ କ୍ରିଷ୍ଣେୟାଙ୍କ ସ୍ତ୍ରୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ସୁପ୍ରିମକୋର୍ଟର ୨ ନୂଆ ବିଚାରପତି ଶପଥ ନେଲେ

**ନୂଆଦିଲ୍ଲୀ, ୧୯।୫(ପି.ଟି.)**

ସୁପ୍ରିମକୋର୍ଟର ନୂଆ ବିଚାରପତି ଭାବେ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରା ଏବଂ ବରିଷ୍ଠ ଆଇନଜୀବୀ କାଲପଥି ଭେଙ୍କଟରମଣ ବିଶ୍ୱନାଥନ ଶୁକ୍ରବାର ଶପଥ ନେଇଛନ୍ତି। ସୁପ୍ରିମକୋର୍ଟ ଅଡିଟୋରିୟମରେ ଅନୁଷ୍ଠିତ ଉତ୍ସବରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ସେମାନଙ୍କୁ ଶପଥ ପାଠ କରାଇଥିଲେ। ଦୁଇ ବିଚାରପତିଙ୍କ ଶପଥ ଗ୍ରହଣ ସହିତ ଶୁକ୍ରବାର ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ୩୪କୁ ବୃଦ୍ଧି ପାଇଥିଲା। ଅନ୍ୟପକ୍ଷରେ ଜୁନ୍‌ରେ ଅବସର ନେବାକୁ ଯାଉଥିବା ୩ ଜଣ ବିଚାରପତିଙ୍କର ଶୁକ୍ରବାର ଶେଷ କାର୍ଯ୍ୟ ଦିବସ ଥିଲା। ମେ' ୨୨ରୁ ଜୁଲାଇ ୨ ପର୍ଯ୍ୟନ୍ତ ସୁପ୍ରିମକୋର୍ଟ ଗ୍ରୀଷ୍ମାବକାଶ ପାଇଁ ବନ୍ଦ ରହିବ। ଜଷ୍ଟିସ୍ କେ.ଏମ୍. ଜୋସେଫ, ଜଷ୍ଟିସ୍ ଅଜୟ ରସ୍ତୋଗୀ ଏବଂ ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ୍ ଗ୍ରୀଷ୍ମାବକାଶ ମଧ୍ୟରେ ଅବସର ନେବେ। ଜଷ୍ଟିସ ଜୋସେଫ ଜୁନ୍ ୧୬ରେ ଅବସର ନେବାକୁ ଥିବାବେଳେ ଜଷ୍ଟିସ୍ ରସ୍ତୋଗୀ ଜୁନ୍ ୧୭ରେ ଏବଂ ଜଷ୍ଟିସ ରାମସୁବ୍ରମଣ୍ୟନ ଜୁନ୍ ୨୯ରେ ଅବସର ଗ୍ରହଣ କରିବେ।



ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରା



କେ.ଭି. ବିଶ୍ୱନାଥନ

# ବିଶ୍ୱର ୫୦% ବୃହତ୍ ହ୍ରଦରେ କମୁଛି ଜଳସ୍ତର

**ନୂଆଦିଲ୍ଲୀ, ୧୯।୫**

ବିଶ୍ୱର ବୃହତ୍ ହ୍ରଦଗୁଡ଼ିକ ଶୁଖିବାରେ ଲାଗିଛି। ଜଳ ଅପଚୟ ଏବଂ ତାପମାତ୍ରା ବୃଦ୍ଧି ଏହାର ମୁଖ୍ୟ କାରଣ ବୋଲି ଆମେରିକାର ୟୁନିଭର୍ସିଟି ଅଫ୍ ଭର୍ଜିନିଆ ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ କୁହାଯାଇଛି। ପାଖାପାଖି ୫୦% ବୃହତ୍ ହ୍ରଦ ଏ ପ୍ରକାର ଜଟିଳ ସ୍ଥିତି ଦେଇ ଗତି କରୁଥିବା ଜର୍ନାଲ ସାଇନ୍ସରେ ପ୍ରକାଶ ପାଇଥିବା ଅଧ୍ୟୟନ ସମ୍ବନ୍ଧୀୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଏହି ଅଧ୍ୟୟନର ମୁଖ୍ୟ ଫାଙ୍ଗଫଙ୍ଗ ୟାଓ ହୋଇଥିବାବେଳେ ୟୁନିଭର୍ସିଟି ଅଫ୍ କଲୋରାଡୋ ବୋଲ୍‌ଡର, କାନ୍‌ସାସ୍ ଷ୍ଟେଟ୍ ୟୁନିଭର୍ସିଟି ବିଶେଷଜ୍ଞମାନଙ୍କ ଦ୍ୱାରା ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ବିଶ୍ୱର ୨,୦୦୦ ହ୍ରଦରେ ଜଳ ଶୁଖିବା ଆରମ୍ଭ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ହ୍ରଦ ଜଳ ସମ୍ପର୍କରେ ଅଧ୍ୟୟନ କରାଯିବା ଲାଗି ବିଶେଷଜ୍ଞମାନେ ଆରେ ସାଟେଲାଇଟ ଜରିଆରେ ସଂଗୃହୀତ ୩୦ ବର୍ଷର ତଥ୍ୟକୁ ଏଥିରେ ବ୍ୟବହାର କରିଛନ୍ତି। ୧୯୯୨ରୁ ୨୦୨୦ ମଧ୍ୟରେ ସାଟେଲାଟ ଜରିଆରେ ପୃଥିବୀର ୨,୫୦,୦୦୦ ପରିମିତ ଅଞ୍ଚଳରେ ବ୍ୟାପିଥିବା ୧,୯୭୨ ବୃହତ୍ ହ୍ରଦର ସ୍ନାପ୍‌ଶଟ୍‌କୁ ନେଇ ଉକ୍ତ ସର୍ଭେ କରାଯାଇଛି। ଅଧ୍ୟୟନ ମୁତାବକ ବିଶ୍ୱର ୫୩ ପ୍ରତିଶତ ହ୍ରଦରେ ଜଳ ଧାରଣ କମିଛି।



ଜଳବାୟୁ ପରିବର୍ତ୍ତନ, ମନୁଷ୍ୟକୃତ ଜଳ ଅପଚୟ ଯୋଗୁ ବିଶ୍ୱର ୧୦୦ ବଡ଼ ହ୍ରଦର ଆୟତନ କମିଛି। ଏଥିସହ ଜଳ ପରିମାଣ ମଧ୍ୟ ହ୍ରାସ ପାଇଛି। ଉଭୟ ଶୁଷ୍କ ଓ ଆର୍ଦ୍ର ଭୂମି ହ୍ରଦଗୁଡ଼ିକରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ପୃଥିବୀର ଦୁଇ-ତୃତୀୟାଂଶ ବଡ଼ ଜଳାଶୟରେ ଜଳର ପରିମାଣ କ୍ରମାଗତ ହ୍ରାସ ପାଇଚାଲିଛି। ଜଳସ୍ତର କମିବା ଯୋଗୁ ବହୁ ହ୍ରଦ ସଙ୍କୁଚିତ ହେବାରେ ଲାଗିଥିବାବେଳେ ୨୪% ହ୍ରଦରେ ଜଳ ଧାରଣ ବଢ଼ିଛି। ବିଶେଷ କରି କମ୍ ଲୋକ ବାସ କରୁଥିବା ଅଞ୍ଚଳରେ ଥିବା ହ୍ରଦ ଜଳସ୍ତରରେ ବୃଦ୍ଧି ଦେଖିବାକୁ ମିଳିଛି। ଆର୍ମେନିଆର ସେଭାନ ହ୍ରଦ ଜଳ ପରିମାଣ ଗତ ୨୦ ବର୍ଷ ଧରି ବଢ଼ିବାରେ ଲାଗିଛି।

DHARITRI
ଭୁବନେଶ୍ୱର, ଶନିବାର, ମେ' ୨୦/୨୦୨୩ | Bhubaneswar, Saturday, May 20/2023 | ପୃଷ୍ଠା-୧



### ସାମ୍ କୁରାନଙ୍କ ଦୃଢ଼ ବ୍ୟାଟିଂ
ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ପଞ୍ଜାବ କିଙ୍ଗ୍ସକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ସାମ୍ କୁରାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

୧୪

୦୯

### ପସନ୍ଦ ଆସୁଛି 'ସତ୍ୟ ପ୍ରେମ୍ କି କଥା'ର ଟିଜର
କାର୍ତ୍ତିକ ଆର୍ଯ୍ୟନ ଓ କିଆରା ଆଡଭାନୀଙ୍କ ଅଭିନୀତ ଫିଲ୍ମ 'ସତ୍ୟ ପ୍ରେମ୍ କି କଥା'ର ଟିଜର ନିକଟରେ ରିଲିଜ୍ ହୋଇଥିବାବେଳେ ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରୁଛନ୍ତି।



# ୨ ହଜାରିଆ ନୋଟ୍ ଗଲା

**୮ ନଭେମ୍ବର ୨୦୧୬ ବିମୁଦ୍ରୀକରଣ ପରେ ପ୍ରଚଳିତ ୨,୦୦୦ ଟଙ୍କିଆ ନୋଟ୍‌କୁ ଆର୍‌ବିଆଇ ଶୁକ୍ରବାର ପ୍ରତ୍ୟାହାର ଘୋଷଣା କରିଥିବାରୁ ଲୋକଙ୍କ ମନରେ ଛନକା ପଶିଛି। ୨୦୨୩ ସେପ୍ଟେମ୍ବର ୩୦ ମଧ୍ୟରେ ଏହାକୁ ବଦଳାଯାଇ ପାରିବ ବୋଲି ସମୟସୀମା ରଖାଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସରକାରୀ ଭାବେ ନିଆଯାଇଥିବା ଏଭଳି ନିଷ୍ପତ୍ତିକୁ ବିରୋଧୀ ଦ୍ୱିତୀୟ ବିମୁଦ୍ରୀକରଣ ଆଖ୍ୟା ଦେଲେଣି।**

**ମୁମ୍ବାଇ/ନୂଆଦିଲ୍ଲୀ, ୧୯।୫**

୨,୦୦୦ ଟଙ୍କିଆ ନୋଟ୍ ଆଉ ଦେଖିବାକୁ ମିଳିବ ନାହିଁ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହି ବଡ଼ ନୋଟ୍‌କୁ ସର୍କ୍ୟୁଲେଶନ୍‌ରୁ ପ୍ରତ୍ୟାହାର କରିବା ପାଇଁ ଶୁକ୍ରବାର ନିଷ୍ପତ୍ତି ନେଇଛି। ବର୍ତ୍ତମାନ ପ୍ରଚଳିତ ୨,୦୦୦ ଟଙ୍କିଆ ନୋଟ୍‌ଗୁଡ଼ିକୁ ବ୍ୟାଙ୍କ ଆକାଉଣ୍ଟରେ ଜମା କରିହେବ କିମ୍ବା ସେଗୁଡ଼ିକୁ ସେପ୍ଟେମ୍ବର ସୁଦ୍ଧା ବଦଳାଯାଇପାରିବ। ତେବେ ଏହି ନୋଟ୍‌ର ଆଇନଗତ ବୈଧତା ବଳବତ୍ତର ରହିବ ବୋଲି ଆର୍‌ବିଆଇ ପକ୍ଷରୁ ଘୋଷଣା କରାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ଏହି ପଦକ୍ଷେପକୁ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ବିମୁଦ୍ରୀକରଣ ବା ଡେମୋ ୨.୦ ଆଖ୍ୟାଦେଇ ସମାଲୋଚନା କରିଛି।

ଆର୍‌ବିଆଇ ଜାରି କରିଥିବା ଏକ ବିବୃତିରେ କୁହାଯାଇଛି ଯେ, ପରିଚାଳନାଗତ ସୁବିଧାକୁ ସୁନିଶ୍ଚିତ କରିବା ଏବଂ ବ୍ୟାଙ୍କ ଶାଖାଗୁଡ଼ିକରେ ନିୟମିତ କାର୍ଯ୍ୟକଳାପରେ ବ୍ୟାଘାତକୁ ଏଡ଼ାଇବା ପାଇଁ ମେ' ୨୩ରୁ



## ନୋଟ୍ ପ୍ରତ୍ୟାହାର ନେଇ ଆର୍‌ବିଆଇର ଘୋଷଣା
### ■ ମେ' ୨୩ରୁ ସେପ୍ଟେମ୍ବର ୩୦ ମଧ୍ୟରେ ବ୍ୟାଙ୍କରେ ବଦଳାଇ ହେବ

ସେପ୍ଟେମ୍ବର ୩୦ ମଧ୍ୟରେ ୨,୦୦୦ ଟଙ୍କିଆ ନୋଟ୍‌କୁ ବ୍ୟାଙ୍କରେ ଦେଇ ଅନ୍ୟ ନୋଟ୍‌ଗୁଡ଼ିକୁ ନିଆଯାଇପାରିବ। କିନ୍ତୁ ଏହି ବିନିମୟ ପାଇଁ ୨୦,୦୦୦ ଟଙ୍କା ସୀମା ଧାର୍ଯ୍ୟ କରାଯାଇଛି। ଏଥିସହ ବର୍ତ୍ତମାନଠାରୁ ୨,୦୦୦ ଟଙ୍କିଆ ନୋଟ୍ ଜାରି ନ କରିବାକୁ ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇ ପରାମର୍ଶ ଦେଇଛି। ଏହାବାଦ୍ ଆର୍‌ବିଆଇର ୧୯ଟି ଆଞ୍ଚଳିକ ଅଫିସରେ ମଧ୍ୟ ଏକକାଳୀନ ସର୍ବାଧିକ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏକ୍ସଚେଞ୍ଜ ସୁବିଧା ମେ' ୨୩ରୁ ଉପଲବ୍ଧ ହେବ। ଅନ୍ୟ ନୋଟ୍‌ଗୁଡ଼ିକ ପର୍ଯ୍ୟାପ୍ତ ମାତ୍ରାରେ ଉପଲବ୍ଧ ଥିବାରୁ ୨,୦୦୦ ଟଙ୍କିଆ ନୋଟ୍‌କୁ ପ୍ରତ୍ୟାହାର କରାଯାଉଛି ବୋଲି କେନ୍ଦ୍ରୀୟ ବ୍ୟାଙ୍କ କହିଛି। ତେବେ ଜନ ସାଧାରଣ ନିଜ ପାଖରେ ରଖିଥିବା ୨,୦୦୦ ଟଙ୍କିଆ ନୋଟ୍‌କୁ କାରବାରରେ ଓ ଦେୟ ନେଣଦେଣ ବେଳେ ବ୍ୟବହାର କରିପାରିବେ। କିନ୍ତୁ ଏଥିପାଇଁ ୨୦୨୩ ସେପ୍ଟେମ୍ବର ୩୦ ହେଉଛି ଶେଷ ତାରିଖ। ଅର୍ଥାତ୍ ଆସନ୍ତା ସେପ୍ଟେମ୍ବର ୩୦ ପରେ ୨,୦୦୦ ଟଙ୍କିଆ ନୋଟ୍ ବ୍ୟବହାରଯୋଗ୍ୟ ହେବ ନାହିଁ।

ପ୍ରକାଶ ଯେ, ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫୦୦ ଓ ୧,୦୦୦ ଟଙ୍କିଆ ନୋଟ୍‌ର ବିମୁଦ୍ରୀକରଣ ଘୋଷଣା କରିଥିଲେ। ସେହି ସମୟରେ ☞ପୃଷ୍ଠା-୨

# ୫ ଲକ୍ଷ ନୁହେଁ, ମାତ୍ର ୫୮ ହଜାର

**ସୁନୀତ୍ ମିଶ୍ର**
**ଭୁବନେଶ୍ୱର, ୧୯।୫**

ଓଡ଼ିଶାର ବେକାର ଯୁବତୀଯୁବକମାନଙ୍କ ଦକ୍ଷତା ବିକାଶ ଲାଗି ରାଜ୍ୟ ସରକାର ଅନେକ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଥିବା ୨୦୨୩-୨୪ ଆର୍ଥିକ ବର୍ଷ ବଜେଟରେ ଉଲ୍ଲେଖ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷ ବଜେଟରେ ରାଜ୍ୟ ସରକାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପାଇଁ ମୋଟ୍ ୯୮୬ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଏହା ପୂର୍ବରୁ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ବିଭାଗ ଲାଗି ମୋଟ୍ ୮୧୧ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ। ସରକାର ଗତ ୧୦ ବର୍ଷରେ ଦକ୍ଷତା ବିକାଶ କ୍ଷେତ୍ରରେ ଅନେକ କିଛି ସଫଳତା ହାସଲ କରିଥିବା ଚିତ୍ର ମଧ୍ୟ ଲୋକଙ୍କ ଆଗରେ ରଖୁଛନ୍ତି। ସରକାର ତାଙ୍କ ବଜେଟ ବହିର ପୃଷ୍ଠା ୧୭ର ୪ର୍ଥ ପାରାରେ ଉଲ୍ଲେଖ କରିଛନ୍ତି, ଗତ ୩ ବର୍ଷ ଭିତରେ କୋଭିଡ୍ ମହାମାରୀ ସତ୍ତ୍ୱେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ୫ ଲକ୍ଷରୁ ଅଧିକ ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ହେଲେ ସମାନ ପ୍ରସଙ୍ଗରେ ବିଧାନସଭାରେ ମନ୍ତ୍ରୀ ରଖିଥିବା ଉତ୍ତର ଏବଂ ସରକାରଙ୍କ ବଜେଟ ବହି ଭିତରେ ତାଳମେଳ ନାହିଁ। ଗୋଟିଏ ପଟେ ସରକାର ୩ ବର୍ଷରେ ୫ ଲକ୍ଷ ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ଦେଇଥିବା ନେଇ ଉତ୍ତର ରଖୁଥିବାବେଳେ ବିଧାନସଭାରେ ଉତ୍ତରରେ କିନ୍ତୁ ଗତ ୭ ବର୍ଷରେ ମୋଟ୍ ୫୮, ୯୦୨ ଜଣଙ୍କୁ ତାଲିମ ଦିଆଯାଇଥିବା କଥା କହୁଛନ୍ତି। ବାକି ୪ ଲକ୍ଷ ୪୧ ହଜାର ୦୯୮ ଜଣ କୁଆଡେ ଗଲେ ତାହାର ହିସାବ ନାହିଁ। ତେଣୁ ଏଥିରୁ କେଉଁଟା ଠିକ୍ ଏବଂ କେଉଁଟା ଭୁଲ୍ ତାହା ବୁଝାପଡୁନାହିଁ।

ରାଜ୍ୟ ସରକାର ପ୍ରାୟ ସବୁ ତାଲିମ କାର୍ଯ୍ୟକ୍ରମ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳନା କରୁଛନ୍ତି। ସୁବ୍ରତୋ ବାଗ୍‌ଚୀ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଅଛନ୍ତି। ତାଙ୍କୁ କ୍ୟାବିନେଟ୍ ପାହ୍ୟା ସହ ରାଜ୍ୟ ସରକାର ୭ ବର୍ଷ ହେଲା ଏହି ପଦବୀରେ ନିଯୁକ୍ତି ଦେଇଛନ୍ତି। ମନ୍ତ୍ରୀମାନଙ୍କ ଭଳି ତାଙ୍କୁ ଅଦଳବଦଳ କରିବା କିମ୍ବା କ୍ୟାବିନେଟ୍ ପାହ୍ୟା ଉଠାଇନେବା ଭଳି କୌଣସି କଥା ଏହି ସମୟ ଭିତରେ ଦେଖାଯାଇ ନାହିଁ। ଏହି ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ କିନ୍ତୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଆସୁଛି। ଏହି ବିଭାଗର ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ। ତାଙ୍କୁ କିନ୍ତୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିଛି। ବିଧାନସଭାରେ ବାଗ୍‌ଚୀଙ୍କ ସଫଳତା ବିଫଳତା କଥା ନୁହେଁ ମନ୍ତ୍ରୀଙ୍କୁ ବିଭାଗର ମାଲିକ ହିସାବରେ ଉତ୍ତର ରଖିବାକୁ ପଡୁଛି। କୌତୂହଳର ବିଷୟ ହେଲା ରାଜ୍ୟପାହ୍ୟା ମନ୍ତ୍ରୀ ତାଙ୍କଠାରୁ ଅଧିକ ବରିଷ୍ଠ ପଦବୀରେ ଥିବା ବାଗ୍‌ଚୀଙ୍କ କାର୍ଯ୍ୟକଳାପ ଉପରେ ଟିପ୍ପଣୀ ଦେଉଛନ୍ତି। ସରକାର ତାଙ୍କ ବଜେଟ ବହିରେ ଆହୁରି ଉଲ୍ଲେଖ କରିଛନ୍ତି, ଯୁବତୀଯୁବକମାନଙ୍କୁ ଉନ୍ନତ ଦକ୍ଷତା ପ୍ରଶିକ୍ଷଣ ମାଧ୍ୟମରେ ☞ପୃଷ୍ଠା-୨

ODISHA SKILL DEVELOPMENT AUTHORITY

ଆଜିର ସମ୍ପାଦକୀୟ: ଖିଆପିତିରେ କ୍ଷତି



**ଆଜିର ମନ୍ତବ୍ୟ**

ଦେଶ ନିଜ ସାର୍ବଭୌମତ୍ୱ ଓ ଗରିମାର ରକ୍ଷା ପାଇଁ ସବୁବେଳେ ପ୍ରସ୍ତୁତ। ସୀମାରେ ଶାନ୍ତି ପ୍ରତିଷ୍ଠା ଲାଗି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହ ଦ୍ୱିପାକ୍ଷିକ ସମ୍ବନ୍ଧ ଜରୁରୀ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଲି ଅଇଲି, ଯାହା ଦେଖିଲି**
**ତାହା କହିଲି।**

ବେଳେବେଳେ ଆଖିକୁ ଯାହା ଦେଖାଯାଏ ତାହା ସମ୍ପୂର୍ଣ୍ଣ ସତ୍ୟ ହୋଇ ନ ଥାଏ। କଥାର ମଞ୍ଜି ଭିତରକୁ ନ ପଶିଲେ ସତ କଥା ଆଢୁଆଳରେ ରହିଯାଏ। କଥା ବା ଘଟଣାର ଭିତରକୁ ନ ଯାଇ ଉପର ଠାଉରିଆ ଭାବେ ମନ୍ତବ୍ୟ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗଛର ଛାଇ ମଣିଷର ହାଇ,**
**ଯହିଁ ପଡ଼େ ତହିଁ ଉଧଇ ନାହିଁ।**

ବଡ଼ ଗଛ ମୂଳରେ ସୂର୍ଯ୍ୟକିରଣ ଭଲରେ ପଡିପାରୁ ନ ଥିବାରୁ ସେଠି ଅନ୍ୟ ଛୋଟ ଗଛ ଉଧାଏ ନାହିଁ। ସେହିପରି ମଣିଷର ଈର୍ଷାଳୁ ଭାବ ବା ନିଃଶ୍ୱାସ ଯାହା ଉପରେ ପଡ଼େ ସେ ଆଉ ସେତେ ଅଗ୍ରଗତି କରିପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଦକ୍ଷିଣ ଆଣ୍ଡାମାନରେ ମୌସୁମୀ

- **ଓଡ଼ିଶାକୁ ହେବ ବିଳମ୍ବ**
- **ପଶ୍ଚିମରେ ତାତି, ଉପକୂଳରେ କାଳବୈଶାଖୀ**
- **୪୩ ଡିଗ୍ରୀ ଉପରେ ୩ ସହର, ୪୦ ଡିଗ୍ରୀ ଉପରେ ୧୮**

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର କିଛି ଅଂଶ, ନିକୋବର ଓ ଦକ୍ଷିଣ ଆଣ୍ଡାମାନ ଉପକୂଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଛି। ଏ ନେଇ ଶୁକ୍ରବାର ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରପୋସ୍ଫିୟର ତଳ ସ୍ତରରେ ଦକ୍ଷିଣ-ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହେଉଥିବାରୁ ଗତ ୨୪ ଘଣ୍ଟା ମଧ୍ୟରେ ଉକ୍ତ ସ୍ଥାନଗୁଡ଼ିକରେ ବର୍ଷା ହେଉଛି। ଏଥିଯୋଗୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ନିକଟକୁ ଅଗ୍ରସର ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଚଳିତ ବର୍ଷ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବେଶ ବିଳମ୍ବ ହେବା ନେଇ ପୂର୍ବାନୁମାନ କରାଯାଉଛି। ଜୁନ୍ ୧୦ ବଦଳରେ ଆଉ ଏକ ସପ୍ତାହ ଗଡ଼ିଯିବା ସମ୍ଭାବନା ରହିଛି। ଜୁନ୍ ୧୫ ଯାଏ ରାଜ୍ୟରେ ତାତିର ପ୍ରକୋପ ଜାରି ରହିବ। ଏହି ସମୟରେ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍ସିୟସ ରହିବା ନେଇ ପୂର୍ବାନୁମାନ କରାଯାଉଛି। ତାପମାତ୍ରା ନ କମିଲେ ରାଜ୍ୟକୁ ମୌସୁମୀ ପ୍ରବେଶ କରିବା ସମ୍ଭବ ହେବ ନାହିଁ। ଓଡ଼ିଶାକୁ ମୌସୁମୀ ଆସିବା ବେଳକୁ ଜୁନ୍ ୧୬ କିମ୍ବା ୧୭ ହେବ ବୋଲି ପାଣିପାଗ ବିଶେଷଜ୍ଞ ପୂର୍ବାନୁମାନ କରୁଛନ୍ତି। ସାଧାରଣତଃ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ’ ୨୦ ତାରିଖ ସୁଦ୍ଧା ଆଣ୍ଡାମାନ, ନିକୋବର ଉପକୂଳକୁ ଆସିବା ବେଳେ ଜୁନ୍ ୩ରୁ ୪ ତାରିଖ ମଧ୍ୟରେ କେରଳ ଉପକୂଳକୁ ପ୍ରବେଶ କରିଥାଏ।

ଅନ୍ୟପକ୍ଷରେ ଗତ କିଛିଦିନ ହେବ ରାଜ୍ୟରେ ତାତି ସହିତ କାଳବୈଶାଖୀଜନିତ ବର୍ଷା ଜାରି ରହିଛି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଉପକୂଳରେ ଝଡ଼ବର୍ଷା ପରିବେଶକୁ ଥଣ୍ଡା କରି ଦେଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୩.୭ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଥିବାବେଳେ ସୋନପୁର ୪୩, ସମ୍ବଲପୁର ୪୩, ବୌଦ୍ଧ ୪୨.୮, ଝାରସୁଗୁଡ଼ା ୪୨.୬, ରାଉରକେଲା ୪୨.୨, ନୂଆପଡ଼ା, ୪୨, ବରଗଡ଼ ୪୨, ବାରିପଦା ୪୧, ଦେବଗଡ଼ ୪୧, ହୀରାକୁଦ ୪୦.୯, ତାଳଚେର ୪୦.୮, ଟିଟିଲାଗଡ଼ ୪୦.୫, ଭବାନୀପାଟଣା ୪୦.୫, ଫୁଲବାଣୀ ୪୦.୫, ଅନୁଗୋଳ ୪୦.୧ ଏବଂ ଭଦ୍ରକରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। କାଳବୈଖାଖୀଜନିତ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ନାତକରେ ୩, ସ୍ନାତକୋତ୍ତରରେ ଗୋଟିଏ ନୂଆ ପାଠ୍ୟକ୍ରମ

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଚଳନ କରିବ**

କୋରାପୁଟ,୧୯।୫(ସ୍ୱ.ପ୍ର .)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ୨୦୨୩-୨୪ ଶିକ୍ଷାବର୍ଷରୁ ୩ଟି ନୂତନ ସ୍ନାତକ ପାଠ୍ୟକ୍ରମ ଓ ଗୋଟିଏ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବ। ଏଥିରେ କୃଷିବିଜ୍ଞାନ, ଦୁଗ୍ଧ ବିଜ୍ଞାନ ଓ ଜଙ୍ଗଲ ପରିଚାଳନାରେ ୪ ବର୍ଷିଆ ବିଏସ୍‌ସି ପାଠ୍ୟକ୍ରମ ଏବଂ ଲଜିଷ୍ଟିକ୍ସ ଓ ଯୋଗାଣ ଶୃଙ୍ଖଳା ପରିଚାଳନାରେ ୨ବର୍ଷିଆ ପିଜି/ ଏମ୍‌ବିଏ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି। ନିକଟରେ ବିଶ୍ୱବିଦ୍ୟାଳୟ କୁଳପତି ଚକ୍ରଧର ତ୍ରିପାଠୀ ନୂଆଦିଲ୍ଲୀଠାରେ ଶିକ୍ଷା ମନ୍ତ୍ରଣାଳୟର ଅନୁଷ୍ଠିତ ଏକ ବୈଠକରେ ନୂତନ ପାଠ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷା କ୍ଷେତ୍ରରେ ଆଦିବାସୀ ସମ୍ପ୍ରଦାୟ ସମେତ ଯୁବପିଢ଼ିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପରୋକ୍ତ ନୂତନ ପାଠ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଖାଦ୍ୟ ନିରାପତ୍ତା ଓ ଜୈବ ବିବିଧତା ସଂରକ୍ଷଣ ପାଇଁ ୨୦୧୨ରେ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ) ଓଡ଼ିଶାର କୋରାପୁଟ ଅଞ୍ଚଳରେ ପ୍ରଚଳିତ ପାରମ୍ପରିକ କୃଷି ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ କୃଷି ଐତିହ୍ୟ ବ୍ୟବସ୍ଥା (ଜିଆଇଏଏଚ୍‌ଏସ୍)ର ମାନ୍ୟତା ପ୍ରଦାନ କରିଥିଲା। ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ ୨୦୨୩-୨୪ ଶିକ୍ଷାବର୍ଷରୁ କୃଷିବିଜ୍ଞାନ, ଦୁଗ୍ଧ ବିଜ୍ଞାନ ଓ ଜଙ୍ଗଲ ପରିଚାଳନା କ୍ଷେତ୍ରରେ ୪ ବର୍ଷିଆ ପାଠ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି। ଲଜିଷ୍ଟିକ୍ ଏବଂ ଯୋଗାଣ ଶୃଙ୍ଖଳା ପରିଚାଳନାରେ ୨ବର୍ଷିଆ ପିଜି/ଏମ୍‌ବିଏ ପାଠ୍ୟକ୍ରମ ଏହି ଆବଶ୍ୟକତା ପୂରଣ କରିବ। ଉପରୋକ୍ତ ପାଠ୍ୟକ୍ରମ ପାଇଁ ବିଶ୍ୱବିଦ୍ୟାଳୟ ଖୁବ୍‌ଶୀଘ୍ର ନାମଲେଖା ବିଜ୍ଞପ୍ତି ପ୍ରକାଶ କରିବ। ୨୦୨୩ ଜୁଲାଇ ୩୧ ପୂର୍ବରୁ ନାମଲେଖା ପ୍ରକ୍ରିୟା ଶେଷ ହେବ। ନିକଟରେ ଉପରୋକ୍ତ ପାଠ୍ୟକ୍ରମ ପାଇଁ ନୂତନ ଅଧ୍ୟାପକ ନିଯୁକ୍ତ ହେବେ ବୋଲି କୁଳପତି ତ୍ରିପାଠୀ କହିଛନ୍ତି।

# ସମ୍ବଲପୁରରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଟିମ୍

ସମ୍ବଲପୁର,୧୯।୫(ବ୍ୟୁରୋ)

ମହାନଦୀ ଜଳ ବିବାଦକୁ ନେଇ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଟିମ୍ ଶୁକ୍ରବାର ସମ୍ବଲପୁରରେ ପହଞ୍ଚିଛି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ଟିମ୍ ବିଭିନ୍ନ ସ୍ଥାନ ପରିଦର୍ଶନ ସହ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ସନ୍ଧ୍ୟା ୭ଟାରେ ଝାରସୁଗୁଡା ବିମାନବନ୍ଦରରେ ଟିମ୍ ସଦସ୍ୟ ଓହ୍ଲାଇ ସମ୍ବଲପୁର ବୁର୍ଲା ଅଶୋକ ନିବାସକୁ ଆସିଥିଲେ। ଏହି ୩ ଜଣିଆ ଟିମ୍‌ରେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ଏ.ଏମ୍. ଖନୱାଲିକର, ସଦସ୍ୟ ଜଷ୍ଟିସ ରବି ରଞ୍ଜନ, ସଦସ୍ୟ ଜଷ୍ଟିସ ଇନ୍ଦ୍ରଜିତ କୌର କୋଚିହାର ରହିଛନ୍ତି। ଏମାନେ ଦୁଇଦିନ ଧରି ହୀରାକୁଦ ଡ୍ୟାମ, ଚିପିଲିମା ପାୱାର ହାଉସ, ମହାନଦୀ ତଳମୁଣ୍ଡ ପରିଦର୍ଶନ କରିବେ। ଏହାସହ ଜଳବିଭାଗ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବେ। ମେ ୨୨ରେ ଟିମ୍ ଝାରସୁଗୁଡା ଜିଲା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଓପିଜିସି ଇନ୍‌ଟେକ ପଏଣ୍ଟ, ଇବ ଥର୍ମାଲ ପାୱାର ପ୍ଲାଣ୍ଟ, ଆଇବି ଡ୍ୟାମ୍ ପରିଦର୍ଶନ କରି ସମ୍ବଲପୁର ଫେରି ଆସିବେ। ସୁରକ୍ଷା ଦୃଷ୍ଟିରୁ ହୀରାକୁଦ ଜବାହର ଉଦ୍ୟାନକୁ ମେ ୧୯ ଓ ୨୦ ତାରିଖ ସର୍ବସାଧାରଣ ପାଇଁ ବନ୍ଦ କରି ଦିଆଯାଇଛି। ହୀରାକୁଦ ଡ୍ୟାମ୍ ମୁଖ୍ୟଯନ୍ତ୍ରୀ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମେ ୨୧ରେ ଟିମ ସଦସ୍ୟମାନେ ସମଲେଇ ମନ୍ଦିର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସମଲେଇ ମନ୍ଦିରରେ ଥିବା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ମଧ୍ୟ ଦେଖିବେ। ଲୋକମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଓ ଛତିଶଗଡ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗିରହିଛି। ଏହି ବିବାଦର ସମାଧାନ ପାଇଁ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଟିମ୍ ପ୍ରଥମେ ଛତିଶଗଡ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲା।



ଝାରସୁଗୁଡା ବିମାନ ବନ୍ଦରରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଟିମ୍ ସଦସ୍ୟ।

# ଧର୍ମଗଡ଼ ଉପଜିଲାପାଳ ସମୟର ଅନୁଭୂତି କହିଲେ ପାଣ୍ଡିଆନ୍

**୨ ଦିନିଆ କଳାହାଣ୍ଡି ଗସ୍ତରେ ୫-ଟି ସଚିବ**

- **ଜିଲାର ବିଭିନ୍ନ କାର୍ଯ୍ୟର କଲେ ସମୀକ୍ଷା**
- **ମହିଳାଙ୍କ ଉନ୍ନତିରେ ହେବ ଓଡ଼ିଶା ସଶକ୍ତ**

ଭବାନୀପାଟଣା,୧୯।୫(ସ୍ୱ.ପ୍ର.)

୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଶୁକ୍ରବାର ଦୁଇ ଦିନିଆ କଳାହାଣ୍ଡି ଜିଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୂର୍ବାହ୍ନ ୧୦ଟାରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ସେ ଉତ୍କେଲାସ୍ଥିତ ବିମାନ ବନ୍ଦରରେ ପହଞ୍ଚିଥିଲେ। ପ୍ରଥମ ଦିନରେ ସଚିବ କେସିଙ୍ଗା ବେଲଖଣ୍ଡିସ୍ଥିତ ପ୍ରାଚୀନ ଧବଳେଶ୍ୱର ଶୈବପୀଠ, ଏମ.ରାମପୁର ଡାକ୍ତରଖାନା, ସାନ୍ଦୁଲ ନଦୀ ପ୍ରକଳ୍ପ, ନର୍ଲାର ମିଶନ ଶକ୍ତି କେଫେ, ମିନି ଷ୍ଟାଡିୟମ୍ ଆଦି ସ୍ଥାନ ପରିଦର୍ଶନ କରିବା ସହିତ ସ୍ଥାନୀୟ ଲୋକଙ୍କ ସହ ଉନ୍ନତୀକରଣ ଦିଗରେ ଆଲୋଚନା କରିଥିଲେ। ଅପରାହ୍ନରେ ୪ଟା ୩୦ରେ ୫-ଟି ସଚିବ ଜୁନାଗଡ ସହରସ୍ଥିତ ମା’ ଲଙ୍କେଶ୍ୱରୀଙ୍କ ମନ୍ଦିର ପହଞ୍ଚି ମା’ଙ୍କ ଆଶୀର୍ବାଦ ନେଇଥିଲେ। ହାଇସ୍କୁଲ ପଡ଼ିଆଠାରେ ଏକ ସଭାରେ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ଏହି ସମୟରେ ସେ ଧର୍ମଗଡ ଉପଜିଲାପାଳ ଦାୟିତ୍ୱରେ ଥିବା ବେଳେ ତାଙ୍କ ଅନୁଭୂତି କହିଥିଲେ। ପୁଅର ଜନ୍ମ ନ ହେବା ପୂର୍ବରୁ ଜୁନାଗଡକୁ ସ୍ତ୍ରୀ ସହିତ ଆସି ସିଟି ସ୍କାନ କରିଥିଲି ବୋଲି କହିଥିଲେ। ୨୦ବର୍ଷ ତଳେ ମା’ଲଙ୍କେଶ୍ୱରୀଙ୍କ ମନ୍ଦିରକୁ ଆସିଥିଲି। ଏବେ ମା’ଲଙ୍କେଶ୍ୱରୀଙ୍କ ମନ୍ଦିରର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଅଢେଇ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଖୁବଶୀଘ୍ର ମନ୍ଦିରର ଉନ୍ନତି କାର୍ଯ୍ୟ ଆରମ୍ଭ କରାଯାଇ ଶେଷ କରାଯିବ ବୋଲି କହିଥିଲେ। ସେହିପରି ଉପସ୍ଥିତ ମିଶନ ଶକ୍ତିର ମହିଳାମାନଙ୍କୁ ୨ଟି ପ୍ରଶ୍ନ ପଚାରିଥିଲେ। ଏସ୍‌ଏଚ୍‌ଜି ମହିଳାଙ୍କୁ ୫ ଲକ୍ଷ ଟଙ୍କା ପାଇଁ ବିନା ସୁଧରେ ଋଣ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ସ୍ୱାସ୍ଥ୍ୟସେବା ପାଇଁ ୧୦ ଲକ୍ଷ ଟଙ୍କା ଦିଆଯିବା ଉପରେ ପ୍ରଶ୍ନ ପଚାରିଥିଲେ। ମୁଖ୍ୟମନ୍ତ୍ରୀ ମା’ମାନଙ୍କୁ ଖୁବ ଭଲ ପାଆନ୍ତି। ମହିଳାଙ୍କ ଉନ୍ନତି ହେଲେ ଓଡ଼ିଶା ସଶକ୍ତ ହେବ ବୋଲି କହିଥିଲେ। ଜୁନାଗଡରେ ଗସ୍ତ ବେଳେ ସଚିବଙ୍କ ସହ କ୍ରୀଡ଼ା ସଚିବ ଭିନାଲ କ୍ରୀଷ୍ଣା, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଳାଷ ଜି, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ ଉପଜିଲାପାଳ ବେଦଭୂଷଣ, ନଗରପାଳ ମୁକେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



୫-ଟି ସଚିବ ଭି.କେ. ପାଣ୍ଡିଆନ ଶୁକ୍ରବାର ୨ ଦିନିଆ କଳାହାଣ୍ଡି ଜିଲା ଗସ୍ତ ଅବସରରେ ଜୁନାଗଡ଼ ହାଇସ୍କୁଲ ପଡିଆଠାରେ ଆୟୋଜିତ ସଭାରେ ଜନସାଧାରଣଙ୍କୁ ସମ୍ବୋଧିତ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୨ ହଜାରିଆ ....

ଏହି ଦୁଇ ନୋଟ୍‌ର ଲିଗାଲ୍ ଟେଣ୍ଡର ଷ୍ଟାଟସ୍‌କୁ ପ୍ରତ୍ୟାହାର କରାଯାଇଥିଲା। ଏଥିସହ ନୂଆକରି ୨,୦୦୦ ଟଙ୍କିଆ ନୋଟ୍ ପ୍ରଚଳନ କରାଯାଇଥିଲା। ୨୦୧୭ ମାର୍ଚ୍ଚ ପୂର୍ବରୁ ପ୍ରାୟ ୮୯ ପ୍ରତିଶତ ୨,୦୦୦ ଟଙ୍କିଆ ନୋଟ୍ ଜାରି କରାଯାଇଥିଲା। ଏହି ନୋଟ୍‌ର ଅବଧି ୪-୫ ବର୍ଷରେ ଶେଷ ହେବାକୁ ବସିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଆର୍‌ବିଆଇର ଏହି ପଦକ୍ଷେପକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବଜାର ବିଶେଷଜ୍ଞ ଜି. ଚୋକ୍କାଲିଙ୍ଗମ୍ ଏହାକୁ ଶେୟାର ମାର୍କେଟ ପାଇଁ ଏକ ସକାରାତ୍ମକ ଘଟଣାକ୍ରମ ଭାବେ ଅଭିହିତ କରିଛନ୍ତି। ତାଙ୍କ ମତରେ ୨,୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ଫଳରେ କଳାଧନକୁ ରୋକାଯାଇପାରିବ। ଏଥିସହ ଟିକସ ସଂଗ୍ରହରେ ମଧ୍ୟ ଉନ୍ନତି ଆସିବ। ଦେୟ ବ୍ୟବସ୍ଥାରେ ଦ୍ରୁତ ଡିଜିଟାଇଜେଶନ୍ ଯୋଗୁ ଏହି ନିଷ୍ପତ୍ତି ଭାରତୀୟ ଅର୍ଥନୀତି ଓ ମାର୍କେଟକୁ ପ୍ରଭାବିତ କରିବ ନାହିଁ ବୋଲି

ବଜାର ବିଶ୍ଳେଷକମାନେ ମନେକରୁଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଏହା ହେଉଛି ଆମ ଆତ୍ମଘୋଷିତ ବିଶ୍ୱଗୁରୁଙ୍କ ଫାଷ୍ଟ ଆକ୍ଟ, ସେକଣ୍ଡ ଥିଙ୍କ୍। ୨୦୧୬ ନଭେମ୍ବରରେ ତୋଗଲକି ଫରମାନ୍ ଜାରି କରି ବିମୁଦ୍ରୀକରଣ କରାଯାଇଥିଲା। ସେତେବେଳେ ଆରମ୍ଭ କରାଯାଇଥିବା ୨,୦୦୦ ଟଙ୍କିଆ ନୋଟ୍‌କୁ ବର୍ତ୍ତମାନ ପ୍ରତ୍ୟାହାର କରାଯାଉଛି। କଂଗ୍ରେସ ଏମ୍‌ପି ମାନିକରାମ ଟେଗୋର ଟୁଇଟ୍ କରିଛନ୍ତି, ଦ୍ୱିତୀୟ ବିମୁଦ୍ରୀକରଣ ବିପର୍ଯ୍ୟୟ ଏମ୍=ମ୍ୟାଡ୍‌ନେସ୍ (ପାଗଳାମି)ରୁ ଆରମ୍ଭ ହେଲା।

### ୫ ଲକ୍ଷ ନୁହେଁ, ...

ଭବିଷ୍ୟତର ନିଯୁକ୍ତି ସକାଶେ ଏକ ପ୍ରମୁଖ ଅନୁଷ୍ଠାନ ଭାବେ ‘ୱାର୍ଲ୍ଡ ସ୍କିଲ୍ ସେଣ୍ଟର’ ପ୍ରତିଷ୍ଠା କରାଯାଇଛି। ଏହା ଅଧୀନରେ ଆସୁଥିବା ‘ସ୍କିଲ୍ଡ ଇନ୍ ଓଡ଼ିଶା’ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି। ଏହିସବୁ ଅନୁଷ୍ଠାନର ସର୍ବେସର୍ବା ମଧ୍ୟ ବାଗ୍‌ଚୀ । ତାଙ୍କ ବିନା ନିର୍ଦ୍ଦେଶରେ ଏଠାରେ ପତ୍ର ଖଣ୍ଡେ ମଧ୍ୟ ହଲେ ନାହିଁ। ତେବେ ବିଧାନସଭାର ଗତ ବଜେଟ ଅଧିବେଶନରେ ଦକ୍ଷତା ବିକାଶ ମନ୍ତ୍ରୀଙ୍କୁ କେତେଜଣ ସଦସ୍ୟ ଏ ବାବଦରେ ଅନେକ ପ୍ରଶ୍ନ ପଚାରିଥିଲେ। ତାହାର ଉତ୍ତରରେ ତାଳମେଳ ରହୁ ନ ଥିବା ଦୃଷ୍ଟିକୁ ଆସିଛି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଗତ ୨୧ ମାର୍ଚ୍ଚ ୨୦୨୩ରେ ବିଧାନସଭାରେ ପ୍ରଶ୍ନ କରିଥିଲେ, ଗତ ୭ ବର୍ଷରେ ଓଡ଼ିଶାର କେତେଜଣ ଯୁବତୀଯୁବକ ଅତି କୁଶଳୀ ଓ କୁଶଳୀ ହୋଇପାରିଛନ୍ତି। ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ ପ୍ଲେସ୍‌ମେଣ୍ଟ ଲିଙ୍କ୍‌ଡ ଟ୍ରେନିଂ ପ୍ରୋଗ୍ରାମ(ପିଟିଏଲ୍‌ପି) ୨୦୧୧-୧୨ରୁ ପ୍ରଚଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଗତ ୭ ବର୍ଷ ଅର୍ଥାତ୍ ୨୦୧୬-୧୭ରୁ ୨୦୨୨-୨୩ ମଧ୍ୟରେ ମୋଟ୍ ୫୮, ୯୦୨ ଜଣ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ହେଲେ ୧୪ ମାର୍ଚ୍ଚ ୨୦୨୩ରେ ଭାଜପା ସଦସ୍ୟ ମୁକେଶ ମହାଲିଙ୍ଗ ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସନ୍ଦେହ ସୃଷ୍ଟି କରିବା ଭଳି ତଥ୍ୟ ଦେଇଛନ୍ତି। ଗତ ୪ ବର୍ଷରେ କେତେଜଣ ତାଲିମ ପାଇଛନ୍ତି ବୋଲି ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି, ପିଟିଏଲ୍‌ପି ରେ ୨୦୧୯-୨୦ ଆର୍ଥିକ ବର୍ଷରୁ ୨୦୨୨-୨୩ ମଧ୍ୟରେ ୨୮,୬୩୨ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି। ତେବେ ୨୦୧୯-୨୦ରେ ୯୮୦୫, ୨୦୨୦-୨୧ରେ ୩୨୪୦, ୨୦୨୧-୨୨ରେ ୫୨୩୨ ଏବଂ ୨୦୨୨-୨୩ରେ ୧୦,୩୫୫ ଜଣଙ୍କୁ ତାଲିମ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ତେବେ ବାକି ୨୦୧୬-୧୭ ଆର୍ଥିକ ବର୍ଷରୁ ୨୦୧୮-୧୯ ଏହି ୩ ବର୍ଷରେ କିପରି ୩୦,୨୭୦ ଜଣଙ୍କୁ ରାଜ୍ୟ ସରକାର ତାଲିମ ଦେଲେ ସେନେଇ ପ୍ରଶ୍ନ ଉଠୁଛି। ସେହିପରି ବିଧାୟକ ରମେଶ ଚନ୍ଦ୍ର ବେହେରା ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ପିଟିଏଲ୍‌ପି ଜରିଆରେ ୨୦୧୮-୧୯ରୁ ୨୦୨୨-୨୩ ଏହି ୫ ବର୍ଷ ମଧ୍ୟରେ ମୋଟ ୩୭,୬୮୦ ଜଣ ଯୁବତୀଯୁବକ ପ୍ରଶିକ୍ଷଣ ନେଇଛନ୍ତି।

ଅନ୍ୟପଟେ ଏହିସବୁ ପ୍ରଶ୍ନରେ ମନ୍ତ୍ରୀ ଯାହା ସବୁ ଉତ୍ତର ରଖୁଛନ୍ତି ସେସବୁ ବଜେଟ ବହିରେ ଉଲ୍ଲେଖ ଥିବା ତଥ୍ୟ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଯେଉଁଠି ବଜେଟ ବହିରେ ୩ ବର୍ଷରେ ୫ ଲକ୍ଷ ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା କଥା ସରକାର ଉଲ୍ଲେଖ କରିଛନ୍ତି, ମନ୍ତ୍ରୀ ଗତ ୭ ବର୍ଷରେ ୫୮, ୯୦୨ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା କଥା କହୁଛନ୍ତି। ତେବେ ବିଧାନସଭା ପ୍ରଶ୍ନ, ଉତ୍ତରରେ ଗୋଟେ ଏବଂ ବଜେଟ ବହିରେ ଆଉ ଏକ ତଥ୍ୟ କିପରି ତାହା ମଧ୍ୟ ସନ୍ଦେହ ଜାତ କରୁଛି। ଅବଶ୍ୟ ମନ୍ତ୍ରୀ ଯେଉଁ ଉତ୍ତର ରଖୁଥିବେ ତାହା ବାଗ୍‌ଚୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯୋଗାଇ ଦିଆଯାଉଥିବ। କାରଣ ଏସବୁ କାର୍ଯ୍ୟକ୍ରମ ତାଙ୍କ ଦ୍ୱାରା ପରିଚାଳିତ। ସେପଟେ ମୁକେଶ ମହାଲିଙ୍ଗ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଆହୁରି ବଡ଼ ବିଫଳତା ସାମ୍ନାକୁ ଆସିଛି। ମନ୍ତ୍ରୀ ମହାଲିଙ୍ଗ ଗତ ୧୪ ମାର୍ଚ୍ଚରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଘଡାଇ କହିଛନ୍ତି, ୨ ଫେବୃୟାରୀ ୨୦୨୩ ସୁଦ୍ଧା ରାଜ୍ୟର ୮,୯୮,୭୧୭ ଜଣ ବେକାର ଯୁବତୀଯୁବକ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କର ସରକାରୀ ଚାକିରି ଦରଖାସ୍ତ କରିବାର ବୟସସୀମା ଅତିକ୍ରାନ୍ତ କରିସାରିଛି। ସେହିପରି ୨୫ ଲକ୍ଷ ୪୭ ହଜାର ୬୬୩ ଯୁବତୀଯୁବକ ଯଥା ସମୟରେ ନବୀକରଣ ନ କରିପାରିବା ଯୋଗୁ ୨୦୧୦ରୁ ଏ ପର୍ଯ୍ୟନ୍ତ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଲାଇଭ ରେଜିଷ୍ଟାର୍‌ରୁ ବାଦ୍ ପଡ଼ିଛନ୍ତି। ଅର୍ଥାତ୍ ୧୩ ବର୍ଷ ଭିତରେ ଏହି ୨୫,୪୭,୬୬୩ ଜଣ ଯୁବତୀଯୁବକ ବାଦ୍ ପଡ଼ିଛନ୍ତି। ଏହି ତଥ୍ୟ ଅନୁଯାୟୀ ଦେଖିଲେ ବର୍ଷକୁ ୧,୯୮,୦୫୧ ଜଣ ନାମ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ତେବେ ଗତ ୩ ବର୍ଷ ମଧ୍ୟରେ ୫,୯୪,୧୫୩ ଜଣ ସେମାନଙ୍କ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଏଥିରୁ ବୁଝାପଡୁଛି ଯେ, ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ପାଖରେ ଅନେକ ଶହ କୋଟିର ବଜେଟ ଥିବା ସତ୍ତ୍ୱେ କିଛି କାର୍ଯ୍ୟ ହେଉ ନାହିଁ। ଅର୍ଥାତ୍ ଏହି ବିପୁଳ ଅର୍ଥ ବ୍ୟକ୍ତିଗତ ପ୍ରଚାର କରାଇବା ସହିତ ସୁବ୍ରତୋ ବାଗ୍‌ଚୀଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଏତେ ଟଙ୍କାରେ କେଉଁ ପ୍ରକାର ବ୍ୟବସାୟ କରୁଛନ୍ତି ତାହା ସାଧାରଣରେ ବୁଝାପଡୁନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁଙ୍କ ଗହଳଚହଳ ମଧ୍ୟରେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଜଣେ ବନ୍ଧୁଙ୍କ ବିଚାରହୀନ ମନ୍ତବ୍ୟକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ। ଲ-ନାମାକ୍ଷର ବ୍ୟକ୍ତିଙ୍କ ସନ୍ତାନଙ୍କ ଅଶାନ୍ତ ମନଦେଖି ନିଜେ ଚିନ୍ତିତ ହୋଇପାରନ୍ତି। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ।

**ବୃଷ**
ଏକାଧିକ ବ୍ୟକ୍ତିଙ୍କ ବିରୁଦ୍ଧାତ୍ମକ ସ୍ୱର କର୍ମକ୍ଷେତ୍ରକୁ ସମସ୍ୟାବହୁଳ କରିବ। ପୂର୍ବ ଯୋଜନା ଭଣ୍ଡୁର ହେବା ଆଶଙ୍କାରେ ମନ ଅସ୍ଥିର ରହିବ। ଅର୍ଥନୈତିକ କାର୍ଯ୍ୟକ୍ରମ, ଆଲୋଚନା, ସଭାସମିତି, ଆମଦାନୀ କ୍ଷେତ୍ରରେ ସଫଳତା ପାଇବେ। ବ-ନାମାକ୍ଷର ବ୍ୟକ୍ତିଙ୍କ ପରିବାରରେ ମାଙ୍ଗଳିକ କାମ ତତ୍ପରତା ଦେଖାଦେଇପାରେ।

**ମିଥୁନ**
ବିଭିନ୍ନ ଦିଗରୁ ସାହାଯ୍ୟ ପାଇଲେ ମଧ୍ୟ ଆଜିର କାମ ସକାଶେ ହନ୍ତସନ୍ତ ହେବାକୁ ପଡ଼ିବ। ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ ସକାଶେ ଅର୍ଥବ୍ୟୟ ସମ୍ଭାବନା ରହିଛି। ଘ-ନାମାକ୍ଷର ବ୍ୟକ୍ତିଙ୍କ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**କର୍କଟ**
ଆଜି ଦିନଟିରେ କାର୍ଯ୍ୟସିଦ୍ଧି, ଅର୍ଥଲାଭ, କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଓ ସନ୍ତାନହେତୁକ ଗୌରବ ବୃଦ୍ଧିର ପ୍ରତୀକ ହେବ। ପାରିବାରିକ କ୍ଷେତ୍ର, ଲୋକ ସମ୍ପର୍କ, ଆନୁଷ୍ଠାନିକ କାମ ସକାଶେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇପାରେ। ହ-ନାମାକ୍ଷର ବ୍ୟକ୍ତିଙ୍କ ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ସିଂହ**
ଆଜି ଆରୋଗ୍ୟତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ, ଉଚ୍ଚ ପଦପଦବୀ ପ୍ରାପ୍ତି ଓ ବୈଷୟିକ ସୁଖ, ସମୃଦ୍ଧି ଦିଗରେ ଅନୁକୂଳତା ସୃଷ୍ଟି ହେବ। ଆଇନ, ରାଜନୀତି, ଅଦାଲତ, ସଙ୍ଗଠନ, ଧାର୍ମିକ କାର୍ଯ୍ୟ ଓ ସତ୍‌ସଙ୍ଗ କ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ମ-ନାମାକ୍ଷର ବ୍ୟକ୍ତିଙ୍କ ସାହିତ୍ୟ,କଳା, କ୍ରୀଡ଼ା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ଆଜି ପୂ-ନାମାକ୍ଷର ବ୍ୟକ୍ତିମାନେ ଧର୍ମକାର୍ଯ୍ୟରେ ଅର୍ଥବ୍ୟୟ କରିବେ। ଜମିଜମା, ଗୃହସୀମା, ନିର୍ମାଣ, କୋର୍ଟକଚେରି କ୍ଷେତ୍ରରେ ସଂକଟଜନକ ସ୍ଥିତି ସୃଷ୍ଟି ହେବ। ବନ୍ଧୁଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ମନ୍ତବ୍ୟ ଏକ ପ୍ରକାରର ନ ହେବା କାରଣରୁ କୌଣସି କଥାର ମୀମାଂସା ହୋଇପାରିବ ନାହିଁ।

**ତୁଳା**
ତ-ନାମାକ୍ଷର ବ୍ୟକ୍ତିଙ୍କ ବିକ୍ଷିପ୍ତ ଓ ବିବାଦୀୟ ଚିନ୍ତାଧାରା ସୃଷ୍ଟିକରି କାମକୁ ବିଶୃଙ୍ଖଳିତ କରିବା ଆଶଙ୍କା ରହିଛି। ସମ୍ପର୍କୀୟମାନେ ପୁରାତନ କଥାକୁ କେନ୍ଦ୍ରକରି ଅଧୁନାଂ ଅସହଯୋଗ କରିପାରନ୍ତି। ସଭାସମିତି, ରାଜନୀତି, ସଂଗଠନ, ଗବେଷଣା ଓ ପ୍ରତିଯୋଗିତା କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**ବିଛା**
ଆଜି ବୈଷୟିକ ସୁଖ, ସମୃଦ୍ଧି ସାଙ୍ଗକୁ ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ କ୍ଷେତ୍ରରୁ ସମ୍ମାନ ଲାଭ କରିବେ। ନ-ନାମାକ୍ଷର ବ୍ୟକ୍ତି ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଗତ ଦିନର କୌଣସି ଘଟଣା ସକାଶେ ଟେନ୍‌ସନ ବଢ଼ିପାରେ। ମାଲିମକଦ୍ଦମା, ଜମିଜମା କ୍ଷେତ୍ରରେ ସୁଫଳ ପାଇବେ।

**ଧନୁ**
ଆତ୍ମୀୟସ୍ୱଜନଙ୍କ ନିକଟରୁ ସହାନୁଭୂତି ମଧ୍ୟ ପାଇବେ ନାହିଁ। ପାରିବାରିକ କ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ଭୂ-ନାମାକ୍ଷର ବ୍ୟକ୍ତି ଅର୍ଥ ଓ ସମ୍ମାନ ମିଳିବ, ବ୍ୟବସାୟିକ ଉନ୍ନତି କରିବେ।

**ମକର**
ପ୍ରତ୍ୟେକ ପରିସ୍ଥିତିକୁ ସହନଶୀଳତାର ସହ ସାମ୍ନା କରିବାର ଧୈର୍ଯ୍ୟ ହାସଲ କରିବେ। ଅର୍ଥ ସଂକଟ ଦୂର ହେବା ସାଙ୍ଗକୁ ଟେକେନିକାଲ୍ କାମରେ ସୁବିଧା ପ୍ରାପ୍ତ ହେବ। ନିକଟ ସମ୍ପର୍କୀୟଙ୍କୁ ଭଲ ପାଇବାକୁ କେନ୍ଦ୍ରକରି ସମସ୍ୟା ଦେଖାଦେବ। ଧନିଷ୍ଠା ନକ୍ଷତ୍ର ପୂର୍ବ ରାଗକୁ ଶୁଝାଇବାକୁ ଯାଇ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ।

**କୁମ୍ଭ**
ପୂର୍ବଭାଦ୍ରବ ନକ୍ଷତ୍ରର ଏକ ଭିନ୍ନ ପରିବେଶରେ ମନୋରଞ୍ଜନ କାମ ପ୍ରତି ରୁଚି ବଳିବ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତ ଫଳ ପାଇବେ। କୌଶଳ ଅବଲମ୍ବନ କରି ହାସଲ କରିବାକୁ ଥିବା କାମଟି ବନ୍ଧୁଙ୍କ ଦ୍ୱାରା କରାଇନେବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ସମସ୍ୟା ବୃଦ୍ଧି କରିବ।

**ମୀନ**
ଆଜି ରେବତୀ ନକ୍ଷତ୍ର ନିର୍ଦ୍ଦିଷ୍ଟ ସମୟରେ ଚାହୁଁଥିବା ଜିନିଷ ପାଇ ନ ପାରନ୍ତି। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିବେ। ଆଲୋଚନା ମାଧ୍ୟମରେ ପାରିବାରିକ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବ।

ଆଜି ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦା, ଶନିବାର, ମେ ୨୦ ତାରିଖ, ରାଶିନକ୍ଷତ୍ର-ରୋହିଣୀ/ବୃଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୫ ଗତେ ଘ.୧୨।୦୯ ମଧ୍ୟେ, ଘ.୦୨।୫୮ ଗତେ ଘ.୦୩।୩୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୨୮ ଗତେ ଘ.୧୦।୦୫ ମଧ୍ୟେ ରାହୁ କାଳ ॥




# ମେଧା ତାଲିକା ଖାରଜ କଲେ ହାଇକୋର୍ଟ

**ଏଏସ୍‌ଓ ନିଯୁକ୍ତି ଅନିୟମିତତା ମାମଲା**

**୨ ମାସ ମଧ୍ୟରେ ସାନି ମେଧା ତାଲିକା ପ୍ରକାଶ ପାଇଁ ଓପିଏସ୍‌ସିକୁ ନିର୍ଦ୍ଦେଶ**

କଟକ ଅଫିସ,୧୯।୫

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷାର ମେଧା ତାଲିକା ପ୍ରକାଶନରେ ଅନିୟମିତତା ନେଇ ହାଇକୋର୍ଟରେ ଆଗତ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ତାଙ୍କ ରାୟରେ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପ୍ରକାଶିତ ମେଧା ତାଲିକାକୁ ଖାରଜ କରି ଦେଇଥିବା ଦର୍ଶାଇଛନ୍ତି। ଏଥିସହ ଆସନ୍ତା ୨ ମାସ ମଧ୍ୟରେ ପରୀକ୍ଷାର୍ଥୀ ଲିଖିତ ପରୀକ୍ଷାରେ ପାଇଥିବା ମୋଟ ମାର୍କ ଆଧାରରେ ସାନି ମେଧା ତାଲିକା ପ୍ରକାଶ ପାଇଁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୭୯୬ଟି ଏଏସ୍‌ଓ ପଦବୀ ପୂରଣ ପାଇଁ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୨ ଅଗଷ୍ଟରେ ହୋଇଥିବା ଏଏସ୍‌ଓ ଲିଖିତ ପରୀକ୍ଷା ନିମନ୍ତେ ୧,୪୮,୮୮୮ ଜଣ ଆବେଦନକାରୀ ଥିଲେ। ପରୀକ୍ଷା ଖାତା ମୂଲ୍ୟାୟନ ପରେ ଓପିଏସ୍‌ସି ପକ୍ଷରୁ ଏକ ମେଧା ତାଲିକା ପ୍ରକାଶ କରାଯାଇଥିଲା। ଏଥିରେ ୧୧୦୪ ଜଣ ସ୍ଥାନିତ ହୋଇଥିଲେ। ପ୍ରକାଶିତ ମେଧା ତାଲିକା ଓପିଏସ୍‌ସି ସର୍ଭିସ୍ ନିୟମ ଅନୁସାରେ ହୋଇ ନ ଥିବା ଓ ଏଥିରେ ଅନିୟମିତତା ହୋଇଥିବା ଦର୍ଶାଇ କେତେଜଣ ଏଏସ୍‌ଓ ଆଶାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଭିନ୍ନ ସମୟରେ ମାମଲାର ଶୁଣାଣି କରାଯିବା ପରେ ଗତ ଫେବୃୟାରୀ ୧୦ରେ ବିଚାରପତି ମାମଲାର ଚୂଡ଼ାନ୍ତ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ମନୋଜ କୁମାର ମିଶ୍ରଙ୍କ କହିବାନୁସାରେ, ଓପିଏସ୍‌ସିର କ୍ଷମତା ନାହିଁ କଟ୍ ଅଫ୍ ମାର୍କ ଇସ୍ୟୁ କରିବା। ଓପିଏସ୍‌ସି କେବଳ ପରୀକ୍ଷା ପରେ ଆବେଦନକାରୀଙ୍କୁ ସର୍ଟ ଲିଷ୍ଟେଡ୍ କରିବା କଥା। ମାତ୍ର ପ୍ରତି ବିଷୟରେ ୪୦% କଟ୍ ଅଫ୍ ମାର୍କ ଇସ୍ୟୁ କରିବା ସର୍ଭିସ ନିୟମ ଉଲ୍ଲଂଘନ ହୋଇଛି। ହାଇକୋର୍ଟ ଏସବୁ ଦିଗ ବିଚାରକୁ ନେଇ ରାୟ ପ୍ରଦାନ କରିଛନ୍ତି। ଓପିଏସ୍‌ସି ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଏ. କେ. ବିଷୋୟୀ ଏମ୍‌ସ ଭୁବନେଶ୍ୱରର ନୂଆ ଅଧ୍ୟକ୍ଷ

ଭୁବନେଶ୍ୱର,୧୯।୫(ବ୍ୟୁରୋ)



ଏମ୍‌ସ ଭୁବନେଶ୍ୱରର ନୂଆ ଅଧ୍ୟକ୍ଷ ଭାବେ ବିଶିଷ୍ଟ କାର୍ଡିଆକ ସର୍ଜନ ଡ. ଏ. କେ. ବିଷୋୟୀ ନିଯୁକ୍ତ ହୋଇଛନ୍ତି। ଏ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପୂର୍ବରୁ ଡ. ସୁବ୍ରତ ଆଚାର୍ଯ୍ୟ ଏମ୍‌ସ ଭୁବନେଶ୍ୱରର ଅଧ୍ୟକ୍ଷ ଥିଲେ। ଏବେ ଡ. ବିଷୋୟୀ ଦିଲ୍ଲୀ ଏମ୍ସରେ କାର୍ଡିଆକ୍ ସର୍ଜରିର ପ୍ରଫେସର ଅଛନ୍ତି। ୩ ଦଶନ୍ଧି ଧରି କାର୍ଡିଆକ୍ ସର୍ଜନ ଭାବେ ଡ. ବିଷୋୟୀଙ୍କ ଅଭିଜ୍ଞତା ରହିଛି। ସେ ପ୍ରାୟ ୩୨ ହଜାର କାର୍ଡିଆକ ସର୍ଜରି କରିଛନ୍ତି। ଡ. ବିଷୋୟୀଙ୍କୁ ତାଙ୍କ ଉଲ୍ଲେଖନୀୟ ସ୍ୱାସ୍ଥ୍ୟସେବା ପାଇଁ ଅନେକ ପୁରସ୍କାର ମଧ୍ୟ ମିଳିଛି। ସେ ସମ୍ମାନଜନକ ଡକ୍ଟର ବି ସି ମେମୋରିଆଲ ଆୱାର୍ଡ ମଧ୍ୟ ପାଇଛନ୍ତି।

# ୨୧ ଓ ୨୨ରେ ଶୂନ୍ୟ ଛାୟା

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ଭୁବନେଶରରେ ମେ ୨୧ ଓ କଟକରେ ୨୨ ତାରିଖ ପୂର୍ବାହ୍ନ ୧୧ଟା ୪୩ରେ ଶୂନ୍ୟ ଛାୟା ଦେଖିବାକୁ ମିଳିବ। ଜ୍ୟୋତିର୍ବିଜ୍ଞାନୀମାନେ ଏହି ଦିନକୁ ଶୂନ୍ୟ ଛାୟା ଦିବସ ବା ଜିରୋ ସ୍ୟାଡୋ ଡେ' ରୂପେ ନାମିତ କରିଛନ୍ତି। ତେବେ ୨୧ ତାରିଖରେ ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଦିନ ସାଢ଼େ ୧୦ଟାରୁ ଲୋକେ ଶୂନ୍ୟ ଛାୟା ଦେଖିପାରିବେ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ପ୍ଲାନେଟାରିୟମର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି, କନ୍ୟାକୁମାରୀଠାରୁ ଭାରତର ମଧ୍ୟ ଭାଗରେ ଓ କର୍କଟ କ୍ରାନ୍ତି ମଧ୍ୟରେ ଥିବା ସବୁ ଅଞ୍ଚଳରେ ଏପ୍ରିଲରୁ ଜୁନ୍ ଓ ଜୁନରୁ ଅଗଷ୍ଟ ଭିତରେ ବର୍ଷକୁ ୨ଥର ଶୂନ୍ୟ ଛାୟା ଘଟିଥାଏ। ଏହାକୁ ଦେଖିବା ପାଇଁ କୌଣସି ଯନ୍ତ୍ର ର ଆବଶ୍ୟକତା ନାହିଁ। ନିର୍ଦ୍ଧାରିତ ଦିନ ମଧ୍ୟାହ୍ନର କିଛି ସମୟ ପୂର୍ବରୁ ଏକ ସମତଳ ଜାଗାରେ ଖୁଣ୍ଟ, ଚାରିକୋଣିଆ ବାକ୍ସ, ବୋତଲ, ଇଟା ଭଳି କିଛି ଜିନିଷ ଖରା ପଡୁଥିବା ସ୍ଥାନରେ ଲମ୍ବ ଭାବରେ ରଖିଦେଲେ ବସ୍ତୁଟିର ଛାୟା ଧୀରେ ଧୀରେ ଛୋଟ ହୋଇ ଉଭେଇଯାଏ ଓ ପରେ ପୁଣି କିଛି ସମୟ ପରେ ଧୀରେ ଧୀରେ ଦେଖାଯାଏ। ବୈଜ୍ଞାନିକଙ୍କ ମତାନୁସାରେ, ବାସ୍ତବରେ ସୂର୍ଯ୍ୟ ସବୁଦିନ ଠିକପୂର୍ବ ଦିଗରେ ଉଦୟ ହୁଏ ନାହିଁ କି ସବୁଦିନ ଠିକ ପଶ୍ଚିମରେ ଅସ୍ତ ଯାଏନାହିଁ। ବର୍ଷରେ କେବଳ ଦୁଇଟି ଦିନ ସୂର୍ଯ୍ୟ ପ୍ରକୃତ ପୂର୍ବ ଦିଗରେ ଉଦୟ ହୁଏ ଓ ମଧ୍ୟାହ୍ନରେ ଆମର ଠିକ୍ ମୁଣ୍ଡ ଉପରେ ରହେ। ସେହି ସମୟରେ ହିଁ ଆମର ଛାଇ ଦେଖାଯାଏ ନାହିଁ। ସୂର୍ଯ୍ୟ ଚାରିପଟେ ପୃଥିବୀ ନିଜ କକ୍ଷ ପଥରେ ୨୩.୫ ଡିଗ୍ରୀ ଢଳି ରହି ବୁଲିବା ସହ ନିଜ ଅକ୍ଷ ଚାରିପଟେ ଘୂରୁଛି। ସେଥି ପାଇଁ ସୂର୍ଯ୍ୟ ସବୁଦିନ ସମାନ ସ୍ଥାନରୁ ଉଦୟ ହୁଏ ନାହିଁ ବା ସମାନ ସ୍ଥାନରେ ଅସ୍ତ ଯାଏ ନାହିଁ। ଶୂନ୍ୟ ଛାୟା ଦିବସ କେବଳ ମକର କ୍ରାନ୍ତି ଓ କର୍କଟ କ୍ରାନ୍ତି ଭିତରେ ରହିଥିବା ଅଞ୍ଚଳରେ ହିଁ ଘଟିଥାଏ ଓ ଏହି ଅଞ୍ଚଳର ବାହାରେ ଶୂନ୍ୟ ଛାୟା ସମ୍ଭବ ହୁଏ ନାହିଁ।

# ଆଦାନୀଙ୍କୁ ସୁପ୍ରିମକୋର୍ଟ କମିଟିର କ୍ଲିନ୍‌ଚିଟ୍

## ଷ୍ଟକ୍ସ ହେରଫେରର ପ୍ରମାଣ ମିଳିନି, ଆଇନ ଉଲ୍ଲଂଘନ ହୋଇନାହିଁ

ନୂଆଦିଲ୍ଲୀ,୧୯।୫

ଶିଳ୍ପପତି ଗୌତମ ଆଦାନୀଙ୍କୁ ସୁପ୍ରିମକୋର୍ଟ ନିଯୁକ୍ତ କମିଟି ପକ୍ଷରୁ ଶୁକ୍ରବାର ଆଶ୍ୱସ୍ତି ମିଳିଛି। ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକୀୟ ଶର୍ଟସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଣିଥିବା ଷ୍ଟକ୍ସ ଦୁର୍ନୀତି ଅଭିଯୋଗ ନେଇ କୌଣସି ପ୍ରମାଣ ହସ୍ତଗତ ହୋଇ ନ ଥିବା ଜଷ୍ଟିସ୍ (ଅବସରପ୍ରାପ୍ତ) ଏ.ଏମ୍. ସାପ୍ରେଙ୍କ ଅଧ୍ୟକ୍ଷତାରେ ଗଠିତ ୬ ଜଣିଆ ପ୍ୟାନେଲ ସ୍ପଷ୍ଟ କରିଛି।

ନ୍ୟୁୟର୍କର ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଗତ ଜାନୁୟାରୀ ୨୪ରେ ଆଦାନୀ ସମୂହ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲା। ଅନୁସନ୍ଧାନମୂଳକ ରିପୋର୍ଟ ଆଧାରରେ ହିଣ୍ଡେନ୍‌ବର୍ଗ ଏହାର ୱେବ୍‌ସାଇଟ୍‌ରେ ଉଲ୍ଲେଖ କରିଥିଲା ଯେ, ଆଦାନୀ ଗ୍ରୁପ୍ ଶେୟାର ବଜାରରେ ତାଲିକାଭୁକ୍ତ ନିଜ କମ୍ପାନୀଗୁଡ଼ିକର ଷ୍ଟକ୍ସ ଓ ଆକାଉଣ୍ଟରେ ଦଶନ୍ଧି ଧରି ୧୭.୮ ଟ୍ରିଲିୟନ୍ ବା ଲକ୍ଷ କୋଟି ଟଙ୍କା (୨୧୮ ବିଲିୟନ୍ ଆମେରିକୀୟ ଡଲାର) ହେରଫେର କରିଛି। ଷ୍ଟକ୍ସ ମାନିପୁଲେଶନ ଓ ମନି ଲଣ୍ଡରିଂ ସମ୍ପର୍କିତ ଏହି ତଥ୍ୟ ପ୍ରଘଟ ହେବା ପରେ ଭାରତୀୟ ପୁଞ୍ଜି ବଜାର ଦୋହଲିଯାଇଥିଲା। ମାର୍ଚ୍ଚ ୨ରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ୩ ଜଣିଆ ଖଣ୍ଡପୀଠ ଏହାର ତଦନ୍ତ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ। ସୁପ୍ରିମକୋର୍ଟ ଅବସରପ୍ରାପ୍ତ ବିଚାରପତି ଏ.ଏମ୍. ସାପ୍ରେ ଉକ୍ତ ପ୍ୟାନେଲର ମୁଖ୍ୟ ଥିବାବେଳେ ବମ୍ବେ ହାଇକୋର୍ଟ ରିଟାୟାର୍ଡ ଜଜ୍ ଜଷ୍ଟିସ୍ ଜେ.ପି. ଦେବଧର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ପୂର୍ବତନ ଅଧ୍ୟକ୍ଷ ଓ.ପି. ଭଟ୍ଟ, ଆଇସିଆଇସିଆଇ ବ୍ୟାଙ୍କ ପ୍ରାକ୍ତନ ମୁଖ୍ୟ କେ.ଭି. କାମାଥ, ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ନନ୍ଦନ ନିଲେକାନି ଏବଂ ପ୍ରତିଭୂତି ତଥା ନିୟାମକ ବିଶେଷଜ୍ଞ ସୋମଶେଖର ସୁନ୍ଦରେସନଙ୍କୁ ସଦସ୍ୟ ରୂପେ ନିଯୁକ୍ତ କରାଯାଇଥିଲା। ଉକ୍ତ କମିଟି ତଦନ୍ତ ପରେ ୧୭୩ ପୃଷ୍ଠା ସମ୍ବଳିତ ରିପୋର୍ଟ ସାର୍ବଜନୀନ କରିଛି। ଆଦାନୀ ଗ୍ରୁପ୍ ନିଜ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟରେ ପରିବର୍ତ୍ତନ ପାଇଁ ପ୍ରଭାବିତ କରିନାହିଁ। କୌଣସି ଆଇନର ଉଲ୍ଲଂଘନ ମଧ୍ୟ କରିନାହିଁ। ଶେୟାର ମୂଲ୍ୟରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)କୁ ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇଥିଲା। ଆଦାନୀ ସମୂହର କମ୍ପାନୀଗୁଡ଼ିକରେ ବେଆଇନ ଭାବେ ନିବେଶ କରାଯାଇଥିବା ନେଇ କୌଣସି ପ୍ରମାଣ ମିଳିନାହିଁ। ଅନ୍ୟପକ୍ଷେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚର ପ୍ରଘଟ ପରେ ବଜାରରେ ଉଠାପକା ଯୋଗୁ ଖୁଚୁରା ନିବେଶକ ଯେପରି ଅସୁବିଧାରେ ନ ପଡ଼ିବେ ଆଦାନୀ ଗ୍ରୁପ୍ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେଇଥିଲା ବୋଲି କମିଟି ଉକ୍ତ ରିପୋର୍ଟରେ ଉଲ୍ଲେଖ କରିଛି। ସୁପ୍ରିମକୋର୍ଟ କମିଟି ନିଜ ରିପୋର୍ଟରେ ଆହୁରି କହିଛି ଯେ, ହିଣ୍ଡେନ୍‌ବର୍ଗ ପ୍ରଭାବରେ ଆଦାନୀ ଷ୍ଟକ୍ସ ମୂଲ୍ୟ ହ୍ରାସ ପାଇଥିଲା। କିନ୍ତୁ ଆଦାନୀ ଗ୍ରୁପ୍ ପ୍ରମୋଟରମାନଙ୍କ ଉଦ୍ୟମ ଏବଂ ସେମାନଙ୍କଠାରୁ ଜଣେ ପ୍ରାଇଭେଟ ଇକ୍ୱିଟି ଇନ୍‌ଭେଷ୍ଟର ପ୍ରାୟ ୨ ବିଲିୟନ୍ ଡଲାରର ଶେୟାର କିଣିଥିଲା। ଏଥିଯୋଗୁ ଆଦାନୀ ଶେୟାର ପୂର୍ବ ସ୍ତରକୁ ଫେରି ନ ଥିଲେ ମଧ୍ୟ ଷ୍ଟକ୍ସ ମୂଲ୍ୟରେ ସ୍ଥିରତା ଆସିଛି। ସେବି ରିପୋର୍ଟ ଅନୁସାରେ ଆଦାନୀ ଗ୍ରୁପ୍ ସମ୍ପର୍କରେ ପ୍ରଘଟ ଭଳି ଘଟଣା ବ୍ୟବସ୍ଥିତ ସ୍ତରରେ ସେତେଟା ପ୍ରଭାବ ପକାଇ ନ ଥାଏ। ସେପଟେ ଆଦାନୀ ଶେୟାର ମୂଲ୍ୟ ହ୍ରାସ ପାଇଥିବାରୁ ନିବେଶକମାନେ ବହୁ କୋଟି ଟଙ୍କା ହରାଇ ଚିନ୍ତାରେ ପଡ଼ିଥିଲେ। ନିବେଶକଙ୍କ ସ୍ୱାର୍ଥ ରକ୍ଷା ଲାଗି ନିୟମ ପ୍ରଣୟନ ଏବଂ ଆଦାନୀ ଗ୍ରୁପ୍‌ର ତଦନ୍ତ ଶେଷ କରି ନ ପାରି ସେବି ଆଉ ୬ ମାସ ସମୟ ମାଗିଥିଲା। ବୁଧବାର ସୁପ୍ରିମକୋର୍ଟ ସେବିକୁ ଅଗଷ୍ଟ ୧୪ ସୁଦ୍ଧା ତଦନ୍ତ ଶେଷ ପାଇଁ ସମୟ ଦେଇଛନ୍ତି। ଉକ୍ତ ପ୍ୟାନେଲ ସେବିକୁ ଏହି ତଦନ୍ତରେ ସହଯୋଗ କରୁଛି।




### କ୍ଲିନ୍‌ଚିଟ୍ ଉପରେ ପ୍ରଶ୍ନ ଉଠାଇଲା କଂଗ୍ରେସ

ଆଦାନୀ ଗ୍ରୁପ୍ ବିରୋଧରେ ଷ୍ଟକ୍ସ ଦୁର୍ନୀତି ଅଭିଯୋଗ ନେଇ କୌଣସି ପ୍ରମାଣ ହସ୍ତଗତ ହୋଇ ନ ଥିବା ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ୬ ଜଣିଆ ପ୍ୟାନେଲ ସ୍ପଷ୍ଟ କରିବା ପରେ ବିରୋଧୀ ଦଳ କଂଗ୍ରେସ ଏହାର ସମାଲୋଚନା କରିଛି। ପରିଣତି କ'ଣ ହେବ ତାହା ଅନୁମାନ କରାଯାଉଥିଲା, କିନ୍ତୁ ରିପୋର୍ଟକୁ ବଦଳାଇ ଆଦାନୀ ଗ୍ରୁପ୍‌କୁ କ୍ଲିନ୍‌ଚିଟ୍ ଦିଆଯିବା ସମ୍ପୂର୍ଣ୍ଣ ଜାଲିଆତି ବୋଲି କଂଗ୍ରେସ କହିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟିଙ୍କ ଅଧିକାର କ୍ଷେତ୍ର ଅତ୍ୟନ୍ତ ସୀମିତ। କମିଟି ସାଧାରଣ ଭାବେ ଜଟିଳ ମୋଦାନୀ (ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶିଳ୍ପପତି ଗୌତମ ଆଦାନୀ) ଦୁର୍ନୀତିକୁ ସ୍ପଷ୍ଟ କରିପାରିବ ନାହିଁ (ଏବଂ ବୋଧହୁଏ ଇଚ୍ଛା ମଧ୍ୟ କରିବ ନାହିଁ) ବୋଲି ଦଳ କହିଛି। କଂଗ୍ରେସ କହିଛି, ମୋଦି ସରକାରଙ୍କ ଦୁର୍ନୀତି ବିରୋଧୀ ଆଭିମୁଖ୍ୟର ବିରୁଦ୍ଧାଚରଣ କରି ଏହି ବିଶେଷଜ୍ଞ କମିଟି ଆଦାନୀ ଗ୍ରୁପ୍‌ର କାରବାର ନିୟମ ଅନୁଯାୟୀ ହୋଇଥିବା ଦର୍ଶାଇଛି। ଫଳରେ ଆଦାନୀ ସମୂହ ଏଥିରୁ ଲାଭାନ୍ୱିତ ହେବ। ଆଦାନୀ ଗ୍ରୁପ୍ ଦ୍ୱାରା ସେବି ଆଇନର ଉଲ୍ଲଂଘନ କରାଯାଇଥିବା ନେଇ କମିଟି କୌଣସି ନିର୍ଣ୍ଣାୟକ ନିଷ୍କର୍ଷରେ ପହଞ୍ଚିପାରି ନାହିଁ। ଫଳରେ ସେବି ଦ୍ୱାରା ନିୟାମକଗତ କୌଣସି ବିଫଳତା ହୋଇ ନ ଥିବା କମିଟି କହିଛି। ରିପୋର୍ଟର ପୃଷ୍ଠା ୧୦୬ ଏବଂ ୧୪୪ର ଦୁଇଟି ଉଦ୍ଧୃତାଂଶକୁ ଆମେ ଉଲ୍ଲେଖ କରିବାକୁ ଚାହୁଁଛୁ, ଯାହା ଯୁଗ୍ମ ସଂଦୀୟ କମିଟି (ଜେପିସି) ତଦନ୍ତ ପାଇଁ ଉକ୍ତ ମାମଲାକୁ ବଳିଷ୍ଠ କରିବ। ତାହା ହେଲା: (କ) ପିଏଫ୍‌ଆଇରେ ପୁଞ୍ଜି ଲଗାଇଥିବା ନିବେଶକମାନେ ଆଦାନୀ ସହ ଜଡ଼ିତ ନୁହନ୍ତି, ସେ ନେଇ ସେବି ନିଜେ ସନ୍ତୁଷ୍ଟ ହୋଇପାରି ନାହିଁ- ଯାହା ଆମକୁ ଅନ୍ୟୂନ ୨୦, ୦୦୦ କୋଟି ଟଙ୍କାର ହିସାବ ବହିର୍ଭୂତ ପାଣ୍ଠି ପ୍ରଶ୍ନ ପାଖକୁ ଫେରାଇ ଆଣିଛି। (ଖ) ଆଦାନୀ ସିକ୍ୟୁରିଟିର ସବୁଠୁ ବଡ଼ କ୍ରେତା ଏଲ୍‌ଆଇସି, ଯିଏ କି ଶେୟାର ମୂଲ୍ୟ ଖସୁଥିବାବେଳେ ୪.୮ କୋଟି ଶେୟାର କିଣିଥିଲା। ତେଣୁ କାହା ସ୍ୱାର୍ଥରେ ଏଲ୍‌ଆଇସି ଏହା କରୁଥିଲା ବୋଲି ପ୍ରଶ୍ନ ଉଠିଥିବା କଂଗ୍ରେସ କହିଛି।




**ସଲମାନ ରଶ୍‌ଦି ସମ୍ମାନିତ**

ନ୍ୟୁୟର୍କ, ୧୯।୫: ଗତବର୍ଷ ଏକ ସାହିତ୍ୟ ସମ୍ମିଳନୀରେ ଛୁରାମାଡ଼ରେ ଗୁରୁତର ଆହତ ହୋଇଥିବା ମୁମ୍ବାଇ ଜନ୍ମିତ ଖ୍ୟାତନାମା ଲେଖକ ସଲମାନ ରଶ୍‌ଦି ଗୁରୁବାର ରାତିରେ ପ୍ରଥମ ଥର ପାଇଁ ସର୍ବସାଧାରଣରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇଥିଲେ। ମାନ୍‌ହାଟନସ୍ଥିତ ଆମେରିକାନ୍ ମ୍ୟୁଜିୟମ ଅଫ୍ ନ୍ୟାଚୁରାଲ ହିଷ୍ଟ୍ରିଠାରେ ଏକ ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ୭୫ ବର୍ଷୀୟ ରଶ୍‌ଦିଙ୍କୁ ପେନ୍ ସେଣ୍ଟେନାରୀ କରେଜ୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ପେନ୍ ଆମେରିକାର ପୂର୍ବତନ ଅଧ୍ୟକ୍ଷ ରଶ୍‌ଦି ବ୍ୟକ୍ତିଗତ ଭାବେ ଉକ୍ତ ସମ୍ମାନ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟରେ ନ୍ୟୁୟର୍କର ଏକ ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ରଶ୍‌ଦିଙ୍କୁ ମଞ୍ଚ ଉପରେ ନ୍ୟୁଜର୍ସିର ୨୪ ବର୍ଷୀୟ ଯୁବକ ଛୁରିରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ରଶ୍‌ଦି ଗୋଟିଏ ଆଖିର ଦୃଷ୍ଟିଶକ୍ତି ହରାଇଥିଲେ।

# ‘ନିର୍ବାଚନ ପୂର୍ବରୁ ହଟଚମଟ’



**୨,୦୦୦ ଟଙ୍କିଆ ନୋଟ୍ ବଜାରରୁ ବିଦାୟ ନେବ। ୨୦୧୬ ନଭେମ୍ବର ୮ ବିମୁଦ୍ରୀକରଣ ପରେ ଏହି ବଡ଼ ନୋଟ୍‌କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପ୍ରଚଳନ କରିଥିଲା। ଏହାକୁ ପ୍ରତ୍ୟାହାର କରିନିଆଯାଇଥିବା ଘୋଷଣା ପରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକେ କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଛନ୍ତି। କେତେକେ ଏଭଳି ସରକାରୀ ପଦକ୍ଷେପକୁ ଦ୍ୱିତୀୟ ବିମୁଦ୍ରୀକରଣ ଆଖ୍ୟା ଦେଉଥିବାବେଳେ ଆସନ୍ତା ନିର୍ବାଚନଗୁଡ଼ିକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହା ଆଉ ଏକ ହଟଚମଟ ବୋଲି କୁହାଯାଉଛି।**

## କଳାଧନ ଉପରେ ଅଙ୍କୁଶ ଲାଗିବ



ଲୋକେ ୨,୦୦୦ ଟଙ୍କିଆ ନୋଟ୍‌କୁ ମହଜୁଦ ରଖୁଥିବାରୁ ଏହାକୁ ଆର୍‌ବିଆଇ ପ୍ରତ୍ୟାହାର କଲେ କଳାଧନ ଉପରେ ଅଙ୍କୁଶ ଲାଗିବାରେ ବେଶ୍ ସହାୟକ ହେବ।

**– ଆର୍. ଗାନ୍ଧୀ, ଆର୍‌ବିଆଇର ପୂର୍ବତନ ଡେପୁଟି ଗଭର୍ନର**

## ବ୍ୟାଙ୍କ କ୍ଷେତ୍ରରେ ବଡ଼ ଅସ୍ଥିରତା ସୃଷ୍ଟି କରିବ



୨ ହଜାର ଟଙ୍କିଆ ନୋଟ୍ ଚଳାଇବା ବେଳେ କେନ୍ଦ୍ର ସରକାର ଯେଉଁ ବାହାଦୁରି ମାରିଥିଲେ ଆଜିଦିନରେ ସେହି ପରିମାଣରେ ଲଜ୍ଜିତ ହୋଇଛନ୍ତି। ୨୦୧୬ରେ ଲୋକମାନେ ଭୋଗିଥିବା ଦୁର୍ଦ୍ଦଶା ଭଳି ଏଥର ଭୋଗିବେ ନାହିଁ। ବଡ଼ ବେପାରୀ ଏବଂ ବ୍ୟବସାୟୀମାନେ ୨୦୦୦ ଟଙ୍କିଆ ନୋଟ୍ ବଦଳାଇବେ ବା ଡିପୋଜିଟ୍ କରିବେ। ବଡ଼ ବେପାରୀମାନେ ସେମାନଙ୍କ କର୍ମଚାରୀଙ୍କ ଜରିଆରେ ୨ ହଜାର ଟଙ୍କିଆ ନୋଟ୍ ବଦଳ କରିପାରନ୍ତି। ବାରମ୍ବାର ନୋଟ୍ ବନ୍ଦୀ ବ୍ୟାଙ୍କ କ୍ଷେତ୍ରରେ ବଡ଼ ଅସ୍ଥିରତା ସୃଷ୍ଟି କରିବ। ଗୋଟିଏ ୨ ହଜାର ଟଙ୍କିଆ ନୋଟ୍ ଛାପିବା ଲାଗି ୪ ଟଙ୍କା ଖର୍ଚ୍ଚ ହୋଇଛି। ଏହି ନୋଟ୍ ପ୍ରଚଳନ ପାଇଁ ଏଟିଏମ୍ ମେଶିନ୍ ପ୍ରସ୍ତୁତ କରିବା ପାଇଁ ଅନେକ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହିସବୁ କ୍ଷତି ରିଜର୍ଭ ବ୍ୟାଙ୍କ କିପରି ଭରଣା କରିବ ସେକଥା ସେମାନଙ୍କୁ ଜଣା। ବଜାର ପାଇଁ ବାରମ୍ବାର ନୋଟ୍ ବନ୍ଦୀ ଜମା ବି ସୁସ୍ଥ ନୁହେଁ।

**– ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ଅର୍ଥମନ୍ତ୍ରୀ**

## ମୋଦିଙ୍କୁ ଅର୍ଥନୈତିକ ସମସ୍ୟା ଘେରିଗଲାଣି



୨୦୧୬ ନଭେମ୍ବର ୮ ରାତିରେ ବିମୁଦ୍ରୀକରଣ ହୋଇଥିଲା। ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଳାଧନ ଜବତ ହେବ ବୋଲି କହିଥିଲେ। ତା’ ପୂର୍ବରୁ ପ୍ରତ୍ୟେକ ଭାରତୀୟଙ୍କ ଜମା ଖାତାରେ ୧୫ ଲକ୍ଷ ଟଙ୍କା ଲେଖାଏ ଜମା ହେବ ବୋଲି କହିଥିଲେ। କିନ୍ତୁ ୨୦୨୩ ହେଲାଣି ୧୫ ପଇସା ବି କାହାର ଖାତାରେ ଜମା ହୋଇ ପାରିନାହିଁ। ଏବେ ମୋଦିଙ୍କୁ ଚାରିଆଡ଼ୁ ଅର୍ଥନୈତିକ ସମସ୍ୟା ଘେରିଗଲାଣି। ଆଗକୁ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ନିର୍ବାଚନ ହେବାକୁ ଯାଉଛି। ତେଣୁ ମୋଦି କିଛି ନା କିଛି ହଟଚମଟ କରିବେ, କିନ୍ତୁ ସେହି ରାତିଅଧିଆ ରାଜନୀତି ଆଉ ଚଳିବ ନାହିଁ।

**– ମାୟାଧର ନାୟକ, ବରିଷ୍ଠ ଶ୍ରମିକ ନେତା**

## ନିଶ୍ଚିତ ଭାବେ ଭଲ ପଦକ୍ଷେପ



୨ ହଜାର ଟଙ୍କିଆ ନୋଟ୍ ବହୁ ଜାଗାରେ କିଛିଦିନ ହେଲା ମିଳୁ ନ ଥିଲା। ଟଙ୍କାଗୁଡିକ ଅନେକ ଲୋକ ରଖି ଦେଇଥିଲେ। ଫଳରେ ସେହି ଟଙ୍କାର ଲାଭ ଲୋକମାନଙ୍କୁ ମିଳିପାରୁ ନ ଥିଲା। ଏବେ ରିଜର୍ଭ ବ୍ୟାଙ୍କ ଯେଉଁ ବ୍ୟବସ୍ଥା କଲା, ତାହାର ଲାଭ ସମସ୍ତଙ୍କୁ ମିଳିପାରିବ। ଯେଉଁ ୨ ହଜାର ଟଙ୍କିଆ ଲୁଚିକି ରହିଛି, ସେସବୁ ବାହାରିବ। ତାହା ମଧ୍ୟ ବାହାରିବା ଆବଶ୍ୟକ। ତେଣୁ ଏହା ନିଶ୍ଚିତ ଭାବେ ଏକ ଭଲ ପଦକ୍ଷେପ।

**– ଗୋଲକ ମହାପାତ୍ର, ଭାଜପା ନେତା**

## କେନ୍ଦ୍ର ସରକାରଙ୍କ ତୋଗଲକି ନୀତିର ପ୍ରତିଫଳନ



କେନ୍ଦ୍ର ସରକାର ବଜାରରୁ ୨୦୦୦ ଟଙ୍କିଆ ନୋଟ୍ ହଟାଇବାକୁ ଯାଉଛନ୍ତି। ଏହା ପ୍ରମାଣିତ କରୁଛି ଯେ, ୨୦୧୬ରେ ବିମୁଦ୍ରୀକରଣ କରି କେନ୍ଦ୍ର ସରକାର କଳାଟଙ୍କା କାରବାର ଉପରେ ଯେଉଁ ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲେ ବୋଲି କହିଥିଲେ ତାହା ବିଫଳ ହୋଇଛି। ସରକାର କହୁଥିଲେ, ଆତଙ୍କବାଦୀ କାର୍ଯ୍ୟକଳାପ କମିବ ଏବଂ ଜାଲ୍ ନୋଟ୍ କାରବାର ହ୍ରାସ ପାଇବ, ତାହା ମଧ୍ୟ ଭୁଲ୍ ପ୍ରମାଣିତ ହୋଇଛି। ଏହା ଦେଶର ଅର୍ଥନୀତି ଉପରେ କେନ୍ଦ୍ର ସରକାରଙ୍କ ତୋଗଲକି ନୀତିର ପ୍ରତିଫଳନ। ସରକାର ଦେଶବାସୀଙ୍କ ଭାଗ୍ୟ ସହିତ ନ ଖେଳନ୍ତୁ। ବଜାର ବିଶେଷଜ୍ଞମାନଙ୍କ ମତାମତ ନେଇ ଜାଲ୍ ନୋଟ୍ କାରବାର କିପରି ବନ୍ଦ ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

**– ରବି ବେହେରା, ରାଜ୍ୟ ସଭାପତି, ସମାଜବାଦୀ ପାର୍ଟି**

# ଡ. ଆଶିଷ ପାଠୀ ପାଇବେ ‘ଜ୍ଞାନ ଭୂଷଣ ସମ୍ମାନ’

ଭୁବନେଶ୍ୱର,୧୯।୫(ବ୍ୟୁରୋ)



ଡ. ଆଶିଷ ଚନ୍ଦ୍ର ପାଠୀ

ଉତ୍କଳ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଆଶିଷ ଚନ୍ଦ୍ର ପାଠୀ ପାଇବେ ‘ଜ୍ଞାନଭୂଷଣ ସମ୍ମାନ’। ପୁଣେର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଗ୍ଲୋବାଲ ସ୍କଲାର ଫାଉଣ୍ଡେଶନ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯିବ। ଅନୁଷ୍ଠାନ ପକ୍ଷରୁ ୬ଟି ବର୍ଗରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିବାବେଳେ ଡ. ପାଠୀ ଡାଇନାମିକ ପ୍ରଫେସର ବର୍ଗରେ ଜ୍ଞାନ ଭୂଷଣ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୨୧ ତାରିଖରେ ହାଇଦ୍ରାବାଦର ମନୋହରଠାରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ପାଠୀଙ୍କୁ ସମ୍ମାନିତ କରାଯିବ।

ଡ. ପାଠୀ ମଧ୍ୟ ଜଣେ ସୁପ୍ରତିଷ୍ଠିତ ଭୂଗୋଳବିତ୍। ସେ ରାଜ୍ୟସ୍ତରରେ ଅନେକଗୁଡ଼ିଏ ଭୌଗୋଳିକ ପ୍ରକଳ୍ପରେ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି। ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗରେ ଭୌଗୋଳିକ ସୂଚନା ପ୍ରଣାଳୀ ବିଶେଷଜ୍ଞ ଏବଂ ଓଡ଼ିଶା ସ୍ପେସ୍ ଆପ୍ଲିକେଶନ ସେଣ୍ଟରରେ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବେ ମଧ୍ୟ ପୂର୍ବରୁ ସେ କାର୍ଯ୍ୟ କରିଛନ୍ତି। କେବଳ ରାଜ୍ୟସ୍ତରରେ ନୁହେଁ, ଜାତୀୟ ସ୍ତରରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଭାରତ ସରକାରଙ୍କ ଅଧୀନରେ ପରାମର୍ଶଦାତା ରହିବା ସହିତ କାନାଡାସ୍ଥିତ ହାଇଡ୍ରୋସଲ୍ଟ ଆଇଏନ୍‌ସି ଏବଂ ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ପ୍ରତିଷ୍ଠାନରେ ଜିଆଇଏସ୍ ପରାମର୍ଶଦାତା ଭାବେ ଡ. ପାଠୀ କାର୍ଯ୍ୟ ତୁଲାଇଛନ୍ତି। ୨୦୧୬ରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗରେ ସହକାରୀ ପ୍ରାଧ୍ୟାପକ ରୂପେ ଯୋଗଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
ITI Pass/Continue required - 4 Nos.
PROJECTRONICS
71, Bapuji Nagar, Bhubaneswar,
Ph./W. - 9776414425

APPOINTMENT
ଭୁବନେଶ୍ୱରରେ ଘରକାମ, ରୋଷେଇ ଏବଂ ଛୋଟପିଲାର ଯତ୍ନ ନେବା ପାଇଁ ଝିଅପିଲା ଆବଶ୍ୟକ। ଖାଇବା, ରହିବା ମାଗଣା। ଦରମା– ୯୦୦୦/– ।
9437140878, 9124057878

ଆବଶ୍ୟକ
ଭୁବନେଶ୍ୱରରେ ଛୋଟ ଛୁଆ ଏବଂ ଘରର ଯତ୍ନ ନେବାପାଇଁ ଅଭିଜ୍ଞ ସ୍ତ୍ରୀଲୋକ ଆବଶ୍ୟକ । ଶିକ୍ଷାଗତ ଯୋଗ୍ୟତା– Graduation.
Contact: 9090900777 8456041617

RECRUITMENT
150 years Legacy Company is hiring professional Male/Female in BBSR city. Work (Full/ part time) Excellent Career & Earning opportunity (Need: Retired & VRS Employee, Educated House-wife, Finance professional, Real Estate people, Business people, Pvt. Employee, Teachers, All other's are also welcome).
9853875527, 8917361500

See Career Appointment on every Wednesday & Saturday

Require : Customer Relationship Manager
~ Minimum 1 Yr Experience
~ Tele Calling in Hindi & English
~ Target Based Job
~ Salary 15,000/- PM
Only MALE Candidates
8637223376

RECRUITMENTS
Mentors & Head of Departments - Secondary & Senior Secondary School
English, Mathematics, Physics, Chemistry, Social Science & Music
Trained qualified educators who share commitment to deliver standards of excellence may apply. Accommodation provided.
THE PRESIDENTIAL SCHOOL
Affiliated to Central Board of Secondary Education
Seethammadhara, North Extension, Visakhapatnam-530013
9866565451, 9989377979.
Resume to be mailed at presidentialschool@gmail.com
Login www.thepresidentialschool.in

ESAF SMALL FINANCE BANK
REGD. OFFICE: ESAF Bhavan, Mannuthy, Thrissur- 680 651, Kerala.
GOLD AUCTION NOTICE
Notice is hereby given for the information of all concerned that Gold ornaments pledged with ESAF Small Finance Bank and not redeemed by borrowers of branch/s listed below, inspite of repeated reminders and notices, will be auctioned as per details given below:
DATE OF AUCTION : 22-05-2023 TIME : 10 AM TO 4 PM
AUCTION VENUE : THROUGH E-AUCTION
AUCTION ADDRESS : https://gold.matexnet.org/
To register as bidder for the e-Auction with terms and conditions and full details of e-Auction please visit the above site
BRANCHES & LOAN ACCOUNT NUMBERS
BHUBANESHWAR : 63220000160343
Customers who are interested to release the ornaments by paying total due amount, may do so on or before (2 Days before date of auction) at the respective branches.
Bidders who wish to participate in auction shall produce their KYC documents. GST No. is mandatory for registered firm/company. Bidders shall deposit a sum of Rs.50,000 as EMD before participating in auction.
Thrissur
Date: 20-05-2023
Sd/-
Authorized Signatory

# ୧୨ ପଥର ଖଣି ନିଲାମ ହେବ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ରାଜ୍ୟ ସରକାର ଆଉ ୧୨ଟି ପଥର ଖଣିକୁ ନିଲାମ କରିବେ। ଏ ନେଇ ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ମାଇନ୍ସ ଆଣ୍ଡ ମିନେରାଲ(ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ) ଆକ୍ଟ ୧୯୫୭ ଏବଂ ଓଡ଼ିଶା ମାଇନ୍ସ ମିନେରାଲ କନସେଶନ ରୁଲ୍ସ–୨୦୧୬ ଆଧାରରେ ଇ–ଟେଣ୍ଡର ଆହ୍ୱାନ କରାଯାଇଛି। ସେହି ଖଣିଗୁଡ଼ିକ ହେଲା ବାହାରପଡ଼ା–ଜାମୁରିହା(ଇଷ୍ଟ), ବାହାରପଡ଼ା–ଜାମୁରିହା(ୱେଷ୍ଟ) ବେତରାଇଜିଂ ବ୍ଲକ–ଏ ଓ ବ୍ଲକ–ବି, ଡମ୍ଭା, ଡେରାବ ପୂର୍ବ ଓ ପଶ୍ଚିମ, ଝାଡ଼ପଡ଼ା, ଲାଉସାହି, ନୂଆଗାଁ(ନୂଆଗଡ଼), ନୂଆଗାଁ (ଟୁବୁରୁବା ମୌଜା) ଏବଂ ତେନ୍ତୁଳିଖୁଣ୍ଟି। ଜୁନ୍ ୨୯ ତାରିଖ ସୁଦ୍ଧା ଟେଣ୍ଡର ଡକ୍ୟୁମେଣ୍ଟ କ୍ରୟ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିବାବେଳେ ଜୁଲାଇ ୭ ତାରିଖ ଟେଣ୍ଡର ଆବେଦନ ପାଇଁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଫାଇନାନ୍ସିଆଲ ବିଡ୍ କେବେଳ ଡିଜିଟାଲ ପ୍ଲାଟ୍‌ଫର୍ମରେ ଆବେଦନ କରାଯିବାକୁ ଥିବାବେଳେ ଟେକ୍ନିକାଲ ବିଡ୍ ଉଭୟ ଡିଜିଟାଲ ଓ ବ୍ୟକ୍ତିଗତ ଭାବେ ଦାଖଲ କରିପାରିବେ। ଲଘୁଖଣିଜ ପଦାର୍ଥ ପ୍ରଶାସନିକ କ୍ଷମତା ରାଜସ୍ୱ ବିଭାଗ ହାତରୁ ରାଜ୍ୟ ସରକାର ଇସ୍ପାତ ଓ ଖଣି ବିଭାଗକୁ ହସ୍ତାନ୍ତର କରିଛନ୍ତି। ହସ୍ତାନ୍ତର ହେବା ପରେ ଖଣି ବିଭାଗର ଏହା ହେଉଛି ପ୍ରଥମ ଖଣି ନିଲାମ।

# ସୁପ୍ରିମକୋର୍ଟ ଝଟକା ପରେ ଅଧ୍ୟାଦେଶ ଆଣିଲା କେନ୍ଦ୍ର

## ନିଯୁକ୍ତି ଉପରେ ଦିଲ୍ଲୀ ସରକାରଙ୍କ କର୍ତ୍ତୃତ୍ୱ ରହିବ ନାହିଁ

ନୂଆଦିଲ୍ଲୀ, ୧୯।୫

ଦିଲ୍ଲୀରେ ଗ୍ରୁପ୍–ଏ ଅଧିକାରୀମାନଙ୍କ ନିଯୁକ୍ତି ଅଧିକାର ନିଜ ପାଖରେ ରଖିବା ପାଇଁ କେନ୍ଦ୍ର ସରକାର ଶୁକ୍ରବାର ଏ ଅଧ୍ୟାଦେଶ ଆଣିଛନ୍ତି। ଉକ୍ତ ଅଧ୍ୟାଦେଶ ବଳରେ ନ୍ୟାଶନାଲ କ୍ୟାପିଟାଲ ସିଭିଲ୍ ସର୍ଭିସ୍ ଅଥରିଟି ନାମରେ ଏକ ନୂଆ ସଂସ୍ଥା ପ୍ରତିଷ୍ଠା କରାଯିବ। ଉକ୍ତ କର୍ତ୍ତୃପକ୍ଷ ଦିଲ୍ଲୀ, ଅଣ୍ଡାମାନ ଓ ନିକୋବର, ଲକ୍ଷ୍ୟାଦ୍ୱୀପ, ଦାମନ ଓ ଡିଉ, ଦାଦ୍ରା ଓ ନଗର ହାଭେଳି (ଡିଏଏନ୍‌ଆଇସିଏସ୍) କ୍ୟାଡର୍‌ର ଗ୍ରୁପ୍–ଏ ଅଧିକାରୀମାନଙ୍କୁ ବଦଳି ସହ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ସୁପ୍ରିମକୋର୍ଟ ସର୍ଭିସେସ୍ (ସେବା) ନିୟନ୍ତ୍ରଣ ଉପରେ କେବଳ ଦିଲ୍ଲୀ ସରକାରଙ୍କ ଅଧିକାର ରହିବ ବୋଲି ମେ’ ୧୧ରେ ରାୟ ଦେବାର ସପ୍ତାହେ ପରେ କେନ୍ଦ୍ର ଏହି ଅଧ୍ୟାଦେଶ ଜାରି କରିଛି। ଏହାପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କେନ୍ଦ୍ର ସୁପ୍ରିମକୋର୍ଟ ରାୟକୁ ପଲଟାଇବା ପାଇଁ ଅଧ୍ୟାଦେଶ ଆଣିବାକୁ ଯାଉଥିବା ନେଇ ସମାଲୋଚନା କରିଥିଲେ।

# ଆଜି ଶପଥ ନେବେ ସିଦ୍ଧାରାମାୟା

ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୧୯।୫

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭାବେ ସିଦ୍ଧାରାମାୟା ଶନିବାର ମଧ୍ୟାହ୍ନ ୧୨ଟା ୩୦ ମିନିଟରେ ବେଙ୍ଗାଲୁରୁର କାନ୍ତିରବା ଷ୍ଟାଡିୟମରେ ଶପଥ ଗ୍ରହଣ କରିବେ। ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ ଭାବେ ଡି.କେ. ଶିବକୁମାର ଓ ଅନ୍ୟ କେତେଜଣ ମନ୍ତ୍ରୀ ଶପଥ ନେବା କାର୍ଯ୍ୟକ୍ରମ ରହିଛି। କ୍ୟାବିନେଟ ରୂପରେଖ ନେଇ ଉଭୟ ସିଦ୍ଧାରାମାୟା ଏବଂ ଶିବକୁମାର ଦିଲ୍ଲୀରେ କଂଗ୍ରେସ ହାଇକମାଣ୍ଡଙ୍କ ସହ ଶୁକ୍ରବାର ଆଲୋଚନା କରିଛନ୍ତି। ଏହି ଅବସରରେ କେତେଜଣ ମନ୍ତ୍ରୀଙ୍କ ନାଁ ଏବଂ ସେମାନଙ୍କ ବିଭାଗର ଏକ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ସିଦ୍ଧାରାମାୟା ଏବଂ ରଣଦୀପ୍ ସୁର୍ଜେୱାଲା ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ସହ ରୁଦ୍ଧଦ୍ୱାର ଆଲୋଚନା କରିଥିବାବେଳେ ସେମାନଙ୍କ ସହ ଶିବକୁମାର ସାମିଲ ହୋଇଥିଲେ। ପରେ ସେମାନେ ୧୦, ଜନପଥ ଯାଇ ରାହୁଲ ଗାନ୍ଧୀଙ୍କ ସହ ଦେଢ଼ ଘଣ୍ଟା ଧରି ଆଲୋଚନା କରିଥିଲେ। ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ଲାଗି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ସିଦ୍ଧାରାମାୟା ଓ ଶିବକୁମାର ଆନୁଷ୍ଠାନିକ ଆମନ୍ତ୍ରଣ କରିଛନ୍ତି। ଶେଷରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନକୁ ବେଣୁଗୋପାଳ ଓ ସୁର୍ଜେୱାଲା ଯାଇ ମନ୍ତ୍ରୀମାନଙ୍କ ତାଲିକା ଚୂଡ଼ାନ୍ତ କରିଥିଲେ।

ପୂର୍ବ ତଟ ରେଳପଥ
(1) ଟେଣ୍ଡର ସଂ.ELOP-T-01-2023
କାର୍ଯ୍ୟର ନାମ: 02(ଦୁଇ) ବର୍ଷ ସମୟାବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ସବ୍‌ସିଡି ପ୍ରାପ୍ତ(SUBSIDIZED) ଭୋଜନ ବ୍ୟବସ୍ଥା ସହିତ ପୁରୀ ସ୍ଥିତ କ୍ରିଉ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 2,58,91,541.43, EMD (ଟଙ୍କାରେ) : 2,79,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/- ।
(2) ଟେଣ୍ଡର ସଂ.ELOP-T-02-2023
କାର୍ଯ୍ୟର ନାମ : 02(ଦୁଇ) ବର୍ଷ ଅବଧି ନିମନ୍ତେ ପଲାସା, ଭଦ୍ରକ, ଖୋର୍ଦ୍ଧା ରୋଡ଼, ତାଳଚେର, ପାରାଦ୍ୱୀପ, ପୁରୀ, ଭୁବନେଶ୍ୱର, କଟକ, ଜଖପୁରା, କେନ୍ଦୁଝରଗଡ଼ ଏବଂ ଅନୁଗୁଳ ସ୍ଥିତ କ୍ରିଉ ବୁକିଙ୍ଗ୍ ପଏଣ୍ଟ ଏବଂ ଖୋର୍ଦ୍ଧା ରୋଡ଼ ସ୍ଥିତ TLC କାର୍ଯ୍ୟାଳୟ ଠାରେ ଡାଟା ଏଣ୍ଟ୍ରି ପରିଚାଳନା ସେବା ପ୍ରଦାନ ବ୍ୟବସ୍ଥା ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 3,49,86,163.66, EMD (ଟଙ୍କାରେ) : 3,24,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/- ।
ଶେଷ ହେବା ଅବଧି : 730 ଦିନ (ଉଭୟ ଟେଣ୍ଡର ନିମନ୍ତେ) ।
ବିଡ୍ ଆରମ୍ଭ ହେବା ତାରିଖ : ତା.22.05.2023 ରିଖ (ଉଭୟ ଟେଣ୍ଡର ନିମନ୍ତେ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.05.06.2023 ରିଖ 1630 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(OP), ଖୋର୍ଦ୍ଧା ରୋଡ଼
PR-189/O/23-24

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.12/ET/SBP/ENGG/2023-24, ତା.15.05.2023ରିଖ
ଇ-ଟେଣ୍ଡର ସଂ.05-eT-SDENS-SBP-23
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ଭବାନୀପାଟଣା ଏବଂ ରେଢ଼ାଖୋଲ ରେଳ ଷ୍ଟେସନଗୁଡ଼ିକର ସଫ୍ଟ (Soft) ଉନ୍ନୟନ ସମ୍ବନ୍ଧୀୟ ଅବଶିଷ୍ଟ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 14,31,81,786.37, ବିଡ୍ ସିକ୍ୟୁରିଟି (ଟଙ୍କାରେ): 8,65,900/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.06.2023 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-186/O/23-24

See Career Appointment on every Wednesday & Saturday

# ମୁଖ୍ୟମନ୍ତ୍ରୀଙ୍କ ସମ୍ପତ୍ତି ୪୨.୯୦ ଲକ୍ଷ ବଢ଼ିଛି

ଭୁବନେଶ୍ୱର,୧୯।୫(ବ୍ୟୁରୋ)

- **ଅର୍ଥମନ୍ତ୍ରୀ ନିରଞ୍ଜନଙ୍କ ନିକଟରେ ୩ଟି ଗାଡ଼ି ଅଛି**
- **ପ୍ରୀତିରଞ୍ଜନ, ରୀତା ସାହୁ, ପ୍ରଫୁଲ୍ଲଙ୍କର ୪ ଚକିଆ ଯାନ ନାହିଁ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମ୍ପତ୍ତି ୨୦୨୨ରେ ୪୨.୯୦ ଲକ୍ଷ ଟଙ୍କାକୁ ବୃଦ୍ଧି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ୱେବ୍‌ସାଇଟରେ ଏହି ତଥ୍ୟ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରିମଣ୍ଡଳ ସଦସ୍ୟମାନେ ୨୦୨୧–୨୨ ଆର୍ଥିକବର୍ଷ ପାଇଁ ସିଏମ୍‌ଓ ୱେବ୍‌ସାଇଟରେ ସେମାନଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଲିକା ପ୍ରଦାନ କରିଛନ୍ତି।

ୱେବ୍‌ସାଇଟ ତଥ୍ୟ ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ସମ୍ପତ୍ତି ୨୦୨୧ ଡିସେମ୍ବର ସୁଦ୍ଧା ୬୪.୯୭ କୋଟି ହୋଇଥିବା ବେଳେ ୨୦୨୨ ଡିସେମ୍ବରରେ ତାହା ୬୫.୪୦ କୋଟି ଟଙ୍କାରେ ପହଞ୍ଚିଛି। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ଥାବର ସମ୍ପତ୍ତି ସମାନ ରହିଥିବା ଦର୍ଶାଯାଇଛି। ନୂଆଦିଲ୍ଲୀ, ହିଞ୍ଜିଳିକାଟୁ, ଭୁବନେଶ୍ୱର ଏବଂ ବରଗଡ଼ ବ୍ୟାଙ୍କ ଆକାଉଣ୍ଟରେ ଥିବା ଡିପୋଜିଟ୍, ଗହଣା ଏବଂ ଗୋଟିଏ ୪ ଚକିଆ ଯାନକୁ ମିଶାଇ ମୁଖ୍ୟମନ୍ତ୍ରୀଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧୨.୫୨ କୋଟି। ମୁଖ୍ୟମନ୍ତ୍ରୀଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ୧ କୋଟି ଟଙ୍କାର ଫିକ୍ସଡ ଡିପୋଜିଟ୍ ଥିବାବେଳେ ଆର୍‌ବିଆଇରେ ୯ କୋଟି ଟଙ୍କା ଏବଂ ଡାକଘରେ ୧.୫୦ କୋଟି ଟଙ୍କାର ବଣ୍ଡ ରହିଛି। ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀସ୍ଥିତ ବ୍ୟାଙ୍କରେ ୭୦.୧୧ ଲକ୍ଷ ଡିପୋଜିଟ କରିଥିବା ବେଳେ ଭୁବନେଶ୍ୱର ବ୍ୟାଙ୍କ ଅଫ୍ ଇଣ୍ଡିଆରେ ୨୦.୮୭ ଲକ୍ଷ ଟଙ୍କାର ଡିପୋଜିଟ ରହିଛି। ସୁନାଗହଣା ମୂଲ୍ୟ ୩.୪୯ ଲକ୍ଷ ଟଙ୍କା ଓ ୧୯୮୦ ମସିହା ମଡେଲର ଆମ୍ବାସାଡାର କାର ଦାମ ୬,୪୩୪ ଟଙ୍କା ଦର୍ଶାଇଛନ୍ତି। ଏଥିସହିତ ତାଙ୍କ ମାତାପିତାଙ୍କ ସୂତ୍ରରୁ ୫୨.୮୮ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ଥିବା ସେ ତାଙ୍କ ସମ୍ପତ୍ତି ତାଲିକାରେ ଦର୍ଶାଇଛନ୍ତି। ସେହିପରି ଭୁବନେଶ୍ୱର ବିମାନବନ୍ଦରଠାରେ ଥିବା ନବୀନ ନିବାସରେ ତାଙ୍କ ଅଂଶଧନ ୯.୫୨ କୋଟି ଏବଂ ନୂଆଦିଲ୍ଲୀର ଏପିଜେ ଅବଦୁଲ କଲାମ ରୋଡ଼୍‌ଠାରେ ଥିବା ସମ୍ପତ୍ତିର ମୂଲ୍ୟ ୪୩.୩୬ କୋଟି ହେବ ବୋଲି ଦର୍ଶାଇଛନ୍ତି।

ସେହିପରି ୨୦୨୨ ଡିସେମ୍ବର ୩୧ ତାରିଖ ସୁଦ୍ଧା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ତାଙ୍କର ସମୁଦାୟ ସମ୍ପତ୍ତିର ମୂଲ୍ୟ ୨.୮୯ କୋଟି ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ୧.୭୭ କୋଟି ଟଙ୍କା ରହିଥିବା ଦର୍ଶାଇଛନ୍ତି। ଏଥିସହିତ ପୂଜାରୀଙ୍କ ନିକଟରେ ୯ଟି ଜମି ରହିଛି, ଯାହାର ମୂଲ୍ୟ ୧.୪୧ କୋଟି ହୋଇଥିବା ବେଳେ ବ୍ୟାଙ୍କରେ ୭୭.୬୦ ଲକ୍ଷ, ଏଲ୍‌ଆଇସିରେ ୨୦.୭୯ ଲକ୍ଷ ଟଙ୍କାର ପଲିସି, ୩ଟି ଗାଡ଼ିର ଦାମ ୯.୨୭ ଲକ୍ଷ, ୩୧.୨ ଲକ୍ଷ ଟଙ୍କାର ସୁନାଗହଣା ଏବଂ ୪.୩୭ ଲକ୍ଷ ଟଙ୍କା କ୍ୟାଶ ତାଙ୍କ ନିକଟରେ ରହିଛି ବୋଲି ସମ୍ପତ୍ତି ତାଲିକାରେ ଦର୍ଶାଇଛନ୍ତି। ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ୮ ଲକ୍ଷ ୨୪ ହଜାର ଟଙ୍କାର ଚାଷଜମି ଥିବା ବେଳେ ଗୋଟିଏ ଦୁଇଚକିଆ ଯାନ ଓ ଗୋଟିଏ ଇନୋଭା ଗାଡ଼ି ରହିଛି। ସେହିପରି ତାଙ୍କର ୨ ଲକ୍ଷ ୩୦ ହଜାର ଟଙ୍କାର ଏଲ୍‌ଆଇସି ବଣ୍ଡ ଏବଂ ରାୟଗଡ଼ା ଏସ୍‌ବିଆଇ ଶାଖାରେ ୧୮ ହଜାର ୮୨୪ ଟଙ୍କା ରହିଥିବା ସମ୍ପତ୍ତି ତାଲିକାରେ ଦର୍ଶାଇଛନ୍ତି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସେମାନଙ୍କ ନିକଟରେ କୌଣସି ଗାଡ଼ି ନ ଥିବା ଦର୍ଶାଇଛନ୍ତି। ଏଥିସହିତ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ସେମାନଙ୍କ ସମ୍ପତ୍ତି ତାଲିକା ପ୍ରଦାନ କରିଛନ୍ତି।

ODISHA STATE HIGHER EDUCATION COUNCIL
2nd Floor, Pustak Bhawan, A-11, Suka Vihar, Bhubaneswar - 751022
Email: oshec.hed@gmail.com
No.: N-13
Advertisement
For
Odisha University Research and Innovation Incentivization Plan (OURIIP)-2023
1. Proposal for “Seed funding-2023”
Applications are invited from the young faculties with Ph.D. Degree and below 45 years of age (As on 1st July 2023) working in a regular capacity in State Public Universities and College (Government & Aided) under Higher Education Department and also in Government Technical Colleges and State Public Universities under Skill Development and Technical Education Department for providing Seed fund.
2. Proposal for “Research Fellowship-2023”
Applications are invited from the candidates; those have qualified NET on or after 2020 and below 35 years of age (As on 1st January, 2023) and they must be the permanent resident of Odisha.
The last date for submission of the application is 30th June 2023 (5.00 P.M.)
The detailed information about the scheme is available in website: www.oshec.nic.in/www.dheodisha.gov.in
Sd./- Member Secretary, OSHEC
OIPR-11036/11/0004/2324

ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-751001, ଓଡ଼ିଶା
ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ବିଶିଷ୍ଟ
ଠିକା ବ୍ୟାଙ୍କ ଚିକିତ୍ସା ପରାମର୍ଶଦାତାଙ୍କ ନିୟୋଜନ
ଭାରତୀୟ ରିଜର୍ଭ ବ୍ୟାଙ୍କ ଅତି କମ୍‌ରେ ଦୁଇବର୍ଷର ଅଭିଜ୍ଞତା ସମ୍ପନ୍ନ ଭାରତୀୟ ଚିକିତ୍ସା ପରିଷଦ ଦ୍ୱାରା ମାନ୍ୟତାପ୍ରାପ୍ତ ଯେକୌଣସି ବିଶ୍ୱବିଦ୍ୟାଳୟ ର ମେଡିକାଲ ସ୍ନାତକ ମାନଙ୍କ ଠାରୁ ଏହାର ଭୁବନେଶ୍ୱର ସ୍ଥିତ ଔଷଧାଳୟ ଗୁଡ଼ିକ ପାଇଁ ଚୁକ୍ତି ଭିତ୍ତିରେ ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ବିଶିଷ୍ଟ ଚିକିତ୍ସା ପରାମର୍ଶଦାତା ନିମନ୍ତେ ମାତ୍ର ଦୁଇଟି (୦୨) ପଦ (୦୧ ଅଣ–ସଂରକ୍ଷିତ ଏବଂ ୦୧ ଅନୁସୂଚିତ ଜନଜାତି ବର୍ଗର) ପାଇଁ ଆବେଦନ ପତ୍ର ଆହ୍ୱାନ କରୁଅଛି । ଏଥିନିମନ୍ତେ ଆବଶ୍ୟକୀୟ ଆବେଦନ ପତ୍ର, ସର୍ତ୍ତ ଓ ନିୟମାବଳୀର ବିଶଦ ବିବରଣୀ ବ୍ୟାଙ୍କର ୱେବ୍‌ସାଇଟ୍ (www.rbi.org.in) ରେ ଉପଲବ୍ଧ ଅଛି । ବ୍ୟାଙ୍କର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ୩୧ ମଇ, ୨୦୨୩ ।
ବି.ଦ୍ର.: ଉପରୋକ୍ତ ବିଜ୍ଞାପନ ସମ୍ବନ୍ଧିତ ଯେ କୌଣସି ସଂଶୋଧିତ ସୂଚନା କେବଳ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।
କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ ଆଦେଶାନୁସାରେ

WANTED
ଧରିତ୍ରୀ DHARITRI Oriya daily is looking for
MARKETING EXECUTIVES
Roles and Responsibilities:-
• Must have retail, corporate client base in designated locations.
• Capable to aggressively chase sales targets
• Hands-on experience in content management.
• Drive new client acquisition.
• Conduct market research and analysis to evaluate trends, brand awareness and competition ventures.
Requirements:-
• Candidates must have minimum 3-5 years experience in Space Selling for Print Media.
• Excellent Marketing, negotiation and analytical skills.
• Effective communication skills & punctuality.
Apply immediately to : recruitment@dharitri.com
Attractive salary commensurate with experience

## ସଂକ୍ଷେପରେ

### ଗଞ୍ଜେଇ ଜବତ, ବେପାରୀ ଗିରଫ

ଭୁବନେଶ୍ୱର,୧୯।୫(ବ୍ୟୁରୋ): ବେଆଇନ ଭାବେ ଗଞ୍ଜେଇ ବେପାର କରୁଥିବାବେଳେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ନିଶାବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ସୁଭାସ ସାହୁ। ତାଙ୍କଠାରୁ ୧ କେଜି ୬୦୦ ଗ୍ରାମ ଗଞ୍ଜେଇ ଓ ଟଙ୍କା ଜବତ ହୋଇଛି। ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତ ସୁବାସ ଏହି ଥାନା ଅନ୍ତର୍ଗତ ଛିଗୋରତୋଳା ବସ୍ତିର ଅଙ୍ଗନୱାଡି କେନ୍ଦ୍ର ନିକଟରେ ଗଞ୍ଜେଇ ବିକ୍ରି କରୁଥିଲେ। ଏହି ସମୟରେ ପୋଲିସ ଚଢ଼ାଉ କରି କାବୁ କରିବାରେ ସକ୍ଷମ ହୋଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିବା ସହ ଦୈନନ୍ଦିନ ଗୁଜରାଣ ମେଣ୍ଟାଇବା ପାଇଁ ବେଆଇନ ଭାବେ ଗଞ୍ଜେଇ ବିକ୍ରୟ କରୁଥିବା ନେଇ ସୀକାର କରିଥିଲେ।

### ଜେଲ ଅନ୍ତେବାସୀଙ୍କ ସହ ସାବିତ୍ରୀ ପାଳିଲେ ଅର୍ଚ୍ଚନା

ଭୁବନେଶ୍ୱର,୧୯।୫(ବ୍ୟୁରୋ): ହନିଟ୍ରାପ ଓ ବ୍ଲାକମେଲିଂ ମାମଲାରେ ଝାରପଡା ଜେଲରେ ଥିବା ଜଗବନ୍ଧୁ ଚାନ୍ଦଙ୍କ ସ୍ତ୍ରୀ ଅର୍ଚ୍ଚନା ନାଗ ଶୁକ୍ରବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଅର୍ଚ୍ଚନାଙ୍କ ସହ ଅନ୍ୟ ୨୩ ଜଣ ମହିଳା ଅନ୍ତେବାସୀ ମଧ୍ୟ ବ୍ରତ ପାଳନ କରିଥିଲେ। ଏଥିସହ ଅର୍ଚ୍ଚନା ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ସହ ୧୫ ମିନିଟ କଥା ହୋଇଥିଲେ। ଏଥିପାଇଁ ଜେଲ ପକ୍ଷରୁ ସେମାନଙ୍କୁ ନୂଆ ଶାଢ଼ି, ଭୋଗ, ଫଳ, ଶଙ୍ଖା, ସିନ୍ଦୂର ଇତ୍ୟାଦି ପ୍ରଦାନ କରାଯାଇଥିଲା। ଅନ୍ତେବାସୀଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ପାଇଁ ଜେଲ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ନେଇଥିଲେ। ଉଲ୍ଲେଖଯୋଗ୍ୟ, ନୟାପଲ୍ଲୀ ଥାନା ମାମଲାରେ ଏପ୍ରିଲ ୧୧ରେ ଅର୍ଚ୍ଚନା ନାଗଙ୍କୁ ହାଇକୋର୍ଟରୁ ଜାମିନ ମିଳିଛି। ହେଲେ ଏବେ ବି ଅନ୍ୟ କ ମାମଲାର ଶୁଣାଣି ଶେଷ ହୋଇ ନ ଥିବାରୁ ଜେଲରେ ସଜା କାଟୁଛନ୍ତି ଅର୍ଚ୍ଚନା।

### ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ

ବାଲକାଟୀ,୧୯।୫(ଡି.ଏନ୍.ଏ.): ବାଲକାଟୀ ରଥିଜେମାସ୍ଥିତ ଅରୁଣାଲୋକ କ୍ଲବ ପରିସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ବରିଷ୍ଠ ନାଗରିକ ଓ ଅବସର ପ୍ରାପ୍ତ କର୍ମ ଚାରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଶଙ୍କର ସାହୁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ପୁଷ୍ପ ସମ୍ବର୍ଦ୍ଧିତ କରିଥିଲେ। ସୁରେନ୍ଦ୍ର ବେହେରା, ଶତ୍ରୁଘ୍ନ ପୃଷ୍ଟି. ଡ. ରଜନୀ ରଞ୍ଜନ ଦାଶ, କୃଷି ବିଭାଗର ଉପନିର୍ଦ୍ଦେଶକ ବିଜୟ ବେହେରା, ଯୁବ ନେତା ଅରବିନ୍ଦ ସାହୁ, ବିଧାୟକଙ୍କ ପ୍ରତିନିଧି ପ୍ରିୟବ୍ରତ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

# ମିଳିଲେ ସାଇ, ରେଜଲ୍ଟ ଚିନ୍ତାରେ ପୁରୀ ପଳାଇଥିଲେ

**ରାଜଧାନୀରେ ମାଟ୍ରିକ ଛାତ୍ର ନିଖୋଜ ଘଟଣା**

■ ରାସ୍ତାରେ କାନ୍ଦୁଥିବାବେଳେ ଘରକୁ ନେଇଯାଇଥିଲେ କିନ୍ନର

ଭୁବନେଶ୍ୱର, ୧୯।୫(ବ୍ୟୁରୋ)

ଭୁବନେଶ୍ୱରର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ଜେଲ ରୋଡ୍‌ରେ ରହୁଥିବା ଛାତ୍ର ସାଇପ୍ରସାଦ ପଣ୍ଡା ନିଖୋଜ ହେବାର ୨ଦିନ ପରେ ଶୁକ୍ରବାର ମିଳିଛନ୍ତି। ସେ ବଡ଼ଗଡ଼ ଅଞ୍ଚଳରେ ରହୁଥିବା ଜଣେ କିନ୍ନରଙ୍କ ପାଖରେ ଥିବାବେଳେ ପରିବାର ଲୋକ ତାଙ୍କୁ ସେଠାରୁ ଘରକୁ ଆଣିଛନ୍ତି। ମାଟ୍ରିକ ପରୀକ୍ଷା ଫଳାଫଳ ପାଇଁ ଚିନ୍ତାରେ ଥିବାରୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ସାଇ


ସାଇପ୍ରସାଦ ପଣ୍ଡା

ପୁରୀ ଚାଲିଯାଇଥିଲେ ବୋଲି ବାପା ଅରୁପ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ବୁଧବାର ସାଇ ୟେଷା ଇନ୍‌ଷ୍ଟିଚ୍ୟୁଟ୍‌ରେ କୋଚିଂ ସାରି ସାଇକେଲରେ ଏକା ପୁରୀ ପଳାଇଥିଲେ। ଗୁରୁବାର ଜଗନ୍ନାଥଙ୍କ ଦର୍ଶନ କରି ଘରକୁ ଫେରିଥିଲେ। ହେଲେ ରାତି ପ୍ରାୟ ୧୧ଟାରେ ପୁରୀ ବାଇପାସ୍ ପାଖରେ ସାଇ କାନ୍ଦୁଥିବାବେଳେ ଜଣେ କିନ୍ନର ତାଙ୍କୁ ବୁଝାଇ ଘରକୁ ନେଇଯାଇଥିଲେ। ପରେ ସେ ପରିବାର ଲୋକଙ୍କୁ ଫୋନ୍ କରି ଘଟଣା ସଂକ୍ରାନ୍ତରେ ଖବର ଦେଇଥିଲେ ବୋଲି ବାପା ଅରୁପ କହିଛନ୍ତି।

ସୂଚନାଯୋଗ୍ୟ, ସାଇ ରସୁଲଗଡ଼ ସବରସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ପରେ କୋଚିଂ ନେଉଥିଲେ। ବୁଧବାର ଅପରାହ୍ନ ପ୍ରାୟ ୩ଟା ୩୦ରେ ଉକ୍ତ କୋଚିଂ ସେଣ୍ଟରକୁ ଯାଇ ଘରକୁ ନ ଫେରିବାରୁ ପରିବାର ଲୋକ ଚିନ୍ତାରେ ପଡ଼ିଥିଲେ। ଏନେଇ ଶହୀଦନଗର ଥାନାରେ ଏତଲା ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଖୋଜାଖୋଜି କରିଥିଲା। ଇତିମଧ୍ୟରେ ବୁଧବାର ମାଟ୍ରିକ ପରୀକ୍ଷା ଫଳ ବାହାରିଥିଲା। ସେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିଲେ ମଧ୍ୟ ପରିବାରରେ ଖୁସି ନ ଥିଲା। ଏବେ ସାଇଙ୍କୁ ପାଇ ମା'ବାପା ଆଶ୍ୱସ୍ତ ହୋଇଛନ୍ତି।

# ୨୧ରୁ ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ଜାତୀୟ ନାଟ୍ୟ ମହୋତ୍ସବ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ନାଟ୍ୟାନୁଷ୍ଠାନ ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ୫ମ ଜାତୀୟ ନାଟ୍ୟ ମହୋତ୍ସବ ଆସନ୍ତା ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହେବ। ଏହି ଉତ୍ସବରେ ଓଡ଼ିଶାର ଗୋଟିଏ ନାଟ୍ୟଦଳ ସହ ବିଭିନ୍ନ ଭାରତୀୟ ଭାଷାରେ ନାଟ୍ୟଦଳଗୁଡ଼ିକ ନାଟକ ପରିବେଷଣ କରିବେ। ୨୧ ତାରିଖ ସନ୍ଧ୍ୟାରେ ଅନୁଷ୍ଠାନର ନାଟ୍ୟକାର ଦିଲୀପ ବଳବନ୍ତରାୟଙ୍କ ରଚିତ ଓ ଜଗଦୀଶ୍ ପ୍ରସାଦ ମହାରଣାଙ୍କ ନିର୍ଦ୍ଦେଶିତ ନାଟକ 'ଏଇ ବୋଧେ ପ୍ରେମ' ପ୍ରଦର୍ଶିତ ହେବ। ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ଭୂମି', ତୃତୀୟ ସନ୍ଧ୍ୟାରେ 'ଏ ବୋରିଂ ଷ୍ଟୋରୀ', ଚତୁର୍ଥ ସନ୍ଧ୍ୟାରେ 'ଅନ୍ଧୋ କା ହାତୀ' ଓ ଶେଷ ସନ୍ଧ୍ୟାରେ 'କୁଞ୍ଜ ୱୀର ଭୂତ' ପରିବେଷିତ ହେବ। ଏ ନେଇ ଅନୁଷ୍ଠାନର ସଭାପତି ଇଂ. ସୁଧାକର ପତ୍ରୀ ଓ ସମ୍ପାଦକ ଶୁଭକାନ୍ତ ପାଢ଼ୀ ସୂଚନା ଦେଇଛନ୍ତି।

# ପରିତ୍ୟକ୍ତ କୂଅକୁ ଖସିପଡ଼ିଲେ ମହିଳା

**ସୁରକ୍ଷିତ ଭାବେ ଉଦ୍ଧାର କଲା ଅଗ୍ନିଶମ ଟିମ**

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ଚନ୍ଦ୍ରଶେଖର ଥାନା ଅନ୍ତର୍ଗତ ଡମଣା ଅଞ୍ଚଳର ଥିବା ଏକ ଖୋଲା ପରିତ୍ୟକ୍ତ କୂଅରେ ଗୁରୁବାର ରାତିରେ ଜଣେ ମହିଳା ଖସିପଡି ସାମାନ୍ୟ ଆହତ ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଶାନ୍ତି ବେହେରା। ତେବେ ମହିଳା ଜଣକ ଅସାବଧାନତା ହେତୁ ଖସି ପଡିଥିଲେ ନା ଆଉ କିଛି କାରଣ ରହିଛି ତାହା ଜଣାପଡି ନ ଥିଲେ ମଧ୍ୟ ଅଗ୍ନିଶମ ଟିମ ଘଟଣାସ୍ଥଳରେ ପହଞ୍ଚି ରୋପଲେଟର ଦ୍ୱାରା ମହିଳାଙ୍କୁ କୂଅ ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

ସୂଚନାନୁସାରେ, ପରିତ୍ୟକ୍ତ କୂଅଠାରୁ ମହିଳାଙ୍କ ଘର ୫୦୦ ମିଟର ଦୂର। ସେ ରାତିରେ କୌଣସି କାମରେ ଯାଉଥିବାବେଳେ ହଠାତ କୂଅ ଭିତରେ ପଡିଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ କୂଅ ପାଖକୁ ଯାଇ ଘଟଣା ଦେଖିବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସ୍ଥାନୀୟ ଲୋକେ ଏହି ଘଟଣାକୁ ଆତ୍ମହତ୍ୟା ଉଦ୍ୟମ ବୋଲି ସନ୍ଦେହ କରୁଥିବାବେଳେ ଆହତ ମହିଳାଙ୍କ ପରିବାର ଲୋକେ ଏହାକୁ ଏକ ଦୁର୍ଘଟଣା ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରାସ୍ତା କଡରେ କୂଅଟି ଖୋଲା ହୋଇଥିବାରୁ ଏହାକୁ ପୋତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ରବୀନ୍ଦ୍ର ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିରେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଅଚଳ ପଡ଼ିଛି ଇ-ଟଏଲେଟ୍

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ସହରକୁ ବାହ୍ୟଶୌଚମୁକ୍ତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ) ପକ୍ଷରୁ ଯୋଜନା ପରେ ଯୋଜନା ହାତକୁ ନିଆଯାଉଛି। ସହରର ବିଭିନ୍ନ ସ୍ଥାନରେ ଇ-ଟଏଲେଟ୍, ମୋବାଇଲ୍ ଟଏଲେଟ୍ ଓ କମ୍ୟୁନିଟି ଟଏଲେଟ୍ ଆଦିର ବ୍ୟବସ୍ଥା କରାଯାଉଛି। ମାତ୍ର ଏହାର ରକ୍ଷଣାବେକ୍ଷଣାରେ ଖିଲାପ ହେଉଥିବା ଅଧିକାଂଶ ସମୟରେ ବିଭିନ୍ନ ଅଞ୍ଚଳର ଲୋକମାନେ ଅଭିଯୋଗ କରୁଛନ୍ତି। କିଟ୍ ଛକସ୍ଥିତ ଇ-ଟଏଲେଟ୍ ବହୁଦିନ ହେବ ଅଚଳ ହୋଇଥିବା ଆଉଏକ ଅଭିଯୋଗ ଆସିଛି। ସ୍ଥାନୀୟ ଲୋକଙ୍କ କହିବା କଥା, ଗତ କିଛି ଦିନରୁ ଇ-ଟଏଲେଟ୍ ଅଚଳ ହୋଇପଡ଼ିଛି। ବିଏମ୍‌ସି ଏ ସମ୍ପର୍କରେ ଅବଗତ ନ ଥିବାବେଳେ ସ୍ଥାନୀୟ ଜନପ୍ରତିନିଧି



କିଟ୍ ଛକସ୍ଥିତ ଇ-ଟଏଲେଟ୍।

ମଧ୍ୟ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହି ଇ-ଟଏଲେଟ୍ ଏକ ଜନବହୁଳ ଅଞ୍ଚଳରେ ହୋଇଥିବାରୁ ଏହାର ବହୁତ ଆବଶ୍ୟକତା ରହିଥିବା ଅଞ୍ଚଳବାସୀ କହିଛନ୍ତି।

# ଜନ୍ମ ଶତବାର୍ଷିକୀରେ ସଙ୍ଗୀତ ସୁଧାକରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ଜନ୍ମ ଶତବାର୍ଷିକୀ ଶୁକ୍ରବାର ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବାଳକୃଷ୍ଣଙ୍କ ବନ୍ଦନା ଗାନ କରିବା ପରେ ଶିକ୍ଷାବିତ କାମଦେବ ମହାପାତ୍ର ସ୍ୱରଚିତ କବିତା ପାଠ କରିଥିଲେ। ବାଳକୃଷ୍ଣ ଦାସ ପିଲାବେଳୁ ସଙ୍ଗୀତ ସାଧନା କରିବା ସହିତ ବହୁ ପ୍ରତିଷ୍ଠିତ ଗୁରୁଙ୍କଠାରୁ ସଙ୍ଗୀତ ଶିକ୍ଷା କରି ନିଜକୁ ଜଣେ ଦକ୍ଷ ସଙ୍ଗୀତଜ୍ଞ ଭାବେ ପ୍ରତିଷ୍ଠିତ କରି ଆକାଶବାଣୀ କୋଲକାତାରେ ସଙ୍ଗୀତ ଗାନ କରୁଥିଲେ। କଟକ ଆକାଶବାଣୀ ପ୍ରତିଷ୍ଠା ହେବା ପରେ ସେ ନିୟମିତ କଣ୍ଠଶିଳ୍ପୀ ଭାବେ ସଙ୍ଗୀତ ପରିବେଷଣ ସହିତ ବିଭିନ୍ନ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେବା ସହ କଣ୍ଠଦାନ କରିଥିଲେ। ତାଙ୍କ ସୁଲଳିତ କଣ୍ଠରେ ଅସଂଖ୍ୟ ଭଜନ, ଛାନ୍ଦ, ଜଣାଣ, ପଲ୍ଲୀଗୀତ, ଆଧୁନିକ ଗୀତ ଗାନ କରି ଜନମାନସକୁ ମନ୍ତ୍ରମୁଗ୍ଧ କରୁଥିଲେ, ଯେଉଁ ଧାରା ଆଜି ବି ଅତୁଟ ଅଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ଓଇ ଫର୍ ଭୁବନେଶ୍ୱର ପକ୍ଷରୁ କର୍ପୋରେଟର ଅମରେଶ ଜେନା, ନରେନ ସାହୁ, ଶିବ ସୁଆର, ଜୟ ଓ ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସହ ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ସାମାଜିକ କର୍ମୀ ବେଣୁଧର ଭୋଇ, ଗାନ୍ଧିବାଦୀ ଆଡ୍‌ଭୋକେଟ ମନୋଜ କୁମାର ନାୟକ ସ୍ୱର୍ଗତ ଦାସଙ୍କ ଜନ୍ମମାଟି ବାଳକାଟୀ ନିକଟ ଭାର୍ଗବୀ ନଦୀରେ ତିଳତର୍ପଣ କରିଥିଲେ। ଏଥିସହ ବସନ୍ତପେଡ଼ିସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବିଭିନ୍ନ ମନ୍ଦିରରେ ଦୀପଦାନ କରିଥିଲେ।

# ବାଳକୃଷ୍ଣ ଦାସଙ୍କ ଜୟନ୍ତୀ ପାଳିତ

ବାଲକାଟୀ,୧୯।୫(ଡି.ଏନ୍.ଏ.)

ବାଲକାଟୀସ୍ଥିତ ଜନ୍ମମାଟିରେ ସଙ୍ଗୀତ ସୁଧାକର ସ୍ୱର୍ଗତ ବାଳକୃଷ୍ଣ ଦାସଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବାଳକୃଷ୍ଣ ଦାଶ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ କମିଟି ସଭାପତି ଡ. ରଜନୀ ରଞ୍ଜନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ହେମନ୍ତ କୁମାର ପାଢ଼ୀ ଓ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ଚୌଧୁରୀ ଅମିତାଭ ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଜିଲା ପରିଷଦ ସଭ୍ୟା କୁନମୁନ ଲେଙ୍କା, ସରପଞ୍ଚ ରୀନା ବେହେରା, ସମିତି ସଭ୍ୟ ଗଙ୍ଗାଧର ମହାରି, ଉପାଧ୍ୟକ୍ଷା ଇତିଶ୍ରୀ ଜେନା ଓ ସଂସ୍କୃତି ବିଭାଗ ପ୍ରୋଗ୍ରାମ ଅଫିସର ତ୍ରିଲୋଚନ ବରାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କାର୍ଯ୍ୟକ୍ରମ ଅନୁଯାୟୀ ଜନ୍ମ ପୀଠରୁ ଘଣ୍ଟ ମର୍ଦ୍ଦଳ ନାମ ସଂକୀର୍ତ୍ତନ ସହ ପଦଯାତ୍ରା ପରେ ବାହାରି ବାଲକାଟୀ ବଜାରରେ ଥିବା ସ୍ୱର୍ଗତ ବାଳକୃଷ୍ଣ ଦାଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟା ୬ଟାରେ କଲେଜ ପଡିଆରେ ନିର୍ମିତ ସାଂସ୍କୃତିକ ଭବନରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ଏହି ମାଟିର ଅନ୍ୟତମ ପ୍ରତିଭା ତଥା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ମନୋଜ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ କଳାକାରମାନଙ୍କ ଦ୍ୱାରା ପାଇକ ଆଖଡ଼ା ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ଅନ୍ୟତ୍ର ବିବାହ ପୂର୍ବରୁ ଉଠାଇ ଆଣିଲା ପୋଲିସ

**ସାବିତ୍ରୀରେ ସ୍ତ୍ରୀଙ୍କୁ ଧୋକା ଦେଲେ ସ୍ୱାମୀ**

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ସାବିତ୍ରୀରେ ସ୍ତ୍ରୀକୁ ଧୋକା ଦେଲେ ସତ୍ୟବାନ। ସ୍ତ୍ରୀକୁ ଛାଡି ଅନ୍ୟଜଣେ ଯୁବତୀଙ୍କୁ ମନ ଦେଇ ବିବାହ କରିବାକୁ ସ୍ୱାମୀ କରିଥିଲେ ଯୋଜନା। ଏଥିପାଇଁ ନିର୍ବନ୍ଧ ମଧ୍ୟ ସରିଥିଲା। ହେଲେ ବିବାହ ପୂର୍ବରୁ ପ୍ରତାରିତ ସ୍ୱାମୀ ବିଭୁ ନାୟକଙ୍କୁ ପଣ୍ଡାକୁଦିଆ ବସ୍ତିରୁ ଉଠାଇ ଆଣି ସବୁ ଯୋଜନାକୁ ଭଣ୍ଡୁର କରିଦେଲା ଭରତପୁର ଥାନା ପୋଲିସ। ଅଭିଯୁକ୍ତ ବିଭୁଙ୍କୁ ଗିରଫ ପରେ ଡାକ୍ତରୀମାଇନା କରାଯାଇ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ୩ବର୍ଷ ତଳେ ଶ୍ରାବଣୀ ନାମ୍ନୀ ଜଣେ ମହିଳାଙ୍କୁ ମନ୍ଦିରରେ ଅଭିଯୁକ୍ତ ବିଭୁ ପ୍ରେମ ବିବାହ କରିଥିଲେ। ଉଭୟ କିଛି ମାସ ୟୁନିଟ-୧ରେ ରହିଥିଲେ। ପରେ ସ୍ତ୍ରୀଙ୍କୁ ନେଇ ଭରତପୁର ଥାନା ଅନ୍ତର୍ଗତ ପଣ୍ଡାକୁଦିଆ ବସ୍ତିରେ ରହୁଥିଲେ। ସେମାନଙ୍କର ଏକ ୬ ମାସର ଶିଶୁ ରହିଥିବାବେଳେ ବିଭୁ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ଯାଉଥିଲେ। ଏଥିପାଇଁ ଗତ ୧୨ ତାରିଖରେ ନିର୍ବନ୍ଧ ସରିଯାଇଥିବା ଖବର ପାଇବା ପରେ ସ୍ତ୍ରୀ ଶ୍ରାବଣୀ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଭୁଙ୍କୁ ତାଙ୍କ ଘରୁ ଉଠାଇ ଆଣି ଗିରଫ କରିଥିଲା। ଅନ୍ୟପକ୍ଷରେ ଉକ୍ତ ଯୁବତୀ ମଧ୍ୟ ବିଭୁଙ୍କ ନାମରେ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

# ଏକାମ୍ର ହାଟରେ ସାମାଜିକ କର୍ମୀଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ସାମାନ୍ୟ କଥାକୁ ନେଇ ଏକାମ୍ର ହାଟରେ ଜଣେ ସାମାଜିକ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଖାରବେଳନଗର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ନୟାଗଡର ବଟକୃଷ୍ଣ ନାୟକ ଓ କେନ୍ଦ୍ରାପଡାର କେଦାର ସ୍ୱାଇଁ। ଏହି ଘଟଣାରେ ସେମାନେ ବ୍ୟବହାର କରିଥିବା କାର୍‌କୁ ମଧ୍ୟ ଜବତ କରିଛି ପୋଲିସ।

ସୂଚନାନୁସାରେ, ଆକ୍ରମଣର ଶିକାର ସାମାଜିକ କର୍ମୀ ପ୍ରଭାତ ମାର୍ଥା ଏପ୍ରିଲ ୨୩ ମଧ୍ୟାହ୍ନରେ ତାଙ୍କର ଜଣେ ବନ୍ଧୁଙ୍କ ସହ ଏକାମ୍ର ହାଟରେ ଥିବା ଏକ ହୋଟେଲକୁ ଖାଇବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ଓ ତାଙ୍କର କେତେଜଣ ବନ୍ଧୁଙ୍କ ସହ ସେଠାରେ ଖାଉଥିଲେ। ଉଠିବା ସମୟରେ ଏକ ଚେୟାର ଅଭିଯୋଗକାରୀ ପ୍ରଭାତଙ୍କ ଗୋଡରେ ବାଜିଥିଲା। ଏନେଇ ସେ ପଚାରିବାରୁ ଅଭିଯୁକ୍ତମାନେ ଗାଳିଗୁଲଜ ସହିତ ନିସ୍ଥୁକ ମାଡ ମାରିଥିଲେ। ଅଭିଯୋଗ ପରେ ଖାରବେଳନଗର ଥାନା ପୋଲିସ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୁକ୍ତ କେଦାର ସାଇଁଙ୍କ ନାମରେ ପୂର୍ବରୁ ଶହୀଦନଗର, ଖାରବେଳନଗର ଏବଂ ନୟାପଲ୍ଲୀ ଥାନାରେ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି।

# ୪୪ ଜଣଙ୍କୁ ସାବିତ୍ରୀ ସଜ ବାଣ୍ଟିଲେ ମହିଳା

ଭୁବନେଶ୍ୱର, ୧୯।୫ (ବ୍ୟୁରୋ)

ସାବିତ୍ରୀରେ ସ୍ୱାମୀଙ୍କ ମଙ୍ଗଳ ମନାସି ସ୍ତ୍ରୀମାନେ ବ୍ରତ କରିଥାନ୍ତି। ଏଥିପାଇଁ ପ୍ରତି ମହିଳାଙ୍କ ବାପଘରୁ ଆସିଥାଏ ଭାର। ସାଧାରଣତଃ ଭାଇମାନେ ଏହି ଭାରନେଇ ଭଉଣୀ ଘରକୁ ଯାଇଥାନ୍ତି। ମାତ୍ର ଆମ ସମାଜରେ ଏମିତି ବି ମହିଳା ଅଛନ୍ତି, ଯେଉଁମାନଙ୍କର ଭାଇ ନାହିଁ କିମ୍ବା ଭାଇ ଥିଲେ ବି ଭାରନେଇ ଆସିବାକୁ ଅର୍ଥଭାବ ବାଧକ। ଏଭଳି ଭଉଣୀମାନଙ୍କ ପାଇଁ ଭାଇର ଭୂମିକା ନିର୍ବାହ କରିଛନ୍ତି ଜଣେ ମହିଳା। ଭୁବନେଶ୍ୱରରେ ରହୁଥିବା ଜଣେ ମହିଳା ଗୁରୁବାର ସାବିତ୍ରୀ ସଜ ଧରି ଯାଁଳାସ୍ଥିତ ଲେପର୍ସି କଲୋନୀରେ ପହଞ୍ଚିଥିଲେ। କଲୋନୀରେ ରହୁଥିବା ୪୪ଜଣ ଗରିବ ଓ ଅଭାବୀ ଭଉଣୀଙ୍କ ପାଇଁ ସଜରେ ନୂଆ ଲୁଗାପଟା, ଶଙ୍ଖା,




ସିନ୍ଦୂର, ବ୍ରତ, ଅଳତା, ନଡ଼ିଆ ଆଦି ଫଳମୂଳ ନେଇ ଆସିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ମହିଳା କହିଛନ୍ତି, ସବୁ ମହିଳାଙ୍କ ଭାଗ୍ୟରେ ସାବିତ୍ରୀ ବ୍ରତ ପାଇଁ ବାପଘରୁ ଭାର ଆସିବା ନ ଥାଏ। ପୁଣି ଏଠାରେ ରହୁଥିବା ଅନ୍ତେବାସିନୀଙ୍କ ଜୀବନ ସଂଘର୍ଷ ମତେ ବେଶୀ ପ୍ରଭାବିତ କରିଥିଲା। ତେଣୁ ଏ ଦାୟିତ୍ୱକୁ ନିର୍ବାହ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲି। ବଞ୍ଚିଥିବା ପର୍ଯ୍ୟନ୍ତ ପ୍ରତିବର୍ଷ ସାବିତ୍ରୀରେ ସଜଭାର ଧରି ପହଞ୍ଚିବି ବୋଲି ସେ କହିଥିଲେ। ସେହିପରି ସାବିତ୍ରୀ ସଜଭାର ପାଇ ବହୁତ ଖୁସି ଥିବା ଅନ୍ତେବାସିନୀମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ଚିନ୍ମୟୀ ଫାଉଣ୍ଡେଶନର ପ୍ରତିଷ୍ଠାତା ସନ୍ତୋଷୀ ଜୈନ, ସାମାଜିକ କର୍ମୀ ପ୍ରଦୀପ୍ତ ରଞ୍ଜନ ରାଉତ, ପ୍ରଦୀପ କୁମାର ନାଏକ ପ୍ରମୁଖ ସହଯୋଗ କରିଥିଲେ।


ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ଆର୍ଯ୍ୟ ସଂସ୍କୃତି ମନ୍ଦିରରେ ସାବିତ୍ରୀ ବ୍ରତ ପୂଜା କରାଯାଉଛି।


ରସୁଲଗଡ଼ ଜଗନ୍ନାଥନଗରରେ ମହିଳାମାନେ ସାବିତ୍ରୀ ଅମାବାସ୍ୟାରେ ପୂଜାର୍ଚ୍ଚନା କରୁଛନ୍ତି।


ପଳାଶପଲ୍ଲୀରେ ବଟ ବୃକ୍ଷମୂଳେ କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୫।୨୦୨୩

| | |
|---|---|
| ୩,୭୧,୦୩୮ ଟଙ୍କା | |
| ସୁନା | ୨୪୦ ମିଲିଗ୍ରାମ୍ |
| ରୁପା | ୨.୭୦୦ ଗ୍ରାମ୍ |

# ଆର୍‌ଆଇଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ

## ୨ ଗିରଫ, ଟ୍ରାକ୍ଟର ଜବତ

ସାକ୍ଷୀଗୋପାଳ, ୧୯।୫ (ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ଥାନା ଅଞ୍ଚଳରେ ବେଆଇନ ମାଟି ଚୋରା ଚାଲାଣ ବେଳେ ଆର୍‌ଆଇ ଚଢ଼ାଉ ପାଇଁ ଯାଇଥିବାବେଳେ ଆକ୍ରମଣ ସହ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁଆଁଲ ଗ୍ରାମର ରାମଚନ୍ଦ୍ର ସ୍ୱାଇଁ(୪୫) ଓ ଚକରପଡା ଗ୍ରାମର ନିରଞ୍ଜନ ସାହୁ (୩୫)। ଘଟଣାରେ ସମ୍ପୃକ୍ତ ଏକ ଟ୍ରାକ୍ଟରକୁ ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ସତ୍ୟବାଦୀ ବ୍ଲକ ରାୟଖଣ୍ଡି ପଞ୍ଚାୟତର ସୁଆଁଲ ଅଞ୍ଚଳର ଏକ ଜମିରୁ ଗୁରୁବାର କେତେଜଣ ବ୍ୟକ୍ତି ବେଆଇନ ମାଟି ଉଠାଇ ଅନ୍ୟତ୍ର ଚାଲାଣ କରୁଥିଲେ। ଖବରପାଇ ତହସିଲଦାରଙ୍କ ନିର୍ଦ୍ଦେଶରେ ରାଇଖଣ୍ଡି ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମାଟି ଉଠା ସମ୍ପର୍କରେ ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରିବା ସମୟରେ ଚାଲାଣକାରୀମାନେ ହଠାତ୍ ତାଙ୍କୁ ଆକ୍ରମଣ କରିବା ସହିତ ଗାଳିଗୁଲଜ କରି ଗାଡି ଚଢ଼ାଇ ଦେବାକୁ ଉଦ୍ୟମ କରିଥିଲେ। ଯାହାଦ୍ୱାରା ସେ ତାଙ୍କର ସରକାରୀ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରିବାରେ ବିଫଳ ହୋଇଥିଲେ। ଏ ସମ୍ପର୍କରେ ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୋଲିସ ଏକ ମାମଲା (ନଂ. ୧୬୯/୨୩) ରୁଜୁ କର ତଦନ୍ତ ଚଳାଇଥିଲା। ଏହି ମାମଲାକୁ ଜିଲା ଆରକ୍ଷୀ ଅଧୀକ୍ଷକ ଗୁରୁତର ସହିତ ନେଇ ତାଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ସତ୍ୟବାଦୀ ଆଇଆଇସି ବିଜୟକେତନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ରାମଚନ୍ଦ୍ର ଓ ନିରଞ୍ଜନଙ୍କୁ ଶୁକ୍ରବାର ଗିରଫ କରିଥିଲେ। ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପୁରୀ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଘଟଣାସ୍ଥଳ ପରିଦର୍ଶନ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ଏଥିରେ ସମ୍ପୃକ୍ତ ଆଉ କିଛି ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ

ପୁରୀ ଅଫିସ, ୧୯।୫: ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଅବସରରେ ବୁଧବାର ପୁରୀ କମଳା ଦେବୀ ହସ୍ପିଟାଲଠାରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ଲଳିତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚ ରକ୍ତଚାପଜନିତ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ତୁଳିତ ଖାଦ୍ୟ, କମ୍ ଲୁଣ ବ୍ୟବହାର ଏବଂ ସମୟ ସମୟରେ ରକ୍ତଚାପ ପରୀକ୍ଷା କରାଇବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି କମଳା ଦେବୀ ମେଡିକାଲର ଡା. ଅଙ୍କିତା ସ୍ୱାଇଁ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ସମିତି ତଥା ଜିଲା ମୁଖ୍ୟ ଚିକିତ୍ସାଳୟର ଏକ ଟିମ୍ ଯୋଗଦେଇଥିଲେ। 'ହୋପ୍ ଇଜ୍ ଲାଇଫ୍' ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ଉଚ୍ଚ ରକ୍ତଚାପ ପରୀକ୍ଷା କରାଯାଇଥିଲା। ଡା. ସୁଶାନ୍ତ ବିଶ୍ୱାଳ, କସ୍ତୁରୀ ପ୍ରିୟମ୍ବଦା, ନିବେଦିତା ପରିଡ଼ା, ଲକ୍ଷ୍ମୀଧର ଦାସ ଏବଂ ମନୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ସାବିତ୍ରୀ ଅମାବାସ୍ୟା ଅବସରରେ ଶୁକ୍ରବାର ଅମାବାସ୍ୟା ନାରାୟଣଙ୍କୁ ସାଗର ବିଜେ ନୀତି ପାଇଁ ପୁରୀ ବେଳାଭୂମିକୁ ନିଆଯାଉଛି ।

## ଟ୍ରେନ୍ ଯାତ୍ରାରେ ରିହାତି ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

ପୁରୀ ଅଫିସ, ୧୯।୫:

ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରେଳମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଟ୍ରେନ୍‌ଗୁଡ଼ିକରେ ଯାତ୍ରା ସମୟରେ ବରିଷ୍ଠ ନାଗରିକମାନଙ୍କୁ ରିହାତି ସୁବିଧା ଦେବା ପାଇଁ ଦାବି କରାଯାଇଛି। କରୋନା ସମୟରେ ବରିଷ୍ଠ ନାଗରିକ ରିହାତି ସୁବିଧା ଅପସାରଣ କରିନିଆଯାଇଥିଲା। ଏପର୍ଯ୍ୟନ୍ତ ଏହି ସୁବିଧାରୁ ବରିଷ୍ଠ ନାଗରିକମାନେ ବଞ୍ଚିତ ଅଛନ୍ତି। ଏନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଞ୍ଚର କର୍ମକର୍ତ୍ତା ଭେଟି ଦାବିପତ୍ର ଦେଇଥିଲେ। ଦୀର୍ଘ ବର୍ଷ ଧରି ଟ୍ରେନ୍‌ରେ ବରିଷ୍ଠ ନାଗରିକଙ୍କୁ ଯେଉଁ ରିହାତି ସୁବିଧା ମିଳୁଥିଲା ତାହାକୁ ତୁରନ୍ତ ଲାଗୁ କରାଗଲେ ଦେଶର ବରିଷ୍ଠ ନାଗରିକମାନେ ଉପକୃତ ହେବେ। ଏଥିପ୍ରତି ସରକାର ଓ ରେଳ ବିଭାଗ ଧ୍ୟାନ ଦେବାକୁ ଅନୁରୋଧ କରାଯାଇଛି । ଦାବିପତ୍ର ଦେବା ବେଳେ ମଞ୍ଚର ସଭାପତି ଡ. କାର୍ତ୍ତିକ କୁମାର ଦାସ, ସମ୍ପାଦକ ଦେବେନ୍ଦ୍ର କୁମାର ଦାଶ, ପ୍ରଫୁଲ୍ଲ କୁମାର ମିଶ୍ର, ସନ୍ତୋଷ ମହାନ୍ତି ଓ ଗୋଲଖ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବିନ୍ଧକାମ ଶେଷ, ରଥ ଗୁଜରେ ରୂପ ଖୋଦେଇ



### ରଥଖଳାରୁ ...

ପୁରୀ ଅଫିସ, ୧୯।୫:

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ତିନି ରଥର ଦୁଇଟି ଲେଖାଏ ୨୦ଫୁଟିଆ ଆଗଆଣି, ପଛଆଣି 'ଦଣ୍ଡା ମୁହାଁଟି'ର ଅନୁକୂଳ ପୂଜା ପରେ ବିନ୍ଧକାମ ଶେଷ ହୋଇଛି। ଏହି ଦଣ୍ଡାମୁହାଁଟି ତିନିରଥର ପାଞ୍ଚଦଣ୍ଡାରେ ଆଗ ଓ ପଛଭାଗରେ ସଂଯୋଗ ହେବ। ପ୍ରତି ଦଣ୍ଡା ମୁହାଁଟିରେ ୫ଟି ଲେଖାଏ ବିନ୍ଧ କରାଯାଇଛି। ତିନିରଥର ୧୨ଟି ଲେଖାଏ ଭୂଇଁ ଚଉତାର ବିନ୍ଧ ଅନୁକୂଳ ପୂଜା ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ପରେ ମହାରଣାମାନେ ପ୍ରତି ଚଉତାର ଦୁଇ ପାର୍ଶ୍ୱରେ ଦୁଇଟି ଲେଖଁଏ ବିନ୍ଧ କାର୍ଯ୍ୟ ଶେଷ କରିଛନ୍ତି। (ରଥରେ ଭୂଇଁ ଉଠିଲା ପରେ ଏହି ବିନ୍ଧରେ ପାଖୁଡା ସଂଯୋଗ ହେବ)। ୮ଟି ଲେଖାଏ ଚଉଦ ନାହାକା କାଠରେ ମହାରଣାମାନେ ଆଠ ଅଂଶୀ କୋଣ ବିଶିଷ୍ଟ ନାହାକା ନିର୍ମାଣ ଶେଷ କରିଛନ୍ତି। ଚାରିନାହାକାର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ଶୁକ୍ରବାର ଗରଗରା ନିର୍ମାଣ ପାଇଁ ରଥଚାଳିକୁ ଆମିନ ଭୋଇ ସେବକଙ୍କ ମାଧ୍ୟମରେ ଦୁଇଟି ଲେଖାଏ ୨୦ଫୁଟିଆ ଧଉରା କାଠ ଯୋଗାଇ ଦେଇଥିଲେ। କରତି ସେବକ ସେଗୁଡ଼ିକର ମୁଣ୍ଡ କରତି କଲା ପରେ ମହାରଣାମାନେ ଗରଗରା ଚଉପଟ ଆରମ୍ଭ କରିଛନ୍ତି। କରତି ସେବକମାନେ ନନ୍ଦିଘୋଷ ରଥ ପୋଲ ଗୟଳ ଦୁଇପାର୍ଶ୍ୱ ଚିତା କାର୍ଯ୍ୟ ସାରି ଚିରଟ ପାଇଁ ମାପ ଚିହ୍ନ ଦେଇଛନ୍ତି। ଶନିବାର ଚିରଟ ଆରମ୍ଭ କରିବେ। ରୂପକାର ସେବକମାନେ ରଥ ଗୁଜଗୁଡ଼ିକରେ ରୂପ ଖୋଦେଇ ସହ ରୂପରେ ଅଳଙ୍କାର ତଥା ପଲିସ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି କମାରଶାଳରେ ଓଝା ସେବକମାନେ ତିନିରଥର ଦଣ୍ଡା ପାଇଁ କଣ୍ଟା ତିଆରିରେ ଲାଗିଛନ୍ତି।

# 'ସାକ୍ଷରତା ହିଁ ମହିଳା ସଶକ୍ତୀକରଣର ଅସ୍ତ୍ର'

ପୁରୀ ଅଫିସ, ୧୯।୫

କେବଳ ଅକ୍ଷର ଶିଖିବା ବା ପଢ଼ିପାରିବା ସାକ୍ଷରତା ନୁହେଁ। ସାକ୍ଷର ହେବା ପ୍ରକ୍ରିୟାକୁ ବ୍ୟବହାରିକ କରିବାକୁ ପଡ଼ିବ। ପଢ଼ାଲେଖା ଜାଣିବା ସହ ଡିଜିଟାଲ, ଅର୍ଥନୈତିକ, ବିପର୍ଯ୍ୟୟ ଏବଂ ନାଗରିକ ଅଧିକାର ସମ୍ପର୍କରେ ସାକ୍ଷରତା ଓ ସଚେତନତାର ଆବଶ୍ୟକତା ରହିଛି। ଏହି ସାକ୍ଷରତା ଓ ସଚେତନତା ହିଁ ଦେଶ ବିକାଶରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରିବ ବୋଲି ବୁଧବାର ପୁରୀ ଜିଲାରେ 'ସାକ୍ଷରତା ମାଧ୍ୟମରେ ସେବା' କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି। ଟାଟା ସଷ୍ଟେନ୍‌ବିଲିଟି ଗ୍ରୁପ୍ ସହାୟତାରେ ସାମାଜିକ ସଙ୍ଗଠନ ୟୁଥ୍ କାଉନସିଲ ଫର୍ ଡେଭଲପମେଣ୍ଟ ଅଲ୍‌ଟରନେଟିଭ୍ସ ପକ୍ଷରୁ ବ୍ରହ୍ମଗିରିଠାରେ କାର୍ଯ୍ୟକ୍ରମ ହେଉଛି। ଟିସିଏସ୍ ଏହି କାର୍ଯ୍ୟକ୍ରମର ନଲେଜ ପାର୍ଟନର ରହିଛି। କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ୟୁଥ୍ କାଉନସିଲ ଫର୍ ଡେଭଲପମେଣ୍ଟ ଅଲ୍‌ଟରନେଟିଭ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମେହେର କହିଥିଲେ, ବ୍ରହ୍ମଗିରିରେ ଶତ ପ୍ରତିଶତ ମହିଳା ସାକ୍ଷରତା, ସଶକ୍ତୀକରଣ ଏବଂ ସେମାନଙ୍କ ସକ୍ରିୟ ଅଂଶଗ୍ରହଣ ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହେବ। ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ଠିକ ହିତାଧିକାରୀ ଚୟନ ଉପରେ ଗୁରୁତ୍ୱ ଦେଇଥିଲେ। ଟାଟା ସଷ୍ଟେନ୍‌ବିଲିଟି ଗ୍ରୁପ୍‌ର ଇପ୍ସିତା ଦାସ କିପରି ଡିଜିଟାଲ ମାଧ୍ୟମ ଉପଯୋଗ କରି ବ୍ୟବହାରିକ, ଡିଜିଟାଲ, ଅର୍ଥନୈତିକ, ନାଗରିକ ଅଧିକାର ଓ ବିପର୍ଯ୍ୟୟ ସମ୍ପର୍କିତ ସାକ୍ଷରତା ଓ ସଚେତନତା ସୃଷ୍ଟି କରାଯାଇ ପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ 'ସାକ୍ଷରତା ହିଁ ମହିଳା ସଶକ୍ତୀକରଣର ଅସ୍ତ୍ର' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ସ୍ତମ୍ଭକାର ଶ୍ରୁତକୀର୍ତ୍ତି ତ୍ରିପାଠୀ ଏହାକୁ ସଞ୍ଚାଳନ କରିଥିବାବେଳେ ଜିଲା ଆଇନ ସେଲ୍‌ର ଜୟଶ୍ରୀ ମହାପାତ୍ର, ମିଶନ ଶକ୍ତିର ଆରତି ସାହୁ, ଓଏସ୍‌ଡିଏମଏ ସୁକାନ୍ତ ଦାସ, ଓଡ଼ିଶା ଜୀବିକା ମିଶନର ବନଜାକାନ୍ତ ମାହାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରୋଗ୍ରାମ ମ୍ୟାନେଜର ରୂପମ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ। ବ୍ରହ୍ମଗିରିର ବିଭିନ୍ନ ପଞ୍ଚାୟତରୁ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗଦେଇଥିଲେ।

## 'କୁଡୁମୀ ବିକାଶ ପରିଷଦ' ଗଠନ କରାଯାଉ

ପୁରୀ ଅଫିସ, ୧୯।୫: ଓଡ଼ିଶାରେ କୁଡୁମୀ ସମ୍ପ୍ରଦାୟଙ୍କ ବିକାଶ ସହ 'କୁଡୁମୀ ବିକାଶ ପରିଷଦ' ଗଠନ କରାଯିବାକୁ ଶିବାଜୀ ସାଂସ୍କୃତିକ ସଂଘ ତରଫରୁ ଦାବି କରାଯାଇଛି। ଚକ୍ରତୀର୍ଥ ରୋଡସ୍ଥିତ ଏକ ହୋଟେଲରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ମୁଖ୍ୟ ଆବାହକ ଡ. ମୁକୁନ୍ଦ ଚନ୍ଦ୍ର ମହାନ୍ତ, ସଭାପତି ପ୍ରଭାସ ଚନ୍ଦ୍ର ମହାନ୍ତ ଏବଂ ସାଧାରଣ ସମ୍ପାଦକ ରାମଚନ୍ଦ୍ର ମହାନ୍ତ କହିଥିଲେ ଯେ ଉତ୍ତର ଓଡ଼ିଶାରେ ପ୍ରାୟ ୩୦ ଲକ୍ଷ ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରାୟ ୨୫ ଲକ୍ଷ ଏଭଳି ମୋଟ ୫୫ ଲକ୍ଷ କୁର୍ମୀ ବା କୁଡୁମୀ ଜାତିର ଲୋକ ବସବାସ କରନ୍ତି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର ଜିଲାରେ କୁଡୁମୀ ସମ୍ପ୍ରଦାୟ ଲୋକେ ରହୁଥିଲେ ମଧ୍ୟ ଏମାନେ ନିଜ ପରିଚୟ ଜାଣିନାହାନ୍ତି। ୧୯୯୪ ମସିହାରେ କେନ୍ଦ୍ର ସରକାର ସଂରକ୍ଷଣ ଲାଗୁ କଲେ, ମାତ୍ର ରାଜ୍ୟ ସରକାର ୨୭ ଶତକଡ଼ା ସଂରକ୍ଷଣ ପ୍ରଦାନ କରିନାହାନ୍ତି। ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ ରାଜ୍ୟ ସରକାର ୧୧.୨୫% ପରିବର୍ତ୍ତେ ୨୭% ସଂରକ୍ଷଣ ବ୍ୟବସ୍ଥା ଲାଗୁ କଲେ ୨୦୯ଟି ଅନଗ୍ରସର ଜାତି ଉପକୃତ ହେବେ। ତେଣୁ ମଣ୍ଡଳ କମିଶନ ସୁପାରିସ ଆଧାରରେ ଓଡ଼ିଶାର ଅନଗ୍ରସର ବର୍ଗଙ୍କୁ ୨୭% ସଂରକ୍ଷଣ ସୁବିଧା ଦିଆଯାଉ। କୁଡୁମୀମାନଙ୍କୁ ଅତ୍ୟନ୍ତ ପଛୁଆ ଜାତି ଭାବେ ଶିକ୍ଷାର ଉନ୍ନତି ପାଇଁ ପଦକ୍ଷେପ ନେବା ସହ ରାଜନୀତି କ୍ଷେତ୍ରରେ ମଧ ସ୍ୱତନ୍ତ୍ର ୨୭% ସଂରକ୍ଷଣ ବ୍ୟବସ୍ଥା କରାଯାଉ ବୋଲି ସଂଘ ପକ୍ଷୁ ଦାବି କରାଯାଇଛି।

## ଭଗବତୀଙ୍କ ପୀଠରେ କିନ୍ନରଙ୍କ ସାବିତ୍ରୀ ବ୍ରତ

କୋଣାର୍କ, ୧୯।୫ (ଡି.ଏନ୍.ଏ.)

କୋଣାର୍କ କିନ୍ନର ସଂଘ ପକ୍ଷରୁ ମା' ଭଗବତୀଙ୍କ ପୀଠରେ ସାବିତ୍ରୀ ବ୍ରତ ପାଳନ କରାଯାଇଛି। କିନ୍ନରମାନେ ନିଜ ଗୁରୁଙ୍କ ଆୟୁଷ ବୃଦ୍ଧି ଓ ନୀରୋଗ କାମନା କରି ପୂଜାର୍ଚ୍ଚନା କରିବା ସହ ବ୍ରତ ଧାରଣ କରିଥିଲେ। ଯେତେବେଳେ କିନ୍ନରମାନେ ସମାଜରୁ ଅବହେଳିତ ହୋଇ ନିଜ ପରିବାରରୁ ବାହାରି ନିଜର ସ୍ୱତନ୍ତ୍ର ପରିବେଶକୁ ଆପଣେଇଥାନ୍ତି ସେତେବେଳେ କେହି ନା କେହି ଆପଣାର କରିଥାନ୍ତି। ଆପଣାର କରିଥିବା ବ୍ୟକ୍ତି ହିଁ ସେମାନଙ୍କର ଗୁରୁ ଅଟନ୍ତି। ନିଜ ଗୁରୁଙ୍କ ଦୀର୍ଘ ଜୀବନ ସହ ମଙ୍ଗଳ କାମନା କରି କିନ୍ନରମାନେ ସାବିତ୍ରୀ ବ୍ରତ ରଖିଥାନ୍ତି। ସଧବା ସ୍ତ୍ରୀ ପରି କିନ୍ନରମାନେ ଫଳମୂଳ ସହିତ ସିନ୍ଦୂର, ଚୁଡ଼ି ଓ ବ୍ରତ ନେଇ ଠାକୁରଙ୍କ ପାଖରେ ସମର୍ପଣ କରି ପରିଧାନ କରିଥାନ୍ତି। ଗୁରୁଙ୍କ ମଙ୍ଗଳ କାମନା କରିବା ସହ ନିଜେ ପାଇଥିବା ଜନ୍ମରୁ ମୁକ୍ତି ପାଇବା ପାଇଁ ଗୁହାରି କରିଥାନ୍ତି। ଏହି ବ୍ରତ ଅବସରରେ କୋଣାର୍କ କିନ୍ନର ସଂଘର ସଭାପତି ଦିପ୍ସା ବାରିକଙ୍କ ତତ୍ତ୍ୱାବଧାନରେ ପାୟଲ, ଶ୍ରଦ୍ଧା, ଶାନ୍ତି, ସୁକାନ୍ତି, ମୁସ୍କାନ, ସନ୍ଧ୍ୟା, ପ୍ରଶାନ୍ତି, ଗାୟତ୍ରୀ, ରଶ୍ମି, ଜୁଲି, ରୁବି ଓ ଶିବାନୀ କିନ୍ନରମାନେ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ସହ ବ୍ରତ ପାଳନ କରିଥିଲେ।

## ୬ଦିନ ପରେ ବି ଧରାପଡୁନି ଚୋର

ଗୋପ, ୧୯।୫ (ଡି.ଏନ୍.ଏ.)

ନିମାପଡ଼ା ଥାନା ସୀମା କୁହାଯାଉଥିବା ଖଡିଶ ଓ ରାଜରାଶି ଗ୍ରାମରେ ଗତ ୧୪ ତାରିଖ ରାତିରେ ୬ ଜଣଙ୍କ ଘରୁ ସୁନା ଅଳଙ୍କାର ସହିତ ଆଉ କେତେକ ଗୃହ ଆସବାବପତ୍ର ଚୋରି ହୋଇଥିବା ୨ଟି ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ ଏପର୍ଯ୍ୟନ୍ତ ଏପରିଘଟଣା ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଶରତ କୁମାର ସାହୁ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୧୪ ତାରିଖ ରାତିରେ ଗୋପ ଥାନା ଅନ୍ତର୍ଗତ ଖଡିଶ ଓ ନିମାପଡ଼ା ଥାନା ଅନ୍ତର୍ଗତ ରାଜରାଶି ଗ୍ରାମରେ ଦୁର୍ବୃତ୍ତମାନେ ୬ ଜଣଙ୍କ ଘରେ ପଶି ସୁନା ଅଳଙ୍କାର ସହିତ ଆଉ କେତେକ ଆସବାବପତ୍ର ଚୋରି କରି ନେବା ଭଳି ଅଭିଯୋଗ ଦୁଇ ଗୋଟି ଥାନାରେ ହୋଇଥିଲା। ନିମାପଡ଼ା ପୋଲିସ ଏହି ଚୋରି ଘଟଣାରେ କେବଳ ତଦନ୍ତ କରିଥିବା ବେଳେ ଗୋପ ପୋଲିସ ମଧ୍ୟ ତଦନ୍ତ କରିଥିଲା। ମାତ୍ର ଗୋଟିଏ ରାତିରେ ଦୁଇ ଗୋଟି ଗାଁରୁ ୬ ଜଣଙ୍କ ଘରୁ ଚୋରି ହେବା ଘଟଣାରେ ପୋଲିସ କାହାରିକୁ ଗିରଫ କରି ନାହିଁ। ୨ଟି ଥାନା ପକ୍ଷରୁ ରାତ୍ରି ପାଟ୍ରୋଲିଂ ହେବାର ଆବଶ୍ୟକତା ଥିବାବେଳେ କାହିଁକି ପୋଲିସ ରାତ୍ରି ପାଟ୍ରୋଲିଂ କରୁନାହିଁ ତାହା ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# 'ଏ-୧ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବ'

### ବ୍ଲକରେ ପାସ୍ ହାର ୯୮.୫୪ ପ୍ରତିଶତ

ନିମାପଡ଼ା, ୧୯।୫ (ଡି.ଏନ୍.ଏ.)

ଚଳିତ ମାଟ୍ରିକ ପରୀକ୍ଷାରେ ପୁରୀ ଜିଲାର ନିମାପଡ଼ା ବ୍ଲକ ଆଶାତୀତ ସଫଳତା ହାସଲ କରିଛି। ବ୍ଲକରେ ପାସ୍ ହାର ଶତକଡ଼ା ୯୮.୫୪ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ କହିଛନ୍ତି। ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଏ-୧ ଗ୍ରେଡରେ ପାସ୍ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଚଳିତ ମାସ ଶେଷ ସପ୍ତାହରେ ବ୍ଲକ ସଭାକକ୍ଷରେ ବିଧାୟକ ସମୀର ରଞ୍ଜନ ଦାଶଙ୍କ ପକ୍ଷରୁ ସମ୍ମାନିତ କରାଯିବ ବୋଲି ବିଧାୟକ ଦାଶ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ନିମାପଡ଼ା ବ୍ଲକରେ ୪୮ଟି ସରକାରୀ ହାଇସ୍କୁଲ ଓ ନିମାପଡ଼ା, ଖେଲାର ଆଦି ୨ଟି ସରସ୍ୱତୀ ଶିଶୁ ମନ୍ଦିର ସମେତ ମୋଟ ୫୦ଟି ଉଚ୍ଚ ବିଦ୍ୟାଳୟରେ ୨ହଜାର ୬ଶହ ୨୦ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିରୁ ୨୫୮୨ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବ୍ଲକର ଗଡ଼ପଦନପୁର ପଞ୍ଚାୟତର ଭାଣପୁର ପଞ୍ଚାୟତ ହାଇସ୍କୁଲ ଛାତ୍ରୀ ଅନନ୍ୟାମୟୀ ମିଶ୍ର, ୫୬୦ ରଖି ଶତକଡ଼ା ୯୩.୩୩ ନମ୍ବର ରଖି ବ୍ଲକରେ ଟପ୍ପର ହୋଇ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏହି ବ୍ଲକରେ ପାସ୍ କରିଥିବା ମୋଟରେ ୨୫୮୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ୧ରେ ୨୪ଜଣ, ଏ୨ରେ ୧୭୬ଜଣ, ବି୧ରେ ୪୦୧ଜଣ, ବି୨ରେ ୫୦୩, ସି ଗ୍ରେଡରେ ୬୨୮ଜଣ, ଡି ଗ୍ରେଡରେ ୫୪୦ଜଣ, ଇ ଗ୍ରେଡରେ ୩୦୯ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ମୋଟ ୫୦ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ନିମାପଡ଼ା ଖେଲାର ସରସ୍ୱତୀ ଶିଶୁ ମନ୍ଦିର ସମେତ ମୋଟ ୩୪ଟି ଉଚ୍ଚ ବିଦ୍ୟାଳୟରେ ଭଲ ସଫଳତା ପାଇଥିବା ବ୍ଲକ ଶିକ୍ଷାଧିକାରୀ ପ୍ରଧାନ କହିଛନ୍ତି। ଏଥିପାଇଁ ନିମାପଡ଼ା ନିର୍ବାଚନମଣ୍ଡଳୀର ସମସ୍ତ କୃତୀ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଭାଗବତ ସପ୍ତାହ ପାଳିତ



ସାକ୍ଷୀଗୋପାଳ, ୧୯।୫ (ଡି.ଏନ୍.ଏ.)

ସତ୍ୟବାଦୀ ତୃତୀୟା ଦେବ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠିତ ଶୁକଳ ଗୁଆଳୀ ପାରି ଡେଲାଙ୍ଗ-ବ୍ରହ୍ମଗିରିର ରାସ୍ତାର ମଉନେଇ ଛକଠାରେ ମା' ମୌନେଇ ଭାଗବତ ପ୍ରବଚନ ସପ୍ତାହ ପାଳନ ହୋଇଯାଇଛି। ଏହି ଅବସରରେ ସପ୍ତାହ ବ୍ୟାପୀ ଅତିବଡ଼ୀ ଜଗନ୍ନାଥ ଦାସ ଓ ବ୍ୟାସଦେବ କୃତ ସଂସ୍କୃତ ଭାଗବତ ବିଷୟ ଉପରେ ଆଲୋଚାଚକ୍ର ଚାଲିଥିଲା। ଏଥିରେ ଅଭିଭକ୍ତ ପୁରୀ ଜିଲାର ଅନେକ ପ୍ରବଚକ ଯୋଗଦେଇ ପ୍ରବଚନ ଦେଇଥିଲେ। ଗୁରୁବାର ଏ ଅଞ୍ଚଳର ଚନ୍ଦନପୁରର ସାମାଜିକ କର୍ମୀ ଗୋବିନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ସତ୍ୟବାଦୀ ଅଞ୍ଚଳର ଶିକ୍ଷାବିତ, ସାମାଜିକ କର୍ମୀ କାହ୍ନୁଚରଣ ପ୍ରଧାନ ଭାଗବତ ଓ ଅତିବଡୀ ଜଗନ୍ନାଥ ଦାସଙ୍କ ବିଷୟ ତଥା ଆଠାଇସ ଗ୍ରାମର ଶ୍ରୀଜଗନ୍ନାଥଙ୍କ ଓ ଶୁକଳ ତୃତୀୟା ଦେବ ଜଗନ୍ନାଥଙ୍କ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶୁକଳ ଗୁଆଳିପାରି, ମାର୍କଣ୍ଡପଡା, ବେଦର ପଡା, ଓଲ ଇତ୍ୟାଦି ୧୦ଖଣ୍ଡ ଗ୍ରାମ ଯୁବକ ଯୁବତୀ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

# ଲୁଟ୍ ଷଡ଼ଯନ୍ତ୍ର ରଚିଥିଲେ ବ୍ୟାଙ୍କ କର୍ମଚାରୀ

### ଉଜ୍ଜୀବନ ବ୍ୟାଙ୍କର ୨ କର୍ମଚାରୀ ଗିରଫ

- ୧ଲକ୍ଷ ୯୫ ହଜାର ଟଙ୍କା ଲୁଟ୍ ଘଟଣା ମିଛ
- ଟଙ୍କା, ୩ ମୋବାଇଲ, ଫିଙ୍ଗରପ୍ରିଣ୍ଟ ସ୍କାନର ଜବତ

ପୁରୀ ଅଫିସ, ୧୯।୫

ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ କର୍ମଚାରୀଙ୍କଠାରୁ ୧ଲକ୍ଷ ୯୫ହଜାର ଟଙ୍କା ଲୁଟ୍ ମାମଲାର ପର୍ଦ୍ଦାଫାସ କରିଛି ଚନ୍ଦନପୁର ଥାନା ପୋଲିସ। ତେବେ ଘଟଣା ମିଛ ବୋଲି ଶୁକ୍ରବାର ପୋଲିସ ସୂଚନା ଦେଇଛି। ବ୍ୟାଙ୍କର ଦୁଇ କର୍ମଚାରୀ ନିଜେ ଟଙ୍କା ହଡପ କରି ଲୁଟ୍ ହେବାର ମିଛ ବାହାନା କରି ଧରାପଡ଼ିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ବ୍ୟାଙ୍କର ଗ୍ରାହକ ସମ୍ପର୍କ ଅଧିକାରୀ ସୁଶିଲ ପ୍ରଧାନ(୨୩) ଓ ତାଙ୍କ ସହଯୋଗୀ ସତ୍ୟବାଦୀର ରଜନୀକାନ୍ତ ଜେନା(୨୩)ଙ୍କୁ ପୋଲିସ ଗିରଫ କରିଛି। ଉଭୟ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କଠାରୁ ୧ଲକ୍ଷ ୯୫ହଜାର ୧୫୮ ଟଙ୍କା, ୩ଟି ମୋବାଇଲ ଫୋନ, ଗୋଟିଏ ଫିଙ୍ଗରପ୍ରିଣ୍ଟ ସ୍କାନର ଜବତ ହୋଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୧୨୦/୨୩) ରୁଜୁ କରିଛି।

ସୂଚନା ଅନୁଯାୟୀ, ସୁଶିଲ ବ୍ୟାଙ୍କର ଲୋନ୍ ଟଙ୍କା ଆଦାୟ କରିବା ପାଇଁ ଗତ ଗୁରୁବାର ଚନ୍ଦନପୁର ଯାଇଥିଲେ। ଟଙ୍କା ଆଦାୟ କରିସାରି ସେ ଅଫିସ ଫେରୁଥିଲେ। ଚନ୍ଦନପୁର ଥାନା ଅନ୍ତର୍ଗତ ବାଙ୍ଗୁରୁବା-ଭାର୍ଗବୀ ନଦୀ ନିକଟରେ ତାଙ୍କଠାରୁ ୧ଲକ୍ଷ ୯୫ ହଜାର ଟଙ୍କା ସମେତ ଅନ୍ୟାନ୍ୟ ଜିନିଷ ଲୁଟ୍ ହୋଇଥିବା ନେଇ ସେ ଅଫିସକୁ ଜଣାଇଥିଲେ। ଏନେଇ ବ୍ୟାଙ୍କର ଗ୍ରାହକ ସମ୍ପର୍କ ମ୍ୟାନେଜର ମାନସ କୁମାର ରାଉଳ ଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସର ରଜନୀକାନ୍ତଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଏହି ଷଡ଼ଯନ୍ତ୍ର ପଛରେ ସୁଶିଲଙ୍କ ହାତ ଥିବା ସେ ପୋଲିସକୁ କହିଥିଲେ। ପୋଲିସ ସୁଶିଲଙ୍କୁ ଥାନାକୁ ଆଣି ଜେରା କରିବାରୁ ସେ ସବୁ ସତ ସ୍ୱୀକାର କରିଥିଲେ। ଫଳରେ ଉଭୟଙ୍କୁ ପୋଲିସ ଗିରଫ କରିଥିଲା।



# ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ କେନ୍ଦ୍ରୀୟ ଟିମ୍

ବଳଙ୍ଗା, ୧୯।୫ (ଡି.ଏନ୍.ଏ)

ବଳଙ୍ଗା ଥାନା ଅନ୍ତର୍ଗତ ସାଇଶ ଶାସନ ପଞ୍ଚାୟତକୁ ଶୁକ୍ରବାର ସ୍ୱଚ୍ଛ ଭାରତ ଅଭିଯାନର କେନ୍ଦ୍ରୀୟ ଟିମ୍ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସନ୍ଧ୍ୟା ୬ଟାରେ ଭଗବତୀପୁରଠାରେ କେନ୍ଦ୍ରୀୟ ଟିମ୍ ଓ ହର୍ ଘର୍ ଜଲ୍ ମିଶନର ଅତିରିକ୍ତ ସଚିବ ବିଶାଲ ସାୱଲ ପହଞ୍ଚିବା ପରେ ତାଙ୍କୁ ପଞ୍ଚାୟତ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସେ ଭଗବତୀପୁର ଗ୍ରାମକୁ ଯାଇ ଗ୍ରାମବାସୀ ଗ୍ରାମକୁ ପରିଷ୍କାର ପରିଚ୍ଛନ୍ନ ରଖିଥିବା ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ଭଗବତୀପୁର ବଜାରଠାରେ ହର୍ ଘର୍ ଜଲ୍ ମିଶନରେ ନିର୍ମିତ ଉଚ୍ଚ କ୍ଷମତା ବିଶିଷ୍ଟ ପାଣିଟାଙ୍କିକୁ ଦେଖିଥିଲେ। ପାଣିଟାଙ୍କିରୁ ସ୍ୱଚ୍ଛ ପାଣି ବାହାରୁଛି କି ନାହିଁ, କେତେ ଲୋକ ଏହି ଟାଙ୍କି ଉପରେ ନିର୍ଭରଶୀଳ, ଦିନକୁ କେତେ ସମୟ ପାଣି ଯୋଗାଣ ହେଉଛି ପ୍ରଭୃତି ବିଷୟରେ ସ୍ଥାନୀୟ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟଙ୍କୁ ପଚାରି ବୁଝିଥିଲେ। ବିଦ୍ୟୁତ୍ ବିଲ୍ ପାଇଁ ଅର୍ଥ ଆବଶ୍ୟକ ବୋଲି ସରପଞ୍ଚଙ୍କଠାରୁ ଶୁଣିବା ପରେ ଆଗକୁ ଏକ କମିଟି ଗଠନ କରି ଉକ୍ତ ଟାଙ୍କିର ରକ୍ଷଣାବେକ୍ଷଣ କିପରି କରାଯିବ ସେ ନେଇ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର, ବିଡିଓ ବସନ୍ତ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ବାରିକ, ନିର୍ବାହୀ ଯନ୍ତ୍ରୀ ପ୍ରବୀର ବଳ ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ରୀୟ ଟିମ୍ ସହ ଅନ୍ୟମାନେ।

**ବାବା ଛୋଟାରାମ ଦାସଙ୍କ ଜୟନ୍ତୀ ପାଳିତ**

କୋଣାର୍କ,(ଡି.ଏନ୍.ଏ.)- କୋଣାର୍କସ୍ଥିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥ ସନ୍ନିକଟ ଅଞ୍ଚଳରେ ଥିବା ବାବା ଛୋଟାରାମ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବାବା ଛୋଟାରାମ ଜଣେ ଶିଦ୍ଧ ସାଧକ। ବାବାଙ୍କ ମହିମା ଅପାର। ବାବାଙ୍କୁ ପୂଜାର୍ଚ୍ଚନା କଲେ ସକଳ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏହି ପରିପ୍ରେକ୍ଷୀରେ ବାବାଙ୍କ ଚନ୍ଦ୍ରଭାଗାସ୍ଥିତ ଆଶ୍ରମରେ ଧାର୍ମିକ ରୀତିନୀତି ଅନୁଯାୟୀ ବାବା ଛୋଟାରାମ ଦାସଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଜୟନ୍ତୀ ପାଳନ ଓ ବାର୍ଷିକ ଉତ୍ସବ ସମାରୋହରେ ଓଡ଼ିଶାର କୋଣ ଅନୁକୋଣରୁ ବହୁ ସାଧୁ ସନ୍ନ୍ୟାସୀ ଓ ସନ୍ଥମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବାବାଙ୍କ ପୂଜକ ବାବୁଲି ଦାଶ ବାବାଙ୍କ ପୂଜାଦି କର୍ମମାନ ସମ୍ପାଦନ କରିଥିଲେ। ପରେ ଶ୍ରଦ୍ଧାଳୁମାନେ ବାବାଙ୍କ ପୀଠରେ ପ୍ରସାଦ ସେବନ କରିଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୯।୫।୨୦୨୩

| | |
|---|---|
| ୩,୭୧,୦୩୮ ଟଙ୍କା | |
| ସୁନା | ୨୪୦ ମିଲିଗ୍ରାମ୍ |
| ରୁପା | ୨.୭୦୦ ଗ୍ରାମ୍ |

# ଆର୍‌ଆଇଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ

## ୨ ଗିରଫ, ଟ୍ରାକ୍ଟର ଜବତ

ସାକ୍ଷୀଗୋପାଳ, ୧୯।୫(ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ଥାନା ଅଞ୍ଚଳରେ ବେଆଇନ ମାଟି ଚୋରା ଚାଲାଣ ବେଳେ ଆର୍‌ଆଇ ଚଢ଼ାଉ ପାଇଁ ଯାଇଥିବାବେଳେ ଆକ୍ରମଣ ସହ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁଆଁଲ ଗ୍ରାମର ରାମଚନ୍ଦ୍ର ସ୍ୱାଇଁ(୪୫) ଓ ଚକରପଡା ଗ୍ରାମର ନିରଞ୍ଜନ ସାହୁ (୩୫)। ଘଟଣାରେ ସମ୍ପୃକ୍ତ ଏକ ଟ୍ରାକ୍ଟରକୁ ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ସତ୍ୟବାଦୀ ବ୍ଲକ ରାୟଖଣ୍ଡି ପଞ୍ଚାୟତର ସୁଆଁଲ ଅଞ୍ଚଳର ଏକ ଜମିରୁ ଗୁରୁବାର କେତେଜଣ ବ୍ୟକ୍ତି ବେଆଇନ ମାଟି ଉଠାଇ ଅନ୍ୟତ୍ର ଚାଲାଣ କରୁଥିଲେ। ଖବରପାଇ ତହସିଲଦାରଙ୍କ ନିର୍ଦ୍ଦେଶରେ ରାଇଖଣ୍ଡି ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମାଟି ଉଠା ସମ୍ପର୍କରେ ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରିବା ସମୟରେ ଚାଲାଣକାରୀମାନେ ହଠାତ୍ ତାଙ୍କୁ ଆକ୍ରମଣ କରିବା ସହିତ ଗାଳିଗୁଲଜ କରି ଗାଡି ଚଢ଼ାଇ ଦେବାକୁ ଉଦ୍ୟମ କରିଥିଲେ। ଯାହାଦ୍ୱାରା ସେ ତାଙ୍କର ସରକାରୀ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରିବାରେ ବିଫଳ ହୋଇଥିଲେ। ଏ ସମ୍ପର୍କରେ ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୋଲିସ ଏକ ମାମଲା (ନଂ. ୧୬୯/୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାକୁ ଜିଲା ଆରକ୍ଷୀ ଅଧୀକ୍ଷକ ଗୁରୁତର ସହିତ ନେଇ ତାଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ସତ୍ୟବାଦୀ ଆଇଆଇସି ବିଜୟକେତନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ରାମଚନ୍ଦ୍ର ଓ ନିରଞ୍ଜନଙ୍କୁ ଶୁକ୍ରବାର ଗିରଫ କରିଥିଲେ। ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପୁରୀ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଘଟଣାସ୍ଥଳ ପରିଦର୍ଶନ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ଏଥିରେ ସମ୍ପୃକ୍ତ ଆଉ କିଛି ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।



ଅମାବାସ୍ୟା ଅବସରରେ ଶୁକ୍ରବାର ଅମାବାସ୍ୟା ନାରାୟଣଙ୍କୁ ସାଗର ବିଜେ ନୀତି ପାଇଁ ପୁରୀ ବେଳାଭୂମିକୁ ନିଆଯାଉଛି ।

## ବିନ୍ଧକାମ ଶେଷ, ରଥ ଗୁଜରେ ରୂପ ଖୋଦେଇ



### ରଥଖଳାରୁ ...

ପୁରୀ ଅଫିସ, ୧୯।୫:

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ତିନି ରଥର ଦୁଇଟି ଲେଖାଏ ୨୦ଫୁଟିଆ ଆଗଆଣି, ପଛଆଣି 'ଦଣ୍ଡା ମୁହାଁଟି'ର ଅନୁକୂଳ ପୂଜା ପରେ ବିନ୍ଧକାମ ଶେଷ ହୋଇଛି। ଏହି ଦଣ୍ଡାମୁହାଁଟି ତିନିରଥର ପାଞ୍ଚଦଣ୍ଡାରେ ଆଗ ଓ ପଛଭାଗରେ ସଂଯୋଗ ହେବ। ପ୍ରତି ଦଣ୍ଡା ମୁହାଁଟିରେ ୫ଟି ଲେଖାଏ ବିନ୍ଧ କରାଯାଇଛି। ତିନିରଥର ୧୨ଟି ଲେଖାଏ ଭୂଇଁ ଚଉତାର ବିନ୍ଧ ଅନୁକୂଳ ପୂଜା ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ପରେ ମହାରଣାମାନେ ପ୍ରତି ଚଉତାର ଦୁଇ ପାର୍ଶ୍ୱରେ ଦୁଇଟି ଲେଖଁଏ ବିନ୍ଧ କାର୍ଯ୍ୟ ଶେଷ କରିଛନ୍ତି। (ରଥରେ ଭୂଇଁ ଉଠିଲା ପରେ ଏହି ବିନ୍ଧରେ ପାଖୁଡା ସଂଯୋଗ ହେବ)। ୮ଟି ଲେଖାଏ ଚଉଦ ନାହାକା କାଠରେ ମହାରଣାମାନେ ଆଠ ଅଂଶୀ କୋଣ ବିଶିଷ୍ଟ ନାହାକା ନିର୍ମାଣ ଶେଷ କରିଛନ୍ତି। ଚାରିନାହାକାର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ଶୁକ୍ରବାର ଗରଗରା ନିର୍ମାଣ ପାଇଁ ରଥଚାଳିକୁ ଆମିନ ଭୋଇ ସେବକଙ୍କ ମାଧ୍ୟମରେ ଦୁଇଟି ଲେଖାଏ ୨୦ଫୁଟିଆ ଧଉରା କାଠ ଯୋଗାଇ ଦେଇଥିଲେ। କରତି ସେବକ ସେଗୁଡ଼ିକର ମୁଣ୍ଡ କରତି କଲା ପରେ ମହାରଣାମାନେ ଗରଗରା ଚଉପଟ ଆରମ୍ଭ କରିଛନ୍ତି। କରତି ସେବକମାନେ ନନ୍ଦିଘୋଷ ରଥ ପୋଲ ଗୟଳ ଦୁଇପାର୍ଶ୍ୱ ଚିତା କାର୍ଯ୍ୟ ସାରି ଚିରଟ ପାଇଁ ମାପ ଚିହ୍ନ ଦେଇଛନ୍ତି। ଶନିବାର ଚିରଟ ଆରମ୍ଭ କରିବେ। ରୂପକାର ସେବକମାନେ ରଥ ଗୁଜଗୁଡ଼ିକରେ ରୂପ ଖୋଦେଇ ସହ ରୂପରେ ଅଳଙ୍କାର ତଥା ପଲିସ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି କମାରଶାଳରେ ଓଝା ସେବକମାନେ ତିନିରଥର ଦଣ୍ଡା ପାଇଁ କଣ୍ଟା ତିଆରିରେ ଲାଗିଛନ୍ତି।

## ଟ୍ରେନ୍ ଯାତ୍ରାରେ ରିହାତି ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

ପୁରୀ ଅଫିସ, ୧୯।୫:

ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରେଳମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଟ୍ରେନ୍‌ଗୁଡ଼ିକରେ ଯାତ୍ରା ସମୟରେ ବରିଷ୍ଠ ନାଗରିକମାନଙ୍କୁ ରିହାତି ସୁବିଧା ଦେବା ପାଇଁ ଦାବି କରାଯାଇଛି। କରୋନା ସମୟରେ ବରିଷ୍ଠ ନାଗରିକ ରିହାତି ସୁବିଧା ଅପସାରଣ କରିନିଆଯାଇଥିଲା। ଏପର୍ଯ୍ୟନ୍ତ ଏହି ସୁବିଧାରୁ ବରିଷ୍ଠ ନାଗରିକମାନେ ବଞ୍ଚିତ ଅଛନ୍ତି। ଏନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଞ୍ଚର କର୍ମକର୍ତ୍ତା ଭେଟି ଦାବିପତ୍ର ଦେଇଥିଲେ। ଦୀର୍ଘ ବର୍ଷ ଧରି ଟ୍ରେନ୍‌ରେ ବରିଷ୍ଠ ନାଗରିକଙ୍କୁ ଯେଉଁ ରିହାତି ସୁବିଧା ମିଳୁଥିଲା ତାହାକୁ ତୁରନ୍ତ ଲାଗୁ କରାଗଲେ ଦେଶର ବରିଷ୍ଠ ନାଗରିକମାନେ ଉପକୃତ ହେବେ। ଏଥିପ୍ରତି ସରକାର ଓ ରେଳ ବିଭାଗ ଧ୍ୟାନ ଦେବାକୁ ଅନୁରୋଧ କରାଯାଇଛି । ଦାବିପତ୍ର ଦେବା ବେଳେ ମଞ୍ଚର ସଭାପତି ଡ. କାର୍ତ୍ତିକ କୁମାର ଦାସ, ସମ୍ପାଦକ ଦେବେନ୍ଦ୍ର କୁମାର ଦାଶ, ପ୍ରଫୁଲ୍ଲ କୁମାର ମିଶ୍ର, ସନ୍ତୋଷ ମହାନ୍ତି ଓ ଗୋଲଖ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

**ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ**

ପୁରୀ ଅଫିସ, ୧୯।୫: ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଅବସରରେ ବୁଧବାର ପୁରୀ କମଳା ଦେବୀ ହସ୍ପିଟାଲଠାରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ଲଳିତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚ ରକ୍ତଚାପଜନିତ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ତୁଳିତ ଖାଦ୍ୟ, କମ୍ ଲୁଣ ବ୍ୟବହାର ଏବଂ ସମୟ ସମୟରେ ରକ୍ତଚାପ ପରୀକ୍ଷା କରାଇବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି କମଳା ଦେବୀ ମେଡିକାଲର ଡା. ଅଙ୍କିତା ସ୍ୱାଇଁ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ସମିତି ତଥା ଜିଲା ମୁଖ୍ୟ ଚିକିତ୍ସାଳୟର ଏକ ଟିମ୍ ଯୋଗଦେଇଥିଲେ। 'ହୋପ୍ ଇଜ୍ ଲାଇଫ୍' ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ଉଚ୍ଚ ରକ୍ତଚାପ ପରୀକ୍ଷା କରାଯାଇଥିଲା। ଡା. ସୁଶାନ୍ତ ବିଶ୍ୱାଳ, କସ୍ତୁରୀ ପ୍ରିୟମ୍ବଦା, ନିବେଦିତା ପରିଡ଼ା, ଲକ୍ଷ୍ମୀଧର ଦାସ ଏବଂ ମନୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**'କୁଡୁମ୍ମୀ ବିକାଶ ପରିଷଦ' ଗଠନ କରାଯାଉ**

ପୁରୀ ଅଫିସ, ୧୯।୫: ଓଡ଼ିଶାରେ କୁଡୁମ୍ମୀ ସମ୍ପ୍ରଦାୟଙ୍କ ବିକାଶ ସହ 'କୁଡୁମ୍ମୀ ବିକାଶ ପରିଷଦ' ଗଠନ କରାଯିବାକୁ ଶିବାଜୀ ସାଂସ୍କୃତିକ ସଂଘ ତରଫରୁ ଦାବି କରାଯାଇଛି। ଚକ୍ରତୀର୍ଥ ରୋଡସ୍ଥିତ ଏକ ହୋଟେଲରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ମୁଖ୍ୟ ଆବାହକ ଡ. ମୁକୁନ୍ଦ ଚନ୍ଦ୍ର ମହାନ୍ତ, ସଭାପତି ପ୍ରଭାସ ଚନ୍ଦ୍ର ମହାନ୍ତ ଏବଂ ସାଧାରଣ ସମ୍ପାଦକ ରାମଚନ୍ଦ୍ର ମହାନ୍ତ କହିଥିଲେ ଯେ ଉତ୍ତର ଓଡ଼ିଶାରେ ପ୍ରାୟ ୩୦ ଲକ୍ଷ ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରାୟ ୨୫ ଲକ୍ଷ ଏଭଳି ମୋଟ ୫୫ ଲକ୍ଷ କୁର୍ମୀ ବା କୁଡୁମ୍ମୀ ଜାତିର ଲୋକ ବସବାସ କରନ୍ତି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର ଜିଲାରେ କୁଡୁମ୍ମୀ ସମ୍ପ୍ରଦାୟ ଲୋକେ ରହୁଥିଲେ ମଧ୍ୟ ଏମାନେ ନିଜ ପରିଚୟ ଜାଣିନାହାନ୍ତି। ୧୯୯୪ ମସିହାରେ କେନ୍ଦ୍ର ସରକାର ସଂରକ୍ଷଣ ଲାଗୁ କଲେ, ମାତ୍ର ରାଜ୍ୟ ସରକାର ୨୭ ଶତକଡ଼ା ସଂରକ୍ଷଣ ପ୍ରଦାନ କରିନାହାନ୍ତି। ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ ରାଜ୍ୟ ସରକାର ୧୧.୨୫% ପରିବର୍ତ୍ତେ ୨୭% ସଂରକ୍ଷଣ ବ୍ୟବସ୍ଥା ଲାଗୁ କଲେ ୨୦୯ଟି ଅନଗ୍ରସର ଜାତି ଉପକୃତ ହେବେ। ତେଣୁ ମଣ୍ଡଳ କମିଶନ ସୁପାରିସ ଆଧାରରେ ଓଡ଼ିଶାର ଅନଗ୍ରସର ବର୍ଗଙ୍କୁ ୨୭% ସଂରକ୍ଷଣ ସୁବିଧା ଦିଆଯାଉ। କୁଡୁମ୍ମୀମାନଙ୍କୁ ଅତ୍ୟନ୍ତ ପଛୁଆ ଜାତି ଭାବେ ଶିକ୍ଷାର ଉନ୍ନତି ପାଇଁ ପଦକ୍ଷେପ ନେବା ସହ ରାଜନୀତି କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ୨୭% ସଂରକ୍ଷଣ ବ୍ୟବସ୍ଥା କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଦ୍ମଲୋଚନ ମହାନ୍ତ ଯୋଗଦେଇଥିବାବେଳେ ଉପସଭାପତି ତାରାଚାନ୍ଦ ମହାନ୍ତ ଏବଂ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# 'ସାକ୍ଷରତା ହିଁ ମହିଳା ସଶକ୍ତୀକରଣର ଅସ୍ତ୍ର'

ପୁରୀ ଅଫିସ, ୧୯।୫:

କେବଳ ଅକ୍ଷର ଶିଖିବା ବା ପଢ଼ିପାରିବା ସାକ୍ଷରତା ନୁହେଁ। ସାକ୍ଷର ହେବା ପ୍ରକ୍ରିୟାକୁ ବ୍ୟବହାରିକ କରିବାକୁ ପଡ଼ିବ। ପଢ଼ାଲେଖା ଜାଣିବା ସହ ଡିଜିଟାଲ, ଅର୍ଥନୈତିକ, ବିପର୍ଯ୍ୟୟ ଏବଂ ନାଗରିକ ଅଧିକାର ସମ୍ପର୍କରେ ସାକ୍ଷରତା ଓ ସଚେତନତାର ଆବଶ୍ୟକତା ରହିଛି। ଏହି ସାକ୍ଷରତା ଓ ସଚେତନତା ହିଁ ଦେଶ ବିକାଶରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରିବ ବୋଲି ବୁଧବାର ପୁରୀ ଜିଲାରେ 'ସାକ୍ଷରତା ମାଧ୍ୟମରେ ସେବା' କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି। ଟାଟା ସଷ୍ଟେନ୍‌ବିଲିଟି ଗ୍ରୁପ୍ ସହାୟତାରେ ସାମାଜିକ ସଙ୍ଗଠନ ୟୁଥ୍ କାଉନସିଲ ଫର୍ ଡେଭଲପମେଣ୍ଟ ଅଲ୍‌ଟରନେଟିଭ୍ସ ପକ୍ଷରୁ ବ୍ରହ୍ମଗିରିଠାରେ କାର୍ଯ୍ୟକ୍ରମ ହେଉଛି। ଟିସିଏସ୍ ଏହି କାର୍ଯ୍ୟକ୍ରମର ନଲେଜ ପାର୍ଟନର ରହିଛି। କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ୟୁଥ୍ କାଉନସିଲ ଫର୍ ଡେଭଲପମେଣ୍ଟ ଅଲ୍‌ଟରନେଟିଭ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମେହେର କହିଥିଲେ, ବ୍ରହ୍ମଗିରିରେ ଶତ ପ୍ରତିଶତ ମହିଳା ସାକ୍ଷରତା, ସଶକ୍ତୀକରଣ ଏବଂ ସେମାନଙ୍କ ସକ୍ରିୟ ଅଂଶଗ୍ରହଣ ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହେବ। ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ଠିକ ହିତାଧିକାରୀ ଚୟନ ଉପରେ ଗୁରୁତ୍ୱ ଦେଇଥିଲେ। ଟାଟା ସଷ୍ଟେନ୍‌ବିଲିଟି ଗ୍ରୁପ୍‌ର ଈପ୍ସିତା ଦାସ କିପରି ଡିଜିଟାଲ ମାଧ୍ୟମ ଉପଯୋଗ କରି ବ୍ୟବହାରିକ, ଡିଜିଟାଲ, ଅର୍ଥନୈତିକ, ନାଗରିକ ଅଧିକାର ଓ ବିପର୍ଯ୍ୟୟ ସମ୍ପର୍କିତ ସାକ୍ଷରତା ଓ ସଚେତନତା ସୃଷ୍ଟି କରାଯାଇ ପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ 'ସାକ୍ଷରତା ହିଁ ମହିଳା ସଶକ୍ତୀକରଣର ଅସ୍ତ୍ର' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ସ୍ତମ୍ଭକାର ଶ୍ରୁତକୀର୍ତ୍ତି ତ୍ରିପାଠୀ ଏହାକୁ ସଞ୍ଚାଳନ କରିଥିବାବେଳେ ଜିଲା ଆଇନ ସେଲ୍‌ର ଜୟଶ୍ରୀ ମହାପାତ୍ର, ମିଶନ ଶକ୍ତିର ଆରତି ସାହୁ , ଓଏସ୍‌ଡିଏମଏ ସୁକାନ୍ତ ଦାସ, ଓଡ଼ିଶା ଜୀବିକା ମିଶନର ବନଜାକାନ୍ତ ମାହାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରୋଗ୍ରାମ ମ୍ୟାନେଜର ରୂପମ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ। ବ୍ରହ୍ମଗିରିର ବିଭିନ୍ନ ପଞ୍ଚାୟତରୁ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗଦେଇଥିଲେ।

## ଭଗବତୀଙ୍କ ପୀଠରେ କିନ୍ନରଙ୍କ ସାବିତ୍ରୀ ବ୍ରତ

କୋଣାର୍କ,୧୯।୫(ଡି.ଏନ୍.ଏ.)

କୋଣାର୍କ କିନ୍ନର ସଂଘ ପକ୍ଷରୁ ମା' ଭଗବତୀଙ୍କ ପୀଠରେ ସାବିତ୍ରୀ ବ୍ରତ ପାଳନ କରାଯାଇଛି। କିନ୍ନରମାନେ ନିଜ ଗୁରୁଙ୍କ ଆୟୁଷ ବୃଦ୍ଧି ଓ ନୀରୋଗ କାମନା କରି ପୂଜାର୍ଚ୍ଚନା କରିବା ସହ ବ୍ରତ ଧାରଣ କରିଥିଲେ। ଯେତେବେଳେ କିନ୍ନରମାନେ ସମାଜରୁ ଅବହେଳିତ ହୋଇ ନିଜ ପରିବାରରୁ ବାହାରି ନିଜର ସ୍ୱତନ୍ତ୍ର ପରିବେଶକୁ ଆପଣେଇଥାନ୍ତି ସେତେବେଳେ କେହି ନା କେହି ଆପଣାର କରିଥାନ୍ତି। ଆପଣାର କରିଥିବା ବ୍ୟକ୍ତି ହିଁ ସେମାନଙ୍କର ଗୁରୁ ଅଟନ୍ତି। ନିଜ ଗୁରୁଙ୍କ ଦୀର୍ଘ ଜୀବନ ସହ ମଙ୍ଗଳ କାମନା କରି କିନ୍ନରମାନେ ସାବିତ୍ରୀ ବ୍ରତ ରଖିଥାନ୍ତି। ସଧବା ସ୍ତ୍ରୀ ପରି କିନ୍ନରମାନେ ଫଳମୂଳ ସହିତ ସିନ୍ଦୂର, ଚୁଡ଼ି ଓ ବ୍ରତ ନେଇ ଠାକୁରଙ୍କ ପାଖରେ ସମର୍ପଣ କରି ପରିଧାନ କରିଥାନ୍ତି। ଗୁରୁଙ୍କ ମଙ୍ଗଳ କାମନା କରିବା ସହ ନିଜେ ପାଇଥିବା ଜନ୍ମରୁ ମୁକ୍ତି ପାଇବା ପାଇଁ ଗୁହାରି କରିଥାନ୍ତି। ଏହି ବ୍ରତ ଅବସରରେ କୋଣାର୍କ କିନ୍ନର ସଂଘର ସଭାପତି ଦିପ୍ସା ବାରିକଙ୍କ ତତ୍ତ୍ୱାବଧାନରେ ପାୟଲ, ଶ୍ରଦ୍ଧା, ଶାନ୍ତି, ସୁକାନ୍ତି, ମୁସ୍କାନ, ସନ୍ଧ୍ୟା, ପ୍ରଶାନ୍ତି, ଗାୟତ୍ରୀ, ରଶ୍ମି, ଜୁଲି, ରୁବି ଓ ଶିବାନୀ କିନ୍ନରମାନେ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ସହ ବ୍ରତ ପାଳନ କରିଥିଲେ।

## ଗୋଟିଏ ରାତିରେ ୬ ଚୋରିକୁ ୬ ଦିନ ବିତିଲା

ଗୋପ,୧୯।୫(ଡି.ଏନ୍.ଏ.)

ନିମାପଡ଼ା ଥାନା ସୀମା କୁହାଯାଉଥିବା ଖଡିଶ ଓ ରାଜରାଣି ଗ୍ରାମରେ ଗତ ୧୪ ତାରିଖ ରାତିରେ ୬ ଜଣଙ୍କ ଘରୁ ସୁନା ଅଳଙ୍କାର ସହିତ ଆଉ କେତେକ ଗୃହ ଆସବାବପତ୍ର ଚୋରି ହୋଇଥିବା ୨ଟି ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ ଏ ପର୍ଯ୍ୟନ୍ତ ଏପରିଘଟଣା ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଶରତ କୁମାର ସାହୁ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୧୪ ତାରିଖ ରାତିରେ ଗୋପ ଥାନା ଅନ୍ତର୍ଗତ ଖଡିଶ ଓ ନିମାପଡ଼ା ଥାନା ଅନ୍ତର୍ଗତ ରାଜରାଣି ଗ୍ରାମରେ ଦୁର୍ବୃତ୍ତମାନେ ୬ ଜଣଙ୍କ ଘରେ ପଶି ସୁନା ଅଳଙ୍କାର ସହିତ ଆଉ କେତେକ ଆସବାବପତ୍ର ଚୋରି କରି ନେବା ଭଳି ଅଭିଯୋଗ ଦୁଇ ଗୋଟି ଥାନାରେ ହୋଇଥିଲା। ନିମାପଡ଼ା ପୋଲିସ ଏହି ଚୋରି ଘଟଣାରେ କେବଳ ତଦନ୍ତ କରିଥିବା ବେଳେ ଗୋପ ପୋଲିସ ମଧ୍ୟ ତଦନ୍ତ କରିଥିଲା। ମାତ୍ର ଗୋଟିଏ ରାତିରେ ଦୁଇ ଗୋଟି ଗାଁରୁ ୬ ଜଣଙ୍କ ଘରୁ ଚୋରି ହେବା ଘଟଣାରେ ପୋଲିସ କାହାରିକୁ ଗିରଫ କରି ନାହିଁ। ୨ଟି ଥାନା ପକ୍ଷରୁ ରାତ୍ରି ପାଟ୍ରୋଲିଂ ହେବାର ଆବଶ୍ୟକତା ଥିବାବେଳେ କାହିଁକି ପୋଲିସ ରାତ୍ରି ପାଟ୍ରୋଲିଂ କରୁନାହଁ ତାହା ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଭାଗବତ ସପ୍ତାହ ପାଳିତ




ସାକ୍ଷୀଗୋପାଳ,୧୯।୫(ଡି.ଏନ୍.ଏ.)

ସତ୍ୟବାଦୀ ତୃତୀୟା ଦେବ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠିତ ଶୁକଳ ଗୁଆଲୀ ପାରି ଡେଲାଙ୍ଗ-ବ୍ରହ୍ମଗିରିର ରାସ୍ତାର ମଉନେଇ ଛକଠାରେ ମା' ମୌନେଇ ଭାଗବତ ପ୍ରବଚନ ସପ୍ତାହ ପାଳନ ହୋଇଯାଇଛି। ଏହି ଅବସରରେ ସପ୍ତାହ ବ୍ୟାପୀ ଅତିବଡ଼ୀ ଜଗନ୍ନାଥ ଦାସ ଓ ବ୍ୟାସଦେବ କୃତ ସଂସ୍କୃତ ଭାଗବତ ବିଷୟ ଉପରେ ଆଲୋଚାଚକ୍ର ଚାଲିଥିଲା। ଏଥିରେ ଅଭିଭକ୍ତ ପୁରୀ ଜିଲାର ଅନେକ ପ୍ରବଚକ ଯୋଗଦେଇ ପ୍ରବଚନ ଦେଇଥିଲେ। ଗୁରୁବାର ଏ ଅଞ୍ଚଳର ଚନ୍ଦନପୁରର ସାମାଜିକ କର୍ମୀ ଗୋବିନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ସତ୍ୟବାଦୀ ଅଞ୍ଚଳର ଶିକ୍ଷାବିତ, ସାମାଜିକ କର୍ମୀ କାହ୍ନୁଚରଣ ପ୍ରଧାନ ଭାଗବତ ଓ ଅତିବଡୀ ଜଗନ୍ନାଥ ଦାସଙ୍କ ବିଷୟ ତଥା ଆଠାଇସ ଗ୍ରାମର ଶ୍ରୀଜଗନ୍ନାଥଙ୍କ ଓ ଶୁକଳ ତୃତୀୟା ଦେବ ଜଗନ୍ନାଥଙ୍କ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶୁକଳ ଗୁଆଳିପାରି, ମାର୍କଣ୍ଡପଡା, ବେଦର ପଡା, ଓଲ ଇତ୍ୟାଦି ୧୦ଖଣ୍ଡ ଗ୍ରାମ ଯୁବକ ଯୁବତୀ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

## 'ଏ-୧ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବ'

### ବ୍ଲକରେ ପାସ୍ ହାର ୯୮.୫୪ ପ୍ରତିଶତ

ନିମାପଡ଼ା, ୧୯।୫(ଡି.ଏନ୍.ଏ.)

ଚଳିତ ମାଟ୍ରିକ ପରୀକ୍ଷାରେ ପୁରୀ ଜିଲାର ନିମାପଡ଼ା ବ୍ଲକ ଆଶାତୀତ ସଫଳତା ହାସଲ କରିଛି। ବ୍ଲକରେ ପାସ୍ ହାର ଶତକଡ଼ା ୯୮.୫୪ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ କହିଛନ୍ତି। ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଏ-୧ ଗ୍ରେଡରେ ପାସ୍ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଚଳିତ ମାସ ଶେଷ ସପ୍ତାହରେ ବ୍ଲକ ସଭାକକ୍ଷରେ ବିଧାୟକ ସମୀର ରଞ୍ଜନ ଦାଶଙ୍କ ପକ୍ଷରୁ ସମ୍ମାନିତ କରାଯିବ ବୋଲି ବିଧାୟକ ଦାଶ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ନିମାପଡ଼ା ବ୍ଲକରେ ୪୮ଟି ସରକାରୀ ହାଇସ୍କୁଲ ଓ ନିମାପଡ଼ା, ଖେଲାର ଆଦି ୨ଟି ସରସ୍ୱତୀ ଶିଶୁ ମନ୍ଦିର ସମେତ ମୋଟ ୫୦ଟି ଉଚ୍ଚ ବିଦ୍ୟାଳୟରେ ୨ହଜାର ୬ଶହ ୨୦ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିରୁ ୨୫୮୨ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବ୍ଲକର ଗଡ଼ପଦନପୁର ପଞ୍ଚାୟତର ଭାଣପୁର ପଞ୍ଚାୟତ ହାଇସ୍କୁଲ ଛାତ୍ରୀ ଅନନ୍ୟାମୟୀ ମିଶ୍ର, ୫୬୦ ରଖି ଶତକଡ଼ା ୯୩.୩୩ ନମ୍ବର ରଖି ବ୍ଲକରେ ଟପ୍ପର ହୋଇ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏହି ବ୍ଲକରେ ପାସ୍ କରିଥିବା ମୋଟରେ ୨୫୮୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ୧ରେ ୨୪ଜଣ, ଏ୨ରେ ୧୭୬ଜଣ, ବି୧ରେ ୪୦୧ଜଣ, ବି୨ରେ ୫୦୩, ସି ଗ୍ରେଡରେ ୬୨୮ଜଣ, ଡି ଗ୍ରେଡରେ ୫୪୦ଜଣ, ଇ ଗ୍ରେଡରେ ୩୦୯ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ମୋଟ ୫୦ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ନିମାପଡ଼ା ଖେଲାର ସରସ୍ୱତୀ ଶିଶୁ ମନ୍ଦିର ସମେତ ମୋଟ ୩୪ଟି ଉଚ୍ଚ ବିଦ୍ୟାଳୟରେ ଭଲ ସଫଳତା ପାଇଥିବା ବ୍ଲକ ଶିକ୍ଷାଧିକାରୀ ପ୍ରଧାନ କହିଛନ୍ତି। ଏଥିପାଇଁ ନିମାପଡ଼ା ନିର୍ବାଚନମଣ୍ଡଳୀର ସମସ୍ତ କୃତୀ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବ୍ଲକ ମାଟ୍ରିକ ଟପ୍ପର ମୋନାଲିସାଙ୍କୁ ସମ୍ବର୍ଦ୍ଧନା

ପିପିଲି,୧୯।୫(ଡି.ଏନ୍.ଏ.)

ପିପିଲି ବ୍ଲକରେ ଗୌରବ ଆଣିଥିବା ମାଟ୍ରିକ ଟପ୍ପର ମୋନାଲିସା ମୁଦୁଲିଙ୍କୁ ଶୁକ୍ରବାର ସମ୍ବର୍ଦ୍ଧନା ଦିଆଯାଇଛି। ପିପିଲି ପୋଡଙ୍ଗ ଗ୍ରାମର ଗରିବ ପରିବାରର ଝିଅ ମୋନାଲିସା ନିକଟସ୍ଥ ତେଇଶିପୁର ନୋଡାଲ ହାଇସ୍କୁଲରେ ପଢି ମାଟ୍ରିକ ପରୀକ୍ଷାରେ ୫୭୫ ନମ୍ବର ରଖି ବ୍ଲକରେ ଟପ୍ପର ଓ ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପିପିଲି ଅଞ୍ଚଳ ପାଇଁ ଗୌରବ ଆଣିଥିବାରୁ ସ୍ଥାନୀୟ ରାଜନେତା, ବୁଦ୍ଧିଜୀବୀମାନେ ଉତ୍ସାହିତ ହୋଇ ମୋନାଲିସାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ସ୍ଥାନୀୟ ତେଇଶିପୁର କଲ୍ୟାଣ ମଣ୍ଡପରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସରପଞ୍ଚ ରଶ୍ମିତା ସେନାପତି, ସହଜପୁର ସରପଞ୍ଚ ସତ୍ୟନାରାୟଣ ବଡ଼ିଆ, ଯୁବନେତା ଜୟନ୍ତ କୁମାର ଦାଶ, ଗ୍ରାମ ମୁଖିଆ ଫଗୁ ପରିଡା, ସହକର୍ମୀ ଦେବେନ୍ଦ୍ର ବେହେରା, ମଙ୍ଗୁଲି ବେହେରା, ଜିତେନ୍ଦ୍ର ବରାଳ ପ୍ରମୁଖ ଯୋଗଦେଇ ମାଟ୍ରିକ ବ୍ଲକ ଟପ୍ପର ମୋନାଲିସାଙ୍କୁ ମିଠା ଖୁଆଇ, ଫୁଲତୋଡା ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଦେଇଛନ୍ତି। ଏଥିସହ ତାଙ୍କ ପିତା ବଳରାମ ମୁଦୁଲି, ମାତା ବାସନ୍ତି ମୁଦୁଲି ଓ ଶିକ୍ଷକ ପ୍ରଦୀପ କୁମାରଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିସହ ମୋନାଲିସାଙ୍କ ଏଭଳି ସଫଳତା ପାଇଁ ଅତିଥିମାନେ ପ୍ରୋତ୍ସାହନ ରାଶି ମଧ୍ୟ ତାଙ୍କୁ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଆହୁରି ସଫଳତା ଆଣି ଅଞ୍ଚଳ ପାଇଁ ଆହୁରି ଗୌରବ ଆଣିବ ବୋଲି ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁଙ୍କ ସହ ଅନ୍ୟ ଅତିଥିମାନେ ତାଙ୍କୁ ଉତ୍ସାହିତ କରି କହିଥିଲେ। ମୋନାଲିସା ତାଙ୍କ ସଫଳତା ପାଇଁ ମାବାପାଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସଫଳତାର ଶ୍ରେୟ ଦେଇଥିବା କହି ଆଗାମୀ ଦିନରେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ହେବେ ବୋଲି ସେ ଆଶା ରଖିଥିବା କହିଛନ୍ତି।



ମୋନାଲିସାଙ୍କୁ ଫୁଲତୋଡା ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଉଛି ।

## ବ୍ଲକରେ ମାଟ୍ରିକ ପାସ୍‌ହାର ୯୭.୮%

### ୯୬ ଜଣ ଏ ଗ୍ରେଡ୍, ଛାତ୍ରୀମାନେ ଆଗରେ

କାକଟପୁର ୧୯।୫(ଡି.ଏନ୍.ଏ.)

ଚଳିତ ମାଟ୍ରିକ ପରୀକ୍ଷାରେ କାକଟପୁର ବ୍ଲକରେ ମୋଟ ୧୩୩୫ଜଣ ପରୀକ୍ଷା ଦେଇଥିବା ବେଳେ ୧୩୨୫ଜଣ ଉତ୍ତୀର୍ଣ୍ଣ ହୋଇ ପାସ୍ ହାର ଶତକଡା ୯୭.୮ ହୋଇଛି। ଏଥିସହ ମୋଟ ୯୬ଜଣ ଏ ଗ୍ରେଡ ପାଇଛନ୍ତି। ତ୍ରିଲୋଚନେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ, ମହାଦେବବସ୍ତର ଛାତ୍ରୀ ଆରତି ଦୀପାଳୀ ତ୍ରିପାଠୀ ମୋଟ ୫୬୮ ନଂ ରଖି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଭଗବତୀ ବିଦ୍ୟାପୀଠ, ବାଜପୁରର ଛାତ୍ରୀ ଶୁଭସ୍ମିତା ଦାସ ୫୬୬ ନଂ. ରଖି ଦ୍ୱିତୀୟ ଓ କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ରାଜଲକ୍ଷ୍ମୀ ଦୀକ୍ଷିତ ତୃତୀୟ ସ୍ଥାନ ରହିଛନ୍ତି। ଭଗବତୀ ବିଦ୍ୟାପୀଠ,ବାଜପୁର, ଚିତ୍ରେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ତ୍ରିଲୋଚନେଶ୍ୱରଦେବ ଉଚ୍ଚ ବିଦ୍ୟାଳୟ, ମହାଦେବବସ୍ତ ଏବଂ ୟୁଜିଏମ୍ ଏସ୍ ବିଦ୍ୟାପୀଠ, ଭଣ୍ଡିସାହି ପ୍ରତ୍ୟେକ ଜଣେ ଲେଖାଏ ଛାତ୍ର ଏବଂ ବରୁଣେଇ ଉଚ୍ଚ ବିଦ୍ୟାଳୟ, ପାଟପୁରର ଓ ତ୍ରିଲୋଚନେଶ୍ୱରଦେବ ଉଚ୍ଚ ବିଦ୍ୟାଳୟ, ମହାଦେବବସ୍ତର ପ୍ରତ୍ୟେକ ୨ଜଣ ଏବଂ ଭଗବତୀ ବିଦ୍ୟାପୀଠ, ବାଜପୁର ଓ କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରତ୍ୟେକ ୧ଜଣେ ଛାତ୍ରୀ ଏ-୧ଗ୍ରେଡ ପାଇଥିବା ବେଳେ ଏ-୨ଗ୍ରେଡରେ କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୮ଜଣ, ତ୍ରିଲୋଚନେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ, ମହାଦେବବସ୍ତର ୧୪ଜଣ, ଚିତ୍ରେଶ୍ୱରୀ ଉଚ୍ଚ ବିଦ୍ୟାଳୟର ୧୨ଜଣ. କଣ୍ଟାପଡା ଜି.ପି ଉଚ୍ଚ ବିଦ୍ୟାଳୟ ଓ ୟୁଜିଏମ୍ ଏସ୍ ବିଦ୍ୟାପୀଠ, ଭଣ୍ଡିସାହିର ପ୍ରତ୍ୟେକ ୯ଜଣ, ବଟେଶ୍ୱର ଉଚ୍ଚ ବିଦ୍ୟାଳୟ, ବାଲିଦୋକାନର ଓ ଭଗବତୀ ବିଦ୍ୟାପୀଠ, ବାଜପୁରର ପ୍ରତ୍ୟେକ ୪ଜଣ, ବରୁଣେଇ ଉଚ୍ଚ ବିଦ୍ୟାଳୟ, ପାଟପୁର ଓ ବୀରଭଦ୍ର ବିଦ୍ୟାପୀଠ, ବାଙ୍ଗୁରୀ ଗାଁର ପ୍ରତ୍ୟେକ ୩ଜଣ, ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟ ଓ ବୌଦ୍ଧ ବିହାର ଉଚ୍ଚ ବିଦ୍ୟାଳୟ, ଯମଧର୍ମର ପ୍ରତ୍ୟେକ ୨ଜଣ, ଡି.ଏସ୍ ଉଚ୍ଚ ବିଦ୍ୟାପୀଠ, କାକଟପୁର ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ, ଗୋପୀକାନ୍ତପୁର ଉଚ୍ଚ ବିଦ୍ୟାଳୟ, ନାଟେଶ୍ୱର ପ୍ରାଚୀ ବିଦ୍ୟାପୀଠ, ନାଶିକେଶ୍ୱର, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରସୁଲପୁର, ଜଗନ୍ନାଥ ବିଦ୍ୟାନିକେତନ, କୋଠାଙ୍ଗରୁ ପ୍ରତ୍ୟେକ ୧ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ବ୍ଲକରେ ଛାତ୍ରମାନଙ୍କର ପାସ୍ ହାର ଶତକଡା ୯୯ ଥିବା ବେଳେ ଛାତ୍ରୀମାନଙ୍କର ପାସ୍ ହାର ଶତକଡା ୯୯.୫୪ ରହିଛି ବୋଲି ବ୍ଲକ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତି ଜଣାଇଛନ୍ତି।

### କାକଟପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯ଜଣ ଏ ଗ୍ରେଡ୍

କାକଟପୁର ୧୯।୫(ଡି.ଏନ୍.ଏ.)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସ୍ଥାନୀୟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରୁ ୧୯ଜଣ ଛାତ୍ରୀଛାତ୍ର ଏ ଗ୍ରେଡ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବିଦ୍ୟାଳୟର ଛାତ୍ରୀ ରାଜଲକ୍ଷ୍ମୀ ଦୀକ୍ଷିତ ଏ-୧ ଗ୍ରେଡରେ ୫୬୧ନମ୍ବର ରଖି ବ୍ଲକରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମୋଟ ୧୫୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୨ ରେ ୧୮ଜଣ, ବି-୧ ଗ୍ରେଡରେ ୩୨ଜଣ, ବି-୨ ଗ୍ରେଡରେ ୪୬ଜଣ, ସି ଗ୍ରେଡରେ ୩୬, ଡି ଗ୍ରେଡରେ ୧୫ଜଣ ଓ ଇ ଗ୍ରେଡରେ ୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ କୁମାର ରାଉତ ଜଣାଇଛନ୍ତି।

## ଓଇଏସ୍ ପରୀକ୍ଷା: ୨୬ ତମ ସ୍ଥାନରେ ଓଁକାର ଅନ୍ୱେଷ

ଖୁଣ୍ଟୁଣୀ,(ଡି.ଏନ୍.ଏ.): ଓଡ଼ିଶା ଏଜୁକେଶନ ସର୍ଭିସ (ଓଇଏସ୍) ପରୀକ୍ଷାରେ ଆଠଗଡ଼ ବ୍ଲକ ଅଧୀନ ଗୋବରା ଗ୍ରାମର ଓଁକାର ଅନ୍ୱେଷ ୨୬ ତମ ସ୍ଥାନରେ ରହିଛନ୍ତି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିନାରାୟଣ ସାହୁଙ୍କ ପୁଅ ଓଁକାର ୩ୟ, ୫ମ ଓ ୭ମ ଶ୍ରେଣୀରେ ମେଧାବୃତ୍ତି ପାଇବା ସହ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ଗୋବରା ଓ ଗୁରୁଡିଝାଟିଆ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### କାମରେ ଲାଗୁନି କଣ୍ଟ୍ରୋଲ ରୁମ୍

**କଟକ ଅଫିସ,୧୯।୫:** ଲୋକଙ୍କ ସମସ୍ୟା ଶୁଣିବା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏଥିପାଇଁ ଅର୍ଥ ଖର୍ଚ୍ଚ କରାଯାଇଥିବାବେଳେ ଅନେକଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ଜରୁରୀ ସମୟରେ କଣ୍ଟ୍ରୋଲ ରୁମ୍ କାମରେ ଲାଗୁ ନ ଥିବା ୫୦ନଂ. ୱାର୍ଡର କର୍ପୋରେଟର ସନ୍ତୋଷ ଭୋଳ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବର୍ଷା, ପବନ ସମୟରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟା ଦୂର ପାଇଁ ସେମାନେ କଣ୍ଟ୍ରୋଲ ରୁମ୍‌କୁ ଯୋଗାଯୋଗ କଲେ ମଧ ନିରାଶ ହେବାକୁ ପଡୁଛି। ଶୁକ୍ରବାର କାଳବୈଶାଖୀ ପ୍ରଭାବରେ ଅନେକ ସ୍ଥାନରେ ଗଛ ଭାଙ୍ଗିବା ସାଙ୍ଗକୁ ଘରର ଆଜବେଷ୍ଟସ୍ ଉଡି ଯାଇଥିଲା। ଏ ନେଇ ମୁଁ ସିଏମ୍‌ସି କଣ୍ଟ୍ରୋଲ୍ ରୁମ୍‌କୁ ଫୋନ୍ କରିବାରୁ ସର୍ଭର ଡାଉନ୍ ଅଛି, କିଛି କରାଯାଇପାରିବନି ବୋଲି ଉତ୍ତର ମିଳିଥିଲା। ଲୋକଙ୍କ ଅସୁବିଧା ସମୟରେ ଯଦି ଏହା କାମରେ ନ ଲାଗିବ, ତେବେ କ'ଣ ପାଇଁ ତାହା ଖୋଲାଯାଇଛି ବୋଲି ଭୋଳ ପ୍ରଶ୍ନ କରିଛନ୍ତି। ଏ ନେଇ ସିଏମ୍‌ସିର ପ୍ରତିକ୍ରିୟା ମିଳିପାରିନାହିଁ।

### ରେଭେନ୍‌ଶାରେ କ୍ୟାମ୍ପସ ଚୟନ: ୬୫୦ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି

**କଟକ ଅଫିସ,୧୯।୫:** ପାଠ ପଢିବା ସମୟରେ ଚାକିରି ପାଇବା ପାଇଁ ସବୁ ଛାତ୍ରୀଛାତ୍ରଙ୍କର ସ୍ୱପ୍ନ ରହିଥାଏ। ଏହାକୁ ସାକାର କରିବା ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସବୁ ସମୟରେ ଉଦ୍ୟମ କରିଆସିଛନ୍ତି। ଗତବର୍ଷ ଭଳି ଚଳିତବର୍ଷ ମଧ ରେଭେନ୍‌ଶା ବିଶ୍ୱବିଦ୍ୟାଳରେ ବିଭିନ୍ନ ରାଷ୍ଟ୍ରୀୟ ଶିଳ୍ପଉଦ୍ୟୋଗମାନଙ୍କ ଦ୍ୱାରା ସ୍ନାତକ ଓ ସ୍ନାତକୋତ୍ତର ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ଚଳିତବର୍ଷ ଏପର୍ଯ୍ୟନ୍ତ ମୋଟ୍ ୬୫୨ ଜଣ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସେଥିମଧ୍ୟରୁ ୱିପ୍ରୋ ପାଇଁ ୧୦୨ ଜଣ, ଡେଲଏଟ ପାଇଁ ୮୮ ଜଣ, ପିରାମଲ୍ ଫାଇନାନ୍ସ ପାଇଁ ୮୪, କନ୍ସେନଷ୍ଟିକସ ପାଇଁ ୬୬, ଆସେଞ୍ଚର ପାଇଁ ୪୭, ଟେକ୍ ମହେନ୍ଦ୍ରା ନିମନ୍ତେ ୪୭, ଟିସିଏସ୍ ଭଳି କମ୍ପାନୀରେ ଛାତ୍ରୀଛାତ୍ରମାନେ ନିଯୁକ୍ତି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି, ପିଜି କାଉନସିଲ୍ ଅଧକ୍ଷା, କୁଳସଚିବ, ଛାତ୍ର କଲ୍ୟାଣ ଉପଦେଷ୍ଟା ଓ ନିଯୁକ୍ତି ସଂଯୋଜକ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହା ନିଶ୍ଚୟ ଅଧ୍ୟୟନରତ ପିଲାମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ। ଏହା ସହିତ ନୂତନ ଛାତ୍ରୀଛାତ୍ରମାନେ ଏହି ବିଶ୍ୱବିଦ୍ୟାଳୟରେ ପଢିବା ପାଇଁ ଆଗ୍ରହୀ ହେବେ ବୋଲି ଛାତ୍ର କଲ୍ୟାଣ ଉପଦେଷ୍ଟା ଡ. ଅଳକାନନ୍ଦ ପରିଡ଼ା କହିଛନ୍ତି।

### ୭ ମାସରେ ରାସ୍ତା କାମ ସରିବ

**ଚୌଦ୍ୱାର,୧୯।୫(ଡି.ଏନ୍.ଏ.):** ୫୫ନଂ. ଜାତୀୟ ରାଜପଥର ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଦୀର୍ଘବର୍ଷ ହେବ କଚ୍ଛପ ଗତିରେ ଚାଲିଛି। ଏପରି କି ବେଳେବେଳେ କାମ ବନ୍ଦ ରହୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ଜୋର୍ ଧରିଛି। ଏ ସଂକ୍ରାନ୍ତରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ), ସାଧାରଣ ପ୍ରଶାସନ, ଚୌଦ୍ୱାର ପୌରପାଳିକା ଓ ସ୍ଥାନୀୟ ପୋଲିସ ହସ୍ତକ୍ଷେପ କରି ସମସ୍ୟା ଦୂର କରିବାକୁ ଅନୁରୋଧ କରାଯାଇଥିଲା। ଫଳରେ ଗୁରୁବାରଠାରୁ ପୁଣି କାମ ଆରମ୍ଭ ହୋଇଛି। ଶୁକ୍ରବାର ଏନ୍‌ଏଚ୍‌ଏଆଇ ନିର୍ଦ୍ଦେଶକ, ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବହୁ ପଦାଧିକାରୀ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧାନ କରିବାକୁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ସେମାନେ ଚୌଦ୍ୱାର ଦେଇ ଅନୁଗୋଳ ଯିବା ବାଟରେ ଗାନ୍ଧୀଛକ ନିକଟରେ ସ୍ଥାନୀୟ ଲୋକେ ସେମାନଙ୍କ ଗାଡିକୁ ଅଟକାଇଥିଲେ। ଏଥିସହ ରାସ୍ତା କାମ ବିଳମ୍ବର କାରଣ ଓ କେବେ ସରିବ ବୋଲି ସେମାନଙ୍କୁ ପଚାରିଥିଲେ। ଦୀର୍ଘ ସମୟ ଧରି ଉଭୟ ପକ୍ଷ ମଧରେ ଯୁକ୍ତିତର୍କ ହୋଇଥିଲା। ଆଗାମୀ ୭ମାସ ମଧରେ ରାସ୍ତା କାମ ସରିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ।


କଟକ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମୁଖରେ ବନ୍ଧାଯାଇଥିବା ବାଉଁଶ ଉପୁଡି ପଡିଛି।


ଗଛ ଉପୁଡି ସତୀଚୌରା ରିଂବନ୍ଧ ରାସ୍ତାରେ ପଡିରହିଛି।

# ରାସ୍ତାରେ ଗଛ ଉପୁଡ଼ିଲା, ଘର ଭାଙ୍ଗିଲା

**କଟକ ଅଫିସ/ଖୁଣ୍ଟୁଣୀ, ୧୯।୫(ଡି.ଏନ୍.ଏ.)**


ବାଲିସାହି ବସ୍ତିରେ ଏକ ଘରର ଆଜବେଷ୍ଟସ୍ ଭାଙ୍ଗିଯାଇଛି।


ଗଛ ଉପୁଡି ଖୁଣ୍ଟୁଣୀ ଅଞ୍ଚଳର ଏକ ସ୍କୁଲ ପାଚେରି ଭାଙ୍ଗିଯାଇଛି।

**କାଳବୈଶାଖୀ ପ୍ରଭାବ**

- ସ୍କୁଲ ପାଚେରି ଭାଙ୍ଗିଲା
- କପୁରସିଂହ-କଖଡ଼ି ରାସ୍ତାରେ ଗାଡ଼ି ଚଳାଚଳ ଠପ୍
- ବିଦ୍ୟୁତ୍ ସେବା ବାଧାପ୍ରାପ୍ତ

କଟକ ସହରରେ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଖୁବ୍ ଜୋରରେ ପବନ ବହିବା ସାଙ୍ଗକୁ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଅନେକ ସ୍ଥାନରେ ଗଛ ଭାଙ୍ଗି ପଡିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ଶୁକ୍ରବାର ମଧ୍ୟାହ୍ନରେ ଅସହ୍ୟ ଗରମ ଓ ଗୁଳୁଗୁଳି ହୋଇଥିଲା। ହେଲେ ସନ୍ଧ୍ୟାରେ ହଠାତ୍ ପବନ ବହିବା ସାଙ୍ଗକୁ ବର୍ଷା ହୋଇଥିଲା। ଲୋକମାନେ ତାତିରୁ ସାମାନ୍ୟ ଆଶ୍ୱସ୍ତି ପାଇଥିଲେ। ହେଲେ ଝଡତୋଫାନରେ ତୁଳସୀପୁର, ବିଡାନାସୀ, କୃଷକ ବଜାର, ନୂଆପଡ଼ା ଅଞ୍ଚଳ ସମେତ ସତୀଚୌରା ରିଂବନ୍ଧ ରାସ୍ତା ପାର୍ଶ୍ୱରେ ଥିବା ଗଛଗୁଡିକ ଭାଙ୍ଗି ପଡିଥିଲା। ଫଳରେ ଯାତାୟାତରେ ସମସ୍ୟା ହୋଇଥିଲା। ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମୁଖରେ ବନ୍ଧା ଯାଇଥିବା ବାଉଁଶଗୁଡିକ ଉପୁଡି ପଡିଥିଲା। କଚେରି ରୋଡ୍‌ରେ ଏକ ଗଛଡାଳ ପଡି ହୋଡିଂ ଭାଙ୍ଗିଯାଇଥିଲା। ଏପରି କି ବାଲିସାହି ବସ୍ତି ଅଞ୍ଚଳରେ ଘର ଭାଙ୍ଗିଯିବା ସହ ଆଜବେଷ୍ଟସ ଉଡିଯାଇଥିବା ଦେଖିବାକୁ ମିଳିଥିଲା। ପବନର ବେଗ କମିବା ପରେ ଅଗ୍ନିଶମ କର୍ମଚାରୀମାନେ ରାସ୍ତାରୁ ଗଛଗୁଡିକ ହଟାଇଥିଲେ।

ସେହିପରି ଖୁଣ୍ଟୁଣୀ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ହୋଇଥିଲା। ପ୍ରବଳ ବେଗରେ ପବନ ବହିବାରୁ ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଥିଲା। ଫଳରେ ଖୁଣ୍ଟୁଣୀ, ନଦୀକୂଳ, ଗୁରୁଡିଝାଟିଆ ଅଞ୍ଚଳ ଅନ୍ଧାରରେ ରହିଛି। ସମସ୍ତ ଯୋଗାଯୋଗ ଠପ ହୋଇଯିବାରୁ ନେଟ୍ ସେବା ବନ୍ଦ ରହିଛି। ରାତି ୧୦ଟା ପରେ ପୁନର୍ବାର ବର୍ଷା ହୋଇଥିବାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବା ସମ୍ଭବ ନୁହେଁ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଝଡତୋଫାନ୍ ଯୋଗୁ ଖୁଣ୍ଟୁଣୀ ଥାନା ନିକଟରେ କେତେକ ଦୋକାନର ଆଜବେଷ୍ଟସ ଉଡିଯାଇଥିଲା। କଣ୍ଡରେଇ ପଞ୍ଚାୟତ ଅନ୍ତର୍ଗତ ଡାଲୁଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ଗଛ ଉପୁଡିଯିବାରୁ ପାଚେରି ଭାଙ୍ଗିଯାଇଥିଲା। ଏଥିସହ ବିଦ୍ୟୁତ୍ ତାର ଛିଣ୍ଡି ପଡିଥିଲା। ସେହିପରି ବଡ଼ ଗଛ ଭାଙ୍ଗି ପଡିବାରୁ ଖୁଣ୍ଟୁଣୀ-କଣ୍ଡରେଇ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। କପୁରସିଂରୁ କଖଡ଼ିକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡିବାରୁ ଯାନବାହନ ଚଳାଚଳ ଠପ ହୋଇଯାଇଛି। ନୂଆପାଟଣା-ଆଠଗଡ଼ ରାସ୍ତାର ପ୍ରସନ୍ନାପୁରଠାରେ ଏକ ଆମ୍ବଗଛ ଭାଙ୍ଗି ପଡିବାରୁ ପ୍ରାୟ ୧ ଘଣ୍ଟା ପାଇଁ ଯାତାୟାତରେ ସମସ୍ୟା ହୋଇଥିଲା। ଅନେକ ସ୍ଥାନରେ ଚାଳ ଛପର ଉଡିଯାଇଥିବା ଦେଖିବାକୁ ମିଳିଥିଲା।

## ଭାରତୀୟ ସଂସ୍କୃତି ଯାତ୍ରା ମହୋତ୍ସବ

**କଟକ ଅଫିସ, ୧୯।୫**

ଭାରତୀୟ ସଂସ୍କୃତି ଯାତ୍ରା ମହୋତ୍ସବ କଟକ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୋଲକାତାସ୍ଥିତ ହିନ୍ଦୁସ୍ଥାନ ଆର୍ଟ ଆଣ୍ଡ୍ ମ୍ୟୁଜିକ୍ ସୋସାଇଟି ଏବଂ କଟକ କଳା ବିକାଶ କେନ୍ଦ୍ରର ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି କହିଥିଲେ, ଉକ୍ତ ଦୁଇ ଅନୁଷ୍ଠାନର ସଂଯୋଗରେ ଭାରତୀୟ ସଂସ୍କୃତିର ଐତିହ୍ୟ ବିକଶିତ ହେବାରେ ସହାୟକ ହେବ। ହିନ୍ଦୁସ୍ଥାନ ଆର୍ଟ ଆଣ୍ଡ୍ ମ୍ୟୁଜିକ୍ ସୋସାଇଟିର ସମ୍ପାଦକ ପ୍ରସେନଜିତ୍ ପୋଦ୍ଦାର କହିଥିଲେ, ଉକ୍ତ ମହୋତ୍ସବରେ ଓଡ଼ିଶାର ସହଯୋଗ ବିଶେଷକରି କଳା ବିକାଶ କେନ୍ଦ୍ରର ଦାୟିତ୍ୱବୋଧ ଏହି ଧାରାକୁ ପ୍ରସାରିତ କରିବ। ଗୁରୁ ଗଜେନ୍ଦ୍ର ପଣ୍ଡା କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। କେନ୍ଦ୍ରର ସାଧାରଣ ସମ୍ପାଦକ ପ୍ରସେନଜିତ ମହାନ୍ତି ସ୍ୱାଗତ ଭାଷଣ ଓ ଉପସଭାପତି ରାଧାମୋହନ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। କେନ୍ଦ୍ରର ଯୁଗ୍ମ ସମ୍ପାଦିକା ସୁଦୀପ୍ତା ଦାଶ ଧନ୍ୟବାଦ ଦେଇଥିଲେ। ଗୁରୁ ଅନିତା ଶର୍ମା ଏବଂ ଗୁରୁ ଡ. ସଞ୍ଚିତା ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଯୁଗଳବନ୍ଦୀ ସରସ୍ୱତୀ ବନ୍ଦନା ପରିବେଷିତ ହୋଇଥିଲା। ଏହାକୁ ଦେଖି ଦର୍ଶକ ବିଭୋର ହୋଇଯାଇଥିଲେ। ସେହିପରି ସଞ୍ଚିତା ଭଟ୍ଟାଚାର୍ଯ୍ୟ ଏକକ ନୃତ୍ୟ ସତୀ ଦ୍ରୌପଦୀ ପରିବେଷଣ କରିଥିଲେ। ସୁମନ ଭଟ୍ଟାଚାର୍ଯ୍ୟ ଓ ଆହେରୀ ଦାସଙ୍କ ଦ୍ୱାରା ସିତାର ଓ ତବଲା ପରିବେଷଣ କରାଯାଇଥିଲା। କେନ୍ଦ୍ରର ପରଫରମିଂ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଦୁର୍ଗା ତାଣ୍ଡବ ପରିବେଷଣ ହୋଇଥିଲା। କେନ୍ଦ୍ରର କାର୍ଯ୍ୟକାରୀ ସଦସ୍ୟା ଡ. ସ୍ନେହ ମିଶ୍ର ଓ ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର ନାଥ ଜଟ ମଞ୍ଚ ପରିଚାଳନା କରିଥିଲେ।

# 'ସ୍ୱପ୍ନ ସାକାର ପାଇଁ କଠିନ ପରିଶ୍ରମ ଲୋଡ଼ା'



ଜୟଶ୍ରୀ ଅଡିଟୋରିୟମରେ ଅତିଥିମାନେ ବାର୍ଷିକ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୧୯।୫**

**ଡ୍ରିମ୍‌ସ ପଲିଟେକ୍‌ନିକରେ 'ଚଳନ୍ତିକା-୨୦୨୩'**

ଡ୍ରିମ୍‌ସ ପଲିଟେକ୍‌ନିକର ବାର୍ଷିକ ସାଂସ୍କୃତିକ ପର୍ବ 'ଚଳନ୍ତିକା-୨୦୨୩' ଜୟଶ୍ରୀ ଅଡିଟୋରିୟମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କହିଥିଲେ, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ଲାଗି ଦୃଢ ଆତ୍ମବିଶ୍ୱାସ, ସକାରାତ୍ମକ ଭାବନା ଓ ନିରନ୍ତର ପ୍ରୟାସ ଜାରି ରଖିବାକୁ ହେବ। ସେହିପରି ମୁଖ୍ୟ ଅତିଥି 'ରୁଚି ଉଦ୍ୟୋଗ'ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ କହିଥିଲେ, ସ୍ୱପ୍ନ ସାକାର କରିବାକୁ ହେଲେ ସଂକଳ୍ପ ଓ କଠିନ ପରିଶ୍ରମ ଲୋଡା। ସମ୍ମାନିତ ଅତିଥି ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ କହିଥିଲେ, ସନ୍ତାନର ସଫଳତା ହିଁ ମାତାପିତାଙ୍କୁ ଅଶେଷ ଖୁସୀ ଓ ଆତ୍ମତୃପ୍ତି ଦେଇଥାଏ। ପିଲାମାନେ ଏହାକୁ ମନରେ ରଖି ଆଗକୁ ବଢିବା ଉଚିତ୍। ଅନ୍ୟତମ ସମ୍ମାନିତ ଅତିଥି 'ଡ୍ରିମ୍‌ସ'ର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତିଭାର ଉନ୍ମେଷ ଉପରେ ଗୁରୁତ୍ୱାରୋପ କରିଥିଲେ। ପଲିଟେକ୍‌ନିକ୍‌ର ଏକାଡେମିକ୍ ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ, ଅଧକ୍ଷା ଇଂ. ତପସ୍ୱିନୀ ସାହୁ ବିବରଣୀ ଉପସ୍ଥାପନ, ଅଧ୍ୟାପକ ଦେବବ୍ରତ ପତି ଓ ଅଧ୍ୟାପିକା ମିନାକ୍ଷୀ ସିଂ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଏହି ଅବସରରେ ବାର୍ଷିକ ମୁଖପତ୍ର 'ଟେକ୍‌ନୋ ପଲ୍‌ସ' ଉନ୍ମୋଚନ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପିକା ପ୍ରଜ୍ଞା ପାରମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଗଣ୍ଡଗୋଳ, ୫ ଗିରଫ

**କଟକ ସଦର,୧୯।୫(ଡି.ଏନ୍.ଏ.):** କନ୍ଦରପୁର ଥାନା ଅନ୍ତର୍ଗତ ରାଜହଂସ ଗ୍ରାମରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ରାଜହଂସ ଗ୍ରାମର ଆଦର୍ଶ ସାମଲ, ବଣ୍ଟି ସାମଲ, ପ୍ରକାଶ ସାମଲ, ଅନନ୍ତ ସାମଲ, ଅକ୍ଷୟ ସାମଲ। ଗୁରୁବାର ରାଜହଂସ ଗ୍ରାମରେ ଦୁଇ ଦଳ ମଧରେ କ୍ରିକେଟ୍ ଖେଳ ହେଉଥିଲା। କୌଣସି କାରଣ ନେଇ ଦୁଇ ଦଳ ମଧରେ ମାର୍‌ପିଟ୍ ହୋଇଥିଲା। ଏ ନେଇ ଉକ୍ତ ଗ୍ରାମର ମୁନା ସାମଲ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୦/୨୩) ରୁଜୁ କରିଥିଲା।

## କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ

**ଚୌଦ୍ୱାର,୧୯।୫(ଡି.ଏନ୍.ଏ.)**

ଚୌଦ୍ୱାରସ୍ଥିତ ସତ୍ୟନାରାୟଣ ଖେଳ ପଡିଆରେ ଓଟିଏମ୍ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟର ଟ୍ରଫିକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉନ୍ମୋଚନ କରିଥିଲେ। ଏହି ଅବସରରେ ଆୟୋଜକ କମିଟି ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, କମିଟି ଚେୟାରମ୍ୟାନ ସୁବ୍ରତ ସାମଲ, ନଗର ସଭାପତି ବିଷ୍ଣୁ ଚରଣ ପରିଡା, କାଉନସିଲର ଆଶୁତୋଷ ଦାସ, ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ନୀଳମଣି କର, ସାମାଜିକ କର୍ମୀ ଅବ୍‌ଦୁଲ୍ ସତାର, ଯୁବ ସଙ୍ଗଠକ ଗଜେନ୍ଦ୍ର ସାହୁ, ଅଶୋକ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟରେ ସାମିଲ ହୋଇଥିବା ୮ଟି ଟିମ୍‌ର ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କମିଟି ପକ୍ଷରୁ ଅଞ୍ଚଳର ସମସ୍ତ ଗଣମାଧ୍ୟମର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅର୍ଜୁନ ପଣ୍ଡା ଓ ଅନ୍ୟମାନେ ପରିଚାଳନା କରିଥିଲେ ।

# ଅଭିଯୁକ୍ତଙ୍କ ଗିରଫ ଦାବି


ସଫେଇ କର୍ମଚାରୀ ମହାସଂଘ ପକ୍ଷରୁ ଆଇଆଇସିଙ୍କୁ ଦାବିପତ୍ର ଦିଆଯାଉଛି।

**କଟକ ଅଫିସ,୧୯।୫**

**ସଫେଇ କର୍ମଚାରୀଙ୍କୁ ବଳାତ୍କାର ମାମଲା**

ଏସ୍‌ସିବି ମେଡିକାଲରେ ନିୟୋଜିତ ଏକ ଘରୋଇ ସଂସ୍ଥାର ସଫେଇ କର୍ମଚାରୀଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କ ଗିରଫ ଦାବି କରାଯାଇଛି। ସଫେଇ କର୍ମଚାରୀ ମହାସଂଘ ପକ୍ଷରୁ ଏନେଇ ମଙ୍ଗଳାବାଗ ଆଇଆଇସିଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଜଗତପୁର ନିମପୁର ବସ୍ତିରେ ରହୁଥିବା ସମ୍ପୃକ୍ତା ମହିଳା ଜଣଙ୍କ ଏସ୍‌ସିବି ମେଡିକାଲରେ ନିୟୋଜିତ ଏକ ଘରୋଇ ସଂସ୍ଥାର ସୁଇପର୍ ଭାବେ କାମ କରନ୍ତି। ମେଡିକାଲର କାଜୁଆଲ୍‌ଟି ଓ ହାଉସ୍ ସର୍ଜନଙ୍କ ହଷ୍ଟେଲରେ ସେ ଡ୍ୟୁଟି କରନ୍ତି। ଉକ୍ତ ଘରୋଇ ସଂସ୍ଥାର ଜଣେ କର୍ମଚାରୀ ସମ୍ପୃକ୍ତ ମହିଳାଙ୍କୁ ଗତ ୭ ତାରିଖରେ ହାଉସ୍ ସର୍ଜନଙ୍କ ହଷ୍ଟେଲର ୧୫ ନମ୍ବର କୋଠରୀକୁ କିଛି କାମ କରିବା ଆଳରେ ଡାକିଥିଲେ। ପରେ ସେ ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବା ପାଇଁ ମଧ ଧମକ ଦେଇଥିଲେ। ଏ ନେଇ ମହିଳା ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଏନେଇ ଆଇଆଇସି ସୁଧାଂଶୁ ଜେନା କହିଛନ୍ତି, ଘଟଣା ପରଠାରୁ ଅଭିଯୁକ୍ତ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ। ଅପରପକ୍ଷରେ ଅଭିଯୁକ୍ତଙ୍କ ସମେତ ଠିକାସଂସ୍ଥାର ମାଲିକଙ୍କୁ ଗିରଫ କରିବା ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି ବୋଲି କର୍ମକର୍ତ୍ତା ଦେବାଶିଷ ରାଉତ, ବିଷ୍ଣୁ ନାୟକ, ବାବୁ ନାୟକ, ଦୀପକ କୁମାର ଦାସ, ରାକେଶ ନାୟକ ଓ ମମତା ନାୟକ ପ୍ରମୁଖ କହିଛନ୍ତି।


ସାବିତ୍ରୀ ବ୍ରତ ପାଳନ ଅବସରରେ ଶୁକ୍ରବାର କଟକ କ୍ୟାଣ୍ଟନମେଣ୍ଟ ରୋଡ଼ସ୍ଥିତ ଆଖଣ୍ଡଳମଣି ମନ୍ଦିରରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।


କଟକ ମିଶନରୋଡ଼ସ୍ଥିତ ଭଞ୍ଜମଣ୍ଡପରେ କଳିଙ୍ଗ ଭାରତୀ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ସପ୍ତାହର ଶୁକ୍ରବାର ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଭୁବନେଶ୍ୱରରେ କଳାହାଣ୍ଡିଆ ମେଘ...ଧୂଳିଝଡ଼...ବର୍ଷା



ଭୁବନେଶ୍ୱର,୧୯।୫(ବ୍ୟୁରୋ)- ରାଜଧାନୀରେ ଶୁକ୍ରବାର ଦିନ ତମାମ ଖରା ଓ ଗୁଳୁଗୁଳି ଅନୁଭୂତ ହୋଇଥିଲା। ମାତ୍ର ସନ୍ଧ୍ୟା ପ୍ରାୟ ୬ଟା ବେଳକୁ ଛାରିଆଡ଼େ କଳାହାଣ୍ଡିଆ ମେଘ ଘୋଟିଯାଇଥିଲା। ଏହାସହ ପ୍ରବଳ ବେଗରେ ଧୂଳି ଝଡ ହୋଇଥିଲା। ପବନର ବେଗ ଏତେ ତୀବ୍ର ଥିଲା ଯେ, ଅନେକ ସ୍ଥାନରେ ଗଛର ଡ଼ାଳ ଭାଙ୍ଗିବା ସହ ଗଛ ମଧ୍ୟ ଉପୁଡ଼ି ପଡ଼ିଥିଲା। ଧୂଳିଝଡ଼ କାରଣରୁ ବାଇକ୍ ଓ ସାଇକେଲରେ ଲୋକାମାନେ ଯାତାୟତ କରିବା କଷ୍ଟକର ହୋଇପଡ଼ିଥିଲା। ପରେ ଘଡଘଡ଼ି ବିଜୁଳି ସହ ଅଧାଘଣ୍ଟାଏରୁ ଅଧିକ ସମୟ ଧରି ପ୍ରବଳ ବର୍ଷା ମଧ୍ୟ ହୋଇଥିଲା। ପ୍ରବଳ ବର୍ଷା କାରଣରୁ ରାସ୍ତାରେ ପାଣି ଚାଲିବାକୁ ଲାଗିଥିଲା। ବର୍ଷାରୁ ବର୍ତ୍ତିବା ପାଇଁ ଲୋକମାନେ ଓଭରବ୍ରିଜ୍ ତଳ, ଦୋକାନ ଘର ଆଦି ସ୍ଥାନରେ ଆଶ୍ରୟ ନେଇଥିଲେ। ଫଳରେ ତେବେ ଏଥିଯୋଗୁ ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥିଲା।



## ସଂକ୍ଷେପରେ

### କୂଅରେ ପଡ଼ି ୨ ଜୀବନଗଲା

ଖୋର୍ଦ୍ଧା ଅଫିସ/ବାଣପୁର/ଗମ୍ଭାରୀମୁଣ୍ଡା, ୧୯।୫(ଡି.ଏନ୍.ଏ.)

ଖୋର୍ଦ୍ଧା ପଲ୍ଲାହାଟ ବଜାର ନିକଟରେ ଖୋଲା କୂଅରେ ପଡିଯିବାରୁ ଜଣେ ଯୁବକଙ୍କ ମତ୍ୟୁ ଘଟିଛି। ମୃତକ ହେଲେ ପଲ୍ଲାହାଟ ନିକଟ ଏକ ଦୋକାନରେ କାର୍ଯ୍ୟ କରୁଥିବା ହଳଦୀପଦା ଗ୍ରାମର ଜିତେନ୍ଦ୍ର ସାହୁ। ସୂଚନା ମୁତାବକ, ସାବିତ୍ରୀ ପାଇଁ ଜିତେନ୍ଦ୍ର ସ୍ତ୍ରୀଙ୍କ ପାଇଁ ଶଙ୍ଖା କିଣିବାକୁ ଯାଇ ପରିସ୍ରା କରିବାକୁ ହାଟ ବଜାର ନିକଟ ରାସ୍ତା କଡକୁ ଯାଉଥିବା ବେଳେ ସେଠାରେ ଥିବା ଏକ ଖୋଲା କୂଅରେ ପଡି ଯାଇଥିଲେ। ସ୍ଥାନୀୟ ଅଞ୍ଚଳର ଯୁବକମାନେ ଦେଖିବା ପରେ ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଜିତେନ୍ଦ୍ରଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାଣପୁର ଥାନା ଅନ୍ତର୍ଗତ ଗୋପାଳପୁର ଶାସନ ଗ୍ରାମର ହାଡ଼ିବନ୍ଧୁ ରଣା (୮୦) କୂଅରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଘର ବାରିପଟେ ଥିବା କୂଅରୁ ହାଡ଼ିବନ୍ଧୁ ପାଣି କାଢ଼ି ଗାଧୋଉଥିବା ବେଳେ ଅସାବଧାନତାରୁ କୂଅରେ ପଡ଼ିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ହାଡ଼ିବନ୍ଧୁଙ୍କୁ କୂଅରୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଫ୍ରିଜ୍ କମ୍ପ୍ରେସର ଫାଟି ଅଗ୍ନିକାଣ୍ଡ

ଖୋର୍ଦ୍ଧା ଅଫିସ,୧୯।୫

ଶୁକ୍ରବାର ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ଘରେ ଥିବା ଫ୍ରିଜ୍ କମ୍ପ୍ରେସର ଫାଟିଯିବାରୁ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ କର୍ମଚାରୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିବା ବେଳେ ବିଧାୟକଙ୍କ ପରିବାରର କାହାର କିଛି କ୍ଷତି ହୋଇ ନାହିଁ। ସୂଚନା ମୁତାବକ, ସକାଳ ୯ଟାରେ ବିଧାୟକ ମିତ୍ରଙ୍କ ରୋଷେଇ ଘରୁ ହଠାତ୍ ପ୍ରଚଣ୍ଡ ଶବ୍ଦ ହୋଇଥିଲା। କେହି କିଛି ବୁଝିବା ପୂର୍ବରୁ ଫ୍ରିଜ ଓ ଉକ୍ତ ଘର ସମ୍ପୂର୍ଣ୍ଣ ଧୂଆଁମୟ ହୋଇଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଧାୟକଙ୍କ ପରିବାରର କାହାରି କିଛି କ୍ଷତି ହୋଇ ନ ଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

### ସରପଞ୍ଚଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ବାପପୁଅ ଗିରଫ

ନିମାପଡ଼ା,୧୯।୫(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ଚଅଁରପଦା ଗ୍ରାମ ପଞ୍ଚାୟତର ସରପଞ୍ଚ ତପନ କୁମାର ମଲ୍ଲିକଙ୍କୁ କୌଣସି କାରଣକୁ ନେଇ ଦୁର୍ବ୍ୟବହାର, ଗାଳିଗୁଲଜ କରିବା ଅଭିଯୋଗରେ ପୋଲିସ ବାପପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଧୀରେନ୍ଦ୍ର ବାରିକ, ତାଙ୍କ ପୁଅ ବଳରାମ ବାରିକ। ଏ ନେଇ ପୋଲିସ ଏକ ମାମଲା(ନଂ.୧୬୪/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଧୀରେନ୍ଦ୍ର ଚଅଁରପଦା ଗ୍ରାମ ଓ ଛକରେ ଦୀର୍ଘଦିନ ଧରି ଚୋରା ମଦ କାରବାର କରୁଛନ୍ତି। ଚୋରା ମଦ କାରବାର ସମ୍ପର୍କରେ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରିବାରୁ ସରପଞ୍ଚ ମଲ୍ଲିକ ଗ୍ରାମରେ ଏହି କାରବାର ନ କରିବାକୁ ଧୀରେନ୍ଦ୍ରଙ୍କୁ କହିଥିଲେ। ବାରମ୍ବାର ତାଗିଦ କରିବାରୁ ଧୀରେନ୍ଦ୍ର ଏଥିରେ କ୍ରୋଧାନ୍ୱିତ ହୋଇ ପୁଅ, ସ୍ତ୍ରୀ ସହ ଆସି ସରପଞ୍ଚଙ୍କୁ ଦୁର୍ବ୍ୟବହାର ସହ ଗାଳିଗୁଲଜ କରିଥିଲେ। ଏ ନେଇ ସରପଞ୍ଚ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏଥିସହ ଚଅଁରପଦା ଗ୍ରାମ ଓ ଛକରେ ମଦ କାରବାରକୁ ବନ୍ଦ କରିବା ସହ ଧୀରେନ୍ଦ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

### ୩ ଲକ୍ଷର ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ

ନିମାପଡ଼ା,୧୯।୫(ଡି.ଏନ୍.ଏ.)

ଚାରିଛକ ଥାନା ପୋଲିସ କଳାପାଞ୍ଚଣ ଛକରେ ଶୁକ୍ରବାର ସକାଳେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ଶ୍ରୀରାମପୁର ମଠ ସାହି ଗ୍ରାମର ପ୍ରତାପ କୁମାର ରାଉତ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତାଙ୍କଠାରୁ ୨୫ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରାଯାଇଛି ବୋଲି ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ପ୍ରମୁଖ ଚାରିଛକ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି କହିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୫୪/୨୩) ରୁଜୁ କରି ତଦନ୍ତ ଚଳାଇଛି। କଳାପାଞ୍ଚଣ ଛକରେ ବ୍ରାଉନସୁଗାର ବିକ୍ରି ହେଉଥିବା ନେଇ ପୋଲିସ ନିକଟରେ ଖବର ମିଳିଥିଲା।

# ରାସ୍ତାରେ ଗଛ ଉପୁଡ଼ିଲା, ଘର ଭାଙ୍ଗିଲା

## କଟକ ଜିଲାରେ କାଳବୈଶାଖୀ ତାଣ୍ଡବ

କଟକ ଅଫିସ/ଖୁଣ୍ଟୁଣୀ, ୧୯।୫(ଡି.ଏନ୍.ଏ.)

କଟକ ସହରରେ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଖୁବ୍ ଜୋରରେ ପବନ ବହିବା ସାଙ୍ଗକୁ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଅନେକ ସ୍ଥାନରେ ଗଛ ଭାଙ୍ଗି ପଡିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ଶୁକ୍ରବାର ମଧ୍ୟାହ୍ନରେ ଅସହ୍ୟ ଗରମ ଓ ଗୁଳୁଗୁଳି ହୋଇଥିଲା। ହେଲେ ସନ୍ଧ୍ୟାରେ ହଠାତ୍ ପବନ ବହିବା ସାଙ୍ଗକୁ ବର୍ଷା ହୋଇଥିଲା। ଲୋକମାନେ ତାତିରୁ ସାମାନ୍ୟ ଆଶ୍ୱସ୍ତି ପାଇଥିଲେ। ହେଲେ ଝଡତୋଫାନରେ ତୁଳସୀପୁର, ବିଡାନାସୀ, କୃଷକ ବଜାର, ନୂଆପଡ଼ା ଅଞ୍ଚଳ ସମେତ ସତୀଚୌରା ରିଂବନ୍ଧ ରାସ୍ତା ପାର୍ଶ୍ୱରେ ଥିବା ଗଛଗୁଡିକ ଭାଙ୍ଗି ପଡିଥିଲା। ଫଳରେ ଯାତାୟତରେ ସମସ୍ୟା ହୋଇଥିଲା। ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମୁଖରେ ବନ୍ଧା ଯାଇଥିବା ବାଉଁଶଗୁଡିକ ଉପୁଡି ପଡିଥିଲା। କଚେରି ରୋଡ୍‌ରେ ଏକ ଗଛଡାଳ ପଡି ହୋର୍ଡିଂ ଭାଙ୍ଗି ଯାଇଥିଲା। ଏପରି କି ବାଲିସାହି ବସ୍ତି ଅଞ୍ଚଳରେ ଘର ଭାଙ୍ଗିଯିବା ସହ ଆଜବେଷ୍ଟସ ଉଡି ଯାଇଥିବା ଦେଖିବାକୁ ମିଳିଥିଲା। ପବନର ବେଗ କମିବା ପରେ ଅଗ୍ନିଶମ କର୍ମଚାରୀମାନେ ରାସ୍ତାରୁ ଗଛଗୁଡିକ ହଟାଇଥିଲେ।

ସେହିପରି ଖୁଣ୍ଟୁଣୀ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ହୋଇଥିଲା। ପ୍ରବଳ ବେଗରେ ପବନ ବହିବାରୁ ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଥିଲା। ଫଳରେ ଖୁଣ୍ଟୁଣୀ, ନଦୀକୂଳ, ଗୁରୁଡିଝାଟିଆ ଅଞ୍ଚଳ ଅନ୍ଧାରରେ ରହିଛି। ସମସ୍ତ ଯୋଗାଯୋଗ ଠପ ହୋଇଯିବାରୁ ନେଟ୍ ସେବା ବନ୍ଦ ରହିଛି। ରାତି ୧୦ଟା ପରେ ପୁନର୍ବାର ବର୍ଷା ହୋଇଥିବାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବା ସମ୍ଭବ ନୁହେଁ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଝଡତୋଫାନ୍ ଯୋଗୁ ଖୁଣ୍ଟୁଣୀ ଥାନା ନିକଟରେ କେତେକ ଦୋକାନର ଆଜବେଷ୍ଟସ ଉଡିଯାଇଥିଲା। କଣ୍ଡରେଇ ପଞ୍ଚାୟତ ଅନ୍ତର୍ଗତ ଡାଲୁଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ଗଛ ଉପୁଡିଯିବାରୁ ପାଚେରି ଭାଙ୍ଗିଯାଇଥିଲା। ଏଥିସହ ବିଦ୍ୟୁତ୍ ତାର ଛିଣ୍ଡି ପଡିଥିଲା। ସେହିପରି ବଡ଼ ଗଛ ଭାଙ୍ଗି ପଡିବାରୁ ଖୁଣ୍ଟୁଣୀ-କଣ୍ଡରେଇ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। କପୁରସିଂରୁ କଖଡ଼ିକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡିବାରୁ ଯାନବାହନ ଚଳାଚଳ ଠପ ହୋଇଯାଇଛି। ନୂଆପାଟଣା-ଆଠଗଡ଼ ରାସ୍ତାର ପ୍ରସନ୍ନାପୁରଠାରେ ଏକ ଆମ୍ବଗଛ ଭାଙ୍ଗି ପଡିବାରୁ ପ୍ରାୟ ୧ ଘଣ୍ଟା ପାଇଁ ଯାତାୟାତରେ ସମସ୍ୟା ହୋଇଥିଲା। ଅନେକ ସ୍ଥାନରେ ଚାଳ ଛପର ଉଡିଯାଇଥିବା ଦେଖିବାକୁ ମିଳିଥିଲା।



ବାଲିସାହି ବସ୍ତିରେ ଏକ ଘରର ଆଜବେଷ୍ଟସ୍ ଭାଙ୍ଗିଯାଇଛି।



ଗଛ ଉପୁଡି ଖୁଣ୍ଟୁଣୀ ଅଞ୍ଚଳର ଏକ ସ୍କୁଲ ପାଚେରି ଭାଙ୍ଗିଯାଇଛି।



କଟକ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମୁଖରେ ଟେଣ୍ଟ ଉପୁଡି ପଡିଛି।



ଗଛ ଉପୁଡି ସତୀଚୌରା ରିଂବନ୍ଧ ରାସ୍ତାରେ ପଡିରହିଛି।



ସାବିତ୍ରୀ ଅମାବାସ୍ୟା ଅବସରରେ ଶୁକ୍ରବାର ଅମାବାସ୍ୟା ନାରାୟଣଙ୍କୁ ସାଗର ବିଜେ ନୀତି ପାଇଁ ପୁରୀ ବେଳାଭୂମିକୁ ନିଆଯାଉଛି ।

# ଆର୍‌ଆଇଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ

## ୨ ଗିରଫ, ଟ୍ରାକ୍ଟର ଜବତ

ସାକ୍ଷୀଗୋପାଳ, ୧୯।୫(ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ଥାନା ଅଞ୍ଚଳରେ ବେଆଇନ ମାଟି ଚୋରା ଚାଲାଣ ବେଳେ ଆର୍‌ଆଇ ଚଢ଼ାଉ ପାଇଁ ଯାଇଥିବାବେଳେ ଆକ୍ରମଣ ସହ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁଆଁଳ ଗ୍ରାମର ରାମଚନ୍ଦ୍ର ସ୍ୱାଇଁ(୪୫) ଓ ଚକରପଡା ଗ୍ରାମର ନିରଞ୍ଜନ ସାହୁ (୩୫)। ଘଟଣାରେ ସମ୍ପୃକ୍ତ ଏକ ଟ୍ରାକ୍ଟରକୁ ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ସତ୍ୟବାଦୀ ବ୍ଲକ ରାୟଖଣ୍ଡି ପଞ୍ଚାୟତର ସୁଆଁଳ ଅଞ୍ଚଳର ଏକ ଜମିରୁ ଗୁରୁବାର କେତେଜଣ ବ୍ୟକ୍ତି ବେଆଇନ ମାଟି ଉଠାଇ ଅନ୍ୟତ୍ର ଚାଲାଣ କରୁଥିଲେ। ଖବରପାଇ ତହସିଲଦାରଙ୍କ ନିର୍ଦ୍ଦେଶରେ ରାଇଖଣ୍ଡି ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମାଟି ଉଠା ସମ୍ପର୍କରେ ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରିବା ସମୟରେ ଚାଲାଣକାରୀମାନେ ହଠାତ୍ ତାଙ୍କୁ ଆକ୍ରମଣ କରିବା ସହିତ ଗାଳିଗୁଲଜ କରି ଗାଡି ଚଢ଼ାଇ ଦେବାକୁ ଉଦ୍ୟମ କରିଥିଲେ। ଯାହାଦ୍ୱାରା ସେ ତାଙ୍କର ସରକାରୀ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରିବାରେ ବିଫଳ ହୋଇଥିଲେ। ଏ ସମ୍ପର୍କରେ ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୋଲିସ ଏକ ମାମଲା (ନଂ. ୧୬୯/୨୩) ରୁଜୁ କର ତଦନ୍ତ ଚଳାଇଥିଲା। ଏହି ମାମଲାକୁ ଜିଲା ଆରକ୍ଷୀ ଅଧୀକ୍ଷକ ଗୁରୁତର ସହିତ ନେଇ ତାଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ସତ୍ୟବାଦୀ ଆଇଆଇସି ବିଜୟକେତନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ରାମଚନ୍ଦ୍ର ଓ ନିରଞ୍ଜନଙ୍କୁ ଶୁକ୍ରବାର ଗିରଫ କରିଥିଲେ। ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପୁରୀ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଘଟଣାସ୍ଥଳ ପରିଦର୍ଶନ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ଏଥିରେ ସମ୍ପୃକ୍ତ ଆଉ କିଛି ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ରେଭେନ୍‌ଶାରେ କ୍ୟାମ୍ପସ ଚୟନ: ୬୫୦ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି

କଟକ ଅଫିସ,୧୯।୫

ପାଠ ପଢିବା ସମୟରେ ଚାକିରି ପାଇବା ପାଇଁ ସବୁ ଛାତ୍ରୀଛାତ୍ରଙ୍କର ସ୍ୱପ୍ନ ରହିଥାଏ। ଏହାକୁ ସାକାର କରିବା ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସବୁ ସମୟରେ ଉଦ୍ୟମ କରିଆସିଛନ୍ତି। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ରେଭେନ୍‌ଶା ବିଶ୍ୱବିଦ୍ୟାଳରେ ବିଭିନ୍ନ ରାଷ୍ଟ୍ରୀୟ ଶିଳ୍ପଉଦ୍ୟୋଗମାନଙ୍କ ଦ୍ୱାରା ସ୍ନାତକ ଓ ସ୍ନାତକୋତ୍ତର ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ଚଳିତବର୍ଷ ଏପର୍ଯ୍ୟନ୍ତ ମୋଟ୍ ୬୫୨ ଜଣ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସେଥିମଧ୍ୟରୁ ୱିପ୍ରୋ ପାଇଁ ୧୦୨ ଜଣ, ଡେଲଏଟ ପାଇଁ ୮୮ ଜଣ, ପିରାମଲ୍ ଫାଇନାନ୍ସ ପାଇଁ ୮୪, କଗ୍ନେଜଣ୍ଟିକସ ପାଇଁ ୬୬, ଆସେଞ୍ଚର ପାଇଁ ୪୭, ଟେକ୍ ମହେନ୍ଦ୍ରା ନିମନ୍ତେ ୪୭, ଟିସିଏସ୍ ଭଳି କମ୍ପାନୀରେ ଛାତ୍ରୀଛାତ୍ରମାନେ ନିଯୁକ୍ତି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି, ପିଜି କାଉନସିଲ୍ ଅଧ୍ୟକ୍ଷା, କୁଳସଚିବ, ଛାତ୍ର କଲ୍ୟାଣ ଉପଦେଷ୍ଟା ଓ ନିଯୁକ୍ତି ସଂଯୋଜକ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହା ନିଶ୍ଚୟ ଅଧ୍ୟୟନରତ ପିଲାମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ। ଏହା ସହିତ ନୂତନ ଛାତ୍ରୀଛାତ୍ରମାନେ ଏହି ବିଶ୍ୱବିଦ୍ୟାଳୟରେ ପଢିବା ପାଇଁ ଆଗ୍ରହୀ ହେବେ ବୋଲି ଛାତ୍ର କଲ୍ୟାଣ ଉପଦେଷ୍ଟା ଡ. ଅଳକାନନ୍ଦ ପରିଡ଼ା କହିଛନ୍ତି।

# ବିନ୍ଧକାମ ଶେଷ, ରଥ ଗୁଜରେ ରୂପ ଖୋଦେଇ



## ରଥଖଳାରୁ ...

ପୁରୀ ଅଫିସ, ୧୯।୫:

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ତିନି ରଥର ଦୁଇଟି ଲେଖାଏ ୨୦ଫୁଟିଆ ଆଗଆଣି, ପଛଆଣି 'ଦଣ୍ଡା ମୁହାଁଟି'ର ଅନୁକୂଳ ପୂଜା ପରେ ବିନ୍ଧକାମ ଶେଷ ହୋଇଛି। ଏହି ଦଣ୍ଡାମୁହାଁଟି ତିନିରଥର ପାଞ୍ଚଦଣ୍ଡାରେ ଆଗ ଓ ପଛଭାଗରେ ସଂଯୋଗ ହେବ। ପ୍ରତି ଦଣ୍ଡା ମୁହାଁଟିରେ ୫ଟି ଲେଖାଏ ବିନ୍ଧ କରାଯାଇଛି। ତିନିରଥର ୧୨ଟି ଲେଖାଏ ଭୂଇଁ ଚଉତାର ବିନ୍ଧ ଅନୁକୂଳ ପୂଜା ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ପରେ ମହାରଣାମାନେ ପ୍ରତି ଚଉତାର ଦୁଇ ପାର୍ଶ୍ୱରେ ଦୁଇଟି ଲେଖାଁଏ ବିନ୍ଧ କାର୍ଯ୍ୟ ଶେଷ କରିଛନ୍ତି। (ରଥରେ ଭୂଇଁ ଉଠିଲା ପରେ ଏହି ବିନ୍ଧରେ ପାଖୁଡା ସଂଯୋଗ ହେବ)। ୮ଟି ଲେଖାଏ ଚଉଦ ନାହାକା କାଠରେ ମହାରଣାମାନେ ଆଠ ଅଂଶୀ କୋଣ ବିଶିଷ୍ଟ ନାହାକା ନିର୍ମାଣ ଶେଷ କରିଛନ୍ତି। ଚାରିନାହାକାର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ଶୁକ୍ରବାର ଗରଗରା ନିର୍ମାଣ ପାଇଁ ରଥଚାଳିକୁ ଆମିନ ଭୋଇ ସେବକଙ୍କ ମାଧ୍ୟମରେ ଦୁଇଟି ଲେଖାଏ ୨୦ଫୁଟିଆ ଧଉରା କାଠ ଯୋଗାଇ ଦେଇଥିଲେ। କରତି ସେବକ ସେଗୁଡ଼ିକର ମୁଣ୍ଡ କରତି କଲା ପରେ ମହାରଣାମାନେ ଗରଗରା ଚଉପଟ ଆରମ୍ଭ କରିଛନ୍ତି। କରତି ସେବକମାନେ ନନ୍ଦିଘୋଷ ରଥ ପୋଲ ଗୟଳ ଦୁଇପାର୍ଶ୍ୱ ଚିତା କାର୍ଯ୍ୟ ସାରି ଚିରଟ ପାଇଁ ମାପ ଚିହ୍ନ ଦେଇଛନ୍ତି। ଶନିବାର ଚିରଟ ଆରମ୍ଭ କରିବେ। ରୂପକାର ସେବକମାନେ ରଥ ଗୁଜଗୁଡିକରେ ରୂପ ଖୋଦେଇ ସହ ରୂପରେ ଅଳଙ୍କାର ତଥା ପଲିସ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି କମାରଶାଳରେ ଓଝା ସେବକମାନେ ତିନିରଥର ଦଣ୍ଡା ପାଇଁ କଣ୍ଟା ତିଆରିରେ ଲାଗିଛନ୍ତି।

## ସଂକ୍ଷେପରେ

### ସାଲେପୁର ସବ୍‌ଜେଲରେ ସାବିତ୍ରୀ ବ୍ରତ

**ସାଲେପୁର,୧୯।୫(ଡି.ଏନ୍.ଏ.):** ସାଲେପୁର ବ୍ଲକରେ ପବିତ୍ର ସାବିତ୍ରୀ ଅମାବାସ୍ୟା ଅବସରରେ ବିଭିନ୍ନ ମନ୍ଦିର ଏବଂ ଘରେ ମହିଳାମାନେ ସେମାନଙ୍କ ସ୍ୱାମୀଙ୍କ ଆୟୁଷ ଓ ନୀରୋଗ କାମନା କରି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସାଲେପୁର ସବ୍‌ଜେଲରେ ୩ଜଣ ମହିଳା ଅନ୍ତେବାସୀ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣ ସଧବା ମହିଳା ପବିତ୍ର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଜେଲ୍ ପକ୍ଷରୁ ସେମାନଙ୍କୁ ଆବଶ୍ୟକ ଫଳ, ପୂଜା ସାମଗ୍ରୀ ଓ ଶାଢ଼ି ଆଦି ପ୍ରଦାନ କରାଯାଇଥିଲା। ନିଷ୍ଠାର ସହ ଉଭୟ ମହିଳା ସାବିତ୍ରୀବ୍ରତ ପାଳନ କରିଥିବା ନେଇ ସାଲେପୁର ଜେଲର କୋଶଲା ପଦ୍ମିନୀ ଧଳ ପ୍ରକାଶ କରିଛନ୍ତି।

### ଗଞ୍ଜେଇ ଜବତ, ନିଶା ବେପାରୀ ଗିରଫ

**ଭୁବନେଶ୍ୱର,୧୯।୫(ବ୍ୟୁରୋ):** ବେଆଇନ ଭାବେ ଗଞ୍ଜେଇ ବେପାର କରୁଥିବାବେଳେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ନିଶାବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ସୁଭାସ ସାହୁ। ତାଙ୍କଠାରୁ ୧ କେଜି ୬୦୦ ଗ୍ରାମ ଗଞ୍ଜେଇ ଓ ଟଙ୍କା ଜବତ ହୋଇଛି। ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତ ସୁବାସ ଏହି ଥାନା ଅନ୍ତର୍ଗତ ଛିଗୋରତୋଳା ବସ୍ତିର ଅଙ୍ଗନବାଡି କେନ୍ଦ୍ର ନିକଟରେ ଗଞ୍ଜେଇ ବିକ୍ରି କରୁଥିଲେ। ଏହି ସମୟରେ ପୋଲିସ ଚଢ଼ାଉ କରି କାବୁ କରିବାରେ ସକ୍ଷମ ହୋଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିବା ସହ ଦୈନନ୍ଦିନ ଗୁଜରାଣ ମେଣ୍ଟାଇବା ପାଇଁ ବେଆଇନ ଭାବେ ଗଞ୍ଜେଇ ବିକ୍ରୟ କରୁଥିବା ନେଇ ସୀକାର କରିଥିଲେ।

### ଶିଳ୍ପୀ ବଂଶୀଧର ଦାସଙ୍କ ପରଲୋକ



**ମାହାଙ୍ଗା,୧୯।୫(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଶବଳକଣା ଗ୍ରାମର ବରିଷ୍ଠ ନାଗରିକ ତଥା ଶିଳ୍ପୀ ବଂଶୀଧର ଦାସ(୭୮)ଙ୍କ ପରଲୋକ ଘଟିଛି। ସେ ସ୍ଥାନୀୟ ଅଞ୍ଚଳରେ ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ମୂର୍ତ୍ତି କାରିଗରୀ ଓ ଚିତ୍ର କଳା ଆଦି କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏଥିସହ ପୁରାତନ ଗୀତିନାଟ୍ୟ,ଯାତ୍ରା ଓ ନବରଙ୍ଗ ଆଦିରେ ଅଭିନୟ କରି ପାରଦର୍ଶିତା ଅର୍ଜନ କରିଛନ୍ତି। ତାଙ୍କ ବିୟୋଗରେ ସରପଞ୍ଚ କମଳାକାନ୍ତ ଦାଶ, ସମିତିସଭ୍ୟା ସବିତା ମହାପାତ୍ର, ସାମାଜିକ କର୍ମୀ ଅଜୟ ରାଉତ, କବି ଗୌତମ ଚରଣ ଜେନା, ମହେଶ୍ୱର ବେହେରା, ଭାବଗ୍ରାହୀ ସାମଲ ଓ ମାନଗୋବିନ୍ଦ ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିବା ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ଗ୍ରାମ ଶ୍ମଶାନରେ ବଂଶୀଧରଙ୍କ ମୃତଦେହ ସତ୍କାର କରାଯାଇଥିବାବେଳେ ବଡ ପୁଅ ରମେଶ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ସାନ ପୁଅ ମାନସ ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ୪୦ ବର୍ଷ ପରେ ରାସ୍ତାରେ ମାଟି ପଡ଼ିଲା

**ରଘୁନାଥପୁର,୧୯।୫(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ନୂଆପଡା ଓମ୍‌ଫେଡ ପ୍ଲାଣ୍ଟ ପାଖ ୯ନଂ. ୱାର୍ଡ ଦଳିତସାହି ରାସ୍ତାରେ ଦୀର୍ଘ ୪୦ ବର୍ଷ ପରେ ମାଟି ପକାଯାଇ ଯାତାୟାତ ଉପଯୋଗୀ କରାଯାଉଛି। ସରପଞ୍ଚ ସାହେଦା ତବସୁମଙ୍କ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି) ଅନୁଦାନରେ ଉକ୍ତ ରାସ୍ତାରେ ମାଟି ପକାଯାଇ ଉଚ୍ଚ କରାଯାଉଛି। ରାସ୍ତାକୁ ପ୍ରଥମେ ମାଟି ପକେଇ ଉଚ୍ଚ କରାଯିବା ପରେ ବାଲି ମୋରମ ପକାଯାଇ ଯାତାୟାତ ଉପଯୋଗୀ କରାଯିବ ବୋଲି ସରପଞ୍ଚ ତବ୍‌ସୁମ କହିଛନ୍ତି। ଏହି କାର୍ଯ୍ୟରେ ସ୍ଥାନୀୟ ଦଳିତସାହିର ମହିଳା ଓ ପୁରୁଷମାନେ ନିୟୋଜିତ ହୋଇଛନ୍ତି। ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଥିବାରୁ ଦଳିତସାହିର ଜବ୍‌କାର୍ଡଧାରୀ ଉତ୍ସାହର ସହ ନିଜ ଗାଁ ରାସ୍ତା କରିବା ପାଇଁ ଆଗେଇ ଆସିଛନ୍ତି। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଯେତିକି ପାରିଶ୍ରମିକ ମିଳୁଛି ସେଥିରେ ସେମାନେ ସନ୍ତୁଷ୍ଟ ବୋଲି ଶକୁନ୍ତଳା ଦାସ ଓ ଉତ୍ତମ ଦାସ କହିଛନ୍ତି। ପୂର୍ବରୁ ଥିବା ପାଦଚଲା ରାସ୍ତା ବର୍ଷକୁ ୬ ମାସ ପାଣି କାଦୁଅରେ ଭରି ରହୁଥିଲା। ଲୋକେ କୌଣସି ଉପାୟ ନ ପାଇ ଉକ୍ତ ରାସ୍ତା ଦେଇ ଯାତାୟାତ କରିବାକୁ ବାଧ ହେଉଥିଲେ। ଏପରିକି ରୋଗୀଙ୍କୁ ଖଟିଆରେ ଟେକି ମୁଖ୍ୟରାସ୍ତା ପର୍ଯ୍ୟନ୍ତ ନେବାକୁ ପଡୁଥିଲା। ପିଲାମାନେ ମଧ୍ୟ ସ୍କୁଲ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ରାସ୍ତାକାମ ଆରମ୍ଭ ହୋଇଥିବାରୁ ଏସବୁ ସମସ୍ୟା ଦୂର ହୋଇଯିବ ନେଇ ଆଶାବ୍ୟକ୍ତ କରିଛନ୍ତି। ଏହି ରାସ୍ତାର ୨/୩ଟି ସ୍ଥାନରେ ପାଣି ନିଷ୍କାସନ ପାଇଁ ହ୍ୟୁମ୍ ପାଇପ୍ ପକାଯିବା ସହ ବିଶୁଦ୍ଧ ପାନୀୟଜଳ ନିମନ୍ତେ ନଳକୂପର ବ୍ୟବସ୍ଥା କରାଯିବ ବୋଲି ସରପଞ୍ଚ ତବ୍‌ସୁମ ପ୍ରକାଶ କରିଛନ୍ତି।



ଜବ୍‌କାର୍ଡଧାରୀମାନେ ଦଳିତ ସାହି ରାସ୍ତାରେ ମାଟି ପକାଉଛନ୍ତି।



ସାଲେପୁର ବ୍ଲକ ଅନ୍ତର୍ଗତ ସାହେଶ୍ୱରୀ ମନ୍ଦିରରେ ମହିଳାମାନେ ସାବିତ୍ରୀ ବ୍ରତ ଅବସରରେ ପୂଜାର୍ଚ୍ଚନା କରୁଛନ୍ତି।

# ସୂଚନା ଅଧିକାର ତଥ୍ୟକୁ ନେଇ ଥାନାରେ ୨ ପୃଥକ ମାମଲା

**ମାହାଙ୍ଗା,୧୯।୫(ସ୍ୱ.ପ୍ର.)**

ସୂଚନା ଅଧିକାର ଆଇନ୍ ବଳରେ ତଥ୍ୟ ପ୍ରଦାନରେ ଅନିୟମିତତା ଓ ତଥ୍ୟ ମାଗି ଅର୍ଥ ଆଦାୟ ନେଇ ମାହାଙ୍ଗା ଥାନାରେ ୨ଟି ପୃଥକ୍ ମାମଲା ହୋଇଛି। ପ୍ରଦ୍ୟୁମ୍ନ ଜେନା ନାମକ ବ୍ୟକ୍ତି ସୂଚନା ଅଧିକାର ଆଇନ ଜରିଆରେ ମାହାଙ୍ଗା ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ପର୍କରେ ବାରମ୍ବାର ତଥ୍ୟ ମାଗୁଥିଲେ। ମାତ୍ର ତଥ୍ୟ ଆଦାନ ପ୍ରଦାନବେଳେ କାର୍ଯ୍ୟାଳୟ ପକ୍ଷରୁ ଅନିୟମିତତା କରାଯିବା ସହ ମଣ୍ଡଳ ଶିକ୍ଷା ଅଧିକାରୀ ଚକ୍ରଧର ବେହେରା ତାଙ୍କୁ ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଅପରପକ୍ଷେ ପ୍ରଦ୍ୟୁମ୍ନ ବାରମ୍ବାର ଜେନାଙ୍କ କାର୍ଯ୍ୟାଳୟ ସମ୍ପର୍କିତ ତଥ୍ୟ ମାଗି ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ସହ ତଥ୍ୟ ବଦଳରେ ଅର୍ଥ ମାଗିଥିବା ନେଇ ଥାନାରେ ପାଲଟା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ପିଠିରେ ଭୁସିଲେ ଭଙ୍ଗା ମଦ ବୋତଲ: ଅଭିଯୁକ୍ତ କୋର୍ଟ ଚାଲାଣ



ଆକ୍ରମଣରେ ଗୁରୁତର ଜନ୍ମେଜୟ ସାହୁ।

**ମାହାଙ୍ଗା,୧୯।୫(ସ୍ୱ.ପ୍ର.)**

**ମଦ ଦୋକାନ ଫଟୋ ଉତ୍ତୋଳନ ସନ୍ଦେହରେ ଯୁବକଙ୍କୁ ଆକ୍ରମଣ**

ମାହାଙ୍ଗା ଥାନା ଅନ୍ତର୍ଗତ ଏରକଣା ବଜାରଠାରେ ଥିବା ସରକାରୀ ଠିପି ବନ୍ଦ ମଦ ଦୋକାନରେ ନିର୍ଦ୍ଧାରିତ ସମୟ ପରେ ମଦ ବିକ୍ରି ଚାଲିଥିବା ବେଳେ ଅଘଟଣ ଘଟିଛି। ମଦ କିଣିବାକୁ ଆସିଥିବା ଜଣେ ଯୁବକଙ୍କୁ ଭଙ୍ଗା ମଦ ବୋତଲରେ ଆକ୍ରମଣ କରାଯାଇଛି। ଗୁରୁତର ଯୁବକ ଜଣକ ହେଲେ ମଣିଯୋରୀ ଗ୍ରାମର ଜନ୍ମେଜୟ ସାହୁ। ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ଉକ୍ତ ଗ୍ରାମର ଅଭିଯୁକ୍ତ ପ୍ରମୋଦ ସାହୁଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜନ୍ମେଜୟଙ୍କ ଅଭିଯୋଗ ଅନୁଯାୟୀ, ସେ ୧୭ ତାରିଖ ରାତି ପ୍ରାୟ ୧୧ଟା ବେଳେ ସେ ଏରକଣା ବଜାରକୁ ଆସିଥିଲେ। ସେତେବେଳେ ମଦ ଦୋକାନ ବନ୍ଦ ଥିଲେ ମଧ୍ୟ ପଛ ଫାଟକ ଖୋଲାଯାଇ ମଦ ବିକ୍ରି ଚାଲିଥିଲା। ଜନ୍ମେଜୟ ଏହା ଦେଖି ସେଠାକୁ ଯାଇ ଏକ ବିଅର ମାଗିବା ସହ ତାଙ୍କ ପାଖରେ ଟଙ୍କା ନ ଥିବାରୁ ଅନ୍‌ଲାଇନ ଅର୍ଥ ପୈଠ କରିବା ପାଇଁ କାନ୍ଥରେ ଥିବା ବାର କୋଡ୍‌କୁ ନିଜ ମୋବାଇଲରେ ସ୍କାନ କରିଥିଲେ । ଏହି ସମୟରେ ସେଠାରେ ଥିବା ପ୍ରମୋଦ କ'ଣ ମଦ ଦୋକାନ ଫଟୋ ଉଠାଉଛୁ କହି ତାଗିଦ କରିଥିଲେ । ପଇସା ଦେବା ପାଇଁ ମୋବାଇଲରେ ସ୍କାନ କରୁଥିବା ଜନ୍ମେଜୟ କହିଥିଲେ । କିନ୍ତୁ ପ୍ରମୋଦ ଉତ୍‌କ୍ଷିପ୍ତ ହୋଇ ସେଠାରେ ପଡିଥିବା ମଦ ବୋତଲକୁ ହାତରେ ଧରି ଜନ୍ମେଜୟଙ୍କୁ ଆକ୍ରମଣ ପାଇଁ ଗୋଡାଇଥିଲେ ।

ଜନ୍ମେଜୟ ଜୀବନ ବିକଳରେ ଧାଇଁ ପଳାଇ ଯାଉଥିବାବେଳେ ହାଟ ପଡିଆ ନିକଟରେ ମୁହଁ ମାଡି ପଡିଯାଇଥିଲେ। ଏହି ସମୟରେ ପ୍ରମୋଦ ଉକ୍ତ ବୋତଲକୁ ଭାଙ୍ଗି ତାଙ୍କ ପିଠିରେ ଭୁସି ଦେଇଥିଲେ। ଫଳରେ ଜନ୍ମେଜୟ ଗୁରୁତର ଆହତ ହୋଇଥିଲେ । ଏନେଇ ଥାନାରେ ମାମଲା (ନଂ. ୧୫୨/୨୩) ରୁଜୁ କରାଯାଇଛି। ଅପରପକ୍ଷେ ବିଳମ୍ବିତ ରାତି ଯାଏ ମଦ ବିକ୍ରି କରୁଥିବା ଦୋକନୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବକାରୀ ବିଭାଗ ଓ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।

# ପରିତ୍ୟକ୍ତ କୂଅରେ ଖସି ପଡିଲେ ମହିଳା

## ସୁରକ୍ଷିତ ଭାବେ ଉଦ୍ଧାର କଲା ଅଗ୍ନିଶମ ଟିମ୍

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ଚନ୍ଦ୍ରଶେଖର ଥାନା ଅନ୍ତର୍ଗତ ଡମଣା ଅଞ୍ଚଳର ଥିବା ଏକ ଖୋଲା ପରିତ୍ୟକ୍ତ କୂଅରେ ଗୁରୁବାର ରାତିରେ ଜଣେ ମହିଳା ଖସିପଡି ସାମାନ୍ୟ ଆହତ ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଶାନ୍ତି ବେହେରା। ତେବେ ମହିଳା ଜଣକ ଅସାବଧାନତା ହେତୁ ଖସି ପଡିଥିଲେ ନା ଆଉ କିଛି କାରଣ ରହିଛି ତାହା ଜଣାପଡି ନ ଥିଲେ ମଧ୍ୟ ଅଗ୍ନିଶମ ଟିମ ଘଟଣାସ୍ଥଳରେ ପହଞ୍ଚି ରୋପଲେଟର ଦ୍ୱାରା ମହିଳାଙ୍କୁ କୂଅ ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସୂଚନାନୁସାରେ, ପରିତ୍ୟକ୍ତ କୂଅଠାରୁ ମହିଳାଙ୍କ ଘର ୫୦୦ ମିଟର ଦୂର। ସେ ରାତିରେ କୌଣସି କାମରେ ଯାଉଥିବାବେଳେ ହଠାତ କୂଅ ଭିତରେ ପଡିଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ କୂଅ ପାଖକୁ ଯାଇ ଘଟଣା ଦେଖିବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସ୍ଥାନୀୟ ଲୋକେ ଏହି ଘଟଣାକୁ ଆତ୍ମହତ୍ୟା ଉଦ୍ୟମ ବୋଲି ସନ୍ଦେହ କରୁଥିବାବେଳେ ଆହତ ମହିଳାଙ୍କ ପରିବାର ଲୋକେ ଏହାକୁ ଏକ ଦୁର୍ଘଟଣା ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରାସ୍ତା କଡରେ କୂଅଟି ଖୋଲା ହୋଇଥିବାରୁ ଏହାକୁ ପୋତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ୫– ଟି ରୂପାନ୍ତରଣରେ ସାମିଲ ପାଇଁ ୯ ସ୍କୁଲ ମନୋନୀତ

**ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନା ଉପରେ ଗୁରୁତ୍ୱ**

**ରଘୁନାଥପୁର,୧୯।୫ (ଡି.ଏନ୍.ଏ.)**

୪ର୍ଥ ପର୍ଯ୍ୟାୟରେ ରଘୁନାଥପୁର ବ୍ଲକର ୯ଟି ହାଇସ୍କୁଲ ୫–ଟି ରୂପାନ୍ତରଣ ପାଇଁ ମନୋନୀତ ହୋଇଛି। ବିଡିଓ ତପନ କୁମାର ସେନାପତି ଓ ଟିସି ରାଜଲକ୍ଷ୍ମୀ ସ୍ୱାଇଁ ଏନେଇ ସେସବୁ ସ୍କୁଲ ପରିଦର୍ଶନ କରି ରୂପାନ୍ତରଣ ପାଇଁ ଆବଶ୍ୟକ ଥିବା ଶ୍ରେଣୀଗୃହ, ଖେଳପଡ଼ିଆ ଓ ଶୌଚାଳୟଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେମାନେ ସ୍କୁଲ ପ୍ରଧାନ ଶିକ୍ଷକ, ଆଲୁମ୍ନି ଓ ପରିଚାଳନା କମିଟି ସଦସ୍ୟଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟର ଗୁଣବତ୍ତା ଓ ତତ୍ତ୍ୱାବଧାନ ଏବଂ ଗାଇଡ୍‌ଲାଇନ ଅନୁଯାୟୀ କାର୍ଯ୍ୟ କରାଯିବା ସମ୍ପର୍କରେ ଅଧିକାରୀ ସୂଚାଇ ଦେଇଥିଲେ। ଏମ୍‌କେସି ହାଇସ୍କୁଲ ଅଢ଼େଇକୁଳ, ପଲ୍ଲୀପ୍ରଭା ହାଇସ୍କୁଲ ବରାଗୋଳ, ନରେନ୍ଦ୍ର ବିଦ୍ୟାମନ୍ଦିର ଗୋଠିଣା, ମା' ଶାରଳା ହାଇସ୍କୁଲ ଛପଡ଼ା, କୁତାମଚଣ୍ଡୀ ବିଦ୍ୟାମନ୍ଦିର ଧରାଧରପୁର, ରାମେଶ୍ୱର ହାଇସ୍କୁଲ ଏରଡ଼ଙ୍ଗା, ସ୍ୱପ୍ନେଶ୍ୱର ବିଦ୍ୟାମନ୍ଦିର ଜଗନ୍ନାଥପୁର, ଅନ୍ତଦ୍ୱୟ ହାଇସ୍କୁଲ ପୁରୁଣାବସନ୍ତ ଓ ରାଢ଼ଙ୍ଗ ହାଇସ୍କୁଲକୁ ରୂପାନ୍ତରଣ କରିବା ପାଇଁ ସ୍ଥିର କରାଯାଇଛି। ଏହାପରେ କେବଳ ୫୦ରୁ କମ୍ ଉପସ୍ଥାନ ଥିବା ରଘୁନାଥପୁର ବାଳିକା ଉଚ୍ଚ ବିଦ୍ୟାଳୟକୁ ଛାଡ଼ିଦେଲେ ବ୍ଲକର ସମସ୍ତ ହାଇସ୍କୁଲ ୫–ଟି ଅନ୍ତର୍ଭୁକ୍ତ ହୋଇଯିବ ବୋଲି ଟିସି ସ୍ୱାଇଁ ପ୍ରକାଶ କରିଛନ୍ତି।



ବିଡିଓ ତପନ କୁମାର ସେନାପତି ଜଗନ୍ନାଥପୁର ସ୍ୱପ୍ନେଶ୍ୱର ବିଦ୍ୟାମନ୍ଦିରର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଅନ୍ୟତ୍ର ବିବାହ ପୂର୍ବରୁ ଉଠାଇ ଆଣିଲା ପୋଲିସ

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

**ସାବିତ୍ରୀରେ ସ୍ତ୍ରୀଙ୍କୁ ଧୋକା ଦେଲେ ସ୍ୱାମୀ**

ସାବିତ୍ରୀରେ ସ୍ତ୍ରୀକୁ ଧୋକା ଦେଲେ ସତ୍ୟବାନ। ସ୍ତ୍ରୀକୁ ଛାଡି ଅନ୍ୟଜଣେ ଯୁବତୀଙ୍କୁ ମନ ଦେଇ ବିବାହ କରିବାକୁ ସ୍ୱାମୀ କରିଥିଲେ ଯୋଜନା। ଏଥିପାଇଁ ନିର୍ବନ୍ଧ ମଧ୍ୟ ସରିଥିଲା। ହେଲେ ବିବାହ ପୂର୍ବରୁ ପ୍ରତାରିତ ସ୍ୱାମୀ ବିଭୁ ନାୟକଙ୍କୁ ପଣ୍ଡାକୁଦିଆ ବସ୍ତିରୁ ଉଠାଇ ଆଣି ସବୁ ଯୋଜନାକୁ ଭଣ୍ଡୁର କରିଦେଲା ଭରତପୁର ଥାନା ପୋଲିସ। ଅଭିଯୁକ୍ତ ବିଭୁଙ୍କୁ ଗିରଫ ପରେ ଡାକ୍ତରୀମାଇନା କରାଯାଇ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ୩ବର୍ଷ ତଳେ ଶ୍ରାବଣୀ ନାମ୍ନୀ ଜଣେ ମହିଳାଙ୍କୁ ମନ୍ଦିରରେ ଅଭିଯୁକ୍ତ ବିଭୁ ପ୍ରେମ ବିବାହ କରିଥିଲେ। ଉଭୟ କିଛି ମାସ ୟୁନିଟ–୧ରେ ରହିଥିଲେ। ପରେ ସ୍ତ୍ରୀଙ୍କୁ ନେଇ ଭରତପୁର ଥାନା ଅନ୍ତର୍ଗତ ପଣ୍ଡାକୁଦିଆ ବସ୍ତିରେ ରହୁଥିଲେ। ସେମାନଙ୍କର ଏକ ୬ ମାସର ଶିଶୁ ରହିଥିବାବେଳେ ବିଭୁ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ଯାଉଥିଲେ। ଏଥିପାଇଁ ଗତ ୧୨ ତାରିଖରେ ନିର୍ବନ୍ଧ ସରିଯାଇଥିବା ଖବର ପାଇବା ପରେ ସ୍ତ୍ରୀ ଶ୍ରାବଣୀ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଭୂଙ୍କୁ ତାଙ୍କ ଘରୁ ଉଠାଇ ଆଣି ଗିରଫ କରିଥିଲା। ଅନ୍ୟପକ୍ଷରେ ଉକ୍ତ ଯୁବତୀ ମଧ୍ୟ ବିଭୁଙ୍କ ନାମରେ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।



ସାଲେପୁର ବ୍ଲକ ମୂଳବସନ୍ତ ପଞ୍ଚାୟତସ୍ଥିତ ଗୁଣ୍ଡୁପୁରଠାରେ ଥିବା ମା'ସନ୍ତୋଷୀ ଦେବୀଙ୍କ ମନ୍ଦିରରେ ବାର୍ଷିକୋତ୍ସବ ଉପଲକ୍ଷେ ଶୁକ୍ରବାର ଆୟୋଜିତ କଳସ ଶୋଭାଯାତ୍ରା।

# ମା'ସନ୍ତୋଷୀଙ୍କ ମନ୍ଦିରରେ ବାର୍ଷିକ ଉତ୍ସବ

**ମାହାଙ୍ଗା,୧୯।୫(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ଗୁଣ୍ଡୁପୁରଠାରେ ଥିବା ମା'ସନ୍ତୋଷୀ ଦେବୀଙ୍କ ମନ୍ଦିରରେ ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, ଗୋପୂଜା, ସୂର୍ଯ୍ୟ ପୂଜା, କଳସଯାତ୍ରା, ଅଗ୍ନି ସଂଯୋଗ, ହୋମଯଜ୍ଞ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଯଥାରିତି ଅନୁଯାୟୀ ଆୟୋଜନ କରାଯାଇଛି । ଏଥିରେ କର୍ତ୍ତା ଭାବେ ଶିଶିର କୁମାର ଦାସ, କର୍ତ୍ତୀଭାବେ ସୂର୍ଣ୍ଣଲତା ଦାସ ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକ ଭାବେ ଦୀପକ ରଞ୍ଜନ ମିଶ୍ର, ଅଶୋକ ମିଶ୍ର ଓ ଚିନ୍ମୟ ମହାପାତ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏନେଇ ଆୟୋଜିତ କଳସଯାତ୍ରାରେ ବହୁ ମହିଳା ଓ ପୁରୁଷ ସାମିଲ ହୋଇ ବିରୂପା ନଦୀରୁ ଜଳ ଉଠାଇ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଏହି ପୂଜା ପାଇଁ ସ୍ଥାନୀୟ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର, ପରମାନନ୍ଦ ଦାସ, ପଞ୍ଚାନନ ଦାସ, ସନ୍ତୋଷ ଦାସ, ପ୍ରକାଶ ଦାସ, ଶଙ୍କର୍ଷଣ ଦାସ, ଦିବାକର ସାହୁ, ଉମେଶ ଚନ୍ଦ୍ର ସାହୁ, କୈଳାସ ଖିଲାର, ସୌଦାମିନୀ ଦାସ, ରଶ୍ମିରେଖା ଦାସ, ତୁଳସୀ ଦାସ, ଗୀତାଞ୍ଜଳି ଦାସ, ମିଳନ ପରିଡା,ତନ୍ମୟ ଦାସ ପ୍ରମୁଖଙ୍କ ସମେତ କଂସାରୀ ସାହି ଓ ଗୋପାଳ ସାହିର ଲୋକେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

**ନିଶ୍ଚିନ୍ତକୋଇଲି,୧୯।୫(ସ୍ୱ.ପ୍ର.)**

**ମହିଳାଙ୍କୁ ଗଣବଳାତ୍କାର ଘଟଣା**

ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ନିରାଶ୍ରୟ ମହିଳାଙ୍କୁ ୧୬ ତାରିଖରେ ଗଣବଳାତ୍କାର କରାଯାଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ପକ୍ଷରୁ ମାମଲା (ନଂ. ୯୨/୨୩ )ରୁଜୁ କରାଯାଇଛି। ଏହି ଘଟଣାରେ ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଟିମ୍ ପକ୍ଷରୁ ବିଭିନ୍ନ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଛି। ସମ୍ପୃକ୍ତା ମହିଳାଙ୍କ ଡାକ୍ତରୀମାଇନା କରାଯାଇଛି।

ପୀଡିତା ଜଣେ ସ୍ୱାମୀ ପରିତ୍ୟକ୍ତା ଅସହାୟ ମହିଳା ହୋଇଥିବାବେଳେ ମୁଣ୍ଡ ଗୁଞ୍ଜିବା ନିମନ୍ତେ ଘର ନାହିଁ। ଦୀର୍ଘ ଦିନ ହେଲା ସମ୍ପୃକ୍ତା ମହିଳା ଏହି ଥାନା ଅଞ୍ଚଳରେ ବିଭିନ୍ନ ଲୋକଙ୍କ ଘରେ କାମଧନ୍ଦା କରି ପେଟପୋଷି ଆସୁଥିଲେ। ଆଶ୍ରୟ ନେବା ନିମନ୍ତେ କୌଣସି ବାସଗୃହ ନ ଥିବା କାରଣରୁ ବହୁ ସମୟରେ ସେ ହାଟ ବଜାର ଓ ବିଭିନ୍ନ ଲୋକଙ୍କ ବାରଣ୍ଡାରେ ଆଶ୍ରୟ ନେଇଥାନ୍ତି। ଗତ ୧୬ ତାରିଖ ରାତିରେ ମହିଳା ଜଣଙ୍କ ସ୍ଥାନୀୟ ବଜାର ନିକଟ ଏକ ଗ୍ରାମ୍ୟ ବ୍ୟାଙ୍କ ନିକଟରେ ଶୋଇଥିଲେ। ଏହି ସମୟରେ ୨ ଜଣ ଯୁବକ ବାଇକ୍‌ରେ ଆସି ଜୋର ଜବରଦସ୍ତ ତାଙ୍କୁ ଟେକି ନେଇ ପାଖରେ ଥିବା ଏକ ସ୍କୁଲ ପଡିଆରେ ବଳାତ୍କାର କରିବା ସହ ମାଡ଼ ମାରିଥିଲେ। ଫଳରେ ମହିଳା ଜଣକ ଗୁରୁତର ହୋଇପଡିଥିଲେ। ଏହାପରେ ଯୁବକ ଦ୍ୱୟ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ପୀଡିତା ଗୁରୁବାର ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଆଇଆଇସି ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ବେପାରୀ ଗିରଫ

**ଭୁବନେଶ୍ୱର,୧୯।୫(ବ୍ୟୁରୋ):** ବେଆଇନ ଭାବେ ଗଞ୍ଜେଇ ବେପାର କରୁଥିବାବେଳେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ସୁଭାସ ସାହୁ। ତାଙ୍କଠାରୁ ୧ କେଜି ୬୦୦ ଗ୍ରାମ ଗଞ୍ଜେଇ ଓ ଟଙ୍କା ଜବତ ହୋଇଛି। ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତ ସୁବାସ ଏହି ଥାନା ଅନ୍ତର୍ଗତ ଛିଗୋରତୋଲା ବସ୍ତିର ଅଙ୍ଗନୱାଡି କେନ୍ଦ୍ର ନିକଟରେ ଗଞ୍ଜେଇ ବିକ୍ରି କରୁଥିଲେ। ଏହି ସମୟରେ ପୋଲିସ ଚଢାଉ କରି ତାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିବା ସହ ଦୈନନ୍ଦିନ ଗୁଜରାଣ ମେଣ୍ଟାଇବା ପାଇଁ ବେଆଇନ ଭାବେ ଗଞ୍ଜେଇ ବିକ୍ରି କରୁଥିବା ନେଇ ସ୍ୱୀକାର କରିଥିଲେ।

### ଶିକ୍ଷାବିତ୍ ଶରତ ଦୋରାଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୧୯।୫:** ପ୍ରାଣନାଥ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଶରତ କୁମାର ଦୋରା(୬୧)ଙ୍କ ମଙ୍ଗଳାନଗର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। କିଛିଦିନ ଧରି ସେ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ପ୍ରାଣନାଥ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଡ. ଅଶୋକ ରାୟସିଂହ, ଡ. ଦେବେନ୍ଦ୍ରନାଥ ମାନସିଂହ, ସୁବୋଧ ଜଗଦେବ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ପ୍ରଫୁଲ୍ଲ ମହାପାତ୍ର, ବେଲେଶ୍ୱର ସାହୁ, ଡ. ନିରଞ୍ଜନ ମହାନ୍ତି, ସମରେନ୍ଦ୍ର ବଳିୟାରସିଂହ, ତ୍ରିଲୋଚନ ଦାଶ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ମୃତ୍ୟୁରେ ଖୋର୍ଦ୍ଧାର ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାହିତ୍ୟିକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

### ବରିଷ୍ଠ ବାମପନ୍ଥୀ ନେତାଙ୍କ ଶ୍ରାଦ୍ଧବାର୍ଷିକୀ

**କୃଷ୍ଣପ୍ରସାଦ,୧୯।୫(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚାରିଛକ ବଜାରସ୍ଥିତ ସିପିଆଇଏମ୍ କୃଷ୍ଣପ୍ରସାଦ ଆଞ୍ଚଳିକ କମିଟି କାର୍ଯ୍ୟାଳୟଠାରେ ବରିଷ୍ଠ ବାମପନ୍ଥୀ ନେତା ତଥା ସମାଜସେବୀ ଜଗନ୍ନାଥ ପତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଜଗନ୍ନାଥ ପତି ସ୍ମୃତି କମିଟି ସଭାପତି ଦାମୋଦର ଜେନାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥିଭାବେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ ତରେଇ, ଜିଲା ପରିଷଦ ଲକ୍ଷ୍ମୀଧର ସାହୁ, ଶରତ ଚନ୍ଦ୍ର ରାୟଗୁରୁ ପ୍ରମୁଖ ସ୍ୱର୍ଗତ ପତି କରିଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ମୃତି କମିଟି ସମ୍ପାଦକ ନବୀନ ଜେନା, ଦାମୋଦର ବିଶ୍ୱାଳ, ହେମନ୍ତ ଜେନା, କୃଷ୍ଣଚନ୍ଦ୍ର ଜେନା, ଜଗବନ୍ଧୁ ସେନାପତି, ଉମାକାନ୍ତ ଜେନା, ଖଗେଶ୍ୱର ଜେନା, କାଶୀନାଥ ଜେନା, ଯୋଗେନ୍ଦ୍ରନାଥ ଜେନା, ଅଜୟ ବରାଳ, ପ୍ରଦୀପ ଜେନା, ଦିଗମ୍ବର ଜେନା, ସହଦେବ ତରେଇ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅକ୍ଷୟ ସାମନ୍ତସିଂହାର ମଞ୍ଚକାର୍ଯ୍ୟ ପରିଚାଳନା କରିଥିବା ବେଳେ ସୁଶାନ୍ତ ପତି, ସୁଧିର ପତି, କୈଳାସ ଚନ୍ଦ୍ର ନାୟକ ସହଯୋଗ କରିଥିଲେ।

# ଉତ୍କଟ ହେଉଛି ପାନୀୟଜଳ ସମସ୍ୟା

**କୃଷ୍ଣପ୍ରସାଦ,୧୯।୫(ଡି.ଏନ୍.ଏ.)**

**କୃଷ୍ଣପ୍ରସାଦ ବ୍ଲକ**
- ନଳକୂପରୁ ବାହାରୁଛି ଲୌହଗୁଣ୍ଡ ପାଣି
- ୧ଲକ୍ଷ ଲିଟର ବିଶିଷ୍ଟ ପାଣି ଟାଙ୍କି କାର୍ଯ୍ୟକ୍ଷମ ହୋଇନାହିଁ
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଗ୍ରାମାଞ୍ଚଳରେ ନିର୍ମାଣ ହେଉଛି ପାନୀୟ ଜଳ ପ୍ରକଳ୍ପ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରି ଅନୁଦାନ ଯୋଗାଇ ଦେଉଛନ୍ତି। ବୋର୍‌ୱେଲ ନିର୍ମାଣଠାରୁ ଆରମ୍ଭ କରି ପାଇପ୍ ବିଛା, ପାଣିଟାଙ୍କି ନିର୍ମାଣ, ପମ୍ପ୍ ହାଉସ୍ ଏବଂ ଷ୍ଟାଣ୍ଡପୋଷ୍ଟ ନିର୍ମାଣରେ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ହେଲେ କେତେକ ସ୍ଥାନରେ ସରକାରଙ୍କ ଯୋଜନାଗୁଡ଼ିକ ସଫଳ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଲୋକେ ବିଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ପଇବା ପାଣି ନେବା ପାଇଁ ଧାଡ଼ିରେ ଛିଡ଼ା ହେଉଥିବା ନଜିର ରହିଛି। ଏଭଳି ଦୃଶ୍ୟ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଦ୍ୱୀପାଞ୍ଚଳ ଭାବେ ପରିଗଣିତ ଏହି ବ୍ଲକରେ ପାନୀୟଜଳ ପାଇଁ ୮୭୩ଟି ନଳକୂପ ସ୍ଥାପନ କରାଯାଇଛି। ସେଥିରୁ ୧୦ଟି ସମ୍ପୂର୍ଣ୍ଣ ଅଚଳ ହୋଇଥିଲେ ମଧ୍ୟ ମରାମତି ହେଉନାହିଁ। ଅବଶିଷ୍ଟ ୮୬୩ଟି ନଳକୂପ ମଧ୍ୟରୁ ଅଧିକାଂଶରେ ଲବଣ ଏବଂ ପାଣିରେ ଲୁହାଗୁଣ୍ଡ ଆସୁଥିବା ଅଭିଯୋଗ ହେଉଛି। ବ୍ଲକର ତାଳତଳା ପୁରୁଣା ସାହି, କୁମାରପୁର, ସିପିଆ, ମର୍ଦ୍ଦରାଜପୁର, କୁରୁପାଳ ଆଦି ଗ୍ରାମରେ ଜଳ ଯୋଗାଣ ପାଇଁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ପାଇପ୍ ବିଛାଯାଇଥିଲେ ମଧ୍ୟ ଠିକ୍ ସମୟରେ ପାଣି ଆସୁନାହିଁ। କେତେଜଣ ବ୍ୟକ୍ତି ମୋଟର ଲଗାଇ ନିଜ ଟାଙ୍କିକୁ ପାଣି ଉଠାଇବା ଦ୍ୱାରା ଅନ୍ୟମାନେ ପର୍ଯ୍ୟାପ୍ତ ପାଣି ପାଇପାରୁ ନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସୁଧା କାର୍ଯ୍ୟକ୍ରମକୁ କୃଷ୍ଣପ୍ରସାଦରେ ଉଦ୍‌ଘାଟନ କରିଥିଲେ ମଧ୍ୟ ଏଯାଏ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଉଚ୍ଚ ଶକ୍ତିସମ୍ପନ୍ନ ପାଣିଟାଙ୍କିର ଯନ୍ତ୍ରାଂଶ ଅଚଳ ହେବା ଯୋଗୁ ତାଳତଳା, କୁମାରପୁର ଗ୍ରାମବାସୀ ପାନୀୟଜଳରୁ ବଞ୍ଚିତ ହେଉଛନ୍ତି। ସେହିପରି ଗୋମୁଣ୍ଡିଆଠାରେ ୨୦୧୫ ମସିହାରେ ମୁଖ୍ୟମନ୍ତ୍ରୀ ୧ଲକ୍ଷ ଲିଟର ବିଶିଷ୍ଟ ପାଣିଟାଙ୍କିକୁ ଉଦ୍‌ଘାଟନ କରିଥିଲେ ମଧ୍ୟ ଏଯାଏ ତାହା କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ପରିବାର ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପଟେ ଅସହ୍ୟ ତାତି ସହ କୂଅ, ପୋଖରୀର ଜଳସ୍ତର କମିବାରୁ ଗୋରୁଗାଈ ପାଣି ପିଇ ପାରୁନାହାନ୍ତି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ଲୋକମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ପାଣି ଯୋଗାଇଦେବାକୁ ଦାବି ହେଉଛି। ଏନେଇ ବିଡିଓ ମନୋଜ କୁମାର ନାୟକ କହିଛନ୍ତି, ଯେଉଁ ଗ୍ରାମରେ ପାନୀୟଜଳର ସୁବିଧା ନାହିଁ ସେମାନଙ୍କୁ ପଞ୍ଚାୟତ ମାଧ୍ୟମରେ ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ଯୋଗାଇଦେବା ପାଇଁ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


ପଞ୍ଚାୟତ ପକ୍ଷରୁ ଗ୍ରାମବାସୀଙ୍କୁ ପିଇବା ପାଣି ଦିଆଯାଉଛି।

## ମା' ଭଗବତୀଙ୍କ ସାବିତ୍ରୀ ବ୍ରତ

**ବାଣପୁର/ଗମ୍ଭାରୀମୁଣ୍ଡା, ୧୯।୫(ଡି.ଏନ୍.ଏ.)**

ବାଣପୁରର ଆରାଧ୍ୟା ଦେବୀ ମା' ଭଗବତୀ ପାଳିଲେ ସାବିତ୍ରୀ ବ୍ରତ। ଶୁକ୍ରବାର ପ୍ରତ୍ୟୁଷରୁ ଅଙ୍ଗରାଗ ମାଜଣା, ଅଁଳା ହଳଦୀ ଅଗୁରୁ ଚନ୍ଦନ କର୍ପୁର ମିଶ୍ରିତ ସୁବାସିତ ଜଳରେ ମହାସ୍ନାନ, ବେଶ, ମହାପ୍ରସାଦ ସେବନ, ବଲ୍ଲଭ ଆଳତି ପରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ପିତ୍ରାଳୟ ଦକ୍ଷ ପ୍ରଜାପତିଙ୍କ ମନ୍ଦିରରୁ ଦଣ୍ଡସେଣା ନେଇଥିଲେ ସାବିତ୍ରୀ ଭାର। ନୂଆଶାଢ଼ି, ଚୁଡ଼ି, ଅଳତା, ସିନ୍ଦୂର, କଜ୍ଜ୍ୱଳ, ପାନିଆ, ଦର୍ପଣ, ମୁଗ, ଆମ୍ବ, ପଣସ, ନଡ଼ିଆ, ଖଜୁର ଆଦି ଦେଇଥିଲେ। ପାଳିଆ ମାଳି ମଧ୍ୟାହ୍ନରେ ପୁଣି ମା'ଙ୍କୁ ନୂଆଶାଢିରେ ବେଶ କରାଇ ସିନ୍ଦୂର କଜ୍ଜ୍ୱଳ ଓ ଚୁଡ଼ି ଆଦି ସମର୍ପଣ କରି ବେଶ ବଢ଼ାଇଥିଲେ। ପରିଚ୍ଛା ସାଆନ୍ତେ ବ୍ରତବିଧି ବଢାଇ ଆଳତି ବନ୍ଦାପନା ପରେ ଶଙ୍ଖୁଡ଼ି ଧୂପ ଲାଗି ହୋଇଥିଲା। ଘଣ୍ଟ ଘଣ୍ଟା କାହାଳି ବାଦ୍ୟ, ହୁଳହୁଳି ଧ୍ୱନିରେ ମନ୍ଦିର ବେଢ଼ା ପ୍ରକମ୍ପିତ ହୋଇଉଠିଥିଲା। ପରେ ସର୍ବସାଧାରଣ ଦର୍ଶନ ପାଇଁ ସାହାଣମେଳା ହୋଇଥିଲା। ଦେବୋତ୍ତର କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

# ନିଶା ନିବାରଣ ଶିବିର ଉଦ୍‌ଯାପିତ


ଶିବିରରେ ଅତିଥିଙ୍କ ଗହଣରେ ପିଲାମାନେ।

**ଜଟଣୀ,୧୯।୫(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଗୋପୀନାଥପୁରସ୍ଥିତ ସୋସାଇଟି ଫର୍ ଚିଲ୍‌ଡ୍ରେନ୍(ସୋଚ୍) ପୁନର୍ବାସ କେନ୍ଦ୍ରରେ ଆୟୋଜିତ ନିଶା ନିବାରଣ ତଥା ବ୍ୟବହାରିକ ପରିବର୍ତ୍ତନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜନକଲ୍ୟାଣ ଫାଇନାନ୍ସିଆଲ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସୋଚ୍‌ର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ଶିବିରରେ ଭୁବନେଶ୍ୱରର ବିଭିନ୍ନ ବସ୍ତିରୁ ୨୫ ଶିଶୁଙ୍କୁ ନେଇ ଗତ ଏପ୍ରିଲ ୧୬ରେ ଉକ୍ତ ଶିବିର ଆରମ୍ଭ କରାଯାଇଥିଲା। ଏହି ଶିବିରର ମୂଳ ଉଦ୍ଦେଶ୍ୟ ବସ୍ତିରେ ନିଶାଗ୍ରସ୍ତ ହୋଇ ବୁଲୁଥିବା ଶିଶୁଙ୍କୁ ସୁଧାର କରିବା ଏବଂ ପୁଣିଥରେ ସମାଜର ମୂଳସ୍ରୋତକୁ ଫେରାଇ ଆଣିବା ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଜନକଲ୍ୟାଣ ଫାଇନାନ୍ସିଆଲ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ସୁନନ୍ଦ କୁମାର ମିତ୍ର, ସୋଚ୍ ଆଡଭାଇଜରି ବୋର୍ଡର ସଦସ୍ୟା ନମିତା ପଟ୍ଟନାୟକ, ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର (ଫ୍ଲାମିଙ୍ଗୋ)ର ସଭାପତି ସ୍ମିତା ସିହ୍ନା, ୱମେନ୍ କାଉନ୍‌ସିଲ ଫର୍ ସୋସିଓ-ଇକୋନୋମିକ୍ ୱେଲଫେୟାର ସଚିବ ନିବେଦିତା ଶତପଥୀ, ସୋଚ୍ ଗଭର୍ଣ୍ଣିଂ ବଡିର ଅଧ୍ୟକ୍ଷ ନିର୍ମଳ କୁମାର ବେହେରା, ସୋଚ୍‌ର ପ୍ରତିଷ୍ଠାତା ମନୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନ ସଦସ୍ୟା ରୋଜାଲିନ୍ ବେହେରା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ମ୍ୟାନେଜର ଲକ୍ଷ୍ମୀପ୍ରିୟା ସିଂ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିବିରର ମୁଖ୍ୟ କାର୍ଯ୍ୟକର୍ତ୍ତା ମନସ୍ୱିନୀ ସ୍ୱାଇଁ, ସାଧନା ମୋହାଲିକ, ଅନିତା ମଙ୍ଗରାଜ, ରିଲୁ ପରିଡ଼ା, ରଞ୍ଜନ ଧଳ, କୁମାର ମହାପାତ୍ର, ସୁକାନ୍ତ ପରିଡ଼ା, ଚୁନି ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଥା ସାଗର ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଝଙ୍କା ଦାସ ପିଲାମାନଙ୍କୁ କାହାଣୀ ଶୁଣାଇଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଲକ୍ଷ୍ମୀପ୍ରିୟା ସିଂ ଧନ୍ୟବାଦ ଦେଇଥିଲେ।

## ଫ୍ରିଜ କମ୍ପ୍ରେସର ଫାଟି ଅଗ୍ନିକାଣ୍ଡ

**ଖୋର୍ଦ୍ଧା ଅଫିସ,୧୯।୫**

ଶୁକ୍ରବାର ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ଘରେ ଥିବା ଫ୍ରିଜ୍ କମ୍ପ୍ରେସର ଫାଟିଯିବାରୁ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ କର୍ମଚାରୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିବା ବେଳେ ବିଧାୟକଙ୍କ ପରିବାରର କାହାର କିଛି କ୍ଷତି ହୋଇ ନାହିଁ। ସୂଚନା ମୁତାବକ, ସକାଳ ୯ଟାରେ ବିଧାୟକ ମିତ୍ରଙ୍କ ରୋଷେଇ ଘରୁ ହଠାତ୍ ପ୍ରଚଣ୍ଡ ଶବ୍ଦ ହୋଇଥିଲା। କେହି କିଛି ବୁଝିବା ପୂର୍ବରୁ ଫ୍ରିଜ ଓ ଉକ୍ତ ଘର ସମ୍ପୂର୍ଣ୍ଣ ଧୂଆଁମୟ ହୋଇଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଧାୟକଙ୍କ ପରିବାରର କାହାରି କିଛି କ୍ଷତି ହୋଇ ନ ଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

## କୂଅରେ ପଡ଼ି ୨ ଜୀବନଗଲା

**ଖୋର୍ଦ୍ଧା ଅଫିସ/ବାଣପୁର/ଗମ୍ଭାରୀମୁଣ୍ଡା, ୧୯।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ପଲ୍ଲାହାଟ ବଜାର ନିକଟରେ ଖୋଲା କୂଅରେ ପଡିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଲ୍ଲାହାଟ ନିକଟ ଏକ ଦୋକାନରେ କାର୍ଯ୍ୟ କରୁଥିବା ହଳଦୀପଦା ଗ୍ରାମର ଜିତେନ୍ଦ୍ର ସାହୁ। ସୂଚନା ମୁତାବକ, ସାବିତ୍ରୀ ପାଇଁ ଜିତେନ୍ଦ୍ର ସ୍ତ୍ରୀଙ୍କ ପାଇଁ ଶଙ୍ଖା କିଣିବାକୁ ଯାଇ ପରିସ୍ରା କରିବାକୁ ହାଟ ବଜାର ନିକଟ ରାସ୍ତା କଡକୁ ଯାଉଥିବା ବେଳେ ସେଠାରେ ଥିବା ଏକ ଖୋଲା କୂଅରେ ପଡି ଯାଇଥିଲେ। ସ୍ଥାନୀୟ ଅଞ୍ଚଳର ଯୁବକମାନେ ଦେଖିବା ପରେ ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଜିତେନ୍ଦ୍ରଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାଣପୁର ଥାନା ଅନ୍ତର୍ଗତ ଗୋପାଳପୁର ଶାସନ ଗ୍ରାମର ହାଡ଼ିବନ୍ଧୁ ରଣା (୮୦) କୂଅରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଘର ବାରିପଟେ ଥିବା କୂଅରୁ ହାଡ଼ିବନ୍ଧୁ ପାଣି କାଢ଼ି ଗାଧୋଉଥିବା ବେଳେ ଅସାବଧାନତାରୁ କୂଅରେ ପଡ଼ିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ହାଡ଼ିବନ୍ଧୁଙ୍କୁ କୂଅରୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦେବାଳୟରେ ବ୍ରତଧାରୀଙ୍କ ପୂଜାର୍ଚ୍ଚନା

**ଜଟଣୀ/ନିରାକାରପୁର, ୧୯।୫(ଡି.ଏନ୍.ଏ.)**

ସାବିତ୍ରୀ ବ୍ରତ ପାଇଁ ଶୁକ୍ରବାର ଦେବାଳୟ ଚଳଚଞ୍ଚଳ ହୋଇପଡ଼ିଥିଲା। ସ୍ୱାମୀଙ୍କ ଶୁଭମନାସି ଦୀର୍ଘାୟୁ କାମନା କରି ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି ସ୍ତ୍ରୀ। ନୂଆ ଶାଢ଼ୀ, ଶଙ୍ଖା, ସିନ୍ଦୁର ସହ ବିଭିନ୍ନ ପ୍ରକାର ଫଳ ପୂଜା କରି ସ୍ୱାମୀର ଦୀର୍ଘ ଜୀବନ କାମନା କରିଛନ୍ତି। ଖୋର୍ଦ୍ଧା ଜିଲା ଜଟଣୀର ବିଭିନ୍ନ ମନ୍ଦିରରେ ମଧ୍ୟ ସାବିତ୍ରୀ ବ୍ରତଧାରୀ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି।। ପୌରାଞ୍ଚଳସ୍ଥିତ ହଟବଜାର ନୀଳକଣ୍ଠେଶ୍ୱର ମନ୍ଦିର, ରାମଚନ୍ଦ୍ରପୁରସ୍ଥିତ ଆଖଣ୍ଡଳମଣି ଦେବ, ବାଛରାସ୍ଥିତ ବାଲୁଙ୍କେଶ୍ୱର ଦେବ, କୁମାରଖାଡିଆସ୍ଥ ବାବା ବିଶ୍ୱନାଥ ଦେବ, ବାବା ପଶ୍ଚିମଶମ୍ଭୁ ସୋମନାଥ ଦେବ, ବୁଢ଼ାପଡା ଗ୍ରାମର ବାବା ସୋମନାଥ ଦେବ, ବାଲିଛକ ସାହିସ୍ଥିତ ଲକ୍ଷ୍ମୀନାରାୟଣ ଦେବଙ୍କ ମନ୍ଦିର ସମେତ ବହୁ ଦେବାଳୟରେ ବ୍ରତଧାରୀଙ୍କ ଗହଳି ଦେଖାଯାଇଥିଲା। ମହିଳାମାନେ ନୂତନ ବସ୍ତ୍ର, ଶଙ୍ଖା, ସିନ୍ଦୁର, ବ୍ରତ ସହିତ ବିଭିନ୍ନ ଫଳ ଠାକୁରଙ୍କ ଠାରେ ଭୋଗ ଲାଗି କରିଥିଲେ। ସେହିପରି ଲୋକକଲୋନୀସ୍ଥିତ ଶିବ ମନ୍ଦିରରେ ନିଜ ଗୁରୁଙ୍କ ଦୀର୍ଘାୟୁ ଓ ସୁସ୍ଥ ନିରାମୟ ଜୀବନ ପାଇଁ କିନ୍ନର ଲିପ୍ସା, ସୋନାଲି, ଅମ୍ରିତା, ମିକୁ ଓ ପିଙ୍କି ପ୍ରମୁଖ ଉପବାସ ରଖି ବ୍ରତ ଧାରଣ କରିଥିଲେ। ନିରାକାରପୁରରେ ମଧ୍ୟ ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ମହିଳାମାନେ ସକାଳେ ସ୍ନାନ ପୂର୍ବକ ନୂତନ ବସ୍ତ୍ର ପରିଧାନ କରି ନିକଟ ମନ୍ଦିରକୁ ଯାଇ ସ୍ୱାମୀଙ୍କ ଦିର୍ଘାୟୁ କାମନା କରି ପୂଜାର୍ଚ୍ଚନା କରିଥିଲେ।


ଜଟଣୀ ଲୋକକଲୋନୀସ୍ଥିତ ଶିବ ମନ୍ଦିରରେ କିନ୍ନରମାନେ ପୂଜାର୍ଚ୍ଚନା କରୁଛନ୍ତି।

## ଅନ୍ୟତ୍ର ବିବାହ ପୂର୍ବରୁ ଉଠାଇ ଆଣିଲା ପୋଲିସ

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ସାବିତ୍ରୀରେ ସ୍ତ୍ରୀକୁ ଧୋକା ଦେଲେ ସତ୍ୟବାନ। ସ୍ତ୍ରୀକୁ ଛାଡି ଅନ୍ୟଜଣେ ଯୁବତୀଙ୍କୁ ମନ ଦେଇ ବିବାହ କରିବାକୁ ସ୍ୱାମୀ କରିଥିଲେ ଯୋଜନା। ହେଲେ ବିବାହ ପୂର୍ବରୁ ପ୍ରତାରିତ ସ୍ୱାମୀ ବିଭୁ ନାୟକଙ୍କୁ ପଣ୍ଡାକୁଦିଆ ବସ୍ତିରୁ ଉଠାଇ ଆଣି ସବୁ ଯୋଜନାକୁ ଭଣ୍ଡୁର କରିଦେଲା ଭରତପୁର ଥାନା ପୋଲିସ। ଅଭିଯୁକ୍ତ ବିଭୁଙ୍କୁ ଗିରଫ ପରେ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ୩ବର୍ଷ ତଳେ ଶ୍ରାବଣୀଙ୍କୁ ବିଭୁ ପ୍ରେମ ବିବାହ କରିଥିଲେ। ପରେ ପୁଣି ବିଭୁ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ଯାଉଥିବା ଖବରପାଇ ଶ୍ରାବଣୀ ଥାନାରେ ଅଭିଯୋଗ କରିଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ମୁକୁଳା ଟ୍ରାନ୍ସଫର୍ମର

**ବୋଲଗଡ଼,୧୯।୫(ଡି.ଏନ୍.ଏ.)**

ଖୋଲାରେ ରହିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର। ତାହା ପୁଣି ଗ୍ରାମ୍ୟ ରାସ୍ତାର ଅତି ନିକଟରେ ଏବଂ ଲଟାବୁଦାରେ ପରିପୂର୍ଣ୍ଣ। ଏମିତି ଦୃଶ୍ୟ ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ କନ୍ତାଇଲୋ ହାଟବସ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତାର ମାଣିକପୁର ଗ୍ରାମ ନିକଟରେ। ବର୍ଷା ହେଲେ ଗାଁ ମୁଣ୍ଡ ରାସ୍ତା କଡରେ ଥିବା ଏହି ଟ୍ରାନ୍ସଫର୍ମର ଯୋଗୁ ଗଛରେ ବିଦ୍ୟୁତ୍ ପ୍ରବାହ ହେଉଥିବା ଗ୍ରାମବାସୀ କହିଛନ୍ତି। ଉକ୍ତ ରାସ୍ତାଦେଇ ଲୋକେ ଓ ଗାଈଗୋରୁ ଯାତାୟାତ କରୁଥିବା ବେଳେ କେତେବେଳେ ଯେ କାହାର ଜୀବନ ଚାଲିଯିବ ସେ ନେଇ ଗ୍ରାମବାସୀ ଆଶଙ୍କାରେ ରହିଛନ୍ତି। ଅନ୍ୟପଟେ ରାଜସୁନାଖଳା ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥବାରୁ ସାଧାରଣରେ ଅସନ୍ତୋଷ ଦେଖଦେଇଛି। ଏନେଇ ରାଜସୁନାଖଳା ବିଦ୍ୟୁତ୍ ସେକ୍ସନର ସହକାରୀ ଯନ୍ତ୍ରୀ ଏସ୍.କେ ଆଚାରୀ କହିଛନ୍ତି, ସମସ୍ତ ମୁକୁଳା ଟ୍ରାନ୍ସଫର୍ମରକୁ ଆବଦ୍ଧ କରାଯାଉଛି। ଏହି ଟ୍ରାନ୍ସଫର୍ମର ଆବଦ୍ଧ ପାଇଁ ମଧ୍ୟ ଅର୍ଥ ମଞ୍ଜୁର ହୋଇଛି। ଏକମାସ ମଧ୍ୟରେ ଏହାର ନିର୍ମାଣ ସମ୍ପୂର୍ଣ୍ଣ ହେବ।


ମାଣିକପୁର ଗ୍ରାମ ରାସ୍ତା ପାର୍ଶ୍ୱରେ ରହିଥିବା ଟ୍ରାନ୍ସଫର୍ମର।

# ସଚେତନତା ଟ୍ରାଫିକ୍ ସମସ୍ୟାର ସୁଧାର ଆଣିବ

**ଖୋର୍ଦ୍ଧା ଅଫିସ,୧୯।୫**

ଖୋର୍ଦ୍ଧା ସହରରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ଟ୍ରାଫିକ୍ ବ୍ୟବସ୍ଥା। ଦିନକୁ ଦିନ ଅଣାୟତ୍ତ ହେଲାଣି ଟ୍ରାଫିକ୍ ପରିଚାଳନା। ସକାଳ ୮ରୁ ରାତି ୮ ପର୍ଯ୍ୟନ୍ତ ଟ୍ରାଫିକ୍ ସମସ୍ୟା ରହୁଛି। ଫଳରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହେଉଛି। ବିଶେଷକରି ସନ୍ଧ୍ୟା ସମୟରେ ଦୋକାନ ଆଗରେ ବାଇକ୍ ପାର୍କିଂ, ଯାନବାହନ ଚଳାଚଳ ଯୋଗୁ ଚାଲିକି ଯିବା ମଧ୍ୟ ଅସମ୍ଭବ ହୋଇପଡ଼ିଲାଣି, ଯାହାକୁ ନେଇ ଚିନ୍ତାରେ ପ୍ରଶାସନ ଓ ସ୍ଥାନୀୟ ଲୋକେ।

ମୁକୁନ୍ଦପ୍ରସାଦଠାରୁ ମାରୱାଡି ପଟି, ଟ୍ରାଫିକ୍ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ପେଟ୍ରୋଲ ପମ୍ପ୍ ଛକରେ ଟ୍ରାଫିକ୍ ଅନିୟନ୍ତ୍ରିତ ହୋଇପଡୁଛି। ପେଟ୍ରୋଲ ପମ୍ପ୍‌ଠାରୁ ମାରୱାଡି ପଟି ରାସ୍ତା ସମ୍ପୂର୍ଣ୍ଣ ସଙ୍କୁଚିତ ହୋଇ ରହିଛି। ଅନ୍ୟପଟେ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ପାର୍କିଂ ଏବଂ ଦୋକାନ ବଜାର ସହ କ୍ୟାବିନ ରାସ୍ତାକୁ ସଙ୍କୁଚିତ କରୁଛି। କୌଣସି ପର୍ବପର୍ବାଣି ପଡ଼ିଲେ ୧୦ରୁ ୧୫ ମିନିଟ୍ ବ୍ୟବଧାନରେ ଏଠାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ମେଡିକାଲକୁ ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଜାମ୍‌ରେ ଫସି ରହୁଥିବା ନଜିର ରହିଛି। ଉଭୟ ପାର୍ଶ୍ୱ ଦୋକାନ ଆଗରେ ବାଇକ୍ ପାର୍କିଂ ଯୋଗୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ସନ୍ଧ୍ୟାରେ ଏହି ଟ୍ରାଫିକ୍ ସମସ୍ୟା ଦ୍ୱିଗୁଣିତ ହେଉଛି। ଏହି ରାସ୍ତାରେ ମେଡିକାଲ, ବନ ବିଭାଗ କାର୍ଯ୍ୟାଳୟ, ଘରୋଇ ଶିକ୍ଷାନୁଷ୍ଠାନ, ୨ଟି ଶପିଂ ମଲ୍, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ମୁଖ୍ୟ ଡାକଘର, ଶତାଧିକ କ୍ୟାବିନ ଘେରି ରହିଛି। ରାସ୍ତା ଉପରେ ଥିବା କ୍ୟାବିନ ହଟାଇବା ଲାଗି ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାଜନୈତିକ ଇଚ୍ଛାଶକ୍ତି ଏବଂ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଖୋର୍ଦ୍ଧା ସହରକୁ କ୍ୟାବିନମୁକ୍ତ ଅଭିଯାନ କାଗଜକଲମରେ ସୀମିତ ରହିଛି। ଏହି ରାସ୍ତା ଦେଇ ନୟାଗଡ଼ରୁ ଭୁବନେଶ୍ୱରକୁ ଦୈନିକ ଶତାଧିକ ଘରୋଇ ବସ୍ ଯାତାୟାତ କରୁଛି। ଯାତ୍ରୀ ଉଠାଇବା ଏବଂ ଓହ୍ଲାଇବା ଲାଗି ବସ୍‌ଗୁଡିକ ଖୋର୍ଦ୍ଧା କ୍ଲବ୍, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଅଟକି ରହୁଛନ୍ତି। ପୁରୁଣା ବସ୍‌ଷ୍ଟାଣ୍ଡରେ ହଳଦିଆ, ଗଡ଼ମାଣିତ୍ରୀ, ଜଟଣୀ ଆଦି ଅଞ୍ଚଳକୁ ମିନି ବସ୍, କ୍ୟାଣ୍ଟର ଚଳାଚଳ କରୁଛି। ଏହି ବସ୍ ଗୁଡିକ ମଧ୍ୟ ଯାତ୍ରୀଙ୍କୁ ଅପେକ୍ଷା କରି ରହୁଛନ୍ତି। ଅନ୍ୟପଟେ ମୁଖ୍ୟ ଡାକଘର ନିକଟ ଗଳି ଗୁରୁଜଙ୍ଗ, କେରଙ୍ଗ, ହଳଦିଆ, ଟାଙ୍ଗିଆପଡ଼ା ଆଦି ଗ୍ରାମକୁ ଯିବା ଲାଗି ଏକମାତ୍ର ରାସ୍ତା ରହିଛି। ଫଳରେ ସବୁ ସମୟରେ ଟ୍ରାଫିକ୍ ସମସ୍ୟା ରହୁଛି। ସେହିପରି ଟ୍ରାଫିକ୍ ଛକ ନିକଟରେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, ଟାଉନ ଥାନା, ଉପଜିଲାପାଳ ଏବଂ ତହସିଲଦାରଙ୍କ କାର୍ଯ୍ୟାଳୟ ସମେତ ସମବାୟ ବ୍ୟାଙ୍କ ନିକଟରେ ପୌର ପରିଷଦର କାର୍ଯ୍ୟାଳୟ ରହିଛି। ଟ୍ରାଫିକ୍ ଛକଠାରୁ ସମବାୟ ଛକ ଏବଂ ସମବାୟ ଛକଠାରୁ ପୁରୁଣା ମେଡିକାଲ ରାସ୍ତାର ଉଭୟ ପାର୍ଶ୍ୱରେ ଉଠାଦୋକାନ, ପରିବା ଏବଂ ଗ୍ରୋସରି ଦୋକାନ ସମେତ ଅନ୍ୟାନ୍ୟ ଦୋକାନ ରହିଛି। ଫଳରେ ସବୁ ସମୟରେ ଗ୍ରାହକଙ୍କ ଭିଡ଼ ରହୁଛି। ଯାନବାହନ ଚଳାଚଳ ଯୋଗୁ ଏହି ରାସ୍ତାରେ ଟ୍ରାଫିକ୍ ସମସ୍ୟା ରହୁଛି। ସେହିପରି କୋର୍ଟଛକ ହାବେଳି ପଡିଆ ଏବଂ ନୂଆ ବସ୍‌ଷ୍ଟାଣ୍ଡରେ ରାସ୍ତା ଉପରେ ସକାଳୁ ରାତି ପର୍ଯ୍ୟନ୍ତ ବାଇକ୍ ପାର୍କିଂ ହୋଇ ରହୁଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ବ୍ୟାଙ୍କ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ମଧ୍ୟରେ ଗୋଟିଏ ପାର୍ଶ୍ୱରେ ବହୁତଳ ଶପିଂ ମଲ, ଘରୋଇ ବ୍ୟାଙ୍କ, ବିଭିନ୍ନ ଦୋକାନ ରହିଛି। ଫଳରେ ଏଠାରେ ଜନଗହଳି ରହୁଛି। ଦିନକୁ ଦିନ ସହରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଜାତୀୟ ରାଜପଥ କାମ ଜାରି ରହିଛି। ଫଳରେ ରାସ୍ତା ସଙ୍କୁଚିତ ରହିଛି। ଏହା ସହରର ପ୍ରବେଶ ପଥ ହୋଇଥିବାରୁ ବହୁ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏନେଇ ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ଟ୍ରାଫିକ୍ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯାଉଛି। ଜନଗହଳି ଛକ ସ୍ଥାନରେ ଟ୍ରାଫିକ୍ କନ୍‌ଷ୍ଟେବଲ ଡ୍ୟୁଟି କରୁଛନ୍ତି। ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ। କେବଳ ପୋଲିସକୁ ଦୋଷଦେଲେ ହେବନି, ଏଥିରେ ଲୋକଙ୍କ ସହଯୋଗ ନିତାନ୍ତ ଜରୁରୀ। ଲୋକେ ସଚେତନ ହେଲେ ସମସ୍ୟା ସମାଧାନ ହୋଇପାରିବ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୦ ମେ , ୨୦୨୩

**ଶ୍ରୀମନ୍ଦିରରେ ସାବିତ୍ରୀ ବ୍ରତଧାରୀଙ୍କ ଭିଡ଼**

ପୁରୀ ଅଫିସ: ସାବିତ୍ରୀ ବ୍ରତ ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ରତଧାରୀଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବ୍ରତଧାରୀମାନେ ସ୍ୱାମୀଙ୍କ ଦୀର୍ଘାୟୁ ଜୀବନ କାମନା କରି ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ। ଶ୍ରୀମନ୍ଦିର ଭିତରେ ଥିବା ଭୁବନେଶ୍ୱରୀ ମନ୍ଦିରରେ ଦେବୀ ସାବିତ୍ରୀଙ୍କୁ ବ୍ରତଧାରୀମାନେ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ସେହିପରି ମହାପ୍ରସାଦ ଗହଳି ପରିଲକ୍ଷିତ ହୋଇଥିଲା। ସହରର ବିଭିନ୍ନ ମନ୍ଦିରରେ ମଧ ପୂଜାର୍ଚ୍ଚନା ପାଇଁ ବିବାହିତା ମହିଳାମାନେ ଲମ୍ବାଧାଡ଼ି ଲଗାଇଥିଲେ।



## ସଂକ୍ଷେପରେ

### ନୀଳାଦ୍ରି ବିଚ୍‌ରୁ ସ୍କୁଟି ଚୋରି: ୨ ଗିରଫ

ପୁରୀ ଅଫିସ, ୧୯।୫: ନୀଳାଦ୍ରି ବିଚ୍ ନିକଟରୁ ଜଣେ ବ୍ୟକ୍ତିଙ୍କ ସ୍କୁଟି ଚୋରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଅବକାଶ ଲେନ୍ ଅଞ୍ଚଳର ଘୋଡ଼ା ବିକି ଓରଫ ବିଶ୍ୱନାଥ ସାହୁ(୨୮) ଏବଂ ଟିକରପଡ଼ାର ଗୁଲୁଗୁଲା ଓରଫ ସନ୍ତୋଷ ଦାସ(୩୪)। ଏମାନଙ୍କ ଠାରୁ ପୋଲିସ ଗୋଟିଏ ସ୍କୁଟି ଓ ଗୋଟିଏ ବାଇକ୍ ଜବତ କରିଛି। ଏନେଇ ଏକ କେସ୍ (ନଂ. ୧୧୯/୨୩) ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଗତ ୮ତାରିଖ ସନ୍ଧ୍ୟାରେ ସିଟି ରୋଡ୍ ଅଞ୍ଚଳର ଶିବୁ ବେହେରା ନୀଳାଦ୍ରି ବିଚ୍ ନିକଟକୁ ଯାଇଥିଲେ। ସେଠାରେ ତାଙ୍କ ସ୍କୁଟିକୁ ପାର୍କ କରି ସେ ଭିତରକୁ ଯାଇଥିଲେ। ଏହି ସମୟରେ ସେଠାରୁ ତାଙ୍କ ସ୍କୁଟି ଚୋରି ହୋଇଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଅପହରଣର ଦିନକ ପରେ ନାବାଳିକା ଉଦ୍ଧାର

ଗୋପ,୧୯।୫(ଡି.ଏନ୍.ଏ.)- ଜଣେ ନାବାଳକ ପ୍ରଲୋଭନ ଦେଖାଇ ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିବା ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଗୋପ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗର ଗୋଟିଏ ଦିନ ପରେ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ନାବାଳକଙ୍କ ଫୋନକୁ ଟ୍ରାକିଂ କରି କୋଣାର୍କ ଥାନା ଅଞ୍ଚଳରୁ ଉଭୟଙ୍କୁ ଉଦ୍ଧାର କରିଥିଲେ। ଶୁକ୍ରବାର ପୋଲିସ ଉଭୟଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରୀ ମାଇନା କରିବା ପରେ ନାବାଳକଙ୍କୁ ପୋକ୍ସ ଆକ୍ଟରେ ପୁରୀ ବାଳସୁଧାର ଗୃହକୁ ପଠାଇଥିଲା। ଏପଟେ ନାବାଳିକାଙ୍କୁ ପରିବାର ସଦସ୍ୟଙ୍କୁ ଜିମାନାମା ଦିଆଯାଇଥିଲା। ପ୍ରକାଶ ଯେ, ନାବାଳକ ଜଣଙ୍କ କୋଣାର୍କ ଥାନା ଅଞ୍ଚଳରେ ଏକ ବ୍ୟବସାୟିକ ପ୍ରତିଷ୍ଠାନରେ କାମ କରୁଥିଲେ। ସେ ସୋସିଆଲ ମିଡିଆରେ ଏହି ନାବାଳିକା ସହ ସମ୍ପର୍କ ଆରମ୍ଭ ହୋଇଥିଲା। ପରେ କିଛି ଦିନ ଧରି କଥାବାର୍ତ୍ତା ହେବା ପରେ ଦୁଇଦିନ ତଳେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ନାବାଳକ ଜଣକ ଅପହରଣ କରି ନେଇଥିଲା। ଏନେଇ ନାବାଳିକା ପରିବାର ପକ୍ଷରୁ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ଏକ ମାମଲା(ନଂ.୨୨୪/୨୩) ରୁଜୁ କରି ତଦନ୍ତ କରି ଉଭୟଙ୍କୁ ଉଦ୍ଧାର କରିଥିଲେ।

### ସରପଞ୍ଚଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ବାପପୁଅ ଗିରଫ

ନିମାପଡ଼ା,୧୯।୫(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ଚଅଁରପଦା ଗ୍ରାମ ପଞ୍ଚାୟତର ସରପଞ୍ଚ ତପନ କୁମାର ମଲ୍ଲିକଙ୍କୁ କୌଣସି କାରଣକୁ ନେଇ ଦୁର୍ବ୍ୟବହାର, ଗାଳିଗୁଲଜ କରିବା ଅଭିଯୋଗରେ ପୋଲିସ ବାପପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଧୀରେନ୍ଦ୍ର ବାରିକ, ତାଙ୍କ ପୁଅ ବଳରାମ ବାରିକ। ଏ ନେଇ ପୋଲିସ ଏକ ମାମଲା(ନଂ.୧୬୪/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଧୀରେନ୍ଦ୍ର ଚଅଁରପଦା ଗ୍ରାମ ଓ ଛକରେ ଦୀର୍ଘଦିନ ଧରି ଚୋରା ମଦ କାରବାର କରୁଛନ୍ତି। ଚୋରା ମଦ କାରବାର ସମ୍ପର୍କରେ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରିବାରୁ ସରପଞ୍ଚ ମଲ୍ଲିକ ଗ୍ରାମରେ ଏହି କାରବାର ନ କରିବାକୁ ଧୀରେନ୍ଦ୍ରଙ୍କୁ କହିଥିଲେ। ବାରମ୍ବାର ତାଗିଦ କରିବାରୁ ଧୀରେନ୍ଦ୍ର ଏଥିରେ କ୍ରୋଧାନ୍ୱିତ ହୋଇ ପୁଅ, ସ୍ତ୍ରୀ ସହ ଆସି ସରପଞ୍ଚଙ୍କୁ ଦୁର୍ବ୍ୟବହାର ସହ ଗାଳିଗୁଲଜ କରିଥିଲେ। ଏ ନେଇ ସରପଞ୍ଚ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏଥିସହ ଚଅଁରପଦା ଗ୍ରାମ ଓ ଛକରେ ମଦ କାରବାରକୁ ବନ୍ଦ କରିବା ସହ ଧୀରେନ୍ଦ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

### ୨୧ରେ ନିଖିଳ ଉତ୍କଳ ହୈହୟ କ୍ଷତ୍ରିୟ ସମାଜର ସମାବେଶ




ପୁରୀ ଅଫିସ, ୧୯।୫:ଆସନ୍ତା ୨୧ ତାରିଖରେ ଶରଧାବାଲିଠାରେ ନିଖିଳ ଉତ୍କଳ ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୫୦୦ରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗଦେବେ। ଅନୁଷ୍ଠାନର ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହେବା ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବା ନେଇ ଆଲୋଚନା କରାଯିବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଉଦୟନାଥ ସାହୁ, ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି କୋଦଣ୍ଡ ଚୌଧୁରୀ, ଉପସଭାପତି ବିକ୍ରମ କୁମାର ସାହୁ ପ୍ରମୁଖ ସୂଚନା ଦେଇଛନ୍ତି।

# ଲୁଟ ଷଡ଼ଯନ୍ତ୍ର ରଚିଥିଲେ ବ୍ୟାଙ୍କ କର୍ମଚାରୀ

**ଉଜ୍ଜୀବନ ବ୍ୟାଙ୍କର ୨ କର୍ମଚାରୀ ଗିରଫ**

- ୧ଲକ୍ଷ ୯୫ ହଜାର ଟଙ୍କା ଲୁଟ ଘଟଣା ମିଛ
- ଟଙ୍କା, ୩ ମୋବାଇଲ, ଫିଙ୍ଗରପ୍ରିଣ୍ଟ ସ୍କାନର ଜବତ

ପୁରୀ ଅଫିସ, ୧୯।୫:

ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ କର୍ମଚାରୀଙ୍କଠାରୁ ୧ଲକ୍ଷ ୯୫ହଜାର ଟଙ୍କା ଲୁଟ୍ ମାମଲାର ପର୍ଦ୍ଦାଫାସ କରିଛି ଚନ୍ଦନପୁର ଥାନା ପୋଲିସ। ତେବେ ଘଟଣା ମିଛ ବୋଲି ଶୁକ୍ରବାର ପୋଲିସ ସୂଚନା ଦେଇଛି। ବ୍ୟାଙ୍କର ଦୁଇ କର୍ମଚାରୀ ନିଜେ ଟଙ୍କା ହଡପ କରି ଲୁଟ୍ ହେବାର ମିଛ ବାହାନା କରି ଧରାପଡ଼ିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ବ୍ୟାଙ୍କର ଗ୍ରାହକ ସମ୍ପର୍କ ଅଧିକାରୀ ସୁଶୀଲ ପ୍ରଧାନ(୨୩) ଓ ତାଙ୍କ ସହଯୋଗୀ ସତ୍ୟବାଦୀର ରଜନୀକାନ୍ତ ଜେନା(୨୩)ଙ୍କୁ ପୋଲିସ ଗିରଫ କରିଛି। ଉଭୟ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କଠାରୁ ୧ଲକ୍ଷ ୯୫ହଜାର ୧୫୮ ଟଙ୍କା, ୩ଟି ମୋବାଇଲ ଫୋନ, ଗୋଟିଏ ଫିଙ୍ଗରପ୍ରିଣ୍ଟ ସ୍କାନର ଜବତ ହୋଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୧୨୦/୨୩) ରୁଜୁ କରିଛି।



ଗିରଫ ୨ ଅଭିଯୁକ୍ତ ଏବଂ ଜବତ ଟଙ୍କା ଓ ସାମଗ୍ରୀ ।

ସୂଚନା ଅନୁଯାୟୀ, ସୁଶୀଲ ବ୍ୟାଙ୍କର ଲୋନ୍ ଟଙ୍କା ଆଦାୟ କରିବା ପାଇଁ ଗତ ଗୁରୁବାର ଚନ୍ଦନପୁର ଯାଇଥିଲେ। ଟଙ୍କା ଆଦାୟ କରିସାରି ସେ ଅଫିସ ଫେରୁଥିଲେ। ଚନ୍ଦନପୁର ଥାନା ଅନ୍ତର୍ଗତ ବାଙ୍ଗୁରୁବା-ଭାର୍ଗବୀ ନଦୀ ନିକଟରେ ତାଙ୍କଠାରୁ ୧ଲକ୍ଷ ୯୫ ହଜାର ଟଙ୍କା ସମେତ ଅନ୍ୟାନ୍ୟ ଜିନିଷ ଲୁଟ୍ ହୋଇଥିବା ନେଇ ସେ ଅଫିସକୁ ଜଣାଇଥିଲେ। ଏନେଇ ବ୍ୟାଙ୍କର ଗ୍ରାହକ ସମ୍ପର୍କ ମ୍ୟାନେଜର ମାନସ କୁମାର ରାଉଳ ଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସର ରଜନୀକାନ୍ତଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଏହି ଷଡ଼ଯନ୍ତ୍ର ପଛରେ ସୁଶିଲଙ୍କ ହାତ ଥିବା ସେ ପୋଲିସକୁ କହିଥିଲେ। ପୋଲିସ ସୁଶିଲଙ୍କୁ ଥାନାକୁ ଆଣି ଜେରା କରିବାରୁ ସେ ସବୁ ସତ ସ୍ୱୀକାର କରିଥିଲେ। ଫଳରେ ଉଭୟଙ୍କୁ ପୋଲିସ ଗିରଫ କରିଥିଲା।



ସାବିତ୍ରୀ ବ୍ରତ ଅବସରରେ ଶୁକ୍ରବାର ପୁରୀ ବ୍ଲକ ଛକସ୍ଥିତ ଏକ ମନ୍ଦିରରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି ।

## ୩ ଲକ୍ଷର ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ନିମାପଡ଼ା,୧୯।୫(ଡି.ଏନ୍.ଏ.)

ଚାରିଛକ ଥାନା ପୋଲିସ କଳାପାଞ୍ଚଣ ଛକରେ ଶୁକ୍ରବାର ସକାଳେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ଶ୍ରୀରାମପୁର ମଠ ସାହି ଗ୍ରାମର ପ୍ରତାପ କୁମାର ରାଉତ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତାଙ୍କଠାରୁ ୨୫ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରାଯାଇଛି ବୋଲି ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ପ୍ରମୁଖ ଚାରିଛକ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି କହିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୫୪/୨୩) ରୁଜୁ କରି ତଦନ୍ତ ଚଳାଇଛି। କଳାପାଞ୍ଚଣ ଛକରେ ବ୍ରାଉନସୁଗାର ବିକ୍ରି ହେଉଥିବା ନେଇ ପୋଲିସ ନିକଟରେ ଖବର ମିଳିଥିଲା। ଏ ନେଇ ପୁରୀ ଜିଲା ଏସ୍‌ପି ଡ. କନଓ୍ୱର ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ମିଶ୍ରଙ୍କ ତତ୍ତ୍ୱାବଧାନରେ ଚାରିଛକ ଥାନାଧିକାରୀ ମମତା ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ଶୁକ୍ରବାର ସଦଳବଳ ସେଠାରେ ଚଢ଼ାଉ କରି ପ୍ରତାପଙ୍କୁ ଧରିବା ସହ ବ୍ରାଉନସୁଗାର ଜବତ କରିଥିଲେ।



ପୁରୀ ସହରରେ କିନ୍ନରମାନେ ଏକାଠି ହୋଇ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି ।

## ଅସ୍ତରଙ୍ଗରେ ମାଟ୍ରିକ୍‌ରେ ଶ୍ରେଷ୍ଠ ୩ଜଣଙ୍କୁ ଶୁଭେଚ୍ଛା

ଅସ୍ତରଙ୍ଗ,୧୯।୫(ଡି.ଏନ୍.ଏ.)

ମାଟ୍ରିକ ପରୀକ୍ଷାରେ ଅସ୍ତରଙ୍ଗ ବ୍ଲକରୁ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ଶ୍ରେଷ୍ଠ ଥିବା ୩ ଜଣଙ୍କୁ ମିଳିତମେଣ୍ଟର ଆବାହକ ତଥା ପୂର୍ବତନ ରାଜ୍ୟ ପରିଷଦ ସଭ୍ୟ ଦିବାକର ଛାଟୋଇ ଶୁକ୍ରବାର ଭେଟି ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ଥାଉକି, ଗୁରୁବାର ହାଇସ୍କୁଲ ବାର୍ଷିକ ପରୀକ୍ଷାଫଳ ପ୍ରକାଶ ପରେ ଈଶାନେଶ୍ୱର ବିଦ୍ୟାପୀଠର ଲୋପାମୁଦ୍ରା ମହାନ୍ତି ୫୬୨ ନମ୍ବର, ବେଳାଭୂମି ବିଦ୍ୟାପୀଠ, ଛୁରିଆନାର ଶୁଭମ ସୌରଭ ସେନାପତି ୫୫୨ ଓ ଲବଣ ସତ୍ୟାଗ୍ରହୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ,କୁହୁଡିର ଆୟୁଷ୍ମାନ ବିଶ୍ୱାଳ ୫୪୪ ନମ୍ବର ରଖି ଏ-୧ ତାଲିକାରେ ସ୍ଥାନ ପାଇଛନ୍ତି। ହାଇସ୍କୁଲ ପରୀକ୍ଷାରେ ଅଧିକ ନମ୍ବର ରଖି ଅସ୍ତରଙ୍ଗ ବ୍ଲକରେ ଏହି ୩ ଜଣ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏହି ଖବର ଜାଣି ମିଳିତମେଣ୍ଟର ଆବାହକ ଦିବାକର ଛାଟୋଇ ଓ ତାଙ୍କର ସମର୍ଥକମାନେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ତାଙ୍କ ଘରେ ଭେଟି ଫୁଲତୋଡା ଓ ମିଠା ଦେଇ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଥିଲେ। ଲୋପାମୁଦ୍ରା ତାଙ୍କ ଘରେ ଅନୁପସ୍ଥିତ ଥିବାରୁ ତାଙ୍କ ମାଆଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ଦୃଢ ଇଚ୍ଛାଶକ୍ତି, ଛାତ୍ର ଜୀବନରେ ଉନ୍ନତି ଓ ଭବିଷ୍ୟତରେ ଜଣେ ଶ୍ରେଷ୍ଠ ବ୍ୟକ୍ତିତ୍ୱ ହାସଲ କରିବାକୁ ମା' ମଙ୍ଗଳାଙ୍କ ନିକଟରେ ଛାଟୋଇ ପ୍ରାର୍ଥନା କରିଛନ୍ତି।

## କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା ନୂଆ ଆମ୍ବୁଲାନ୍ସ

କୋଣାର୍କ,୧୯।୫(ଡି.ଏନ୍.ଏ.)

ଆନ୍ତର୍ଜାତିକ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଶୁକ୍ରବାର ମିଳିଛି ନୂଆ ୧୦୮ ଆମ୍ବୁଲାନ୍ସ। ଏହି ଆମ୍ବୁଲାନ୍ସକୁ କୋଣାର୍କ ଏନ୍‌ଏସି ଅଧକ୍ଷା ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ପୁରୀ ଜିଲା କ୍ଲଷ୍ଟର ପରିଚାଳକ ଲଲାଟେନ୍ଦୁ ପ୍ରଧାନ, କୋଣାର୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଆୟୁଷ ଡା.ବିଦ୍ୟୁଭୂଷଣ ନାୟକ ଓ ସମସ୍ତ କର୍ମଚାରୀ ଏବଂ କୋଣାର୍କ ଏନ୍‌ଏସିର ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ସୂଚନା ଥାଉକି, ପୂର୍ବରୁ ମିଳିଥିବା ୧୦୮ ଆମ୍ବୁଲାନ୍ସଟି ବାରମ୍ବାର ଖରାପ ହେବାରୁ ରୋଗୀ ସେବାରେ ସମସ୍ୟା ସୃଷ୍ଟି ହେଉଥିଲା। ଫଳରେ ସୂର୍ଯ୍ୟ ମନ୍ଦିର ଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେଉଥିଲେ। ଏହି ନୂଆ ୧୦୮ ଆମ୍ବୁଲାନ୍ସ ମିଳିବା ଫଳରେ ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚିବାରେ ସୁବିଧା ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ଏନ୍‌ଏସି ଅଧକ୍ଷା ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ ପତାକା ଦେଖାଇ ନୂଆ ଆମ୍ବୁଲାନ୍ସର ଶୁଭାରମ୍ଭ କରୁଛନ୍ତି ।

## ୨୨ରୁ କଲାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ ଅମଲା

**ଦାବି ପୂରଣ ନ ହେଲେ ଜୁନ୍ ୧ରୁ ସମୂହ ଛୁଟିରେ ଯିବେ**

ପୁରୀ ଅଫିସ, ୧୯।୫:

ମେଟ୍ରିକ୍ ହାରରେ କନିଷ୍ଠ ସହାୟକମାନଙ୍କୁ ଦରମା ମିଳିବା ପ୍ରତିବାଦରେ ପୁରୀ ଜିଲା ଅମଲା ସଂଘ ପକ୍ଷରୁ ଆସନ୍ତା ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ। ଅମଲାମାନେ କଲାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ। ଏ ନେଇ ସଂଘ ପକ୍ଷରୁ ଶୁକ୍ରବାର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ ଥିବା ଅମଲାମାନଙ୍କୁ ୨୦୧୭ ମସିହାରୁ ମେଟ୍ରିକ୍ ହାରରେ ଲେବଲ ୪ କନିଷ୍ଠ ସହାୟକମାନଙ୍କୁ ଦରମା ମିଳୁଛି। ସ୍ନାତକ ହାରରେ ଲେଭେଲ ୯ (ପେ ୧୩୯୦୦+ ଗ୍ରେଡ୍ ପେ ୪୨୦୦) ପ୍ରଦାନ ପାଇଁ ବାରମ୍ବାର ଅନୁରୋଧ ସତ୍ତ୍ୱେ ସରକାର ଶୁଣୁନାହାନ୍ତି। ଏହା ପ୍ରତିବାଦରେ ଅମଲାମାନେ ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ କଲାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ। ସରକାର ଦାବି ପୂରଣ ନ କଲେ ସମସ୍ତ ବିଭାଗର କାର୍ଯ୍ୟରତ ଅମଲାମାନେ ଜୁନ ୧ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ମିଶନ ଗ୍ରେଡ୍ ପେ ୪୨୦୦ ପାଇଁ ରାଜ୍ୟ ସଂଘ ନିଷ୍ପତ୍ତି ଅନୁଯାୟୀ ଜିଲା ସଂଘ ଦାବି କରିଛି। ରାଜ୍ୟ ସରକାର ଦାବି ପୂରଣ ନ କଲେ ସମସ୍ତ ଅମଲା ସମୂହ ଛୁଟିରେ ଯିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ଆବାହକ ପ୍ରଣବ କୁମାର ଚିନ୍ନରା, ଅଧକ୍ଷ ମହେନ୍ଦ୍ର କୁମାର ମହାପାତ୍ର, ଅତିରିକ୍ତ ସାଧାରଣ ସମ୍ପାଦକ ଦୁର୍ଗାପ୍ରସନ୍ନ ମହାନ୍ତି, ଜିଲା ସଭାପତି ଆଶିଷ କୁମାର ନାୟକ, ଉପଦେଷ୍ଟା ପ୍ରଭାକର ପ୍ରଧାନ, ମାନସ କୁମାର ପାତ୍ର, ବିଜୟ କୁମାର ଦାସ, ଗଣେଶ ପାତ୍ର, ପ୍ରବୀର ବିଶ୍ୱାଳ, ସୁକାନ୍ତ ପଲେଇ, ମନୋରମା ସାହୁ ଏବଂ ରୂପଶ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଶିବ ଆରାଧନା ସହ ବଟବୃକ୍ଷକୁ ପୂଜାକଲେ ଛତିଶଗଡ଼ ମହିଳା

ପୁରୀ ଅଫିସ, ୧୯।୫:

ଶ୍ରୀକ୍ଷେତ୍ରରେ ଶୁକ୍ରବାର ସାବିତ୍ରୀ ପୂଜାର ଭିନ୍ନ ଏକ ଚିତ୍ର ଦେଖିବାକୁ ଦେଖିବାକୁ ମିଳିଥିଲା। ଛତିଶଗଡ଼ର ମହିଳାମାନେ ପୁରୀ ବାଲିସାହି ବାଟଲୋକନାଥ ମନ୍ଦିର ନିକଟରେ ଶିବଙ୍କୁ ଆରାଧନା କରି ବଟବୃକ୍ଷକୁ ପୂଜାର୍ଚ୍ଚନା କରିଥିଲେ। ଛତିଶଗଡ଼ ମୁଙ୍ଗେଲି ଜିଲାରୁ ପୁରୀ ବୁଲିବାକୁ ଆସିଥିବା ମହିଳାମାନେ ସେମାନଙ୍କ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି, ଶୁଭ ମନାସି, ଶଙ୍ଖା ଓ ସିନ୍ଦୂରକୁ ବଳିଷ୍ଠ କରିବା ପାଇଁ ପୂଜାର୍ଚ୍ଚନା କରିଥିଲେ। ଛତିଶଗଡର ମହିଳାମାନେ ମହାଦେବଙ୍କୁ ଆରାଧନା କରି ବଟବୃକ୍ଷକୁ ୧୦୮ଥର ପରିକ୍ରମା କରି ସିନ୍ଦୁର ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିଥିଲେ।

## 'ଆର୍ଟ ଅଫ୍ ଗିଭିଂ' ପକ୍ଷରୁ 'ସାହାଯ୍ୟକାରୀଙ୍କୁ ସାହାଯ୍ୟ'

ପୁରୀ ଅଫିସ, ୧୯।୫:

'ଆର୍ଟ ଅଫ୍ ଗିଭିଂ' ପକ୍ଷରୁ ପୁରୀରେ ବୁଧବାର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ଚଳିତ ବର୍ଷର ଥିମ୍ 'ସାହାଯ୍ୟକାରୀଙ୍କୁ ସାହାଯ୍ୟ' ବାର୍ତ୍ତା ନେଇ ନୀଳାଚଳ ଅଟୋ ଆସୋସିଏସନ୍ ସହଯୋଗରେ ପୁରୀ ବସ୍‌ଷ୍ଟାଣ୍ଡ ବାହାରେ ୨୦ ଅଟୋ ଡ୍ରାଇଭରଙ୍କୁ ମାସ୍କ, କପ୍, ଟି-ଶାର୍ଟ ପ୍ରଦାନ କରାଯାଇଥିଲା। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୫୦ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଓ ପାଚିକାଙ୍କୁ ମାସ୍କ, ପିଙ୍କ ଟାୱେଲ, କପ୍, ଶାଢ଼ି ଏବଂ ୧୦ ବାରିକଙ୍କୁ ଆପ୍ରୋନ ପ୍ରଦାନ କରାଯାଇଥିଲା। ହସ୍ପିଟାଲ ପରିସରରେ ୨୦ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ମାସ୍କ, ସାର୍ଟ, କଲମ, ନୋଟ୍ ପ୍ୟାଡ୍, କପ୍ ଏବଂ ୨୦ ଟ୍ରାଫିକ କର୍ମଚାରୀଙ୍କୁ ମାସ୍କ, ପିଙ୍କ ଟାୱେଲ, କପ୍ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରାଫିକ ଡିଏସ୍‌ପି ନିରଞ୍ଜନ ଶବର ଯୋଗଦେଇଥିଲେ। ପୁରୀ ପୌରପାଳିକା କାର୍ଯ୍ୟାଳୟରେ ୩୦ ଜଣ ସଫେଇ କର୍ମଚାରୀଙ୍କୁ ମାସ୍କ, ଶାଢ଼ି, ଟି-ସାର୍ଟ ବଣ୍ଟାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଲୋକନାଥ ରୋଡସ୍ଥିତ ନୀଳାଦ୍ରି ନିଳୟ ପରିସରରେ ୩୦ ଭିକ୍ଷୁକଙ୍କୁ ମାସ୍କ, ପିଙ୍କ ଟାୱେଲ, ଶାଢ଼ି, ଧୋତି, ଗାମୁଛା ସାହାଯ୍ୟ କରାଯାଇଥିଲା। 'ଆର୍ଟ ଅଫ୍ ଗିଭିଂ' ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ସମସ୍ତ କାର୍ଯ୍ୟକ୍ରମରେ କିଟ୍ ମାନବ ସମ୍ବଳ ବିଭାଗ ଡିଜି ଶିବାନନ୍ଦ ମିଶ୍ର, ପ୍ରତିଷ୍ଠାତାଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଚିନ୍ମୟ ଦାଶ, କଳିଙ୍ଗ ଟିଭି ବ୍ୟୁରୋ ହେଡ୍ ପ୍ରଦ୍ୟୁମ୍ନ ସାଥୁଆ, ପ୍ରତିନିଧି ଶୈଳେନ୍ଦ୍ର ଆଚାର୍ଯ୍ୟ, ପିଣ୍ଟୁ ସାହୁ, କିଟ୍ ଓ କିସ୍‌ର ବିଜୟାନନ୍ଦ ରଥ, ବିଜୟ ଶତପଥି, ବିଦ୍ୟୁତ୍ ମହାରଣା, ରାଜକିଶୋର ଦାଶ ଓ ବନମାଳୀ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ଖଲାସୀଙ୍କ ମନମୁଖି କାର୍ଯ୍ୟ, ଅନ୍ୟତ୍ର ବଦଳି ଦାବି

କାକଟପୁର,୧୯।୫(ଡି.ଏନ୍.ଏ.)

କାକଟପୁର ଜଳସେଚନ ବିଭାଗ ସବ୍‌ଡିଭିଜନ ଅଧୀନରେ କାର୍ଯ୍ୟରତ ଖଲାସିମାନଙ୍କ ମଧ୍ୟରୁ କେତେକ ଖଲାସୀ ନିୟମିତ ଅଫିସ ଆସୁ ନ ଥିବା ବେଳେ ଆଉ କେତେକ ଖଲାସି ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। କେନାଲ ବନ୍ଧରେ ଅନାବନା ଗଛ ଉଠି ଯାଇଥିବାବେଳେ ସେମାନେ ସଫା କରୁନାହାନ୍ତି। ଏପରିକି ଖଲାସିଙ୍କ ପରୋକ୍ଷ ଇଙ୍ଗିତରେ କେନାଲ ବନ୍ଧରେ ଜବରଦଖଲ ବୃଦ୍ଧି ପାଇବାରେ ଲାଗିଛି। ଏଠାରେ କାର୍ଯ୍ୟରତ ସମସ୍ତ ଖଲାସି ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ହାକିମଙ୍କ ଭଳି ଚାଷୀଙ୍କ ଉପରେ ହୁକୁମ ଜାହିର କରୁଥିବା ଶୁଣିବାକୁ ମିଳୁଛି। ଅଭିଯୋଗ କଲେ ନେତା ମନ୍ତ୍ରୀଙ୍କ ପାଖ ଲୋକ କହି ନାଲି ଆଖି ଦେଖାଉଛନ୍ତି ବୋଲି କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଆଜକୁ ବର୍ଷ ବର୍ଷ ଧରି ଗୋଟିଏ ଲେଖାଏ ସେକ୍ସନରେ ପଡିରହିଥିଲେ ସୁଦ୍ଧା ଏମାନଙ୍କର ଅନ୍ୟତ୍ର ବଦଳି ହେଉନାହିଁ। ନିଜ ଘରେ ରହି ଅନ୍ୟ ଘର ଭଡା ନେଇଛନ୍ତି ବୋଲି କାଗଜପତ୍ରରେ ଦର୍ଶାଇ ସରକାରଙ୍କଠାରୁ ମାସିକ ଘରଭଡ଼ା ପାଉଛନ୍ତି। ଗୋଟିଏ ସେକ୍ସନରେ ବର୍ଷ ବର୍ଷ ଧରି ରହି ଆସ୍ଥାନ ଜମାଇ ଆସୁଥିବା ଖଲାସିମାନଙ୍କ ତାଲିକା ପ୍ରସ୍ତୁତ କରି ତୁରନ୍ତ ଏମାନଙ୍କୁ ଅନ୍ୟତ୍ର ବଦଳି କରିବାକୁ ନିମାପଡା ଜଳସେଚନ ବିଭାଗ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଓ ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେବାକୁ ଚାଷୀ ଓ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

## ଗୋପୀନାଥ ଏକାଦଶ, ସଂଗ୍ରାମ ଏକାଦଶ ବିଜୟୀ

**ତ୍ରିଲୋଚନପୁର ପ୍ରିମିୟର ଲିଗ୍**

କଣାସ,୧୯।୫(ସ୍ୱ.ପ୍ର.):

କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗୋପୀନାଥ ଖେଳପଡ଼ିଆରେ ଚାଲିଥିବା ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚର ୮ମ ଦିନର ୨ଟି ମ୍ୟାଚରେ ଯଥାକ୍ରମେ ତ୍ରିଲୋଚନପୁରର ଗୋପୀନାଥ ଏକାଦଶ ଓ କଣାସର ସଂଗ୍ରାମ ଏକାଦଶ ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ତ୍ରିଲୋଚନପୁର ଗୋପୀନାଥ ଏକାଦଶ ଡାକପଡା ବ୍ଲକ ଡାଇମଣ୍ଡ ଦଳ ସହ ଖେଳ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଗୋପୀନାଥ ଏକାଦଶ ୯୭ରନ୍ ସଂଗ୍ରହ କରିଥିଲେ। ଜବାବରେ ବ୍ଲକଡାଇମଣ୍ଡ ଦଳ ୮୧ରନ୍‌ରେ ସମସ୍ତ ଉଇକେଟ୍ ହରାଇ ପରାଜୟବରଣ କରିଥିଲା। ଗୋପୀନାଥ ଏକାଦଶ ଦଳର ବାପି ପ୍ରଧାନ ୪ଟି ଉଇକେଟ୍ ନେଇଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ସଂଗ୍ରାମ ଏକାଦଶ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୯ଟି ଉଇକେଟ୍ ହରାଇ ୧୦୨ରନ୍ ସଂଗ୍ରହକରିଥିଲା। ଜବାବରେ ଇଲେଭନ୍ ଷ୍ଟାର ଦଳ ନିର୍ଦ୍ଧାରିତ ୧୨ ଓଭରରେ ୭ଟି ଉଇକେଟ୍ ହରାଇ ୧୦୦ରନ୍ ସଂଗ୍ରହ କରି ପରାଜୟ ହୋଇଥିଲା। ସଂଗ୍ରାମ ଏକାଦଶର ବାମହାତୀ ବୋଲର ଆଶୀର୍ବାଦ ମିଶ୍ରଙ୍କ ସୁନ୍ଦର ବୋଲିଂ ଓ ସୁଜିତ୍ ବେହେରାଙ୍କ ମୂଲ୍ୟବାନ ୩୫ରନ୍ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏହି ମ୍ୟାଚରେ ସୁଜିତ୍ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ରୂପେ ସୁଧୀର ତ୍ରିପାଠୀ ଓ ପରମାନନ୍ଦ ତ୍ରିପାଠୀ ଯୋଗଦେଇ ୨ ବିଜୟ ଦଳର ଖେଳାଳିଙ୍କୁ ପୁରସ୍କାର ବିତରଣ କରିଥିଲେ। ଗଣେଶ୍ୱର ସ୍ୱାଇଁ, ସୁନିଲ୍ ତ୍ରିପାଠୀ ଅମ୍ପେୟାର ରୂପେ ଖେଳ ପରିଚାଳନା କରିଥିଲେ।

## ବିଭିନ୍ନ କାର୍ଯ୍ୟର ସମୀକ୍ଷାକଲେ କେନ୍ଦ୍ରୀୟ ଟିମ୍

ବଳଙ୍ଗା,୧୯।୫(ଡି.ଏନ୍.ଏ):

ବଳଙ୍ଗା ଥାନା ଅନ୍ତର୍ଗତ ସାଇଶ ଶାସନ ପଞ୍ଚାୟତକୁ ଶୁକ୍ରବାର ସ୍ୱଚ୍ଛ ଭାରତ ଅଭିଯାନର କେନ୍ଦ୍ରୀୟ ଟିମ୍ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସନ୍ଧ୍ୟା ୬ଟାରେ ଭଗବତୀପୁରଠାରେ କେନ୍ଦ୍ରୀୟ ଟିମ୍ ଓ ହର୍ ଘର୍ ଜଲ୍ ମିଶନର ଅତିରିକ୍ତ ସଚିବ ବିଶାଲ ସାୱଲ ପହଞ୍ଚିବା ପରେ ତାଙ୍କୁ ପଞ୍ଚାୟତ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସେ ଭଗବତୀପୁର ଗ୍ରାମକୁ ଯାଇ ଗ୍ରାମବାସୀ ଗ୍ରାମକୁ ପରିଷ୍କାର ପରିଚ୍ଛନ୍ନ ରଖିଥିବା ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ଭଗବତୀପୁର ବଜାରଠାରେ ହର୍ ଘର୍ ଜଲ୍ ମିଶନରେ ନିର୍ମିତ ଉଚ୍ଚ କ୍ଷମତା ବିଶିଷ୍ଟ ପାଣିଟାଙ୍କିକୁ ଦେଖିଥିଲେ। ପାଣିଟାଙ୍କିରୁ ସ୍ୱଚ୍ଛ ପାଣି ବାହାରୁଛି କି ନାହିଁ, କେତେ ଲୋକ ଏହି ଟାଙ୍କି ଉପରେ ନିର୍ଭରଶୀଳ, ଦିନକୁ କେତେ ସମୟ ପାଣି ଯୋଗାଣ ହେଉଛି ପ୍ରଭୃତି ବିଷୟରେ ସ୍ଥାନୀୟ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟଙ୍କୁ ପଚାରି ବୁଝିଥିଲେ। ବିଦ୍ୟୁତ୍ ବିଲ୍ ପାଇଁ ଅର୍ଥ ଆବଶ୍ୟକ ବୋଲି ସରପଞ୍ଚଙ୍କଠାରୁ ଶୁଣିବା ପରେ ଆଗକୁ ଏକ କମିଟି ଗଠନ କରି ଉକ୍ତ ଟାଙ୍କିର ରକ୍ଷଣାବେକ୍ଷଣ କିପରି କରାଯିବ ସେ ନେଇ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର, ବିଡିଓ ବସନ୍ତ କୁମାର ମଲ୍ଲିକ, ବ୍ଲକ ଅଧକ୍ଷ ଶଙ୍କର ଭୋଇ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ବାରିକ, ନିର୍ବାହୀ ଯନ୍ତ୍ରୀ ପ୍ରବୀର ବଳ ପ୍ରମୁଖ ଉପସ୍ଥିତ ଥିଲେ।



ସାଇଶ ଶାସନ ପଞ୍ଚାୟତରେ ଆୟୋଜିତ ସଭାରେ ସ୍ୱଚ୍ଛ ଭାରତ ଅଭିଯାନର କେନ୍ଦ୍ରୀୟ ଟିମ୍‌ର ସଦସ୍ୟ ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦର ୧୮ତମ ସ୍ୱନକ୍ଷତ୍ର ଉତ୍ସବ, ବୁଦ୍ଧ ମନ୍ଦିର, ସକାଳ ୯ଟା ୩୦ରୁ ଆରମ୍ଭ।
- ଲଳିତକଳା ଏକାଡେମୀ ପକ୍ଷରୁ ପରିକ୍ରମା ରିସର୍ଚ୍ଚ ସ୍କଲାର ପ୍ରଦର୍ଶନୀ, କଳିଙ୍ଗ ଆର୍ଟ ଗ୍ୟାଲେରି, ଅପରାହ୍ଣ ୫ଟା।
- କେତକୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ତୃତୀୟ ଦିନନାଥ ପାଠ କଳା ସମ୍ମାନ ଏବଂ ପ୍ରଥମ ଦିନନାଥ ପାଠୀ ସ୍ମାରକୀ ବକ୍ତୃତା, ଭାରତୀୟ ବିଦ୍ୟା ଭବନ(ମୁନ୍ସି ହଲ), ସନ୍ଧ୍ୟା ୬ଟା।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପ୍ରଫେସର କରୁଣାସାଗର ବେହେରାଙ୍କ ଶ୍ରାଦ୍ଧୋତ୍ସବ, ପ୍ରତିଷ୍ଠାନ ପରିସର, କେଦାରଗୌରୀ ମାର୍ଗ, ସନ୍ଧ୍ୟା ୬ଟା।
- ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକ ସୋସାଇଟି ଓ ତ୍ରିଧାରା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଭାରତ ସଂସ୍କୃତି ସମ୍ମାନ-୨୦୨୩, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ସାଇଶ୍ରଦ୍ଧା ପ୍ରତନ୍ତ୍ରନ ପକ୍ଷରୁ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ 'ଶ୍ରୀ ଜଗନ୍ନାଥ ସଙ୍ଗୀତାୟନ' ଲୋକାର୍ପଣ ଉତ୍ସବ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।

**କଟକ**

- ଓଡ଼ିଆ ଗବେଷଣା ପରିଷଦର ୪୩ତମ ବାର୍ଷିକ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ପୂର୍ବାହ୍ଣ ୧୦ଟା।
- ପାକ୍ଷିକ ଖବରକାଗଜ କଳିଙ୍ଗପ୍ରଭାର ୧୭ତମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

**ଟିଗିରିଆ**

- ୪୫ତମ ନିଖିଳ ଉତ୍କଳ ରାଜ୍ୟସ୍ତରୀୟ ଯୁବକ ଓ ବାଳକ ଅହମ୍ମଦିୟା ୨ଦିନିଆ ବାର୍ଷିକ ପ୍ରତିଯୋଗିତା, ଜମାତ ଅହମ୍ମଦିୟା ଉପ୍ରା ବିଦ୍ୟାଳୟ, କରଡ଼ାପଲ୍ଲୀ, ସକାଳ ୭ଟା।

# ଫେକ୍ ସିମ୍ ରୋକିବାକୁ କ୍ରାଇମବ୍ରାଞ୍ଚର ପରାମର୍ଶ

ଭୁବନେଶ୍ୱର, ୧୯।୫(ବ୍ୟୁରୋ)

■ଟେଲିକମ୍ ବିଭାଗ, ସେବା ପ୍ରଦାନକାରୀ ସଂସ୍ଥାର ଅଧିକାରୀଙ୍କୁ ନେଇ ବୈଠକ

■ସ୍ଥାୟୀ ଦୋକାନ ଥିବା ଡିଲରମାନେ ସିମ୍ କାର୍ଡ ବିକ୍ରି କରିବେ

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ଏଜେଣ୍ଟଙ୍କୁ ଓଟିପି ଶେୟାର ଅଭିଯୋଗରେ ନିକଟରେ ୩ଜଣଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ତେବେ ଏମାନଙ୍କ ଭଳି ଅନ୍ୟ ଅପରାଧୀମାନେ ଫେକ୍ ସିମ୍ କାର୍ଡ ବ୍ୟବହାର କରି ବିଭିନ୍ନ ଅପରାଧ ଘଟାଉଛନ୍ତି। ଏଥିପାଇଁ ଦେଶର ସୁରକ୍ଷା ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଛି। ଏପରିକି ସପ୍ତାହ ତଳେ ଓଡ଼ିଶାରୁ ୫୧,୨୬୦ ଫେକ୍ ସିମ୍‌କୁ ମଧ୍ୟ କେନ୍ଦ୍ର ଟେଲିକମ୍ ମନ୍ତ୍ରଣାଳୟ ପକ୍ଷରୁ ରଦ୍ଦ କରାଯାଇଥିଲା। ସେହିପରି ଗତବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରୁ କ୍ରାଇମବ୍ରାଞ୍ଚ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ବହୁ ଫେକ୍ ସିମ୍ କାର୍ଡ ଜବତ ସହ ଏକାଧିକ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି। ଏଭଳିସ୍ଥିତିରେ ରାଜ୍ୟରେ ଏହି ଫେକ୍ ସିମ୍ କାରବାର ରୋକିବାକୁ କ୍ରାଇମବ୍ରାଞ୍ଚ ପ୍ରୟାସ ଆରମ୍ଭ କରିଛି। ବୁଧବାର ଭୁବନେଶ୍ୱର ସାଇବର କ୍ରାଇମ୍ ଉଇଙ୍ଗ୍ କାର୍ଯ୍ୟାଳୟରେ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କ ଅଧ୍ୟକ୍ଷତାରେ ଟେଲିକମ୍ ବିଭାଗ ଓ ଟେଲିକମ ସେବା ପ୍ରଦାନକାରୀ ସଂସ୍ଥା (ଏୟାରଟେଲ, ବିଏସ୍ଏନ୍ଏଲ୍, ଜିଓ, ଭୋଡା-ଆଇଡିଆ)ର ଅଧିକାରୀଙ୍କୁ ନେଇ ହୋଇଥିବା ବୈଠକରେ ଏନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଫେକ ସିମ୍ ରୋକିବାକୁ ବିଭିନ୍ନ ଦିଗ ପ୍ରତି ପରାମର୍ଶ ଦିଆଯାଇଛି। ଆଧାର ସହ ଲିଙ୍କ୍ ନମ୍ବରରେ କଲ୍ କରି କେବଳ ଟେଲି ଭେରିଫିକେଶନ୍ କରାଯିବ। ସ୍ଥାୟୀ ଦୋକାନ ଥିବା ଡିଲରମାନେ ହିଁ ସିମ୍ କାର୍ଡକୁ ବିକ୍ରି କରିପାରିବେ। ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଫେକ୍ ସିମ୍ ସମ୍ପର୍କିତ ଅଭିଯୋଗ ଗ୍ରହଣ ଓ ଡିଆକ୍ଟିଭେଟ୍ ପାଇଁ ବ୍ୟବସ୍ଥା କରିବେ। ସେହିପରି ସିମ୍ ଆକ୍ଟିଭେଶନ୍ ନିୟମ ଉଲ୍ଲଂଘନକାରୀ ବିକ୍ରେତାଙ୍କୁ କଳା ତାଲିକାଭୁକ୍ତ କରାଯିବ। ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ (ଟିଏସ୍‌ପି) ଟେଲିକମ୍ ଆନାଲିଟିକ୍ସ ଫର୍ ଫ୍ରଡ୍ ମ୍ୟାନେଜମେଣ୍ଟ ଏଣ୍ଡ କଷ୍ଟମର କେୟାର (ଟିଏଫ୍‌ସିଓପି) ଦୃଷ୍ଟିରୁ ଗ୍ରାହକଙ୍କୁ ସଚେତନ କରାଇବେ। ଗ୍ରାହକଙ୍କ ଅଜ୍ଞାତରେ କେତୋଟି ସିମ୍ ସେମାନଙ୍କ ନାଁରେ ବ୍ୟବହାର ହେଉଛି ସେନେଇ ଜଣାଇବେ। ନିୟମିତ ରିଚାର୍ଜ ହୋଇ ସ୍ଥାଣୁ ଥିବା ସିମ୍ ପ୍ରତି ଟିଏସ୍‌ପି ଆଭ୍ୟନ୍ତରୀଣ ତଦାରଖ କରିବେ ବୋଲି ପରାମର୍ଶ ଦିଆଯାଇଛି। ଏହି ବୈଠକରେ କ୍ରାଇମବ୍ରାଞ୍ଚ ଆଇଜିପି ସେଫିନ୍ ଅହମ୍ମଦ କେଙ୍କ ସମେତ ସାଇବର କ୍ରାଇମ ୟୁନିଟ୍‌ର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏଡିଜି ବୋଥ୍ରା କହିଲେ, ଏବେ ଫେକ୍ ସିମ୍ ଜବତ ମାମଲାରେ ସମ୍ପୃକ୍ତ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀର ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। ପ୍ରମାଣ ମିଳିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଫେକ୍ ସିମକୁ ଡିଆକ୍ଟିଭେଟ୍ ସହ ଏ ସମ୍ବନ୍ଧିତ ନିୟମିତ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଟେଲିକମ୍ କମ୍ପାନୀଗୁଡିକୁ ଏଡିଜି ଅନୁରୋଧ କରିଛନ୍ତି। ଏଭଳି ଫେକ୍ ସିମ୍ କାରବାରରେ ପୋଲିସକୁ ନିୟମିତ ତଥ୍ୟ ପ୍ରଦାନ କରିବାକୁ ସେ ଟେଲିକମ୍ ବିଭାଗର ଅଧିକାରୀଙ୍କୁ ଅନୁରୋଧ କରିଥିବା ସୂଚନା ଦିଆଯାଇଛି।



ବୈଠକରେ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ଓ ଅନ୍ୟ ଅଧିକାରୀମାନେ।

# ବ୍ଲାକ୍‌ସ୍ୱାନ୍ ଗ୍ରୁପ୍‌ର 'ଦ୍ୟାଟ୍ କର୍ମ'ରେ ଓଡ଼ିଶା

**ଭୁବନେଶ୍ୱରର ଏକାଧିକ ସ୍ଥାନରେ ଶୁଟିଂ ହୋଇଛି ମ୍ୟୁଜିକ୍ ଭିଡିଓ**

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ଓଡ଼ିଶାରେ ଶୁଟିଂ ହୋଇଛି ବ୍ଲାକ୍‌ସ୍ୱାନ୍ ଗ୍ରୁପର 'ଦ୍ୟାଟ୍ କର୍ମ'। ଏହି ମ୍ୟୁଜିକ ଭିଡିଓରେ ଓଡ଼ିଶା ତଥା ଭାରତର ପ୍ରଥମ କେ ପପ୍ ଷ୍ଟାର୍ ଶ୍ରେୟା ଲେଙ୍କା ଓ ତାଙ୍କ ୩ ସାଥୀଙ୍କ ଦମ୍‌ଦାର ଡ୍ୟାନ୍ସ ଦେଖିବାକୁ ମିଳିଛି। ଏହା ଶୁକ୍ରବାର ୨ଟା ୩୦ରେ ବ୍ଲାକସ୍ୱାନ୍ ୟୁଟ୍ୟୁବ୍ ଚ୍ୟାନେଲ ମାଧ୍ୟମରେ ପ୍ରସାରଣ କରାଯାଇଛି। ଲିଙ୍ଗରାଜ ମନ୍ଦିର ସହ ପୁରୁଣା ଭୁବନେଶ୍ୱରର ଐତିହ୍ୟ ଓ ଶାନ୍ତିସ୍ତୁପର ସୌନ୍ଦର୍ଯ୍ୟରେ ମ୍ୟୁଜିକ ଭିଡିଓଟି ଚମକି ଉଠିଛି। ସେହିପରି ଓଡ଼ିଶୀ ନୃତ୍ୟ ମଧ୍ୟ ଏହି ଭିଡିଓରେ ସ୍ଥାନ ପାଇଛି। ଓଡ଼ିଶାର ପର୍ଯ୍ୟଟନସ୍ଥଳୀଗୁଡ଼ିକ ଏହି ଭିଡିଓ ମାଧ୍ୟମରେ ବିଶ୍ୱରେ ପହଞ୍ଚିପାରିଛି। ଏଥିସହ ଗ୍ରୁପ୍ ପକ୍ଷରୁ ଓଡ଼ିଶା ପର୍ଯ୍ୟଟନ ବିଭାଗକୁ ଧନ୍ୟବାଦ ଦିଆଯାଇଛି। ଚଳିତବର୍ଷ ଆରମ୍ଭରେ ପୁରୁଷ ହକି ବିଶ୍ୱକପ୍ ସମୟରେ ବ୍ଲାକ୍‌ସ୍ୱାନ ଗ୍ରୁପ୍ ଓଡ଼ିଶା ଗସ୍ତ କରିଥିଲେ। ପ୍ରତ୍ୟାବର୍ତ୍ତନ ସମୟରେ 'କ୍ଲୋଜ୍ ଟୁ ମି' ନାମରେ ଏକ ୟୁଟୁବ୍ ଶର୍ଟସ ଭିଡିଓ ଅପ୍‌ଲୋଡ୍ କରିଥିଲେ। ତେବେ ୨୦୨୧ରେ 'ଦ୍ୟାଟ୍ କର୍ମ'ର ଟିଜର ୟୁଟ୍ୟୁବ୍‌ରେ ମୁକ୍ତିଲାଭ କରିଥିଲା। ଏହାପରେ ସେମାନେ ଏହି ଭିଡିଓ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଫ୍ୟାଶନ, ଷ୍ଟାଇଲ, ଭିଜୁଆଲ ଏବଂ ଗତିଶୀଳ କୋରିଓଗ୍ରାଫି ପାଇଁ ଏହି ଭିଡିଓକୁ ପ୍ରଶଂସା କରାଯାଇଛି।



ଶାନ୍ତିସ୍ତୁପ ଧଉଳିଠାରେ ମ୍ୟୁଜିକ୍ ଭିଡିଓ 'ଦ୍ୟାଟ୍ କର୍ମ'ରେ ଶୁଟିଂ ଅବସରରେ ଶ୍ରେୟା ଲେଙ୍କା ଓ ସାଥୀ।

## ୧୪ ଯାତ୍ରୀ ନେଉଥିବା ଅଟୋ ଜବତ: ୨୯,୫୦୦ ଟଙ୍କା ଜରିମାନା

ପୁରୀ ଅଫିସ, ୧୯।୫

ପୁରୀ-କୋଣାର୍କ ରୋଡ୍‌ରେ ଶୁକ୍ରବାର ୧୪ଜଣ ଯାତ୍ରୀଙ୍କୁ ନେଇ ଦ୍ରୁତଗତିରେ ଯାଉଥିବା ଏକ ଅଟୋକୁ ପୁରୀ ଆର୍‌ଟିଓ ରବିନ ପଟ୍ଟନାୟକ ଅଟକାଇ ଜବତ କରିବା ସହ ୨୯,୫୦୦ ଟଙ୍କା ଜରିମାନା କରିଛନ୍ତି। ପୂର୍ବାହ୍ଣରେ ଆର୍‌ଟିଓ ଏହି ରାସ୍ତାରେ ଯାଉଥିବାବେଳେ ୧୪ଜଣ ଯାତ୍ରୀଙ୍କୁ ବସାଇ ଉକ୍ତ ଅଟୋ (ନଂ.ଓଡି-୧୩-୦୮୧୭)ଟି ଦ୍ରୁତଗତିରେ ଯାଉଥିଲା। ଆର୍‌ଟିଓ ତାହା ଦେଖି ଅଟୋକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିର ଫିଟ୍‌ନେସ୍, ଇନ୍‌ସ୍ୟୁରାନ୍ସ, ପରମିଟ୍, ପଲ୍ୟୁଶନ ସାର୍ଟିଫିକେଟ ଇତ୍ୟାଦି ଅଚଳ ଥିଲା। ଏଥିସହ ଅଟୋରେ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ନିଆଯାଉଥିଲା। ତେଣୁ ସେ ଉକ୍ତ ଅଟୋକୁ ଜବତ ସହ ଜରିମାନା କରିଥିଲେ। ଜବତ ଅଟୋକୁ ପେଣ୍ଠକଟା ମେରାଇନ୍ ଥାନା ପରିସରରେ ରଖାଯାଇଛି। ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଯାନବାହନଗୁଡ଼ିକର ବିଭିନ୍ନ କାଗଜପତ୍ର, ହେଲ୍‌ମେଟ୍ ଆଦି ଯାଞ୍ଚ କରାଯାଇଛି।

## ଡ. ପ୍ରସନ୍ନଜିତ ମିଶ୍ର ହେଲେ ଓୟୁଏଟି କୃଷି ସମ୍ପ୍ରସାରଣ ଡିନ୍

ଭୁବନେଶ୍ୱର,୧୯।୫(ବ୍ୟୁରୋ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୃଷି ସମ୍ପ୍ରସାରଣର ନୂତନ ଡିନ୍ ହେଲେ ଡ. ପ୍ରସନ୍ନଜିତ୍ ମିଶ୍ର। ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲଙ୍କ ନିର୍ଦ୍ଦେଶକ୍ରମେ ଏହି ନିଯୁକ୍ତି ଦିଆଯାଇଛି। ୩ ବର୍ଷ ପାଇଁ ସେ ଏହି ଦାୟିତ୍ୱ ତୁଲାଇବେ। ଡ. ମିଶ୍ର କାର୍ଯ୍ୟଭାର ଗ୍ରହଣ କରିବା ସହ କୁଳପତି ପ୍ରଫେସର ଡ. ପ୍ରଭାତ କୁମାର ରାଉଳ ଓ କୁଳସଚିବ ଲୋପାମୁଦ୍ରା ମହାନ୍ତିଙ୍କୁ ସାକ୍ଷାତ କରିଥିଲେ। ଓଡ଼ିଶାର ସମସ୍ତ ଜିଲାରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କୃଷି, ପ୍ରାଣୀ ସମ୍ପଦ, ଜଙ୍ଗଲ, ମତ୍ସ୍ୟ ବିଜ୍ଞାନ, କୃଷି ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ସମ୍ପ୍ରସାରଣ ଦିଗରେ ଆଲୋଚନା କରିଛନ୍ତି। ସୂଚନା ଥାଉକି, ଡ. ମିଶ୍ର ଆଗ୍ରୋନୋମିକ କୃଷିରେ ଡିଗ୍ରୀ ହାସଲ କରିବା ସହ ବନାରସ ହିନ୍ଦୁ ୟୁନିଭର୍ସିଟିରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି। ପରେ ସେ ଓୟୁଏଟିରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଛନ୍ତି। ସେ କେନିଆ, ନର୍‌ୱେ ଆଦି ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୈଜ୍ଞାନିକ ସମ୍ମିଳନୀରେ ଯୋଗଦେଇ ଦକ୍ଷତା ପ୍ରତିପାଦନ କରିଛନ୍ତି।



# ପ୍ରଣବ ପଟ୍ଟନାୟକଙ୍କୁ 'ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ'

**୩ ଜଣଙ୍କୁ ସଙ୍ଗୀତ, ଗୀତ ଓ ବାଦ୍ୟ ସରସ୍ୱତୀ ସମ୍ମାନ**

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ଶତବାର୍ଷିକୀ ଓ ଫାଉଣ୍ଡେଶନର ୩୧ତମ ବାର୍ଷିକୋତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଉଦ୍‌ଯାପନୀ ସନ୍ଧ୍ୟାରେ ସଙ୍ଗୀତ ସୁଧାକରଙ୍କ ଜନ୍ମତିଥି ସାଙ୍ଗକୁ ଫାଉଣ୍ଡେଶନ ପକ୍ଷରୁ ସମ୍ମାନ ପ୍ରଦାନ କରାଯାଇଥିଲା। ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ଡ. ପ୍ରଣବ କିଶୋର ପଟ୍ଟନାୟକଙ୍କୁ 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ-୨୦୨୩' ଦିଆଯାଇଛି। ସମ୍ମାନ ସ୍ୱରୂପ ୧ ଲକ୍ଷ ଟଙ୍କାର ଅର୍ଥରାଶି ସହ ଉପଢୌକନ, ପୁଷ୍ପଗୁଚ୍ଛ ଓ ସ୍ମୃତିଫଳକ ପ୍ରଦାନ କରାଯାଇଛି। ଏହି ପୁରସ୍କାର ପାଇବା ଅବସରରେ ସେ ଭାବବିହ୍ୱଳ ହୋଇ ଦୁଇପଦ ସଙ୍ଗୀତ ଗାନ ସହ ବକ୍ତବ୍ୟରେ ସଙ୍ଗୀତ ସୁଧାକରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିସହ ଗୁରୁ ଅଖିଳ କୁମାର ଲେଙ୍କାଙ୍କୁ 'ସଙ୍ଗୀତ ସରସ୍ୱତୀ' ଓ ଡ. ରଞ୍ଜନ କୁମାର ଦାସଙ୍କୁ 'ଗୀତ ସରସ୍ୱତୀ', ଗୁରୁ ଶରତ ପାଣିଙ୍କୁ 'ବାଦ୍ୟ ସରସ୍ୱତୀ' ସମ୍ମାନରେ ବିଭୂଷିତ କରାଯାଇଛି। ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ସେହିଭଳି ଯୁବ ପ୍ରତିଭା ସନ୍ଧ୍ୟାରାଣୀ ରାଉତଙ୍କୁ 'ସଙ୍ଗୀତ ସୁଧାକର ସ୍ମୃତି ବୃତ୍ତି' ସ୍ୱରୂପ ୫ ହଜାର ଟଙ୍କାର ଅର୍ଥରାଶି ଦିଆଯାଇଛି। ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ ଦେଓ ଏବଂ ବିଶ୍ୱଜିତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପରେ ସଙ୍ଗୀତ ସୁଧାକରଙ୍କ ନିର୍ଦ୍ଦେଶିତ ସଙ୍ଗୀତ ପରିବେଷଣ ହୋଇଥିଲା। ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ବିଭାଗର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଶାସନ ସଚିବ ଅରୁଣ କୁମାର ବେହେରା ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସଙ୍ଗୀତ ଗୁରୁ ରାମହରି ଦାସ ସ୍ୱାଗତ ଭାଷଣ, ଉପସଭାପତି କ୍ଷୀରୋଦ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଉପସ୍ଥାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଂଯୋଜନା କରିଥିଲେ। ଆବାହକ ଅରକ୍ଷିତ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ 'ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ'ପାଇଥିବା ପ୍ରଣବ ପଟ୍ଟନାୟକ ଓ ଅନ୍ୟ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ପ୍ରଶାନ୍ତ


@ ଶ୍ରୀତମ


@ ଜିତେନ୍ଦ୍ର



@ ନାରାୟଣ


@ ଦୈତାରି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଯାତ୍ରୀବାହୀ ବସ୍ ଓଲଟି ୫ ଆହତ

ବାଲୁଗାଁ,୧୯।୫(ଡି.ଏନ୍.ଏ.)

୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅନ୍ତର୍ଗତ ନାଭାଲ ଛକର ଅନତି ଦୂରରେ ଗୁରୁବାର ବିଳମ୍ବିତ ରାତିରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିବାରୁ ୫ ଯାତ୍ରୀ ଆହତ ହୋଇଛନ୍ତି। ଏଥିସହ ଯାତ୍ରୀଙ୍କ କିଛି ସାମଗ୍ରୀ ନଷ୍ଟ ହୋଇଛି। ସୂଚନା ମୁତାବକ, ଭୁବନେଶ୍ୱରରୁ ଯାତ୍ରୀ ଧରି 'ନମସ୍କାର' ନାମକ ଏକ ବସ୍(ଓଡ଼ି-୦୨ ସିଫ୍ ୫୮୧୦) ଗଞ୍ଜାମ ଜିଲା ଆସ୍କା ଅଭିମୁଖେ ଯାଉଥିଲା। ଗୁରୁବାର ରାତି ପ୍ରାୟ ୧ଟା ୩୦ରେ ବାଲୁଗାଁ ଥାନା ଅଧୀନ ନାଭାଲ ଛକ ଅନତି ଦୂର ରାଜପଥ ଉପରେ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ରାସ୍ତାର ଏକପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା। ଖବରପାଇ ନାଭାଲ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇବା ପରେ ଗନ୍ତବ୍ୟସ୍ଥଳକୁ ଅନ୍ୟ ଏକ ବସ୍‌ରେ ଛାଡ଼ିଥିଲେ। ପରେ ଓଲଟି ପଡ଼ିଥିବା ବସ୍‌କୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।





ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ରାଜସ୍ଥାନୀ ଫୁଡ୍ ଫେଷ୍ଟିଭାଲରେ ଭଳିକି ଭଳି ସୁଆଦିଆ ଖାଦ୍ୟ ପ୍ରଦର୍ଶନ କରାଯାଉଛି।



ଅହେତୁକ ବିଦ୍ୟୁତ୍ କାଟ ପ୍ରତିବାଦରେ ଭୁବନେଶ୍ୱର ଭାଜପା ପକ୍ଷରୁ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକରେ ଲଣ୍ଠନ ଜାଳି ଅଭିନବ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଗ୍ଲୋବାଲ ବିଜ୍‌ନେସ୍ କାର୍ନିଭାଲ ଉଦ୍‌ଘାଟିତ



**ଭୁବନେଶ୍ୱର,୧୯।୫**

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଗୁପ୍ତା ଇଭେଣ୍ଟସ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ପ୍ରଥମ ଥର ପାଇଁ ଏକ ୧୧ ଦିନିଆ ବିଶ୍ୱସ୍ତରୀୟ ମେଳା ଆୟୋଜିତ ହୋଇଯାଇଛି। ଏପରିକି ଶୁକ୍ରବାର ଭୁବନେଶ୍ୱରର ଜନତା ମଇଦାନଠାରେ ଆନୁଷ୍ଠାନିକ ଭାବେ ଗ୍ଲୋବାଲ ବିଜ୍‌ନେସ୍ କାର୍ନିଭାଲ-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଏମ୍‌ଏସ୍‌ଏମ୍‌ଇ ନିର୍ଦ୍ଦେଶକ ପବନ ଗୁପ୍ତା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ଐଶ୍ୱର୍ଯ୍ୟା ବିଶ୍ୱାଳ, ସିଏ ରାଜୀବ ଶେଖର ସାହୁ,ସାମ୍ବାଦିକ କିଶୋର ଦିୱେଦି ଏବଂ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ମହାନ୍ତି, ପ୍ରପର୍ଟି ବ୍ରାଣ୍ଡ୍ ନିର୍ଦ୍ଦେଶକ ସଚିନ ସିଂ ଏବଂ ମ୍ୟାନେଜିଂ ଡାଇରେକ୍ଟର ସୁଜିତ କୁମାର ଗୁପ୍ତା, ଡାଇରେକ୍ଟର ପାୟଲ ଆଚାର୍ଯ୍ୟ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଗୁପ୍ତା ଇଭେଣ୍ଟ ମ୍ୟାନେମେଣ୍ଟର ମ୍ୟାନେଜିଂ ଡାଇରେକ୍ଟର ସୁଜିତ କୁମାର ଗୁପ୍ତା କହିଛନ୍ତି, ଗ୍ଲୋବାଲ ବିଜ୍‌ନେସ୍ କାର୍ନିଭାଲ୍‌ରେ ଆଇଟି ଆଣ୍ଡ ସଫ୍ଟୱେର, ଏଡୁକେଶନ ଆଣ୍ଡ ହେଲ୍‌ଥ ଉପରେ ରାଜ୍ୟ ତଥା ରାଜ୍ୟ ବାହାରର ବକ୍ତାମାନଙ୍କୁ ନେଇ ଆଲୋଚନାଚକ୍ର ଓ କର୍ମଶାଳା ଅନୁଷ୍ଠିତ ହେବ।

ସୂଚନାଯୋଗ୍ୟ, ଚଳିତ ବର୍ଷ ମେ ୨୯ ପର୍ଯ୍ୟନ୍ତ ଉକ୍ତ କାର୍ନିଭାଲ ଜାରି ରହିବ। ପ୍ରତିଦିନ ଅପରାହ୍ନ ୨ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଉକ୍ତ ମେଳା ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ମେଳାରେ ୨୦ଟି ରାଜ୍ୟ ଏବଂ ୮ଟି ଦେଶର ପ୍ରତିନିଧିମାନେ ଅଂଶ ଗ୍ରହଣ କରଛନ୍ତି। ବିଶେଷ କରି ୫୦୦ରୁ ଅଧିକ ବିଭିନ୍ନ ବର୍ଗର ବ୍ୟବସାୟୀଙ୍କୁ ନେଇ ଏକ ବୃହତ୍ ମେଳା ଓ ପ୍ରଦର୍ଶନୀର ଆୟୋଜନ କରାଯାଉଛି ବୋଲି ଗୁପ୍ତା ଇଭେଣ୍ଟସ୍ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି। ପ୍ରତିଦିନ ସନ୍ଧ୍ୟାରେ ଉପସ୍ଥିତ ଜନତାଙ୍କୁ ଆକର୍ଷିତ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓପନ୍ କିଚେନ୍ ଆଣ୍ଡ ବାର୍ ଦ୍ୱାରା ଏକ ଫୁଡ୍ ଜୋନ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହାଦ୍ୱାରା ସମସ୍ତେ ସ୍ୱାଦିଷ୍ଟ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ମେଳା ପରିସରରେ ଉପଭୋଗ କରିପାରିବେ।

## ପିପୋ ନେଟ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୯।୫**

ଦେଶର ପ୍ରମୁଖ ଡିଜିଟାଲ ପ୍ଲାଟ୍‌ଫର୍ମ ନୁରେ ଭାରତ ନେଟ୍‌ୱର୍କର ନୂଆ ମୋବାଇଲ ଆପ୍ 'ପିପୋ ନେଟ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଜରିଆରେ ରେଳଯାତ୍ରୀଙ୍କୁ ବିଭିନ୍ନ ପ୍ରକାର ସେବା ଓ ସୁବିଧା ଆଗାମୀ ଦିନରେ ଯୋଗାଇ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ନୁରେ ଭାରତ ନେଟ୍‌ୱର୍କର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସ୍ୟାକ୍ସ କ୍ରିଷ୍ଣା କହିଛନ୍ତି, ନୁରେ ଭାରତ ନେଟ୍‌ୱର୍କର ଶୁଭାରମ୍ଭ ସହିତ ଆମେ ଦେଶର ମଙ୍ଗଳ ପାଇଁ ଏକ ବୃହତ୍ ଲକ୍ଷ୍ୟ ପୂରଣ କରିବାକୁ ଯୋଜନା ରଖିଛୁ। ଫଳରେ ୱାଇଫାଇ ଆକ୍‌ସେସ୍ ସୁରକ୍ଷିତ ହେବ। ତେଣୁ ଆମେ ଭାରତୀୟ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା, ଶିକ୍ଷା ଆଦି ସେବାଗୁଡ଼ିକର ସୁବିଧା ଦେଇପାରିବୁ। ବିଶେଷକରି ଟିୟର ୩ ଓ ୪ ଟାଉନଗୁଡ଼ିକରେ ଆମେ ଲୋକମାନଙ୍କୁ ଇଣ୍ଟରନେଟ୍‌କୁ ଗଣତାନ୍ତ୍ରିକ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛୁ।

## ୬ ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ କରିବ ୟୁବିଆଇ



**ଭୁବନେଶ୍ୱର,୧୯।୫**

ୟୁନିୟନବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନୀତେଶ ରଞ୍ଜନ ଭୁବନେଶ୍ୱର ଗସ୍ତରେ ଆସି ବ୍ୟାଙ୍କର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଓଡ଼ିଶାର ୬ ଜିଲ୍ଲାରେ ବ୍ୟାଙ୍କ ଆବଶ୍ୟକ ବିକାଶମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସେ ଇଚ୍ଛା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କ ପକ୍ଷରୁ ବାଲେଶ୍ୱର, କଟକ, ଖୋର୍ଦ୍ଧା, ଗଞ୍ଜାମ, କୋରାପୁଟ ଏବଂ ସମ୍ବଲପୁର ଭଳି ପ୍ରମୁଖ ଜିଲ୍ଲା ମନୋନୀତ ହୋଇଥିବା ବେଳେ ଉକ୍ତ ଜିଲ୍ଲାଗୁଡ଼ିକରେ କ୍ଲଷ୍ଟର ସ୍ପେସିଫିକ୍ ବିଜ୍‌ନେସ୍ ଆରମ୍ଭ କରାଯିବ। ବିଶେଷକରି ନିକଟତମ କ୍ଷେତ୍ର ଦ୍ୱାରା ଚିହ୍ନଟ ଏବଂ ସେହି ଅନୁସାରେ ବ୍ୟାଙ୍କର ସମ୍ପ୍ରସାରଣ ପଦକ୍ଷେପ ଗ୍ରହଣ କରାଯିବ। ଅପରପକ୍ଷରେ ବ୍ୟାଙ୍କର ବିଭିନ୍ନ ପଦକ୍ଷେପ ପ୍ରକଳ୍ପ ଶକ୍ତି ଭାବେ ନିର୍ଦ୍ଦିଷ୍ଟ ଜିଲ୍ଲାବାସୀଙ୍କ ପାଇଁ ଅତ୍ୟନ୍ତ ସୁବିଧାଜନକ ହେବ। ଏହି ପରିପ୍ରେକ୍ଷୀରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷେତ୍ର ମହାପ୍ରବନ୍ଧକ ସର୍ବେଶ ରଞ୍ଜନଙ୍କ ସମେତ ୬ ଜଣ କ୍ଷେତ୍ରୀୟ ମୁଖ୍ୟ ଏବଂ ୨୦୦ ଅଧିକାରୀ ଉପସ୍ଥିତ ଥିଲେ।

## ମିସ୍‌ଡ କଲ୍‌ରେ ନୂତନ ବିଦ୍ୟୁତ୍ ସଂଯୋଗ

**ଭୁବନେଶ୍ୱର,୧୯।୫**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏକ ଅଭିନବ ସେବା 'ମିସ୍‌ଡ କଲ୍‌ରେ ନୂତନ ବିଦ୍ୟୁତ୍ ସଂଯୋଗ' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏପରିକି କମ୍ପାନୀ ପକ୍ଷରୁ ଦିଆଯାଇଥିବା ଦେୟମୁକ୍ତ ନମ୍ବର ୧୮୦୦-୩୪୫-୭୧୨୨,୧୯୧୨ରେ କଲ୍ କରିପାରିବେ କିମ୍ବା ୮୦୯୩୦୦୯୯୯୦ରେ ମିସ୍‌ଡ କଲ୍ ନଚେତ୍ ୮୦୯୩୦୦୯୯୯୦କୁ ମେସେଜ୍ ପଠାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବିଶେଷକରି ସ୍ୱଚ୍ଛତାରେ ଉନ୍ନତି ଆଣିବା ଓ ଗ୍ରାହକଙ୍କ ସୁବିଧାକୁ ନିଶ୍ଚିତ କରିବା ଲାଗି କମ୍ପାନୀ ଏଭଳି ଏକ ସେବାର ଶୁଭାରମ୍ଭ କରିଛି। ଏହାକୁ ହାସଲ କରିବା ଲାଗି ଗ୍ରାହକଙ୍କୁ କେତେକ ସରଳ ପଦ୍ଧତି ଅବଲମ୍ବନ କରିବାକୁ ହେବ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍.ସେନ୍‌ବାଗମ କହିଛନ୍ତି, ଆମେ ସର୍ବଦା ଗ୍ରାହକଙ୍କ ସୁବିଧାକୁ ଅଗ୍ରାଧିକାର ଦେଉଛି ଏବଂ ସହଜ ସୋପାନକୁ ଅନୁସରଣ କରି ସ୍ୱଚ୍ଛତାକୁ ସୁଦୃଢ଼ କରୁଛୁ। ଏପରିକି ଆମ ସହିତ ଯୋଡ଼ି ହେବା ପ୍ରକ୍ରିୟାକୁ ମଧ୍ୟ ଗ୍ରାହକମାନଙ୍କ ନିମନ୍ତେ ସହଜ ଓ ଅଧିକ ସ୍ୱଚ୍ଛ କରିବା ଲାଗି ଏଭଳି ଏକ ପ୍ରକ୍ରିୟାକୁ ସରଳ ଭାବେ ପ୍ରସ୍ତୁତ କରାଯାଇଛି। ସେହିଭଳି ଗ୍ରାହକମାନଙ୍କୁ ଶ୍ରେଷ୍ଠ ସମ୍ଭବ ଅନୁଭବ ପ୍ରଦାନ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ ଏବଂ ଏହି ନୂଆ ପ୍ରକ୍ରିୟା ମଧ୍ୟସ୍ଥଙ୍କ ଆବଶ୍ୟକତା ଦୂରକରିବ ଓ ଆମ ସହ ସିଧାସଳଖ ଗ୍ରାହକମାନେ ଯୋଡ଼ି ହୋଇପାରିବ ବୋଲି ସେନ୍‌ବାଗମ ମତପ୍ରକାଶ କରିଛନ୍ତି। ସେହିଭଳି ନୂଆ ସଂଯୋଗ ଚାହୁଁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଟିପିସିଓଡିଏଲ୍‌ର ଏକ ସରଳ ଓ ବାଧାମୁକ୍ତ ପ୍ରକ୍ରିୟା ରହିଛି, ଏଭଳି ଏକ ସରଳ ପ୍ରକ୍ରିୟାରେ ଚାରିଟି ସହଜ ସୋପାନ ଯଥା ପଞ୍ଜୀକରଣ, କାଗଜପତ୍ର ଦାଖଲ, ପେମେଣ୍ଟ ଓ ଯାଞ୍ଚ ଏବଂ ମିଟର ସ୍ଥାପନ ସାମିଲ ରହିଛି। ଏପରିକି ସବୁ କିଛି କମ୍ପାନୀ ଦ୍ୱାରା ପରିଚାଳିତ ହେଉଛି। ବିଶେଷକରି ନୂଆ ସଂଯୋଗ ପ୍ରକ୍ରିୟାକୁ ଆରମ୍ଭ କରିବା ଲାଗି ଗ୍ରାହକମାନଙ୍କ ପାଖରେ ବିଭିନ୍ନ ସୁବିଧାଜନକ ବିକଳ୍ପ ମଧ୍ୟ ରହିଛି। ପ୍ରାରମ୍ଭିକ ପଞ୍ଜୀକରଣ ସୋପାନକୁ ଗ୍ରାହକ ଥରେ ସମ୍ପାଦନ କରିବା ପରେ ସେମାନେ ସହଜରେ ଉପଯୋଗୀ କାଗଜପତ୍ର ଦାଖଲ କରିପାରିବେ ଏବଂ କମ୍ପାନୀ ଏସ୍‌ଏମ୍‌ଏସ୍, ହ୍ୱାଟ୍ସଆପ୍, ଇ-ମେଲ୍ ଜରିଆରେ ପଠାଇଥିବା ଲିଙ୍କ୍‌ରେ ଅନ୍‌ଲାଇନ ପେମେଣ୍ଟ କରିପାରିବେ।

## ନୂଆ ଅବତାରରେ ଆସିବ ପେବ୍ୟାକ୍ ଇଣ୍ଡିଆ

**ନୂଆଦିଲ୍ଲୀ,୧୯।୫**

ଦେଶର ପ୍ରମୁଖ ଫିନ୍‌ଟେକ୍ କମ୍ପାନୀ ତଥା ଭାରତପେ ଗ୍ରୁପ୍‌ର ସର୍ବବୃହତ୍ ମଲ୍ଟି ବ୍ରାଣ୍ଡ୍ ବିଶ୍ୱସ୍ତତା କାର୍ଯ୍ୟକ୍ରମ 'ପେବ୍ୟାକ୍ ଇଣ୍ଡିଆ' ଖୁବ୍‌ଶୀଘ୍ର ନୂଆ ଅବତାରରେ ଆସିବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ସାରା ଦେଶରେ ବିଶ୍ୱସ୍ତତା ଏବଂ ପୁରସ୍କାର ପାଇଁ କମ୍ପାନୀ ଜିଲିୟନ୍‌କୁ ସର୍ବବ୍ୟାପୀ ବ୍ୟବହାର କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ବିଶେଷକରି କମ୍ପାନୀ ଗ୍ରାହକ ଏବଂ ବୟସ ବର୍ଗରେ ମଧ ଗ୍ରାହକଙ୍କୁ ଟାର୍ଗେଟ୍ କରିବା ଏବଂ ସେମାନଙ୍କ ସାମଗ୍ରିକ ଶପିଂ ଅଭିଜ୍ଞତା, ବର୍ଗ ଏବଂ ବ୍ରାଣ୍ଡ୍ ମଧରେ ଏକ ନୂତନ ଦିଗ ଯୋଡ଼ିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଜିଲିୟନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରିଜିଶ ରାଘବନ୍ କହିଛନ୍ତି, ଭାରତର ସର୍ବବୃହତ୍ ବିଶ୍ୱସ୍ତତା କାର୍ଯ୍ୟକ୍ରମ ଭାବେ ପେବ୍ୟାକ୍ ନିର୍ମାଣ କରିଥିଲୁ। ଏପରିକି ଏହା ଆମ ପାଇଁ ଏକ ଦୀର୍ଘ ଏବଂ ସନ୍ତୋଷଜନକ ଯାତ୍ରା ଥିଲା। ଆଜି ଆମେ ଜିଲିୟନ୍ ଭାବେ ଏକ ନୂତନ ଯୁଗ ଆରମ୍ଭ କରିଛୁ। ବିଶେଷକରି ନୂତନ ବ୍ରାଣ୍ଡ୍ ପରିଚୟ ଆମ ରଣନୀତିରେ ଏକ ପରିବର୍ତ୍ତନଶୀଳକୁ ଚିହ୍ନିତ କରିଥାଏ। ନୂତନ ନାମ ଏବଂ ପରିଚୟ ଆମକୁ ଏକ ବ୍ୟାପକ ଗ୍ରାହକଙ୍କ ସହିତ ଉନ୍ନତ ସଂଯୋଗ କରିବାରେ ସାହାଯ୍ୟ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ଭାରତପେର ମୁଖ୍ୟ ମାର୍କେଟିଂ ଅଫିସର ପାର୍ଥ ଜୋଷୀ କହିଛନ୍ତି, ଆଜିର ଗ୍ରାହକଙ୍କୁ ଦୃଷ୍ଟିରେ ରଖି ଜିଲିୟନ୍‌ର ସୃଷ୍ଟି କରାଯାଇଛି। ବିଶେଷକରି ଏହା ୟଙ୍ଗ୍, ବୋଲ୍ଡ ଏବଂ ଶକ୍ତିଶାଳୀ ଗ୍ରାହକଙ୍କ ଜୀବନରେ ପ୍ରତ୍ୟେକ ଦିନ ଖୁସି ଯୋଡ଼ିବାକୁ ଲକ୍ଷ୍ୟ ରଖିଛି। ଆମେ ନିଶ୍ଚିତ ଯେ ବ୍ରାଣ୍ଡର ଏହି ନୂତନ ସଂସ୍କରଣ ଏକ ବ୍ୟାପକ ଗ୍ରାହକ ଆଧାରକୁ ଆକର୍ଷିତ କରିବ ଏବଂ ଅଧିକରୁ ଅଧିକ ବିତରଣ କରିବାରେ ସକ୍ଷମ ହେବ। ଏପରିକି ଜିଲିୟନ୍ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଗ୍ରାହକଙ୍କ ଯୋଗଦାନକୁ ଆଗେଇନେବା ପାଇଁ ଆମେ ଆସନ୍ତା ମାସରେ ମାର୍କେଟିଂ ଅଭିଯାନ ଆରମ୍ଭ କରିବୁ।

## ବେଙ୍ଗାଲୁରୁରେ ରୋଟାରି ଓଡ଼ିଶାର 'ଜୟ ହୋ'




**ଭୁବନେଶ୍ୱର,୧୯।୫**

ରୋଟାରି ଓଡ଼ିଶା ପକ୍ଷରୁ ବେଙ୍ଗାଲୁରୁଠାରେ ପ୍ରଥମ ଥର ପାଇଁ ଏକ ୨ଦିନିଆ ଡିଷ୍ଟ୍ରିକ୍ଟ ଟ୍ରେନିଂ ଆସେମ୍ବ୍ଲି 'ଜୟ ହୋ' ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୪୦୦ରୁ ଅଧିକ ରୋଟାରିଆନ ଯୋଗଦେଇଥିଲେ। ୨୦୨୩-୨୪ ରୋଟାରି ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ସେବା ପ୍ରକଳ୍ପଗୁଡ଼ିକ ଉପରେ ରୋଟାରି ସଦସ୍ୟମାନେ ବିଶେଷ ଭାବେ ତାଲିମ ହାସଲ କରିଥିଲେ। ବିଶେଷକରି ରୋଟାରି ଓଡ଼ିଶାର ପ୍ରଥମ ମହିଳା ଗଭର୍ନର ଜୟଶ୍ରୀ ମହାନ୍ତିଙ୍କ ସମେତ ଜିଲ୍ଲା ପ୍ରଶିକ୍ଷକ କୁମର ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଆଶୁତୋଷ ରଥ, ଡିପିସି ତନ୍ମୟ ମହାନ୍ତି ଏବଂ ଆସେମ୍ବ୍ଲି ଚେୟାର ବିଜୟ କୁମାର ପତି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା କରିଥିଲେ।

ଏହି ପରିପ୍ରେକ୍ଷୀରେ ଡିଆର୍‌ଡିଓର ଡିଜି ଡ. ବି.କେ ଦାସ, ହାଲ୍‌ର ସିଇଓ ମିହିର କାନ୍ତି ମିଶ୍ର, ବିଇଏମ୍‌ଏଲ୍‌ର ପୂର୍ବତନ ଏମ୍‌ଡି ମାନସ ମହାନ୍ତି, ଟାଟା ଆଇଅନ୍‌ର ଜିଏସ୍‌ଏସ୍ ଗ୍ଲୋବାଲ ହେଡ୍ ଗୋପାଳକ୍ରିଷ୍ଣନ୍, ଆଇବିଏମ୍‌ର ପାର୍ଟନର ତୁଷାର ମିଶ୍ର, ୱିପ୍ରୋର ସିଆଇଓ କୁମାର ଅୟସକାନ୍ତ, ରୋଡ୍ ସାଇନ୍‌ର ଲେଖକ ପ୍ରଣବ ପାଣି, ଡିଭି ଆନାଲିଟିକ୍ସର ଅଧ୍ୟକ୍ଷ ଦେବେନ୍ଦ୍ର ରଥ, ସାମ୍ବାଦିକ ରଞ୍ଜନ ଆଚାର୍ଯ୍ୟ, ଓଡ଼ିଶୀ ନୃତ୍ୟଶିଳ୍ପୀ ସରିତା ମିଶ୍ରଙ୍କ ଭଳି ପ୍ରତିଷ୍ଠିତ ଓଡ଼ିଆ ବ୍ୟକ୍ତିତ୍ୱଙ୍କୁ ପ୍ରାଇଡ୍ ଅଫ୍ ଓଡ଼ିଶା ଏକ୍ସିଲେନ୍ସ ଆୱାର୍ଡରେ ସମ୍ମାନିତ କରାଯାଇଥିଲା।

ଅପରପକ୍ଷରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ 'ସ୍ଥାୟୀ ଉଦ୍ଭାବନ କ୍ଷେତ୍ରରେ ନେତୃତ୍ୱ' ପ୍ରସଙ୍ଗରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ସେହିପରି ଷ୍ଟାର୍ଟଅପ୍ ଓଡ଼ିଶାର ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଡ. ଓମ୍‌କାର ରାୟ ଓଡ଼ିଶାର ଷ୍ଟାର୍ଟଅପ୍ ବ୍ରିଜ୍ ଅଭିଯାନ ରୋଟାପ୍ରେନ୍ୟୋର୍ସ ଶୁଭାରମ୍ଭ କରିଥିଲେ।

ଉଲ୍ଲେଖଯୋଗ୍ୟ, ରୋଟାରି ଗଭର୍ନର୍ସ ଅଫ୍ ବେଙ୍ଗାଲୁରୁ ଉଦୟ ଭାସ୍କର ଏବଂ ଶ୍ରୀନିବାସ ମୂର୍ତ୍ତିଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାର ଉଦ୍‌ଘାଟନ ଓ ଉଦ୍‌ଯାପନୀ ସମାରୋହରେ ରୋଟାରି ଇଣ୍ଟରନ୍ୟାଶନାଲର ନିର୍ଦ୍ଦେଶକ କମଲ ସାଂଘଭି ଓ ମହେଶ କୋଟ୍‌ବାଗି ସଭାପତିତ୍ୱ କରିଥିଲେ।

**ଫୁରସତ**



କାର୍ତ୍ତିକ ଆର୍ଯ୍ୟନ

## ପସନ୍ଦ ଆସୁଛି 'ସତ୍ୟ ପ୍ରେମ୍ କି କଥା'ର ଟିଜର

**ମୁମ୍ବାଇ:** ବଲିଉଡ୍ ଚକୋଲେଟ୍ ହିରୋ କାର୍ତ୍ତିକ ଆର୍ଯ୍ୟନଙ୍କ ଅଭିନୀତ ଫିଲ୍ମ 'ସତ୍ୟ ପ୍ରେମ୍ କି କଥା'ର ଟିଜରକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ଏହି ଫିଲ୍ମ ଜରିଆରେ ପୁଣଥରେ କାର୍ତ୍ତିକ ଓ କିଆରା ଆଡଭାନି ଅନ୍‌ସ୍କ୍ରିନ୍ ରୋମାନ୍ସ କରିବେ। ଦୁଇଜଣଙ୍କ ଯୋଡ଼ିକୁ ସିନେପ୍ରେମୀଙ୍କ ଖୁବ୍ ଭଲପାଇବା ମିଳିଥିବାବେଳେ ଏବେ ପୁଣିଥରେ ସେମାନଙ୍କୁ ଏକାଠି ପରଦାରେ ଦେଖିବା ପାଇଁ ଦର୍ଶକଙ୍କ ଉତ୍କଣ୍ଠା ବଢ଼ିଯାଇଛି। ଗୁରୁବାର ଫିଲ୍ମର ଟିଜର ରିଲିଜ୍ ହୋଇଛି। ଲୋକେ ଏହାକୁ ଖୁବ୍ ପସନ୍ଦ କରୁଥିବା ଦେଖାଯାଇଛି। ଜୁନ୍ ୨୯ରେ ଫିଲ୍ମଟି ପ୍ରେକ୍ଷାଳୟକୁ ଆସିବ। 'ସତ୍ୟ ପ୍ରେମ୍ କି କଥା'ର ନିର୍ଦ୍ଦେଶନା ଦେଇଛନ୍ତି ସମୀର ବିଦ୍ୱାନ୍ସ। ପୂର୍ବରୁ ଚଳଚ୍ଚିତ୍ର 'ଭୁଲ୍ ଭୁଲେୟା ୨'ରେ ଦର୍ଶକେ କାର୍ତ୍ତିକ ଓ କିଆରାଙ୍କ ଯୋଡ଼ିକୁ ବଡ଼ ପରଦାରେ ଦେଖିବାକୁ ପାଇଥିଲେ। ସେମାନଙ୍କ ଲଭ୍ କେମିଷ୍ଟ୍ରି ଅନେକଙ୍କ ମନ ଛୁଇଁଥିବାବେଳେ ଫିଲ୍ମଟି ସୁପରହିଟ୍ ହୋଇଥିଲା। ଖାଲି ସେତିକି ନୁହେଁ ବକ୍ସ ଅଫିସରେ ଭୁଲ ଭୁଲେୟା ୨ ଭଲ ବ୍ୟବସାୟ ମଧ କରିଥିଲା।

## ବ୍ରେନ୍ କ୍ୟାନ୍‌ସରର ସହଜ ଚିକିତ୍ସା ସମ୍ଭବ



**ଥିରୁଭାନନ୍ତପୁରମ**

ଏଣିକି ବ୍ରେନ୍ କ୍ୟାନ୍ସର ଚିକିତ୍ସା ଅତି ସହଜ ଉପାୟରେ କରାଯାଇପାରିବ। ସାନ୍ ଫ୍ରାନ୍ସିସ୍କୋ ମେଡିକାଲ ସେଣ୍ଟର, ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବୈଜ୍ଞାନିକଙ୍କ ପକ୍ଷରୁ ଏହି ଚିକିତ୍ସା ପଦ୍ଧତି ଉଦ୍ଭାବନ କରାଯାଇଛି। ଷ୍ଟଡି ମୁଖ୍ୟ ସରଥା କ୍ରିଷ୍ଣନ କହିଛନ୍ତି, ଆଣ୍ଟି-ସିଜର୍ ଡ୍ରଗ୍‌କୁ ବ୍ୟବହାର କରି ବ୍ରେନ୍ ଟ୍ୟୁମରର ପ୍ରଭାବ ଓ ଏହାର ବିକାଶକୁ କମାଯାଇ ପାରିବ। ସରିଥାଙ୍କ ଘର କେରଳର ଥିରୁଭାନନ୍ତପୁରମ୍‌ରେ। ଫଳରେ ରୋଗୀଙ୍କ କ୍ଷେତ୍ରରେ ମୃତ୍ୟୁର ଭୟ ରହିବ ନାହିଁ। ଅନ୍ୟପକ୍ଷରେ ଗ୍ଲିଓବ୍ଲାଷ୍ଟୋମା ରୋଗୀଙ୍କ ପାଇଁ ମଧ ଏହି ଚିକିତ୍ସା ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। ବିଶେଷ କରି ବ୍ରେନ୍ କ୍ୟାନ୍‌ସର ଯୋଗୁ ଅଧିକାଂଶ କିଶୋରଙ୍କ ମୃତ୍ୟୁ ବଢ଼ିବାକୁ ଦୃଷ୍ଟିରେ ରଖି ବୈଜ୍ଞାନିକଙ୍କ ଦ୍ୱାରା ଏହାର ସହଜ ଚିକିତ୍ସା ପଦ୍ଧତି ବାହାର କରାଯାଇଛି। କ୍ୟାନ୍‌ସର ସେଲର ନକାରାତ୍ମକ ପ୍ରଭାବ ଯୋଗୁ ମସ୍ତିଷ୍କର ଅନ୍ୟ କୋଷିକା କାର୍ଯ୍ୟ ବନ୍ଦ କରିଦେଇଥାନ୍ତି।



ବିଶେଷ କରି ବାତ ଚିକିତ୍ସା ପାଇଁ ସାଧାରଣ ଭାବେ ବ୍ୟବହାର ହେଉଥିବା ଗାବାପେଣ୍ଟିନ ମେଡିସିନ୍‌ରେ ଥିବା ଥ୍ରୋମ୍ବୋସ୍ପୋଣ୍ଡିନ-୧ ପ୍ରୋଟିନ୍ ଟ୍ୟୁମରକୁ ଭଲ କରିବାରେ ସାହାଯ୍ୟ କରିଥାଏ। ଆଗକୁ ବ୍ରେନ୍ ଟ୍ୟୁମର ରୋଗୀଙ୍କ ଉପରେ ଏହି ଚିକିତ୍ସା ପଦ୍ଧତିର ଟ୍ରାଏଲ ଆରମ୍ଭ କରାଯିବ। ଏହି ଉପାୟକୁ ବ୍ୟବହାର କରି ଭବିଷ୍ୟତରେ ବୈଜ୍ଞାନିକମାନେ ଗ୍ଲିଓବ୍ଲାଷ୍ଟୋମା ଭଳି ପ୍ରାଣଘାତି ରୋଗର ଚିକିତ୍ସା ଉପାୟ ବାହାର କରିପାରିବେ ବୋଲି ସରିଥା କହିଛନ୍ତି।

## ୨୫୦୦ ଟଙ୍କାରେ ବିଦେଶ ଭ୍ରମଣ

**ଲଣ୍ଡନ**



ଯୁବବର୍ଗଙ୍କ ମଧ୍ୟରେ ବର୍ତ୍ତମାନ ସମୟରେ ନାଇଟଆଉଟ୍ ଏକ ଟ୍ରେଣ୍ଡ ପାଲଟିଯାଇଛି। ଏହାର ଅର୍ଥ ସାଙ୍ଗମାନଙ୍କ ସହ ସାରା ରାତି ବୁଲିବା ସହ ମସ୍ତି କରିବା। ହେଲେ ଏହି ନାଇଟଆଉଟ୍‌କୁ ୩ ଭଉଣୀ ଏକ ଆଡ୍‌ଭେଞ୍ଚର ଭାବେ ବ୍ୟବହାର କରିଛନ୍ତି। ସେମାନେ ନାଇଟଆଉଟ୍ ଭାବେ ଗୋଟିଏ ରାତି ବିଦେଶ ଯାଇ ଫେରି ଆସିଛନ୍ତି। ଇଂଲଣ୍ଡର ହୁଡର୍ସଫିଲ୍ଡର ବାସିନ୍ଦା ୨୪ ବର୍ଷୀୟା ବ୍ରୋଗନ ମୁରେ କଷ୍ଟମର ସର୍ଭିସରେ କାମ କରୁଥିବାବେଳେ ତାଙ୍କ ଦୁଇ ଭଉଣୀ ଅମେଲିଆ ଏବଂ ଇଜାବେଲ କେବିନ କ୍ରୁ ସଦସ୍ୟ ଭାବେ କାମ କରନ୍ତି। ୩ ଭଉଣୀ ଦିନେ ନାଇଟଆଉଟ୍ ଯିବାକୁ ପ୍ଲାନ କଲେ। ସେମାନେ ଲିଡ୍‌ସ ବ୍ରାଡ୍‌ଫୋର୍ଡ ଏୟାରପୋର୍ଟରୁ ରାତି ୮ଟା ୨୫ରୁ ଫ୍ଲାଇଟ୍‌ରେ ବସି ଆୟର୍ଲାଣ୍ଡର ରାଜଧାନୀ ଡୁବଲିନ୍‌ରେ ରାତି ୧୦ଟା ୩୦ରେ ପହଞ୍ଚିଗଲେ। ସେଠାରେ ରାତି ଯାକ ବୁଲାବୁଲି କରି ସକାଳ ୬ଟା ଫ୍ଲାଇଟ୍‌ରେ ଫେରିଆସିଲେ। ବ୍ରୋଗନ କହିଛନ୍ତି, ସେମାନେ ଆଉ ଥରେ ଏପରି ଟ୍ରିପ୍‌ରେ ଯିବାକୁ ପସନ୍ଦ କରିବେ। ତେବେ ତାଙ୍କ ଫ୍ଲାଇଟ ପାଇଁ ୨୫ ପାଉଣ୍ଡ ଅର୍ଥାତ୍ ୨୫୬୮ ଟଙ୍କା ଖର୍ଚ୍ଚ ହେଲା। ହେଲେ ଏୟାରପୋର୍ଟର ଖାଦ୍ୟ ୫୦୦୦ ଟଙ୍କା ଥିଲା, ଯାହା ବହୁତ ଅଧିକ ଥିଲା। ସେମାନେ କିନ୍ତୁ ବୁଲାବୁଲି କରିବା ସମୟରେ ୧୫ ହଜାର ଟଙ୍କା ଖର୍ଚ୍ଚ କରିଥିବା କହିଛନ୍ତି। ସେମାନଙ୍କୁ ଏହି ଟ୍ରିପ୍‌ରେ କୌଣସି ଅସୁବିଧା ହୋଇ ନ ଥିବା କହିଛନ୍ତି। ଏହା ପୂର୍ବରୁ ସେମାନେ ଜାନୁୟାରୀରେ ସ୍ପେନ୍ ଟ୍ରିପ୍‌ରେ ଯାଇଥିଲେ। ଯେଉଁଥିରେ ସେମାନଙ୍କୁ ୨୩ ପାଉଣ୍ଡ ଅର୍ଥାତ୍ ୨୩୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡିଥିଲା।

## ପଣ୍ଡିତ ପି. ଖୁରାନାଙ୍କ ପରଲୋକ



**ମୁମ୍ବାଇ**

ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା ଓ ଅପାରଶକ୍ତି ଖୁରାନାଙ୍କ ପିତା ତଥା ଖ୍ୟାତନାମା ଜ୍ୟୋର୍ତିବିଦ୍ ପି.ଖୁରାନାଙ୍କର ମୋହାଲିସ୍ଥିତ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଛି। କିଛିଦିନ ଧରି ପି. ଖୁରାନା ହୃଦ୍‌ଜନିତ ସମସ୍ୟାରେ ପୀଡ଼ିତ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳ ୧୦ଟା ୩୦ରେ ତାଙ୍କ ଦେହାନ୍ତ ହୋଇଛି। ଏହି ବ୍ୟକ୍ତିଗତ କ୍ଷତିରେ ଯେଉଁମାନେ ଶକ୍ତି ଦେଇଛନ୍ତି ସେମାନଙ୍କ ନିକଟରେ ଆମେ କୃତଜ୍ଞ ବୋଲି ଖୁରାନାଙ୍କ ପରିବାର ପକ୍ଷରୁ କୁହାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଜୁହି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହାରାଷ୍ଟ୍ରରେ ବଢ଼ିବ ବିଆର୍‌ଏସ୍ ସଙ୍ଗଠନ

## କେସିଆର୍ ଆରମ୍ଭ କଲେ ମାସବ୍ୟାପୀ କାର୍ଯ୍ୟକ୍ରମ

ନାଣ୍ଡେଡ୍, ୧୯।୫

ମହାରାଷ୍ଟ୍ରର ୪୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାମରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ର ନେଟ୍‌ୱର୍କ ବଢ଼ାଇବା ପାଇଁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଶୁକ୍ରବାର ଏକ ମାସବ୍ୟାପୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ନାଣ୍ଡେଡ୍‌ରେ ଅନୁଷ୍ଠିତ ଦଳୀୟ କ୍ୟାଡେର୍‌ମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ କେସିଆର୍ ତାଙ୍କର ମାସବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିଛନ୍ତି। ଆମକୁ ମହାରାଷ୍ଟ୍ରର ୪୫,୦୦୦ ଗ୍ରାମ ଏବଂ ପୌର ସଂସ୍ଥାର ୫,୦୦୦ ୱାର୍ଡକୁ ଯିବାକୁ ହେବ। ସବୁ ସ୍ଥାନରେ କୃଷକ, ଯୁବବର୍ଗ, ମହିଳା, ପଛୁଆ ବର୍ଗ, ଆଦିବାସୀ ଏବଂ ସଂଖ୍ୟାଲଘୁଙ୍କ ପାଇଁ ୯ଟି କମିଟି ଗଠନ କରିବାକୁ କେସିଆର୍ ଦଳୀୟ କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମେ' ୨୨ରୁ ଜୁନ୍ ୨୨ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ। କର୍ମୀମାନେ ଦିନକୁ ୫ଟି ଗ୍ରାମକୁ ଯିବେ ଓ ପ୍ରତି ଗ୍ରାମରେ ୨ ଘଣ୍ଟା ସମୟ ଦେବେ। ସେମାନେ ଗ୍ରାମର ଦଳିତମାନଙ୍କ ସହ ଏକାଠି ଭୋଜନ କରିବାକୁ କେସିଆର୍ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନର ନେତାମାନଙ୍କ ଉପରେ ଅତିଷ୍ଠ ଦେଶ ନୂଆ ନେତୃତ୍ୱକୁ ଅପେକ୍ଷା କରିଥିବା ସେ କହିଛନ୍ତି। ଆଜି ଆମେ ମହାରାଷ୍ଟ୍ରକୁ ଫୋକସ୍ କରୁଛେ, କାଲି ମଧ୍ୟପ୍ରଦେଶ, ଗୁଜରାଟ, ଛତିଶଗଡ଼ରେ କାମ କରିବାକୁ ହେବ ବୋଲି ଦଳୀୟ କର୍ମୀମାନଙ୍କୁ ବିଆର୍‌ଏସ୍ ଅଧ୍ୟକ୍ଷ କେସିଆର୍ କହିଛନ୍ତି।



ମହାରାଷ୍ଟ୍ରର ନାଣ୍ଡେଡ୍‌ରେ ଏକମାସ ବ୍ୟାପୀ କାର୍ଯ୍ୟକ୍ରମ ଆରମ୍ଭ ଅବସରରେ ଉଦ୍‌ବୋଧନ ଦେଉଛନ୍ତି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ।




ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ଅନୁସରଣ କରନ୍ତୁ ବୋଲି ଅନୁରୋଧ କରିବାକୁ ଆସିଥିବା ଆପ୍ ନେତା ଗୋପାଳ ରାୟ, ଅତିଶ ମର୍ଲେନା, କୈଳାସ ଗେହଲଟ୍, ଇମ୍ରାନ୍ ହୁସେନ ଏବଂ ସୌରଭ ଭରଦ୍ୱାଜ ତାଙ୍କ ବାସଭବନ ଆଗରେ ଅପେକ୍ଷାରତ।

# ଓବିସି କୋଟା ହ୍ରାସ ବିରୋଧରେ ଆନ୍ଦୋଳନ ହେବ: ଅଖିଳେଶ

ଲକ୍ଷ୍ନୌ, ୧୯।୫(ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କୁ ଯଦି ସେମାନଙ୍କ ପ୍ରାପ୍ୟ ଭାଗ ନ ଦିଅନ୍ତି, ତେବେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଧମକ ଦେଇଛନ୍ତି। ଗ୍ରାମ ପଞ୍ଚାୟତ ଅଧିକାରୀ ପଦବୀରେ ନିଯୁକ୍ତି ପାଇଁ ଓବିସି ସିଟ୍ ସଂଖ୍ୟା ହ୍ରାସ କରାଯାଇଥିବାରୁ ଅଖିଳେଶ ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ଏହା ଭାଜପାର ସଂରକ୍ଷଣ ବିରୋଧୀ ମାନସିକତା ବୋଲି ସମାଜବାଦୀ ପାର୍ଟି ନେତା କହିଛନ୍ତି। ନିୟମ ଅନୁଯାୟୀ ଓବିସିଙ୍କୁ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ମିଳିବା କଥା। ନିକଟରେ ଉତ୍ତରପ୍ରଦେଶ ସବ୍‌ଅର୍ଡିନେଟ୍ ସର୍ଭିସେସ୍ ସିଲେକ୍ସନ କମିଶନ (ୟୁପିଏସ୍‌ଏସ୍‌ଏସ୍‌ସି) ଜାରି କରିଥିବା ବିଜ୍ଞାପନରେ ଗ୍ରାମ ପଞ୍ଚାୟତ ଅଧିକାରୀ ପଦବୀରେ ନିଯୁକ୍ତି ଲାଗି ଓବିସିଙ୍କ ପାଇଁ ୯.୫ ପ୍ରତିଶତ ସଂରକ୍ଷଣ ରଖାଯାଇଛି। ଓବିସିଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ ହେବାକୁ ଦିଆଯିବ ନାହିଁ ବୋଲି ଅଖିଳେଶ କହିଛନ୍ତି। ଉକ୍ତ ପ୍ରସଙ୍ଗରେ ସମାଜବାଦୀ ପାର୍ଟିର ନେତାମାନେ ହାଇକୋର୍ଟ ଯିବା ଲାଗି ବିଚାର କରୁଛନ୍ତି। ଆବଶ୍ୟକ ପଡ଼ିଲେ ସୁପ୍ରିମକୋର୍ଟରେ ଆଇନଗତ ଲଢ଼େଇ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ୟୁପିଏସ୍‌ଏସ୍‌ଏସ୍‌ସି ବିଜ୍ଞାପନ ଅନୁଯାୟୀ ମୋଟ ୧,୪୬୮ ପଦବୀ ମଧ୍ୟରୁ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ ୮୪୯ ପଦବୀ ରହିଥିବାବେଳେ ଆର୍ଥିକ ପଛୁଆବର୍ଗଙ୍କ ପାଇଁ ୧୧୭, ଓବିସିଙ୍କ ପାଇଁ ୧୩୯, ଅନୁସୂଚିତ ଜାତିଙ୍କ ପାଇଁ ୩୫୬ ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ୭ ପଦବୀ ସଂରକ୍ଷିତ ରଖାଯାଇଛି। ନିୟମ ଅନୁଯାୟୀ ଓବିସିଙ୍କ ପାଇଁ ୨୭ ପ୍ରତିଶତ ଅର୍ଥାତ୍ ୩୯୬ ପଦବୀ ରଖାଯିବା କଥା। ୯.୫ ପ୍ରତିଶତ ସଂରକ୍ଷଣ ଗ୍ରହଣୀୟ ନୁହେଁ ବୋଲି ସମାଜବାଦୀ ପାର୍ଟି ମୁଖପାତ୍ର ରାଜେନ୍ଦ୍ର ଚୌଧରୀ କହିଛନ୍ତି।



ଅଖିଳେଶ ଯାଦବ

# ଟ୍ରିବ୍ୟୁନାଲ ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ନ ଦେଲେ ରାସ୍ତାକୁ ଓହ୍ଲାଇବୁ: କଂଗ୍ରେସ

## ମହାନଦୀ ଜଳ ବିବାଦ ପ୍ରସଙ୍ଗ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ମହାନଦୀ ପ୍ରସଙ୍ଗରେ ଉଭୟ ଟ୍ରିବ୍ୟୁନାଲ ଏବଂ ରାଜ୍ୟ ସରକାରଙ୍କୁ କଂଗ୍ରେସ କେତେକ ପ୍ରଶ୍ନ ପଚାରିବା ସହ ତା'ର ଉତ୍ତର ଦାବି କରିଛି। ରାଜ୍ୟବାସୀଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଟ୍ରିବ୍ୟୁନାଲରୁ ଯଦି ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ନ ଆସେ ଏବଂ କେନାଲଗୁଡ଼ିକରେ ତୁରନ୍ତ ରାଜ୍ୟ ସରକାର ପାଣି ନ ଛାଡ଼ନ୍ତି ତେବେ କଂଗ୍ରେସ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମିଡିଆ ଅଧ୍ୟକ୍ଷ ଗଣେଶ୍ୱର ବେହେରା କହିଛନ୍ତି, ମହାନଦୀ ଜଳ ବିବାଦ ନେଇ ୧୨ ମାର୍ଚ୍ଚ ୨୦୧୮ରେ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ଇତିମଧ୍ୟରେ ୫ ବର୍ଷ ବିତିଗଲାଣି। ହେଲେ ମହାନଦୀ ଜଳ ବିବାଦ ସମସ୍ୟା ସମାଧାନର କୌଣସି ବାଟ ଫିଟୁନାହିଁ। ଏ କ୍ଷେତ୍ରରେ ସରକାରଙ୍କ ଆନ୍ତରିକତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାର ୨ଟି କମିଟି ଗଠନ କରିଥିଲେ। ହେଲେ ୬ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇସାରିଥିବା ବେଳେ କୌଣସି କମିଟିର ଗୋଟିଏ ବି ବୈଠକ ଏ ପର୍ଯ୍ୟନ୍ତ ବସିନାହିଁ। ଗତ ବିଧାନସଭାରେ ଏହି ପ୍ରସଙ୍ଗରେ ଆଲୋଚନା ଲାଗି କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲେ ମଧ୍ୟ ବାଚସ୍ପତି ପ୍ରତିଶ୍ରୁତି ଦେଇ ରହିଗଲେ ବୋଲି ସେ କହିଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ମୁଖ୍ୟତଃ ମହାନଦୀ ଜଳ ବିବାଦ ପାଇଁ ଦାୟୀ। ଅଣ ମୌସୁମୀ ସମୟରେ ମହାନଦୀରେ ଜଳ ଭୟାନକ ଭାବେ ହ୍ରାସ ପାଇ ଚାଲିଛି। ଚାଷୀଙ୍କ ପାଇଁ ଜଳସେଚନ ଓ ପିଇବା ପାଣିର ସମସ୍ୟା ଉତ୍କଟ ରୂପ ଧରିଲାଣି। ତଥାପି ସରକାରଙ୍କ ଚେତା ଫେରୁନାହିଁ। କେବଳ ରାଜନୈତିକ ଫାଇଦା ପାଇଁ ମନେପଡ଼ିଗଲେ ମହାନଦୀ ପ୍ରସଙ୍ଗ ଉଠାଇ ତୁନି ପଡୁଛନ୍ତି ବୋଲି ସେ କହିଛନ୍ତି। ପିସିସି ପ୍ରଚାର କମିଟିର ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକ କହିଛନ୍ତି, ଟ୍ରିବ୍ୟୁନାଲଙ୍କ କଚ୍ଛପ ଗତି ଛାଡ଼ି ତୁରନ୍ତ ରାଜ୍ୟ ସ୍ୱାର୍ଥର ସୁରକ୍ଷା ପାଇଁ ଏକ ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ପ୍ରଦାନ କରନ୍ତୁ। ରାଜ୍ୟ ସରକାରଙ୍କୁ ଚାଷୀଙ୍କ ସ୍ୱାର୍ଥ ନିମନ୍ତେ ତୁରନ୍ତ କେନାଲଗୁଡ଼ିକରେ ପାଣି ଛାଡ଼ିବାକୁ ହେବ। ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କମନ ଫର୍ମେଶନ ଫର୍ମାଟ ସାଧାରଣ ସୂଚୀ ପୁସ୍ତିକା ପ୍ରସ୍ତୁତ ହୋଇପାରିଲା ନାହିଁ। ଟ୍ରିବ୍ୟୁନାଲ ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ଦେଉନାହାନ୍ତି କି ରାଜ୍ୟ ସରକାର ମଧ୍ୟ ଏଥିଲାଗି ଦାବି କରୁନାହାନ୍ତି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ବହୁ ସଂଖ୍ୟାରେ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ଏପ୍ରିଲରେ ଓଡ଼ିଶାରେ ପ୍ରଭାବିତ ହୋଇଥିବା ମହାନଦୀ ଜଳଭଣ୍ଡାର ୭୩ ପ୍ରତିଶତ କମିଛି। ସେହିପରି ମେ ମାସରେ ୭୭.୭ ପ୍ରତିଶତ ଜଳ ପ୍ରବାହ କମିଛି ବୋଲି ସେ କହିଛନ୍ତି।

# କେବଳ ଗୁଜରାଟ, ଉତ୍ତରପ୍ରଦେଶକୁ ନେଇ ଭାଜପା ବସିବ: ମମତା

କୋଲକାତା,୧୯।୫



ମମତା ବାନାର୍ଜୀ

ପଶ୍ଚିମବଙ୍ଗର କ୍ୟାଶ ଫର ଜବ୍ ଦୁର୍ନୀତି ମାମଲାରେ ତୃଣମୂଳ କଂଗ୍ରେସର ମହାସଚିବ ଅଭିଷେକ ବାନାର୍ଜୀଙ୍କୁ ପଚରାଉଚରା ପାଇଁ ସିବିଆଇ ସମନ କରିଛି। ଏହି ଘଟଣାକୁ ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭାରତୀୟ ଜନତା ପାର୍ଟି(ଭାଜପା)କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଅଭିଷେକଙ୍କୁ ସିବିଆଇ ସମନ ମିଳିବା ପରେ ମୁଁ ଆଜି ତାଙ୍କ ସହ ତିନିଥର କଥା ହେଲି। ଯେତେବେଳେ ମୁଁ ତାଙ୍କୁ ସମୟ ମାଗିବାକୁ କହିଲି, ସେ କହିଲେ – ନା ଦିଦି, ଯେତେବେଳେ ଡାକିଛନ୍ତି ସେହି ଦିନ ଯିବି। ସିବିଆଇକୁ ଜଣାଥିଲା ଯେ ଅଭିଷେକ ବାହାରେ ଅଛନ୍ତି। ବାହାରକୁ ଯାଇ ସେ ଦଳ ପାଇଁ କଠିନ ପରିଶ୍ରମ କରୁଛନ୍ତି, କିନ୍ତୁ ତାଙ୍କୁ ସମୟ ଦିଆଗଲା ନାହିଁ। ଏହା ସହିତ ଭାଜପାକୁ ଟାର୍ଗେଟ କରି ମମତା କହିଛନ୍ତି, କର୍ଣ୍ଣାଟକ ହାତରୁ ଯାଇଛି, ଆଗାମୀ ଦିନରେ ଆହୁରି ରାଜ୍ୟ ମଧ୍ୟ ଯିବ, କେବଳ ଉତ୍ତରପ୍ରଦେଶ ଏବଂ ଗୁଜରାଟକୁ ନେଇ ଭାଜପା ବସିବ।

# ଭାଜପାରେ ବିଜେଡି ଯୁବକର୍ମୀ ଯୋଗଦାନକୁ ନେଇ ଚର୍ଚ୍ଚା

## ଝୁମ୍ପୁରା ବ୍ଲକ

ସମ୍ବଲପୁର,୧୯।୫(ବ୍ୟୁରୋ)

ସମ୍ବଲପୁର ଜିଲା ରେଢ଼ାଖୋଲ ବିଧାନସଭା ଅଧୀନ ଝୁମ୍ପୁରା ବ୍ଲକ ବିଜେଡି ଯୁବକର୍ମୀଙ୍କ ଭାଜପାରେ ଯୋଗଦାନକୁ ନେଇ ଚର୍ଚ୍ଚା ଜୋର ଧରିଛି। ଗୁରୁବାର ଝାଙ୍କରପାଲି ପଞ୍ଚାୟତର ପ୍ରାୟ ୪୦ଜଣ ଯୁବ ବିଜେଡି କର୍ମୀ ଭାଜପାରେ ଯୋଗଦାନ କରିଛନ୍ତି। ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ଗତ ନିର୍ବାଚନରେ ଭାଜପା ରେଢାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ନେତ୍ରୀ ସସ୍ମିତା ଦେହୁରିଙ୍କ ନେତୃତ୍ୱରେ ଏହି ଯୁବକମାନେ ଦଳରେ ଯୋଗଦାନ କରିଥିଲେ। ଏହି ଖବର ପ୍ରଚାର ହେବା ପରେ ବିଜେଡି ଶିବିରରେ ଆଲୋଡ଼ନ ସୃଷ୍ଟି ହୋଇଛି।

ଝାଙ୍କରପାଲି ପଞ୍ଚାୟତ ଓ ଏହି ଅଞ୍ଚଳରେ ବିଜେଡିର ତୁଙ୍ଗ ନେତା ଦାୟିତ୍ୱ ବହନ କରୁଥିଲେ ମଧ୍ୟ ଦଳର ଯୁମବକର୍ମୀଙ୍କ ଅନ୍ୟ ଦଳରେ ଯୋଗଦାନକୁ ନେଇ ଚର୍ଚ୍ଚା ଜୋର ଧରିଛି। ମନ୍ତ୍ରୀ ରୋହିତ ପୂଜାରୀଙ୍କ ଅନୁଗତମାନଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଦଳ ଛାଡିଥିବା କେତେଜଣ ଯୁବକର୍ମୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ଝୁମ୍ପୁରା ବ୍ଲକରେ ଏକ ବଡଧରଣର ପରିବର୍ତ୍ତନ ହୋଇପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରୁଛନ୍ତି। ସମୟ ପୂର୍ବରୁ ଅନୁଗତ ଉପରେ ଭରସା ନ କରି ମନ୍ତ୍ରୀ ପୂଜାରୀ ନିଜେ ହସ୍ତକ୍ଷେପ କରିବା ସହ ଅନ୍ତଃକନ୍ଦଳକୁ ଯଦି ସମାଧାନ ନ କରିବେ ତା'ହେଲେ ଆଗାମୀ ନିର୍ବାଚନରେ ବିଜେଡି ଓ ତାଙ୍କ ପାଇଁ ସମସ୍ୟା ହୋଇପାରେ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ଭାଜପାରେ ଯୋଗଦାନ କରିଥିବା ଯୁବକର୍ମୀଙ୍କୁ ସ୍ୱାଗତ କରି ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର କହିଛନ୍ତି, ଆମ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବ କର୍ମୀମାନେ ମିଶିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଆମେ ବହୁତ ଖୁସିରେ ସେମାନଙ୍କୁ ସ୍ୱାଗତ କରିଛୁ। ଝାଙ୍କରପାଲି ପଞ୍ଚାୟତରେ ଭାଜପା ଭଲ ପ୍ରଦର୍ଶନ କରିଥିଲା। ଏହି ଯୁବ କର୍ମୀମାନେ ଆସିବା ପରେ ଦଳ ଆହୁରି ଶକ୍ତିଶାଳୀ ହେବ ବୋଲି ଆଶା କରୁଥିବା ସେ କହିଥିଲେ। ଏ ସମ୍ପର୍କରେ ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡା କହିଛନ୍ତି, ବିଜେଡିରେ ପିଲାମାନେ ଅଛନ୍ତି। ହେଲେ ସେମାନଙ୍କୁ ଠିକା କାମ ଦେବାକୁ ଲୋଭ ଦେଖାଇ ଏମ୍‌ପିଙ୍କ ସହିତ ଭେଟ କରାଇବାକୁ ନିଆଯାଇଥିଲା। ପରେ ଦଳରେ ଯୋଗଦାନ କରିଥିବା କହି ଫୁଲମାଳ ପିନ୍ଧାଇ ଫଟୋ ଭାଇରାଲ କରାଯାଇଥିଲା। ପିଲାମାନଙ୍କ ସହ ଆଲୋଚନା କରିବା ସମୟରେ ସେମାନେ ଏହା କହିଥିଲେ। ଆମ ଦଳରେ ସେମାନେ ବର୍ତ୍ତମାନ ଅଛନ୍ତି ବୋଲି ବିନୋଦ କହିଛନ୍ତି।


CLASSIFIED DISPLAY — ALL EDITION - B/W (Everyday)
MORE SPACE • SAME PRICE
For Booking Contact 0674-2580385

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Birthday Wish

Janvi (Juhi)
Another adventure filled year awaits you. Welcome it by celebrating your birthday with pomp and splendor. Wishing you a very happy and fun filled birthday Janvi !"
Best wishes from:
Papa, Mama, Chachu, Chachi, Jeet, Chintu, Pinu, Rishi, Mausa, Mausi, Maa, Aae,
D-0393

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# Classified Everyday
0674-2580101, 2549949


REAL ESTATE
SALE

ଘରବାରି ବିକ୍ରିହେବ ବାଲିଅନ୍ତା ଭୁବନେଶ୍ୱର, ଯୋଗାଯୋଗ MOB- 8249970503, 7436859569. D-0385

ପିତାପଲ୍ଲୀରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 8867080780. D-74858

ଭୁବନେଶ୍ୱର କଟକ ରୋଡ୍ ହଂସପାଳ ଛକ ନିକଟ ଭାରତ ଭିଲ୍ଲା କଲୋନୀ ଭିତରେ ଅତିଶୀଘ୍ର ଘର କରିବା ଯୋଗ୍ୟ ଘରବାଡ଼ି ୟେଲୋଜୋନ୍ ପ୍ଲଟ୍ ବିକ୍ରୟ ହେବ। ବ୍ୟାଙ୍କଲୋନ୍ ସୁବିଧା ଅଛି। 9438220432, 8144658008. D-0390

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର- 1200sqft. 3,00,000/-, ନଖରା-300/- 6371569855. D-74863

Gharabari land for sale near Barunei, Khurda. Only genuine buyer contact on 6371543787. D-0374

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC plot ବିକ୍ରିହେବ। Mob: 9439832956. D-0289

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0372

ଭୁବନେଶ୍ୱର ତ୍ରିଶୁଳିଆରେ Boundary, Road ଥାଇ General plot- 1800/-, SC-1350/- 7855818549. D-74861

ଭୁବନେଶ୍ୱର କାଟେଣୀ ନିକଟରେ Bank Loanରେ ପ୍ଲଟ୍ sqft.-980/-ରେ ମିଳୁଛି। 9439668575. D-74850

ଭୁବନେଶ୍ୱର କଳାରାହାଙ୍ଗ ଠାରେ ୟେଲୋଜୋନ୍ ପ୍ଲଟ୍, ବାଲିଅନ୍ତାରେ ଘରବାରି ପ୍ଲଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ପ୍ଲଟ୍ ବିକ୍ରି କରାଯାଉଅଛି । ଯୋଗାଯୋଗ: 9438620034. D-0346

Residential plot for sale just 3.5km from KIIT Square, Bhubaneswar, immediate registration/ possession. 8917362239. D-74859


FOR RENT

Ground floor 1800 sqft. Hall & second floor 600 sqft. Hall available on NH in Uttara Square (Bhubaneswar). Contact Mob No- 7978097047. D-0387


CONSTRUCTION

Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469. D-74862


Healthcare

Newly open SPA Positively health benefit with expert. Contact: 7749976301. D-74543

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74685

Newly open health benefits SPA special offer @799, Master Canteen. 9124527173. D-75107

Relax, Refresh your body, Mind at Saikrupa Spa with best therapies. 8984068077. D-0282

Newly open health benefits SPA special offer @ 799 Jaydev Vihar. 8018429809. D-75106

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT
By the virtue of an Affidavit Sworn in the Postal Department. Policy number R-OR-BF-EA-64401 I Smt. Anjangi Rajeswari Babula W/o Anjangi Babula, At/PO- Gundra PS- Jarada, Ganjam Declare that Anjangi Rajeswari Babula and Duvada Krishna Kumari is same and one person. D-0389

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ମନେ ପଡ଼ନ୍ତି
ଦଶମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ପ୍ରହ୍ଲାଦ ନାୟକ
(UCO Bank, Puri)
ଆବିର୍ଭାବ: ୦୪।୦୩।୧୯୫୪
ତିରୋଧାନ: ୦୯।୦୬।୨୦୧୩
(ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦ)
ବାପା, ଦଶବର୍ଷ ହେଲାଣି ତମକୁ ସଶରୀରରେ ଦେଖିପାରିନୁ, କିନ୍ତୁ ତମ ଉପସ୍ଥିତି ସବୁବେଳେ ଅନୁଭବ କରୁଛୁ। ସୁଖରେ ଦୁଃଖରେ ଏମିତି ଆମକୁ ଆଶୀର୍ବାଦ କରୁଥାଅ। କାଳିଆ ଠାକୁର ତୁମକୁ ସବୁବେଳେ ଖୁସିରେ ରଖିଥାନ୍ତୁ।
ବନ୍ଧୁ ଓ ପରିବାରବର୍ଗ ।
ଧ-୬୧୯୪୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୦ ମେ, ୨୦୨୩

## ଦୀପରୁ ନିଆଁ ଲାଗି ମହିଳା ଗୁରୁତର

ଆନନ୍ଦପୁର,୧୯।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ଘସିପୁରା ଥାନା ସମ୍ମୁଖ ଷ୍ଟେଟ୍ ବ୍ୟାଙ୍କ ଶାଖା ପଛପାର୍ଶ୍ୱ କଲୋନିରେ ସାବିତ୍ରୀ ପୂଜା ସମୟରେ ଅଘଟଣ ଘଟିଛି। ଜଣେ ମହିଳାଙ୍କ ଦେହରେ ଦୀପରୁ ନିଆଁ ଲାଗି ଗୁରୁତର ହୋଇଛନ୍ତି। ମହିଳା ଜଣକ ହେଲେ ସ୍ଥାନୀୟ ଅଞ୍ଚଳର ଘନଶ୍ୟାମ ସାହୁଙ୍କ ସ୍ତ୍ରୀ ଅଭିଲିପ୍ସା। ସେ ଘରେ ଥିବା ଦେବଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରୁଥିଲେ। ଠାକୁରଘରେ ଜଳୁଥିବା ଦୀପରୁ ଅସାବଧାନତାବଶତଃ ତାଙ୍କ ପିନ୍ଧା ଲୁଗାରେ ନିଆଁ ଲାଗିଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି।



# ବାଇକକୁ ଧକ୍କାଦେଲା ବୋଲେରୋ, ୩ ମୃତ

ବଲାଙ୍ଗୀର ଅଫିସ/ ଲୋଇସିଂହା,୧୯।୫ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା-କୁଶଙ୍ଗ ରାସ୍ତାର କରକଟିଆ ଛକ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଦୁର୍ଘଟଣାରେ ଶାଳକ-ଭିଣୋଇଙ୍କ ସମେତ ତିନିଜଣଙ୍କ ମୃତ୍ୟୁ ଘଟିଛି। କୁଶଙ୍ଗ ପଟୁ ଦ୍ରୁତଗତିରେ ଆସୁଥିବା ବୋଲେରୋ (ଓଡ଼ି୦୩ଜେ୮୯୫୮) ସାମ୍ନାପଟରୁ ଆସୁଥିବା ଏକ ବାଇକ୍ ଉପରକୁ ମାଡି ଯିବାରୁ ବାଇକ୍‌ରେ ଥିବା ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସଦାଇପାଲି ଗ୍ରାମର ତୁଳସୀରାମ ପଟେଲ (୪୫), ତାଙ୍କ ଶାଳକ ରୋତ୍ ଗ୍ରାମର ରାଜେଶ ପଟେଲ (୨୫) ଏବଂ ଶାଳକଙ୍କ ସାଙ୍ଗ କୁଶଙ୍ଗ ଗ୍ରାମର ସୁରଞ୍ଜନ ପଟେଲ (୨୬)। ଦୁର୍ଘଟଣା ଘଟାଇବା ପରେ ବୋଲୋରୋକୁ ନେଇ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଉଥିବାବେଳେ ରୋତ୍ ଗାଁ ନିକଟରେ ଏହାକୁ କାବୁ କରି ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ ସଦାଇପାଲି ଗ୍ରାମର ତୁଳସୀରାମ ପଟେଲ କୌଣସି କାମରେ ତାଙ୍କ ଶ୍ୱଶୁରଘର ଗାଁ ରୋତ୍‌କୁ ଯାଇଥିଲେ। ଶୁକ୍ରବାର ସାବିତ୍ରୀ ବ୍ରତ ପୂଜା ଥିବାରୁ ଶ୍ୱଶୁର ଘର ଲୋକେ ଝିଅଙ୍କ ତୁଳସୀରାମଙ୍କ ହାତରେ ଝିଅକୁ ଶାଢ଼ି, ପୂଜା ସାମଗ୍ରୀ ଓ ଫଳମୂଳ ପଠାଇଥିଲେ। ତୁଳସୀରାମଙ୍କ ଏକମାତ୍ର ଶାଳକ ରାଜେଶ ପଟେଲ ଭିଣୋଇଙ୍କୁ ତାଙ୍କ ଗାଁ ସଦାଇପାଲିରେ ଛାଡିଦେବା ପାଇଁ କୁଶଙ୍ଗ ଗାଁର ସାଙ୍ଗ ସୁରଞ୍ଜନଙ୍କୁ ଡାକିଥିଲେ। ସୁରଞ୍ଜନ ରୋତ୍‌ରେ ପହଞ୍ଚିବା ପରେ ଗୋଟିଏ ବାଇକ୍ (ଓଡି୩୧ ଜେ୦୩୫୭)ରେ ତିନିହେଁ ସଦାଇପାଲି ବାହାରିଥିଲେ। ରୋତ୍‌ରୁ କରକଟିଆ ଛକ ଦେଇ କୁଶଙ୍ଗ ରାସ୍ତାକୁ ଯିବାବେଳେ ସାମ୍ନାପଟରୁ ଦ୍ରୁତଗତିରେ ଆସୁଥିବା ବୋଲେରୋ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିଯୋଗୁ ବାଇକ୍‌ରେ ଥିବା ତିନିଜଣ ଯାକ ଛିଟିକି ପଡିଥିଲେ। ଦୁର୍ଘଟଣା ସମ୍ପର୍କରେ ଖବର ପ୍ରଚାରିତ ହେବା ପରେ ଉକ୍ତ ବୋଲାରୋକୁ ପ୍ରାୟ ୧୫ କିଲୋମିଟର ଦୂର ରୋତ୍ ଗାଁ ଲୋକେ କାବୁ କରିଥିଲେ। ଏପରିକି ଉତ୍ତ୍ୟକ୍ତ ଲୋକେ ଗାଡି ଭଙ୍ଗାରୁଜା କରିବା ସହ ଡ୍ରାଇଭରଙ୍କୁ ମାରପିଟ କରିଥିବା ଜଣାପଡିଛି। ଅପରପକ୍ଷରେ ସ୍ଥାନୀୟ ଲୋକେ ଗୁରୁତର ଆହତଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତିନି ଆହତଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଅଣାଯାଇଥିଲା। ଆମ୍ବୁଲାନ୍ସ ମିଳୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ସେମାନଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିଲା। ବ୍ୟବଚ୍ଛେଦ ସମୟରେ ତିନି ମୃତକଙ୍କ ପରିବାର ଲୋକେ ନେତ୍ରଦାନ କରିବାକୁ ସମ୍ମତି ଜଣାଇଥିଲେ। ଫଳରେ ମୃତ ତୁଳସୀରାମ ପଟେଲ, ରାଜେଶ ପଟେଲ ଏବଂ ସୁରଞ୍ଜନ ପଟେଲଙ୍କ ଆଖିକୁ ଚକ୍ଷୁ ବ୍ୟାଙ୍କକୁ ଦାନ କରାଯାଇଛି। ତୁଳସୀରାମଙ୍କ ସ୍ତ୍ରୀ ଓ ଦୁଇପୁଅ ଅଛନ୍ତି। ମୃତ ରାଜେଶ ଏବଂ ସୁରଞ୍ଜନ ସେମାନଙ୍କ ପରିବାରର ଏକମାତ୍ର ପୁତ୍ର ସନ୍ତାନ ଥିଲେ। ଏହି ଦୁର୍ଘଟଣା ଯୋଗୁଁ ସଦାଇପାଲି, କୁଶଙ୍ଗ ଏବଂ ରୋତ୍ ଗାଁରେ ଶୋକର ଲହରି ଖେଳିଯାଇଛି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ତୁରନ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଦାବି କରିଛନ୍ତି।




ଦୁର୍ଘଟଣା ଘଟାଇଥିବା ବୋଲେରୋ ଓ ଭାଙ୍ଗିରୁଜି ଯାଇଥିବା ବାଇକ।





ମୃତ ତୁଳସୀରାମ ପଟେଲ, ରାଜେଶ ପଟେଲ ଓ ସୁରଞ୍ଜନ ପଟେଲ

### ମୃତକଙ୍କ ମଧ୍ୟରେ ଶାଳକ ଓ ଭିଣୋଇ

- ସାବିତ୍ରୀ ବ୍ରତ ସାମଗ୍ରୀ ନେଇ ଫେରୁଥିଲେ
- ବୋଲେରୋକୁ କାବୁ କଲେ ଲୋକେ
- ତିନି ମୃତକଙ୍କ ନେତ୍ରଦାନ କରାଗଲା

# ଦିନକରେ ମିଳେଇଗଲା ଖୁସି

### ମାଟ୍ରିକ ଉତ୍ତୀର୍ଣ୍ଣ ଛାତ୍ରଙ୍କ ପୋଖରୀରେ ଜୀବନ ଗଲା

ଭଦ୍ରକ ଅଫିସ,୧୯।୫

ମାଟ୍ରିକ୍ ପରୀକ୍ଷାରେ ପୁଅ ୫୧୯ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଥିଲେ। ଏଥିପାଇଁ ପରିବାର ଲୋକ ବେଶ୍ ଖୁସି ଥିଲେ। ଭବିଷ୍ୟତରେ ଡାକ୍ତର ହୋଇ ରୋଗୀଙ୍କ ସେବା କରିବାକୁ ସେ ଲକ୍ଷ୍ୟ ରଖିଥିଲେ। ହେଲେ ଏହି ଖୁସି ବେଶି ସମୟ ରହିଲା ନାହିଁ। ତାଙ୍କ ସ୍ୱପ୍ନ ଅଧାରେ ରହିଗଲା। ଶୁକ୍ରବାର ଘର ପାଖ ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ମାଟ୍ରିକ୍ ପାସ୍ କରିଥିବା ଛାତ୍ର ଜଣକଙ୍କର ମୃତ୍ୟୁ ଘଟିଛି। ଭଦ୍ରକ ବ୍ଲକ ଚରମ୍ପା ପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଯାଇଛି। ଏକମାତ୍ର ପୁଅକୁ ହରାଇ ପରିବାର ଲୋକେ ମ୍ରିୟମାଣ ହୋଇପଡ଼ିଛନ୍ତି। ମୃତକ ହେଲେ ଗ୍ରାମର ରମେଶ ମହାପାତ୍ରଙ୍କ ପୁଅ ଚନ୍ଦନ(୧୬)।

ଚନ୍ଦନ ବନ୍ଧଗାଁ ହାଇସ୍କୁଲରେ ପାଠ ପଢ଼ି ମାଟ୍ରିକ ପରୀକ୍ଷା ଦେଇଥିଲେ। ୮୬.୫୦ ପ୍ରତିଶତ ନମ୍ବର ରଖିଥିବାରୁ ପରିବାର ଲୋକେ ପୁଅକୁ ଉଚ୍ଚଶିକ୍ଷା ଦେଇ ଡାକ୍ତର କିମ୍ବା ଇଞ୍ଜିନିୟର କରିବେ ବୋଲି ଆଶା କରିଥିଲେ। ଚନ୍ଦନ ମଧ୍ୟ ଡାକ୍ତର ହୋଇ ରୋଗୀ ସେବା କରିବାକୁ ଇଚ୍ଛା ରଖିଥିଲେ। କିନ୍ତୁ ବିଧିର ବିଧାନ ଅଲଗା ଥିଲା। ଗୋଟିଏ ଦିନରେ ସବୁ ଖୁସି ପାଣିରେ ମିଳେଇଗଲା। ମଧ୍ୟାହ୍ନରେ ପୋଖରୀରେ ଗାଧୋଉଥିବା ବେଳେ ଚନ୍ଦନ ବୁଡ଼ିଯାଇଥିଲେ। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣା ପ୍ରଚାରିତ ହେବା ପରେ ଡାକ୍ତରଖାନା ପରିସରରେ ଲୋକଙ୍କ ଭିଡ଼ ଲାଗିବା ସହ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୫/୨୩) ରୁଜୁ ହୋଇଛି।



ଚନ୍ଦନ ମହାପାତ୍ର

# ପୋଖରୀରେ ବୁଡ଼ି ଭଉଣୀଭାଇ ମୃତ

### ମୋ ପୋଖରୀ ଯୋଜନାରେ ଖୋଳାଯାଇଥିଲା ପୋଖରୀ

କୋରାପୁଟ, ୧୯।୫(ସ୍ୱ.ପ୍ର.)

ବିଭିନ୍ନ ସମୟରେ ପ୍ରଶାସନର ଅପରିଣାମଦର୍ଶିତା ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ମୋ ପୋଖରୀ ଯୋଜନାରେ ପ୍ରଶାସନ ପକ୍ଷରୁ ଖୋଳା ଯାଇଥିବା ପୋଖରୀ ୨ ଭଉଣୀଭାଇଙ୍କ ଜୀବନ ନେବା ପରି ଘଟଣା ସାମ୍ନାକୁ ଆସିଛି। ଏହି ପୋଖରୀ ଅଧା ଖୋଳି ପ୍ରଶାସନ ଛାଡି ଦେଇଥିବାରୁ ଏପରି ଘଟଣା ଘଟିଥିବା କୁହାଯାଉଛି।

ଖବରରୁ ଜଣାପଡିଛି, କୋରାପୁଟ ଜିଲା ଲମତାପୁଟ ବ୍ଲକ ପିପଲପୁଟ ଗ୍ରାମର ଜିନୁ ବଡ଼ନାୟକ ଓ ତାଙ୍କ ସ୍ତ୍ରୀ ଶୁକ୍ରବାର ବିଲକୁ କାମ କରିବାକୁ ଚାଲିଯାଇଥିଲେ। ଘରେ ତାଙ୍କର ୧୦ ବର୍ଷର ଝିଅ ସନ୍ତୋଷୀ ଏବଂ ୫ ବର୍ଷର ପୁଅ ଯୋଗେଶ ଥିଲେ। ଉଭୟେ ଭଉଣୀଭାଇ ଘରୁ ବାହାରକୁ ଯାଇ ଗ୍ରାମ ପୋଖରୀ ନିକଟରେ ଖେଳୁଥିଲେ। ଏହି ସମୟରେ ସେମାନେ ଖୋଳା ଯାଇଥିବା ପୋଖରୀ ଭିତରକୁ ଖସି ପଡି ପାଣିରେ ବୁଡି ଯାଇଥିଲେ। ବିଲରୁ କାମ ସାରି ଫେରିବା ପରେ ମାଆବାପା ଉଭୟଙ୍କୁ ଖୋଜିଥିଲେ। କେଉଁଠି ସେମାନଙ୍କୁ ପାଇ ନ ଥିଲେ। କିଛି ସମୟ ପରେ ସ୍ଥାନୀୟ ଲୋକେ ପୋଖରୀରେ ଦୁଇ ଭଉଣୀଭାଇଙ୍କ ମୃତଦେହ ଭାସୁଥିବା ଦେଖି ବାହାରକୁ ଆଣିଥିଲେ। ଖବରପାଇ ମାଆବାପା ଦୁହେଁ ସେଠାକୁ ଯାଇଥିଲେ। ମାତ୍ର ସେତେବେଳକୁ ଉଭୟଙ୍କ ମୃତ୍ୟୁ ହୋଇ ସାରିଥିଲା। ଏ ସମ୍ପର୍କରେ ପ୍ରଶାସନ ଜାଣିବା ପରେ ଏହି ଶିଶୁଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ରେଡକ୍ରସ ପକ୍ଷରୁ ୫ହଜାର ଲେଖାଏ ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଲେଖାଏ ଟଙ୍କା ପରିବାର ଲୋକଙ୍କୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ୨ ଶିଶୁଙ୍କ ପାଇଁ ପରିବାର ଲୋକଙ୍କୁ ୪ଲକ୍ଷ ଲେଖାଏ ଟଙ୍କା ପ୍ରଦାନ କରାଯିବ ବୋଲି ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀ କହିଛନ୍ତି।

# ହାଇୱା ଚାପାରେ ଚାଲିଗଲା ୨ ଜୀବନ

ଚାନ୍ଦବାଲି, ୧୯।୫(ଡି.ଏନ.ଏ.)

ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ଉଗ୍ରତରା ଛକରେ ଗୁରୁବାର ରାତିରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ରାସ୍ତା ଉପରେ ଛିଟିକି ପଡ଼ିଲେ ଆରୋହୀ। ଚଢ଼ିଗଲା ବାଲି ବୋଝେଇ ହାଇୱା। ଫଳରେ ଘଟଣାସ୍ଥଳରେ ୨ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଦୁଇ ମୃତକ ହେଲେ ଚାନ୍ଦବାଲି ଏନ୍ଏସି ଅଧୀନ ତାଢୁସାହିର ତପୁ ତାଢୁ(୩୫) ଏବଂ ଉତ୍ତୁକୁଡ଼ା ପଞ୍ଚାୟତ ମୃଗନୟନୀ ଗ୍ରାମର ଶୁଭମ ପରିଡ଼ା(୨୪)।

ସୂଚନା ଅନୁଯାୟୀ, ରାତି ପ୍ରାୟ ୧୦ଟା ବେଳେ ତପୁ ଏବଂ ସାଏନ୍ତା ଗ୍ରାମର ମୁନା ସାହୁ ଗୋଟିଏ ବାଇକ୍‌ରେ ଆସୁଥିବା ବେଳେ ବିପରୀତ ଦିଗରୁ ଶୁଭମ ବାଇକ୍‌ରେ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାଉଥିଲେ। ଉକ୍ତ ଛକରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଚାଳକ ତପୁ ଓ ଶୁଭମ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଏହି ସମୟରେ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଆସୁଥିବା ଏକ ବାଲି ବୋଝେଇ ହାଇୱାର ପଛ ଚକା ୨ଜଣଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ମୁନା ରାସ୍ତା ବାହାରକୁ ଛିଟିକି ପଡ଼ିଥିବାରୁ ଜୀବନ ବର୍ତ୍ତିଯାଇଛି। ହାଇୱା ଚାଳକ ଗାଡ଼ି ସହ ମତୋ ଫାଣ୍ଡିରେ ଆତ୍ମସମର୍ପଣ କରିଛନ୍ତି। ଦୁର୍ଘଟଣାସ୍ଥଳରେ ବିଳମ୍ବରେ ଦମକଳ ଗାଡ଼ି ପହଞ୍ଚିବାରୁ ଉତ୍ତେଜନା ଦେଖାଦେଇଥିଲା। ଚାନ୍ଦବାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ସଡ଼କ ଦୁର୍ଘଟଣା: ଚାଲିଗଲା ୩ ଜୀବନ

ସମ୍ବଲପୁର,୧୯।୫(ବ୍ୟୁରୋ)

ଝାରସୁଗୁଡ଼ା ଜିଲା ଏୟାରପୋର୍ଟ ଥାନା ଅନ୍ତର୍ଗତ ଦୁର୍ଲଗା ଛକଠାରେ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଲଇକେରା ଥାନା ନାଗେନଡିହିର ଭବାନୀ ରୋହିଦାସ (୩୦), ଅଜୟ ରୋହିଦାସ (୨୫) ଓ ବିହାର ମୂଳବାସିନ୍ଦା ତଥା ନିକଟସ୍ଥ କମ୍ପାନୀରେ କାମ କରୁଥିବା ରମେଶ ଯାଦବ (୫୦)। ଦୁର୍ଘଟଣାରେ ରମେଶଙ୍କ ସ୍ତ୍ରୀ ଗୁରୁତର ଥିବାରୁ ତାଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରିବା ସହ ବାଇକ୍ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ ଦିନ ମଜୁରିଆ ଭାବେ କାମ କରୁଥିବା ଅଜୟ ଓ ଭବାନୀ ଅପରାହ୍ନରେ ବାଇକ୍ (ଓଡି ୨୩ଏଚ-୧୦୫୫) ଯୋଗେ ନିଜ ଗ୍ରାମରୁ ଝାରସୁଗୁଡାକୁ ଆସୁଥିଲେ। ଏହି ସମୟରେ ଅପରପଟୁ ବାଇକ୍ (ଓଡି୨୫ଏଫ-୧୨୯୯) ଯୋଗେ ଆସୁଥିବା ରମେଶ ଓ ତାଙ୍କ ସ୍ତ୍ରୀଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସମସ୍ତ ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଚକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଉପରୋକ୍ତ ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ।

## ହାତୀ ଆକ୍ରମଣ: ୧୨ ଦିନରେ ୨ ମୃତ

**ସମ୍ବଲପୁର,୧୯।୫(ବ୍ୟୁରୋ):** ସମ୍ବଲପୁର ବନଖଣ୍ଡର ସଦର ଓ ପଡିଆବାହାଲ ରେଞ୍ଜ ଅଧୀନରେ ଥିବା ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଲାଗିରହିଛି। ଫଳରେ ସନ୍ଧ୍ୟା ହେଲେ ଲୋକେ ଭୟରେ ଘରୁ ବାହାରୁନାହାନ୍ତି। ଦିନ ସମୟରେ ଦୁଇମୁଠା ଖାଇବା ଯୋଗାଡ଼ ପାଇଁ ନିଜ କାମରେ ଯିବା ସମୟରେ ହାତୀ ଆକ୍ରମଣର ଶିକାର ହେଉଛନ୍ତି। ଶୁକ୍ରବାର ସକାଳେ ହାତୀ ଆକ୍ରମଣ ଯୋଗୁ ପଡିଆବାହାଲ ରେଞ୍ଜ ନୂଆବରଙ୍ଗମାଲ ପଞ୍ଚାୟତ ବଲଣ୍ଡା ଗ୍ରାମର ହୀରଞ୍ଜନ ପ୍ରଧାନ (୫୫)ଙ୍କ ମୃତ୍ୟୁ ଘଟିଛି। ପୂର୍ବରୁ ମେ ୭ରେ କୁଡେରନିଶା ଗ୍ରାମର ନଟବର ମୁଣ୍ଡା (୫୦)ଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ୧୧ରେ ମୁଣ୍ଡେର ଗ୍ରାମର ରାଜୁ ନାଏକ (୩୫) ହାତୀ ଆକ୍ରମଣରେ ଗୁରୁତର ହୋଇଥିଲେ। ସେ ଏବେ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି। ଗୋଟିଏ ଦନ୍ତା ହାତୀ ବୁଲି ବୁଲି ଲୋକଙ୍କୁ ଆକ୍ରମଣ କରୁଥିବା କୁହାଯାଉଛି। ବନ ବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇ ବନ ବିଭାଗ ଅଧିକାରୀ ମୃତ ହୀରଞ୍ଜନଙ୍କ ଘରେ ପହଞ୍ଚିଥିଲେ। ସରକାରୀ ନିୟମ ଅନୁସାରେ ତାଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ପଡିଆବାହାଲ ରେଞ୍ଜର ଫକୀର ମୋହନ ମାଝି କହିଛନ୍ତି।

# ଆଜି ଛତିଶା ନିଯୋଗ ବୈଠକ

### ରଥଯାତ୍ରା ଓ ବିଭିନ୍ନ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବ

ପୁରୀ ଅଫିସ, ୧୯।୫

ଆସନ୍ତା ଜୁନ ୪ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ୨୦ରେ ରଥଯାତ୍ରା ଅନୁଷ୍ଠିତ ହେବ। ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ବିଭିନ୍ନ ନୀତିକାନ୍ତିକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ସହ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ନିମନ୍ତେ ଶନିବାର ଛତିଶା ନିଯୋଗ ବୈଠକ ବସିବ। ନୀଳାଦ୍ରି ଭକ୍ତ ନିବାସ ପରିସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଚୂଡ଼ାନ୍ତ ନୀତି ନିର୍ଘଣ୍ଟ ଅନୁମୋଦନ ହେବ। ସେହିପରି ଶୃଙ୍ଖଳିତ ନୀତିକାନ୍ତି ସହ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ, ନୀଳାଦ୍ରିବିଜେ ପ୍ରଭୃତିର ବ୍ୟବସ୍ଥାବଳୀ ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯିବ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପ୍ରଶାସନିକ ଅଧିକାରୀ, ପରିଚାଳନା କମିଟି ସଦସ୍ୟ, ଛତିଶା ନିଯୋଗ ମହାନାୟକ, ବିଭିନ୍ନ ନିଯୋଗର ସଭାପତି ଓ ସମ୍ପାଦକ ଯୋଗଦେବେ ବୋଲି ସୂଚନା ମିଳିଛି।

# ଅଏଲ୍ ପାମ୍ ଜିଲା ତାଲିକାରେ ସାମିଲହେଲା ନୂଆପଡ଼ା

ଭୁବନେଶ୍ୱର, ୧୯।୫(ବ୍ୟୁରୋ)

ରାଜ୍ୟରେ ନ୍ୟାଶନାଲ ମିଶନ ଅଫ୍ ଏଡିବୁଲ୍ ଅଏଲ୍-ଅଏଲ୍ ପାମ୍ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ନୂଆପଡ଼ା ଜିଲାକୁ ସମ୍ଭାବ୍ୟ ଅଏଲ୍ ପାମ୍ ଜିଲା ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଶୁକ୍ରବାର କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଅନୁମୋଦନ ମିଳିଛି। ଚଢ଼ା କମିଟି-୨୦୦୬ ଏବଂ ରେଥିୟମ୍ କମିଟି-୨୦୦୭ର ରିପୋର୍ଟ ଅନୁଯାୟୀ ରାଜ୍ୟରେ ଅଏଲ୍ ପାମ୍ ଚାଷର ସମ୍ପ୍ରସାରଣ ନିମନ୍ତେ ୨୩ଜିଲାକୁ ସମ୍ଭାବ୍ୟ ଅଏଲ୍ ପାମ୍ ଜିଲା ଭାବେ ସାମିଲ କରାଯାଇଥିଲା। ହେଲେ କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲାକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା। ମୃତ୍ତିକା ଓ ପରିବେଶ ଅନୁକୂଳକୁ ଦୃଷ୍ଟିରେ ରଖି ଏବଂ ଜିଲାର ଚାଷୀଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ଯୋଗୁ ନୂଆପଡ଼ାକୁ ଅନ୍ତର୍ଭୁକ୍ତ କରିବା ପାଇଁ କୃଷି ବିଭାଗ ପକ୍ଷରୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ଏହି ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନକରି କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କୁ ପତ୍ର ଲେଖି ଅବଗତ କରିଛନ୍ତି। ୨୦୨୩-୨୪ ବର୍ଷ ପାଇଁ ରାଜ୍ୟରେ ଅଏଲ୍ ପାମ୍ ଚାଷର ସମ୍ପ୍ରସାରଣ କାର୍ଯ୍ୟକ୍ରମ ନିମନ୍ତେ ଆଗ୍ରହୀ ଅଏଲ୍ ପାମ୍ କମ୍ପାନୀଗୁଡ଼ିକ ମଧ୍ୟରେ ଜିଲା ଆବଣ୍ଟନ ପ୍ରକ୍ରିୟାକୁ ଚୂଡ଼ାନ୍ତ କରାଯାଉଥିବା ପରିପ୍ରେକ୍ଷୀରେ ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଥିଲା।

# ଗାଡ଼ିରେ 'ପ୍ରେସ୍' ଲେଖି ଗଞ୍ଜେଇ ଚାଲାଣ

### ୧୫୧ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ନନ୍ଦପୁର, ୧୯।୫ (ଡି.ଏନ୍.ଏ.)

ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ପାଇଁ ଏବେ ଚାଲାଣକାରୀମାନେ ଏକ ନୂଆ ତରିକା ଆପଣେଇଛନ୍ତି। ଗାଡ଼ିରେ ସେମାନେ ପ୍ରେସ୍ ଲେଖି ଗଞ୍ଜେଇ ଚାଲାଣ କରୁଥିବା ନନ୍ଦପୁର ପୋଲିସ ଉପଖଣ୍ଡ ଅଧୀନ ପାଡୁଆ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଜୟପୁର-ବିଶାଖାପାଟଣା ସଂଯୋଗ କରୁଥିବା ରାଜ୍ୟ ରାଜପଥର ପାଡୁଆ ବଡ଼ଦେବତା ମନ୍ଦିର ନିକଟସ୍ଥ ଛକରୁ ପ୍ରେସ୍ ଲେଖାଥିବା ଏକ କାର୍ (ଏମ୍ଏଚ୍୨୦ ସିଏସ୍-୪୮୦୦)ରେ ୭ଟି ଜରି ବସ୍ତାରେ ଗଞ୍ଜେଇ ଚାଲାଣ ବେଳେ ପୋଲିସ ଏହାକୁ ଧରିଛି। ୧୫୧ କିଲୋ ଗଞ୍ଜେଇ ଜବତକରି ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମହାରାଷ୍ଟ୍ର ଅଞ୍ଚଳର ମିଲିନ୍ଦ୍ ଚିକତେ ଓ ଶୁଭମ୍ ସଞ୍ଜୟ ସିନ୍ଧେ ବୋଲି ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

ପାଡୁଆ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ନେତୃତ୍ୱରେ ପୋଲିସ ବଡ଼ଦେବତା ମନ୍ଦିର ନିକଟରେ ଗୁରୁବାର ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲା। ଏହି ସମୟରେ କୁଲାରସିଂ ପଟୁ ଆସୁଥିବା ପ୍ରେସ୍ ଲେଖାଥିବା ଏକ କାର୍‌କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ତେବେ ଅନ୍ଧାରର ସୁଯୋଗ ନେଇ କାର୍‌ରେ ଥିବା କେତେଜଣ ବ୍ୟକ୍ତି ଫେରାର ହୋଇଯାଇଥିଲେ। ପୋଲିସ ୨ ଜଣଙ୍କୁ କାବୁକରି କାର୍‌ରୁ ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ କରିଥିଲା। ଗିରଫ ଚିକତେ ଓ ସିନ୍ଧେଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପାଡୁଆ ଥାନାରେ କେସ୍ ନଂ. ୬୯/୨୩ରେ ଏକ ମାମଲା ରୁଜୁ ହୋଇଛି। ଏସ୍ଆଇ ଦୀପକ ବାରିକ ଏହାର ତଦନ୍ତ କରୁଛନ୍ତି। ଫେରାର ହୋଇଯାଇଥିବା ବ୍ୟକ୍ତିମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ମହାପାତ୍ର କହିଛନ୍ତି।



ଗିରଫ ୨ ଅଭିଯୁକ୍ତ




## ମୁଖ୍ୟ ଅଭିଯୁକ୍ତଙ୍କ ମୃତ୍ୟୁ, ୨ ସମ୍ପର୍କୀୟ ଗିରଫ

### ବାଣ ବିସ୍ଫୋରଣ ଘଟଣା

**ଭୋଗରାଇ,୧୯।୫(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଏଗ୍ରା ଥାନା ଅଧୀନ ଖାଦିପୁର ଗ୍ରାମରେ ଗତ ମଙ୍ଗଳବାର ଘଟିଥିବା ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ବିସ୍ଫୋରଣରେ ଗୁରୁତର ହୋଇ କଟକର ଏକ ନର୍ସିଂ ହୋମରେ ଚିକିତ୍ସିତ ହେଉଥିବା ମୁଖ୍ୟ ଅଭିଯୁକ୍ତ କୃଷ୍ଣପଦ ବାଗ ଓରଫ ଭାନୁ ବାଗଙ୍କ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। କଟକ ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ କମିଶନରେଟ୍ ପୋଲିସ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟତମ ଅଭିଯୁକ୍ତ ମୃତ ଭାନୁ ବାଗଙ୍କ ପୁଅ ପୃଥ୍ୱୀରାଜ ଓ ତାଙ୍କ ପୁତୁରା ଇନ୍ଦ୍ରଜିତଙ୍କୁ କଟକ ପୋଲିସ ସହାୟତାରେ ପଶ୍ଚିମବଙ୍ଗ ସିଆଇଡି ଗିରଫ କରିଛି। ସେମାନଙ୍କୁ କାନ୍ଥି ଅଦାଲତରେ ହଜାର କରିବା ପରେ ରିମାଣ୍ଡରେ ନେଇ ଅଧିକ ତଥ୍ୟ ନିମନ୍ତେ ପଚରା ଉଚୁରା ଜାରି ରହିଛି। ସୂଚନା ଅନୁଯାୟୀ, ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଖାଦିପୁର ଗ୍ରାମ ବିଲରେ ଏକ ବେଆଇନ ବାଣ କାରଖାନା ଦୀର୍ଘ ବର୍ଷଧରି ଚାଲି ଆସୁଥିଲା। ଗତ ମଙ୍ଗଳବାର ମଧ୍ୟାହ୍ନରେ ଏହି କାରଖାନାରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସୀମାନ୍ତରେ ଥିବା ଘରଗୁଡ଼ିକ ଥରି ଉଠିଥିଲା। ଏହି କାରଖାନାରେ ୨୫ଜଣ କର୍ମଚାରୀ କାମ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ଘଟଣାସ୍ଥଳରେ ୯ ଜଣଙ୍କ ମୃତ୍ୟୁ ହୋଇଥିଲା।

### ସ୍ୱାସ୍ଥ୍ୟ ବିଭାଗର ବେପରୁଆ ନୀତି

# ଚିନ୍ତାରେ ଭିମ୍‌ସାର ଡାକ୍ତରୀ ଛାତ୍ରୀଛାତ୍ର

ସମ୍ବଲପୁର,୧୯।୫(ବ୍ୟୁରୋ)

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାର ମେଡିକାଲ କଲେଜ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବେପରୁଆ ନୀତି ଯୋଗୁ ପିଲାଙ୍କ ଭବିଷ୍ୟତ ଅଡୁଆରେ ପଡିବା ଭୟ ରହିଛି। ସେମାନଙ୍କୁ ପାସ୍ ସାର୍ଟିଫିକେଟ ସହ ଡାକ୍ତର ସ୍ୱୀକୃତି ମିଳିବ କି ନାହିଁ ସେ ନେଇ ଅନିଶ୍ଚିତତା ଦେଖାଦେଇଛି। ନ୍ୟାଶନାଲ ମେଡିକାଲ କାଉନ୍‌ସିଲ (ଏନ୍ଏମ୍‌ସି) ନିର୍ଦ୍ଦେଶକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପାଳନ ନ କରିବାରୁ ଛାତ୍ରୀଛାତ୍ରଙ୍କ ପାଇଁ ଅଡୁଆ ବଢିଯାଇଛି। ଏ ସମ୍ପର୍କରେ ଛାତ୍ରୀଛାତ୍ର ଓ ଭିମ୍‌ସାର ପକ୍ଷରୁ ଡାଇରେକ୍ଟର ଅଫ ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ (ଡିଏମ୍‌ଇଟି)କୁ ଚିଠି କରାଯାଇଥିଲା। ଇତିମଧ୍ୟରେ ୨ମାସ ବିତିଥିଲେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସେମାନେ ଅଭିଯୋଗ କରିଛନ୍ତି, ଏମ୍‌ବିବିଏସ୍ ପାଠ୍ୟକ୍ରମ ପରେ ହାଉସ ସର୍ଜନ ଭାବେ ଏକବର୍ଷ କାମ କରିବାକୁ ପଡିଥାଏ। ଏନ୍ଏମ୍‌ସି ନିର୍ଦ୍ଦେଶ ଅନୁସାରେ ହାଉସ ସର୍ଜନ ଭାବେ ଏକବର୍ଷ ତଥା ୫୨ ସପ୍ତାହ କାମ କରିବେ। ଏହି ସମୟ ଭିତରେ ୯ ସପ୍ତାହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ହାଉସ ସର୍ଜନ ଭାବେ କାମ କରିବେ। ସର୍ଜରି, ସ୍ତ୍ରୀ ଓ ପ୍ରସୂତି, ମେଡିସିନ ଭଳି ବିଭାଗ ଉପରେ ଅଧିକ ତାଲିମ ନେଇପାରିବେ। ଏହି ୯ ସପ୍ତାହ କାମ କରିବା ବାଧ୍ୟତାମୂଳକ। ଏହା ପରେ ସାର୍ଟିଫିକେଟ ଓ ସ୍ୱୀକୃତି ମିଳିଥାଏ। ଏମ୍‌ବିବିଏସ୍ ପାଠ୍ୟକ୍ରମ ଶେଷ କରି ପ୍ରାୟ ୨ ମାସ ହେବ ୧୫୦ ଛାତ୍ରୀଛାତ୍ର ହାଉସ ସର୍ଜନ ଭାବେ ଭିମ୍‌ସାରରେ କାର୍ଯ୍ୟରତ ଅଛନ୍ତି। ହେଲେ ଏପର୍ଯ୍ୟନ୍ତ କାହାକୁ ତାଲିମ ପାଇଁ ପଠାଯାଇ ନାହିଁ। ଭିମ୍‌ସାର ପକ୍ଷରୁ ଦେବେଇପାଲି, ଚାଆଁରପୁର, ଠେମରା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ହାଉସ ସର୍ଜନ ଭାବେ କାମ କରିବା ପାଇଁ ଚୟନ କରାଯାଇଛି। ୧୫୦ ଛାତ୍ରୀଛାତ୍ରଙ୍କୁ ଯଦି ଏବେଠାରୁ ଉକ୍ତ ମେଡିକାଲରେ ନିଯୁକ୍ତି ଦିଆ ନ ଯିବ ତା'ହେଲେ ଆଗକୁ ସମୟ ଅଭାବ ରହିବ। ତେଣୁ ଶୀଘ୍ର ନିଯୁକ୍ତି ଦେବାକୁ ସେମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଭିମ୍‌ସାର ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ୨୦୨୩ ମାର୍ଚ୍ଚ ୩୧ ତାରିଖ ଓ ପୁଣିଥରେ ମେ ୪ ତାରିଖରେ ଚିଠି କରାଯାଇଛି। ଛାତ୍ରୀଛାତ୍ର ମଧ୍ୟ ଡିଏମ୍‌ଇଟିକୁ ଅନୁରୋଧ କରିଛନ୍ତି। ହେଲେ କୌଣସି ଉତ୍ତର ବା ଅନୁମୋଦନ ଆସି ନ ଥିବାରୁ ହାଉସ ସର୍ଜନମାନଙ୍କୁ ନିଯୁକ୍ତି ଦିଆଯାଇପାରୁ ନାହିଁ। ଭିମ୍‌ସାର ଅଧୀକ୍ଷକ ଲାଲମୋହନ ନାୟକ କହିଛନ୍ତି, ଅନୁମୋଦନ ପାଇଁ ଡିଏମଇଟିକୁ ଚିଠି କରାଯାଇଛି। ସେଠାରୁ ଉତ୍ତର ଆସିବା ପରେ ଛାତ୍ରୀଛାତ୍ରମାନେ ସିଡିଏମ୍‌ଓଙ୍କ ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାୟକ୍ରମେ ନିଯୁକ୍ତି ପାଇବେ।



# ବାପା ନଥିବା ପୃଥିବୀ



## ଗଳ୍ପ

**ବିପ୍ଳବ**

ବାପାଙ୍କ ବାଁ ହାତର ମଝି ଆଙ୍ଗୁଠିକୁ ମୁଁ ମୁଠେଇ ଧରିଥିଲି। ଡାହାଣ ପାଖରେ ଥିଲା ନିତୁ। ବାପାଙ୍କ କାନ୍ଧରେ ଦୁଇ ପଟକୁ ଗୋଡ଼ ଓହଳେଇ ଚୁଟିକୁ ଧରି ବସିଥିଲା ସବା ସାନ ଜିନା। ମାମୁଘରୁ ରାମନବମୀ ଦେଖି ଫେରୁଥିଲୁ ଆମେ। ଅଜା, ଆଇ, ମାମୁ, ମାଇଁ, ଚୁମ୍‌କି ଦେଇ ହେରିକା କହୁଥିଲେ ରହିଯା', ଭଲକି ସକାଳ ହେଉ ଯିବ। ବାପା ରାଜି ହେଲେନି। ସେଇ ମାଛି ଅନ୍ଧାରରେ ଚାଲି ଆସିଲେ। ବୋଉ ଦେହ ଭଲ ନଥିଲା, ସେଥିପାଇଁ।

ବାଟସାରା ଧାଡ଼ି ଧାଡ଼ି ଆମ୍ବଗଛ। ମେଞ୍ଚା ମେଞ୍ଚା ବଉଳରେ ଡାହିସବୁ ତଳକୁ ନଇଁ ଆସିଥା'ନ୍ତି। ବାସ୍ନାରେ ରାତି ମହକୁଥାଏ। କୋଇଲି ତୁହାକୁ ତୁହା ରାବୁଥାଏ। ଡର ଭୟ କିଛି ଲାଗୁନଥାଏ। ଗିରିଗିରା ସାଇର ମାଛୁଆ କେଉଟମାନଙ୍କର ଘର ଗହଳି ଚହଳି ଲାଗି ଯାଇଥାଏ। ଜାଲ ଧରି ନଈକୁ ବାହାରି ଯିବାକୁ କେହି କେହି ପ୍ରସ୍ତୁତ ହେଉଥିଲେ। ନଖି ଭାଉଜ ଦାଣ୍ଡ ଓଳେଇ ଗୋବର ପାଣି ଛିଞ୍ଚୁଥିଲେ। ଆମ ଘର ଆଉ ଅଳପ ବାଟ ଥାଏ, ମଝିରେ ଯାହା ଚିଆରିଆ ମାଳ। ଏକର ଏକର ଆଖୁବିଲ। ଡେଙ୍ଗା ଡେଙ୍ଗା ଆଖୁ ସବୁ ଠିଆ ହୋଇଥା'ନ୍ତି ବ୍ୟାଙ୍କ ଆଗରେ ଠିଆ ହୋଇଥିବା ସୁରକ୍ଷାକର୍ମୀ ପରି।

ଗହମ ପୋଖରୀ ଝଙ୍କା ବରଗଛ ତଳେ ଆଖୁଶାଳ ବସିଥାଏ। ଜିନା ଦୋରୁଅ ପିଇବ ବୋଲି ଜିଦ୍ ଧରିଲା। ବାପା ତାକୁ କାନ୍ଧରୁ ଓହ୍ଲେଇଲେ। ଆଖୁସବୁ ବିଲରୁ କଟା ହୋଇ ପର୍ବତ ପ୍ରମାଣେ ଗଦା ହୋଇଥାଏ। କିଛି ଆଖୁ ଉଞ୍ଚା ହୋଇ ଖାଇ ଚାରିକଡ଼େ ଗଦା ହୋଇଥାଏ। ଆଉ କିଛି ପତ୍ରୁରି ସାଲୁବାଲୁ ହୋଇ ଦୂରରେ ବିପର୍ଯ୍ୟସ୍ତ ଭାବରେ ପଡ଼ିଥାଏ।

ବାପା ଶାଳ ଭିତରକୁ ଗଲେ। ଧୋଇ ବଡ଼ବାପା ଗୁଡ଼ ରାନ୍ଧୁଥିଲେ। ଗୋଟିଏ ବଡ଼ ମଲାଆଖୁ ହାତରେ ଧରି ଚୁଲି ଭିତର ଉଖାରି ଦେଉଥିଲେ। ବେଳେବେଳେ ଛେଦା ନହେଲେ ପତ୍ରୁରି ମେଣ୍ଟେଇ ଦେଉଥିଲେ। ବାପାଙ୍କୁ ଦେଖି ପଚାରିଲେ : କୁଆଡ଼େ ଯାଉଛୁ ପିଲାମାନଙ୍କୁ ନେଇ ଏଇ ଅନ୍ଧାରଟାରେ ?
– ନବମୀ ଦେଖି ଯାଇଥିଲେ ମାମୁଘର। ପାଇଟିରୁ କୋଉ ତର ହଉଚି ? ଛୁଆ ମାଙ୍ଗେଟି କଲେ ରାବଣ କେମିତି ମରୁଚି ଦେଖିବୁ। ଦେଖୁନୁ ସାନ ଝିଅଟା ଅଝଟ ହେଉଚି ଦୋରୁଅ ପିଇବ ବୋଲି।
– ଆରେ ପାଇଟିଆ କେହି ଆସିନାହାନ୍ତି ବଳଦ ଆଣିକି। ବଳଦ ଯୋଚା ହୋଇ ଟାଣିଲେ ସିନା ଦୋରୁଅ ବାହାରିବ। ବାସି ଦୋରୁଅ ତାଉଆରେ ଢଳା ହେଇ ଯାଇଚି। ତତଲା ଗୁଡ଼ା କେମିତି ପିଇବ ଛୁଆଟା ! ନିତୁ ପାଟିକଲା– ବାପା ସେ ଦାନ୍ତ ଘଷିନି। ବାପା ହସିଲେ– ଛୋଟ ଛୁଆଟା ଅଘଷା ପିଇଲେ କ'ଣ ରୋଗ ବଇରାଗ ହେଇଯାଉଛି ? ଭାଇ ତୁ ଚୁଲିଜଳା ବନ୍ଦକରି ଆଖୁ ଦି'ଟା ମୁହାଁଇ ଦେ। ମୁଁ ବିଞ୍ଚଣୀ ଭିଡ଼ି ଦେବି ଦି' ଭେରା।

ବାପା ଥିଲେ ବିଶାଳ ବପୁର ଅଧିକାରୀ। ପାଞ୍ଚ ହାତ ମର୍ଦ୍ଦ, ବିଶାଳ ଛାତି। ବଳିଲା ବଳିଲା ବାହା। ଯୋଉ ବିଞ୍ଚଣୀକୁ ଦୁଇ ହଳ ବଳଦ ଭିଡ଼ନ୍ତି, ବାପା ଏକୁଟିଆ ଛାତି ଲଗେଇ ଟାଣିନେଲେ। ଟପ୍ ଟପ୍ ହୋଇ ଦୋରୁଅ ପଡୁଥିଲା ବଣା ଭିତରେ। ତାଳି ମାରି ହସୁଥିଲା ଜିନା।

ଆଜି ସବୁ ମନେପଡୁଚି ବାପା ! ତମେ ଆମର ଗୋଟିଏ ସ୍ୱପ୍ନକୁ ବି ତଳେ ପକେଇ ଦେଇ ନ ଥିଲ। ଆମେ ଭାଇର ଅଭାବ ଅନୁଭବ କରିଥିଲେ ବି ତମେ ପୁଅର ଅଭାବ ଅନୁଭବ କରି ନ ଥିଲ। କେତେ ଆଦରରେ, ଯତ୍ନରେ ବଢ଼େଇଥିଲ ଆମମାନଙ୍କୁ! ହେଲେ ଚିତ୍ରସେନ ଆଜି ନୃଶଂସ ଭାବରେ ମୋ' କୋଳଗାତକୁ ଗୋଇଠା ପକେଇଦେଲେ। ମୁଁ କଷ୍ଟରେ ମୂର୍ଚ୍ଛା ହୋଇଗଲି ଆଉ ସେ ଏକା ଛାଡ଼ି ଚାଲିଗଲେ। ତମେ ପୁରୁଷ ଆଉ ଇଏ ବି ଜଣେ ପୁରୁଷ। କେତେ ଫରକ !

ବାପା, ତମେ ଦିନେ କହୁଥିଲ ନା ମୁଁ ରାଜା ନହେଲେ କ'ଣ ହେଲା ମୋ' ଝିଅମାନେ ରାଜକୁମାରୀ। ଅଗନାଅଗନି ବନସ୍ତ ଟପି, ସାତ ନଈ, ତେର ଦରିଆ ପାରି ହୋଇ କୋଉ ରାଜକୁମାର ଆସି ଆମକୁ ଧଳା ଘୋଡ଼ାରେ ବସେଇ ନେଇଯିବ ! କୁଆଡ଼େ ହଜିଗଲା ସେ ସବୁ ସ୍ୱପ୍ନଭର୍ତ୍ତି ରାତି ! ଅଗଣାରେ ବୁଢ଼ୀ ମା' ଶଉପ ପକେଇ ବୁଢ଼ୀ ଅସୁରୁଣୀ କାହାଣୀ କହିବାର ଦିନସବୁ ? ଦିନେ ଦିନେ ନଖାଇ ନପିଇ ଆକାଶରେ ଜହ୍ନ, ତାରାଙ୍କୁ ଦେଖି ଘୁମେଇ ପଡୁଥିଲୁ ତିନି ଭଉଣୀ। କଷ୍ଟ ଲାଗୁ ନଥିଲା। କୁଆଡୁ ଆସୁଥିଲା ଏତେ ନିଦ କେଜାଣି ! ହେଲେ ଆଜି ବୁଢ଼ୀ ମା' କାହାଣୀର ବୁଢ଼ୀ ଅସୁରୁଣୀମାନେ ଆମକୁ ଝୁଣି ଝୁଣି ଖାଇଯାଉଛନ୍ତି।

ବାପା, କାଲି ତମ କୋଳପୋଛା ଝିଅ ଜିନା ଫୋନ୍ କରିଥିଲା। ପୁଣି ଜୀବନ ଘରେ ନଥିବା ବେଳେ। ତା' ଶାଶୁ ପୋଖରୀତୁଠକୁ ଗାଧୋଇ ଯାଇଥିବା ବେଳେ। ପଡ଼ିଶା ଘର କଲେଜ୍ ଯାଉଥିବା ଝିଅର ଫୋନ୍‌ରୁ। ତାକୁ ଭଲପାଇ ବାହା ହୋଇଥିବା ଜୀବନ ଏବେ ବେଶୀ ଘୃଣା କରୁଛି ତାକୁ। ଜିନା ପାଖରେ ଗୋଟିଏ ଆଉଟ୍ ଗୋଇଂ ନଥିଲା କି ପ୍ୟାଡ୍ ଫୋନ୍। ଇଏ ସେଇ ଜୀବନ, ଯିଏ ଜିନାକୁ ନ ପାଇଲେ ଜୀବନ ହାରିଦେବ କହି ଆମ ଘର ଆଗରେ ଆତ୍ମହତ୍ୟାର ନାଟକ କରିଥିଲା। ଶେଷରେ ବୋଉ ଆଉ ମୁଁ ଫସି ଯାଇଥିଲୁ ତା' ଅଭିନୟରେ। ତିନି ଦିନ ତଳେ ତତଲା ଚା' ଫୋପାଡ଼ି ଜିନା ପେଟରୁ ଛାଲ ଛଡ଼େଇ ଦେଇଛି। ମୁଁ ଆଜି ଶୁଣିଲି। ପଡ଼ିଶା ଘର ସମ୍ପର୍କୀୟ ଖୁଡ଼ୀଶାଶୁ ଗାଁ ଦୋକାନରୁ ଲାଙ୍ଗୁଡ଼ା ଆଣି ସେଇଠି ଲଗେଇଚି। ରାତି ଅଧରେ ମଦ ପିଇ ଘରକୁ ଫେରୁଥିବା ସ୍ୱାମୀକୁ ପ୍ରଶ୍ନ କରିବା ହିଁ ତା'ର ଅପରାଧ ଥିଲା।



ଆମେ କେହି ଭଲ ପାଠ ପଢୁ ନଥିଲୁ ବୋଲି ତମେ ତାକୁ କଲେଜ ପଢ଼ିବାକୁ ବାରଣ କରି ନଥିଲ। ଏତେ ବାଟ କେମିତି ଚାଲି ଚାଲି ଯିବ ବୋଲି କଲେଜ ହଷ୍ଟେଲରେ ନେଇ ତାକୁ ଛାଡ଼ି ଆସିଥିଲ। ଦିନେ ଦୁଇ ଦିନ ଯାଏଁ ତମେ ଠିକ୍‌ରେ ଖାଇ ପାରି ନଥିଲ। ଯେମିତି ଝିଅ ପଢ଼ିବାକୁ ଯାଇନି ସବୁଦିନ ପାଇଁ ତା' ଶାଶୁଘରକୁ ଚାଲି ଯାଇଚି। ବୋଉ ତମକୁ ବୁଝେଇ ବୁଝେଇ ନିଜେ କାନ୍ଦି ପକାଉଥିଲା। ପାଞ୍ଚ ଛ' ଦିନ ଏମିତି ବିତିଗଲା। ସେଦିନ ଶନିବାର ଆମ ଗାଁ ହାଟ। କୋବି ବିକି ସାରି ହାଟରୁ ଫେରିଲ ତମେ। ଯୋଉ ଓଦରରେ କୋବି ଲଦା ହୋଇ ଯାଇଥିଲା ସେଇ ଓଦର ଭିତରେ ବସି ଜିନା ଫେରିଥିଲା। ପାଠପଢ଼ାରେ ଡୋରି ବନ୍ଧା ହେଲା ତା'ର। ସେଦିନ ଜିନାକୁ କଲେଜରୁ ଫେରାଇ ଆଣିବା ନିଷ୍ପତ୍ତି ଭୁଲ୍ କି ଠିକ୍ ମୁଁ ଆଜି ଭାବିପାରୁନି। ଜଣେ ବାପାର ନିଜ ଝିଅ ପ୍ରତି ଥିବା ଭଲପାଇବା ମୋତେ ନିର୍ବାକ୍ କରିଦେଇଥିଲା। ଜୀବନର ପ୍ରତିଟି ମୋଡ଼ରେ ଭେଟ ହେଉଥିବା ପୁରୁଷ ପାଖରେ ମୁଁ ତମ ପରି ସ୍ନେହ, ପ୍ରେମ ଖୋଜି ଆସି ଠକିଯାଇଛି ବାପା। ତମେ ଆଜି ବଞ୍ଚିଥିଲେ କ'ଣ ଦେଖିପାରିଥା'ନ୍ତ ତମ କୋଳପୋଛା ଝିଅର ଛାଲଛଡ଼ା ଦେହ ?

ନିତୁ କଥା କ'ଣ କହିବି ? ସେ ଥିଲା ଆମ ଭିତରେ ସବୁଠାରୁ ସୁନ୍ଦରୀ ଆଉ ଗୁଣର। ତାକୁ ରାଜକୁମାର ପରି ଚାକିରିଆ ବର ବାହା ଦେଇଥିଲ। ତା' ବାହାଘର ବେଳେ ବେଣ୍ଟପଦା ଜମି ଖଣ୍ଡକ ବି ବନ୍ଧା ପକେଇ ଯାନିଯୌତୁକ ଦେଇଥିଲ। ହେଲେ ଜମି ଆଉ ମୁକୁଳେଇ ପାରି ନ ଥିଲ। ସେଇ ଭାତହାଣ୍ଡି କିଆରି ଚିନ୍ତାରେ ତମେ ରୋଗଣା ହୋଇ ବାଟ କାଟିଲ। ଆଉ ପଛେ ପଛେ ତମ ଗେଲବସର ନିତୁ।

କେତେ ନୃଶଂସ ଥିଲେ ସେମାନେ ! ବେଦି ଉପରେ ହୋମ ନିଆଁକୁ ସାକ୍ଷୀ ରଖି ଦଶ ଦୋଷ କ୍ଷମା କରିବାର ଶପଥ ନେଇଥିବା ଲୋକଟି କେମିତି ବିନା ଦୋଷରେ ଚିପିଦେଲା ତା'ର ତଣ୍ଟି ? ନିଜ ପରକୀୟା ପ୍ରୀତିକୁ ଲୁଚେଇବାକୁ ଯାଇ ତମ ଝିଅର ଜୀବନ ନେଇଗଲା ସେ। ଥାନାବାଲା କ'ଣ କହିଲେ ଜାଣିଛ ? ତମ ଝିଅ ଆଉ କାହା ସହ ପ୍ରେମ ସମ୍ପର୍କ ରଖି ଗର୍ଭବତୀ ହୋଇ ଲୋକଲଜ୍ଜାରେ ଆତ୍ମହତ୍ୟା କରିଦେଇଛି !

ଆଃ... ଛାତି କୋରପି ହେଇଯାଉଛି ବାପା। ଏ ପୁରୁଷସମାଜ ଉପରୁ ମୋର ଭରସା ତୁଟି ତୁଟି ଯାଉଛି। ଦିନେ ମୁଁ ବି ଏମିତି ଅମଣିଷମାନଙ୍କର ଶିକାର ନ ହେବି କିଏ କହିବ ? ସେତେବେଳେ କ'ଣ ହେବ ମୋ' ଲକ୍ଷ୍ମୀର ଅବସ୍ଥା ?
– ବୋଉ... ତୋ' ପିଠିରେ ଅଳତା ଲାଗିଛି।
ମୁଁ ପଛକୁ ବୁଲି ପଡ଼ିଲି। ମୋ' ଝିଅ ଲକ୍ଷ୍ମୀ। ତେବେ କ'ଣ ଚିତ୍ରସେନଙ୍କ ମାଡ଼ର ଦାଗ ଏବେ ବି ଗାଢ଼ ନାଲି ଦିଶୁଚି ? ଲୁହ ପୋଛି ତରତର ହୋଇ ଲୁଗା କାନି ପଛକୁ ପକେଇଦେଲି।

ଲକ୍ଷ୍ମୀ ଖୁବ୍ ସାନ। ଆଠ ବର୍ଷର ଝିଅ ମୋର। ତା' ଭବିଷ୍ୟତ କଥା ଚିନ୍ତାକରି ମୁଁ ଶିହରି ଉଠିଲି। ପିଲାଦିନେ ଚଢ଼େଇ ପରି ଚିଁକିଚିଁକି ଡେଣା ଝାଡ଼ି ଉଡ଼ି ବୁଲୁଥିବା କୁନିକୁନି ଝିଅମାନଙ୍କର କପାଳରେ କ'ଣ ଲେଖିଛ ପ୍ରଭୁ ? ମୁଁ ଯଦି ମୋ' ଜୀବନ ଭୟରେ ଘରଛାଡ଼ି ଚାଲିଯାଏ, ତେବେ ମୋ' ଝିଅ ତା' ବାପାଠୁଁ ସବୁଦିନ ପାଇଁ ଦୂରେଇଯିବ। ନା... ମୁଁ ଏତେବଡ଼ ସ୍ୱାର୍ଥପର ହୋଇ ପାରିବିନି। ମୋ' ମୁଣ୍ଡ ଉପର ଛାଇ ସିନା ସବୁଦିନ ପାଇଁ ଘୁଞ୍ଚିଯାଇଛି ବୋଲି ମୁଁ ଏତେ କଷ୍ଟ ପାଉଛି। ମୋ' ଝିଅ ଉପରେ ତା' ଛାଇ ସେମିତି ରହିଥାଉ।

ଲକ୍ଷ୍ମୀକୁ କୋଳକୁ ଟାଣି ନେଇ ଛାତିରେ ଚାପି ଧରିଲି। ପଛରୁ କାହାର ଶକ୍ତ ଗୋଇଠା ବାଜିଲା ପିଠିରେ। ମୋ' ଆଖି ବୋଲ ମାନୁ ନଥିଲା। ଯେମିତି ଦୁଇଟୋପା ପାହାନ୍ତିଆ କାକର ଭାରି ହୋଇ ଘାସ ପତରରୁ ମାଟିକୁ ଖସି ପଡ଼ିଲା !

ମୋ: ୯୪୩୭୪୬୮୦୧୬

## କ ବି ତା

### କାଠ

ମଧୁସୂଦନ ଦାଶ

**ସ**ବୁ କାଠଙ୍କ ଭାଗ୍ୟରେ
ନଥାଏ ପଲଙ୍କ ହେବା
ପାଲିଙ୍କି ହେବା, ଦିଅଁ ହୋଇ
ପୂଜା ପାଇବା
ହୋମାଗ୍ନିରେ
ଘିଅ ସହ ଜଳିବା।

କିଛି କାଠ
କୁରାଢ଼ିର ବେଣ୍ଟ ହୋଇ
ଜାତି ଭାଇକୁ ହାଣନ୍ତି।
କିଛି କାଠ
ଜଳି ଅଙ୍ଗାର ହୁଅନ୍ତି।
କିଛି କାଠ ବି
ପାଉଁଶ ପାଲଟନ୍ତି।
କିଛି କାଠ
ଖରା ବର୍ଷା ସହି
ଭାଗ୍ୟକୁ ଆଦରି ପଡ଼ନ୍ତି।

ମୁଁ ବି କାଠ ଖଣ୍ଡେ
କେତେବେଳେ ଦରପୋଡ଼ା ତ
କେତେବେଳେ ଅଙ୍ଗାର
କେତେବେଳେ
କୁରାଢ଼ିର ବେଣ୍ଟ ତ
କେତେବେଳେ
ଖରା ବର୍ଷାଖିଆ
ହତଭାଗ୍ୟ ପାମର।

ମୋ: ୯୪୩୭୩୩୨୪୯୮

### ଆଉ ଗୋଟେ ସକାଳ

ମହେଶ୍ୱର ପଧାନ

**ସେ**ଇ ଜାଗାରେ ହିଁ
ମୁଁ ନିର୍ବାକ୍ ହୋଇଯାଏ
ଯେଉଁଠି କିଛି କହିବାକୁ ଥାଏ।

ସେଇଠି ହିଁ ହାତ ଥରିଯାଏ,
ଅଚଳ ଘଣ୍ଟାର କଣ୍ଟା ପରି
ପାଦ ଥମିଯାଏ
ଯେଉଁଠି କିଛି କରିବାର ଥାଏ।

ସବୁବେଳେ ଅଯଥା
ବକର ବକର ହେଉଥିବା ପାଟି ଓ
ମସ୍ତିଷ୍କର ବିଗିଡ଼ିଯାଏ ତାଳମେଳ
ଯେବେ ଆଖି ସାମ୍ନାରେ ଠିଆହୁଏ
ପ୍ରତୀକ୍ଷିତ ବେଳ।

ଯେତେସବୁ ଅପାରଗତା ମୁଣ୍ଡେଇ
କ'ଣ ସୁଖନିଦ୍ରାରେ ଶୋଇହୁଏ ?
ପ୍ରତି ରାତି ଲାଚାରପଣର
ଗୋଟେ ପିଛା ଛାଡୁନଥିବା
ଚାଦର ଘୋଡ଼ିହୋଇ
ମରିବାକୁ ହୁଏ
ଆଉ ଗୋଟେ ସକାଳ
କବାଟ ଠକ୍ ଠକ୍ କରିବା ଯାଏଁ।

ମୋ: ୯୦୭୮୯୩୧୫୨୨

### ତିନୋଟି ପ୍ରେମ କବିତା

ଡ. ଲିଙ୍ଗରାଜ ରଥ

**ତୁମ ମୁହଁ**
ଦର୍ପଣ ଯେବେ ଦେଖେ ମୁଁ ଏକାକୀ
ତୁମ ମୁହଁ ମୋତେ ଦିଶେ
ତୁମର ମୁହଁକୁ ଚାହେଁ ଯେବେ ମୁହିଁ
ନିଜ ମୁହଁ ଭୁଲିବସେ।

**ମୁଁ ଖୋଜେ**
ଜ୍ୟେଷ୍ଠର ତାତି ଖୋଜେ...
ଆଷାଢ଼ର ବାରିଧାରା,
ଶୀତକ୍ଳାନ୍ତ ମନ ଖୋଜେ
ମଧୁମାସ ମୃଦୁଳ ମଳୟ,
ମୁଁ ଖୋଜେ ବାରମାସ
ତୁମରି ଅଧର-ହସ
ତୁମ ତନୁ ନିଭୃତ ନିଳୟ।



**ବିଧିର ବିଧାନ**
ବିଧିର ବିଧାନେ
ତୁମ ସିନ୍ଥିରେ...
ଜାଗା ପାଇଲିନି ମୁହିଁ
ତଥାପି ଆଜି ବି
ମୋ ମନ-ରାଇଜେ
ତୁମେ ଅଛ 'ରାଣୀ' ହୋଇ।

ମୋ: ୯୪୩୭୦୧୪୨୪୪

**ଗୀତି କବିତା**

### ସପନ

ଶାନ୍ତି ମିଶ୍ର

**ସ**ପନ ହାତରେ ଚିଠିଟିଏ ଦେଲି
ଗୋପନ ରଖିବ ବୋଲି
ହେଲେ, ସେ ସପନ
ଭାଙ୍ଗିଦେଲା ମନ
ଲାଜରେ ଗଲି ମୁଁ ସରି।

ବେଶି କିଛି ନୁହେଁ
ପ୍ରେମ ଚିଠିଟିଏ
ଲେଖିଥିଲି ତୁମ ପାଇଁ
ଏଡ଼େ ବେଇମାନି
ସତେ ସେ ସପନ
ସଭିଙ୍କି ଦେଲା ଦେଖେଇ।

ସରମ ଲାଗିଲା ମରମ ଭେଦିଲା
ବୁଦ୍ଧି ଘର ଗଲା ହଜି
ମୁହଁ ମୁଁ ଦେଖେଇ ପାରୁନି କାହାକୁ
ପ୍ରେମରେ ଯିବାରୁ ଭିଜି।

ତମାଣ୍ଡୋ, ଭୁବନେଶ୍ୱର

## ପୁସ୍ତକ ପରିଚୟ

### ଶୂନ୍ୟ ଇଲାକା



**କବି:** କ୍ଷୀରୋଦ ପରିଡ଼ା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୭୫/-

ମୋଟ ୫୨ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ, ଯାହାର ପ୍ରତିଟି ଧାଡ଼ିରେ, ଧାଡ଼ିଗୁଡ଼ିକର ଫାଙ୍କେଫାଙ୍କେ ସମକାଳୀନ ସମାଜ ଓ ଜୀବନର ଦୃଶ୍ୟପଟ ଅନୁରଣିତ। ଗ୍ରନ୍ଥାରମ୍ଭରେ 'କିଛି ନିଜକଥା' ଶୀର୍ଷକ ଗଦ୍ୟରେ କବି ଚାଷୀର ଠେକା ଭିତରେ ଲୁଚିଥିବା ଝାଳବୁନ୍ଦାରେ ଯେଉଁ ନିଟୋଳ ପୃଥିବୀ ଉଙ୍କିମାରୁଥାଏ, ଝଟକୁଥାଏ ଯେଉଁ ଜୀବନ-ଚିତ୍ର, ତାକୁ କବିତାର ମୁହୂର୍ତ୍ତ ବୋଲି କହିଛନ୍ତି। ପୁଣି କହିଛନ୍ତି କବି ଦେଖିଥିବା, ଦେଖିବାକୁ ଆଶା କରିଥିବା ଓ କେବେ ବି ଦେଖିପାରିବାର ସମ୍ଭାବନା ନ ଥିବାର ବୋଧ ଭିତରେ ଛପିଥାଏ ଯେଉଁ ମୁହୂର୍ତ୍ତର ଭାବସ୍ପନ୍ଦନ, ତାହା ହିଁ କବିତା। କ୍ଷୀରୋଦ ଦୃଶ୍ୟମାନ ବାସ୍ତବତାର ଆପାତଃ ଅଦୃଶ୍ୟ ବାସ୍ତବତା ଭିତରକୁ ଯାଇ ଜୀବନର ଗହନିମାକୁ ଆବିଷ୍କାର କରନ୍ତି। ଯଥା: "ସବୁ ଦେହରେ ଫୁଟେ ଫୁଲ/ ତା'ରି ସୌନ୍ଦର୍ଯ୍ୟ ହେଉ କି ସୁଗନ୍ଧ/ ଦିନେ ଚହଲାଇ ଦିଏ ଚେତନା/ ସ୍ୱାଧୀନ ଇନ୍ଦ୍ରିୟ ସବୁ ହୋଇଉଠନ୍ତି ଆନମନା-/ ସିଏ ତ ଅନ୍ତରର ନିଃଶବ୍ଦ ନିରାଜନା !" (ରୂପାନ୍ତର, ପୃ:୩୯)। 'ମାତୃଭାଷା' ଶୀର୍ଷକ କବିତାରେ କ୍ଷୀରୋଦ ମାଆର ଭାଷା ଭିତରେ ଚଢ଼େଇ ଓ ଗଛମାନଙ୍କର ଧ୍ୱନି ସଂକେତକୁ ଭେଟିଛନ୍ତି। 'ବୋଉ'ର କଥା ଯେପରି ଭଲ ଗୀତ ଗାଉଥିବା ଚଢ଼େଇଙ୍କ କଥା- ଏ ଉପଲବ୍ଧି ହୁଏନାହିଁ ସହଜରେ ନିଜ ମାତୃଭାଷାର ବ୍ରହ୍ମ-ଚିହ୍ନଟ ନ ହେଲେ। କ୍ଷୀରୋଦଙ୍କ କାବ୍ୟସ୍ୱର ତାଙ୍କ ସମକାଳୀନ କବିତାର ପ୍ରବାହକୁ ଛୁଇଁ ଫୁଟିଉଠିଥିବା କାଶତଣ୍ଡୀ ଫୁଲ, ଯାହା ମାଟି ସହ ଯୋଡ଼ିଦିଏ ଆକାଶକୁ। ବହିଟି ପାଠକଙ୍କ ପାଇଁ ଏକ ବିରଳ ସଞ୍ଚୟ ହେବ ବୋଲି ଆଶା।

### ସ୍ମୃତିର ଅତଳ ଗର୍ଭରୁ...



**ଲେଖକ:** ଡ. ରଜତ କୁମାର କର
**ପ୍ରକାଶକ:** ରଞ୍ଜିତ କର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୪୯୯/-

ମୋଟ ୪୧ଟି ସନ୍ଦର୍ଭ ଆଲୋଚ୍ୟ ଗ୍ରନ୍ଥରେ ସନ୍ନିବେଶିତ, ଯାହାର ପ୍ରସଙ୍ଗ ମୁଖ୍ୟତଃ ସଂସ୍କୃତି। 'ମୁଖବନ୍ଧ'ରେ ପୀତବାସ ରାଉତରାୟ କହିଛନ୍ତି: "ସପ୍ତରଙ୍ଗୀ ଇନ୍ଦ୍ରଧନୁ ଭଳି ତାଙ୍କର ଏହି ଅନୁଭୂତିମୂଳକ ପୁସ୍ତକରେ ପ୍ରତିଫଳିତ ହୋଇଛି ତାଙ୍କ ବ୍ୟକ୍ତିତ୍ୱର ସାତଟି ରଙ୍ଗ- ସାହିତ୍ୟ, ସଙ୍ଗୀତ, ଅଭିନୟ, ଦେଶାତ୍ମବୋଧ, ଗବେଷଣା, ଭକ୍ତିଭାବ ଓ ବାକ୍‌ସିଦ୍ଧି ସାଧନା। ଲେଖକ ତାଙ୍କ ନାଟ୍ୟଜୀବନ, ଭଞ୍ଜ ଜୟନ୍ତୀରେ ତାଙ୍କ ସମ୍ପୃକ୍ତି, ସଂସ୍କୃତିଭିତ୍ତିକ ଜାତୀୟତା, ସ୍ୱାଧୀନତା ପୂର୍ବର ଶିକ୍ଷା ଓ ସଂସ୍କୃତି, କଟକର ଐତିହ୍ୟ, ବାଲ୍ୟକାଳରେ ସଂସ୍ପର୍ଶରେ ଆସିଥିବା ବରେଣ୍ୟ ବ୍ୟକ୍ତିବିଶେଷ, ମହାନଦୀର ଇତିହାସ, ମନ୍ଦିରମାଳିନୀ ଭୁବନେଶ୍ୱରର ଇତିବୃତ୍ତ, ଯୁଦ୍ଧ ପୂର୍ବ ଓ ପରର ଓଡ଼ିଶା, କଟକ ସହରର ସରୋବର ଓ ମନ୍ଦିର, ସହରୀ ଓ ଗ୍ରାମ୍ୟଜୀବନର ବୈଚିତ୍ର୍ୟ, ଗଡ଼ଜାତର ଜନସମ୍ପଦ, ଅତୀତର ପାଠ୍ୟପୁସ୍ତକ, ବାରବାଟୀ ଦୁର୍ଗ ଓ ଭଗ୍ନ କୋଣାର୍କର ଗାଥା, କଟକର ପଥରବନ୍ଧ ଓ କେଶରୀବଂଶର କୀର୍ତ୍ତିରାଜି, ରାଜଧାନୀ ଭୁବନେଶ୍ୱରର ନୂଆ ପୁରୁଣା ଅଭିଜ୍ଞତା, ଗଙ୍ଗବଂଶ ଓ ମନ୍ଦିର ନିର୍ମାଣର ସୁବର୍ଣ୍ଣଯୁଗ ଆଦି ନାନା ବିଷୟର ଯେଉଁ ତଥ୍ୟଚିତ୍ର ଉପସ୍ଥାପନ କରିଛନ୍ତି ଏହି ପୁସ୍ତକରେ ତାହା ଯେତିକି ଉପଭୋଗ୍ୟ, ତତୋଽଧିକ ଶିକ୍ଷଣୀୟ ହୋଇପାରିଛି। ମଝିରେ ମଝିରେ ପ୍ରସଙ୍ଗଭିତ୍ତିକ ଫଟୋଚିତ୍ରର ସଂଯୋଜନ ବହିଟିକୁ ଲୋଭନୀୟ କରି ତୋଳିଛି। ଏହାର ପ୍ରସାର ଓ ପ୍ରଚାର ନୂଆପିଢ଼ିର ପାଠିକାପାଠକଙ୍କ ପାଇଁ ଏକ ଅମୂଲ୍ୟ ପ୍ରାପ୍ତି ବିବେଚିତ ହେବ ବୋଲି ଆଶା।

## ଲୋଭ

**ମିନିଗଳ୍ପ**

ଅନୁଲିପ୍ତା ମିଶ୍ର



"ଏ ଘରଦ୍ୱାର, ବାଡ଼ିବଗିଚା ଛାଡ଼ି ମୁଁ କୁଆଡ଼େ ଯିବି ? ଠାକୁର, ଶାଳଗ୍ରାମ, ବାପାଙ୍କ ଅସ୍ଥିରେ ଫୁଲପାଣି, ସଂଧ୍ୟା ଧୂପ ନ ଦେଲେ ଦୋଷ ଲାଗିବନି ! ଏ ଘର ଛାଡ଼ି ମୁଁ କୁଆଡ଼େ ଯିବିନି।" ମା'ର ଏତକ କଥା ଶୁଣି ପୁଅ ପୁଣି ପାଟିକଲା। ନ' ଯା'। ଏଇଠି ପଡ଼ିଥା। ହଁ, ମୋ' ବାଡ଼ିଘର ଜଗି ଗୋଡ଼ହାତ ଚଳୁଥିବାଯାଏ ଏଇଠି ପଡ଼ିଥିବି ମୁଁ। ମା' କହୁଥିଲା ଗୁଣୁଗୁଣୁ ହୋଇ।

ଏଥର ବୋହୂ ପାଳି ଧରିଲା। ଚିଡ଼ିଚିଡ଼ି ହୋଇ କହିଲା- "ତୁମର ବହୁତ ଲୋଭ। ବାପା ମଲାବେଳେ କ'ଣ ନେଇକିଗଲେ ? ତୁମେ କ'ଣଟା ନେଇକିଯିବ ? ଏତେ ଲୋଭ କାଇଁ କରୁଛ ?"

ପରଦିନ ସକାଳୁ ପୁଅ ବୋହୂ ଯିବାକୁ ବାହାରିଲେ। ଶାଶୁ ବୋହୂକୁ କହିଲେ ଆଉ ଦୁଇଦିନ ରହିଯାଉନ। ବୋହୂ କହିଲା, "ନା, ଆଉ ରହିହବନି। ବାଲ୍‌କୋନୀ ଆଉ ଛାତ ଉପରେ ମୋ' ଗଛ ସବୁ ପାଣି ବିନା ମରିଯିବେଣି। କେତେ କଷ୍ଟରେ ପାଣି ଦେଇ, ପରିବାଚୋପା ଦେଇ ବଡ଼ କରିଛି।"

ବୋହୂ କଥା ଶୁଣି ଶାଶୁ ଭାବୁଥିଲେ, ବାଲ୍‌କୋନୀ ଆଉ ଛାତ ଉପରେ ଲଗେଇଥିବା ଗଛ ପାଇଁ ବୋହୂର ଏତେ ଲୋଭ... ଆଉ ମୋ' ଦେଢ଼ ଏକର ବାଡ଼ିରେ ଥିବା ଗଛ ପାଇଁ ମୋର ଲୋଭ ହବନି ! ବୋହୂ ସିନା ପରିବାଚୋପା, ଖତ ଦେଇ ଗଛ ବଡ଼ କରିଛି ହେଲେ ସେ ଆଉ ତାଙ୍କ ସ୍ୱାମୀ ନିଜର ଲୁହ ଲହୁ ଦେଇ ଏ ଘର, ବାଡ଼ିବଗିଚାକୁ ବଡ଼ କରିଛନ୍ତି।

ମୋ: ୯୯୩୮୪୦୦୨୦୫

## କାଳକାଳକୁ



**"ଏକ ସଭ୍ୟତାର ଧ୍ୱଂସ ପାଇଁ ହିଂସା ଅନାବଶ୍ୟକ। ନିଜେ ତିଆରି କରିଥିବା ଅନନ୍ୟ ମୂଲ୍ୟବୋଧଠୁଁ ଦୂରେଇ ଆସିବା ହିଁ ତା'ର ମୃତ୍ୟୁ।"**
**-ଏନ୍‌ରିକୋ କାଟେରିନୋ ଡାଭିଲା**

**ଏନ୍‌ରିକୋ କାଟେରିନୋ ଡାଭିଲାଙ୍କ** ଜନ୍ମ ୩୦ ଅକ୍ଟୋବର ୧୫୭୬ରେ ଓ ପରଲୋକ ୨୬ ମେ ୧୬୩୧ରେ ମାତ୍ର ୫୪ ବର୍ଷ ବୟସରେ, ଭେନିସ୍ ସାଧାରଣତନ୍ତ୍ରରେ। ପ୍ରତିଭାଦୀପ୍ତ ଏହି ଇଟାଲୀୟ ଲେଖକ ତଥା ଐତିହାସିକ ସାମରିକ ସେବାକୁ ଜୀବନର ବୃତ୍ତି ଭାବେ ଗ୍ରହଣ କରିଥିଲେ ଓ ୧୫୯୮ରେ ଶାନ୍ତି ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ଫରାସୀ ଗୃହଯୁଦ୍ଧରେ ଭାଗ ନେଇଥିଲେ। ଡାଭିଲା କହନ୍ତି: "ଇତିହାସରେ ସତ୍ୟ ଥାଏ, କିନ୍ତୁ ଇତିହାସ ସତ୍ୟ ନୁହେଁ।" ସେ ଆହୁରି କହନ୍ତି: "ଯାହାର ପ୍ରତିଭା ନାହିଁ, ପୂର୍ଣ୍ଣ ବାକ୍-ସ୍ୱାଧୀନତା ତା'ର କିଛି କାମରେ ଆସେ ନାହିଁ।"

## ମୁକ୍ତି

**ମୂଳ ହିନ୍ଦୀ- ଡ. ପ୍ରଦୀପ ଉପାଧ୍ୟାୟ**
**ଅନୁସୃଜନ- ମନୋଜ କୁମାର ବେହେରା**

ଆଜି ଶ୍ମଶାନରେ ସ୍ମିତାର ଅନ୍ତିମ ବିଦାୟ ପାଇଁ ଏକତ୍ରିତ ହୋଇଥିଲେ ଲୋକମାନେ। ସେମାନଙ୍କ ଭିତରୁ ଜଣେ ପଚାରିଲା କି, "ବନ୍ଧୁ ଆଲୋକର ସ୍ତ୍ରୀ ତ ତା' ସହ ରହୁ ନ ଥିଲା। ବିବାହର ଆଠ ବର୍ଷ ପରେ ତ ସେ ତଡ଼ି ଦେଇଥିଲା ସ୍ମିତାକୁ ଘରୁ। ଆଉ ଦୁଇ ପିଲାଙ୍କୁ ନିଜ ପାଖରେ ରଖି ନେଇଥିଲା।" ଏବେ ଶୁଣିଥିଲି କି, ସେ ନିଜ ପାଖରେ ଆଉ କେଉଁ ସ୍ତ୍ରୀଲୋକକୁ ରଖିଛି। ସେଥିପାଇଁ ତା'ର ଦୁଇ ପୁଅ ତା' ଉପରେ ରାଗିଛନ୍ତି।

"ହଁ, ଏହା ତ ସତ ଅଟେ। ଏଥିପାଇଁ କୋର୍ଟରେ ତାଙ୍କର କେସ୍ ଚାଲିଛି। କୋର୍ଟ ଆଲୋକକୁ ନିଜ ଘରର ଗୋଟିଏ ଭାଗରେ ପିଲାମାନଙ୍କ ସହିତ ସ୍ମିତାକୁ ରହିବା ସହିତ ସେମାନଙ୍କ ପାଳନ ପୋଷଣ ଆଉ ଗୁଜରାଣ ପାଇଁ ପ୍ରତି ମାସରେ ଭତ୍ତା ଦେବା ପାଇଁ ଆଦେଶ ଦେଇଥିଲା।" ହେଲେ ଆଲୋକ ନିୟମିତ ଭାବରେ ଗୁଜରାଣ ପାଇଁ ଭତ୍ତା ଦେଉ ନ ଥିଲା। ଛାଡ଼ ଏବେ ସେ ସବୁ କଥା। ପିଲାମାନେ ମଧ୍ୟ ଏବେ ବଡ଼ ହୋଇଗଲେଣି ତା'ର ଆଉ ନିଜର ଗୃହସ୍ଥୀ ବସେଇ ନିଜ ବାପାଙ୍କଠୁ ଅଲଗା ରହୁଛନ୍ତି। ସେମାନଙ୍କ ଦ୍ୱାରା ମା'ର ଧ୍ୟାନ ରଖିବା ପ୍ରଶ୍ନ ଉଠୁନାହିଁ କହିଲେ ଜଣେ।

ଆରେ ହଁ ସାଙ୍ଗ, ଯେମିତି ବାପକୁ ସେମିତି ପୁଅ। ପୂରା ଅଖାଡୁଆ ପ୍ରକୃତିର। ଶୁଣିଥିଲି ଏବେ ଯେତେବେଳେ ସ୍ମିତାର ବ୍ରେନ୍ ହାମ୍‌ରେଜ୍ ହେଲା ସେତେବେଳେ ପୂରା ପରିବାର ଏକାଠି ହୋଇ ତା'ର ଚିକିତ୍ସା କରେଇଥିଲେ।

ଆରେ ସେ ସବୁ ଥିଲା ଲୋକଦେଖାଣିଆ। ଦୁନିଆ ଆଖିରେ ଭଲେଇ ହେଉଥିଲେ ସେମାନେ। ଭଲରେ ଚିକିତ୍ସା କରେଇଥିଲେ ସ୍ମିତା ଆଜି ଜୀବିତ ନଥାନ୍ତା ! ତୁମେ କ'ଣ ଜାଣି ନାହଁ ସ୍ମିତା ପାଠ-ଶାଠ ପଢ଼ି ନଥିଲା ବୋଲି। ଗୁଜରାଣ ଭତ୍ତା ଆଉ ଲୋକଙ୍କ ଘରେ କାମ କରି ଯେଉଁ ଟଙ୍କା ମିଳୁଥିଲା ସେଇଥିରେ କଷ୍ଟେମଷ୍ଟେ ଚଳିଯାଉଥିଲା ବିଚାରୀ। ହେଲେ ଏବେ କିଛି ମାସ ତଳୁ ଆଲୋକ ଭତ୍ତା ଦେବା ବନ୍ଦ କରି ଦେଇଥିଲା। ସ୍ମିତା ଅଭିଯୋଗ କରିବା ଯୋଗୁଁ କୋର୍ଟ ଆଲୋକକୁ ଗିରଫ କରିବା ପାଇଁ ୱାରେଣ୍ଟ ଜାରି କରି ଦେଇଥିଲା। ଏମିତିରେ ବିଚାରୀ ଚଳିଥା'ନ୍ତା କେମିତି ?

"ହଁ, ସତ କହୁଛ ତୁମେ। ଗୋଟେ ଦୃଷ୍ଟିରୁ ଭଲ ହେଇଛି କି ସ୍ମିତାକୁ ଏସବୁ ଅଡୁଆରୁ ମୁକ୍ତି ମିଳିଗଲା।"

ସେହି ଦୁଇଜଣଙ୍କ ବାର୍ତ୍ତାଳାପକୁ ଶୁଣୁଥିବା ତୃତୀୟ ବ୍ୟକ୍ତି ନିଜ ଆଖିକୁ ମଳିମଳି କହିଲା, "ଚାଲ ଭାଇ ! ପାଞ୍ଚ ଖଣ୍ଡ କାଠ ଚାଲ ଯାଇ ଦେଇଦେବା। ଏବେ ତ ସ୍ମିତାର ଶରୀର ମୁକ୍ତ ହୋଇଗଲା।" ଆଉ ଆଲୋକକୁ ମଧ୍ୟ ମୁକ୍ତି ମିଳିଗଲା ଗୁଜରାଣ ଭତ୍ତା ଦେବାରୁ। ତା'ପରେ ତିନି ଜଣ ମିଶି ହସିବାକୁ ଲାଗିଲେ ଜୋର୍‌ରେ।

ମୋ: ୭୯୭୮୩୦୬୧୧



## ଓପନ ଚେସ୍: ଆରିନ ଅନ୍ୱେଷ ଚାମ୍ପିୟନ

**ଭୁବନେଶ୍ୱର, ୧୯।୫ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୩ୟ ସୌରେନ୍ଦ୍ର ପ୍ରସାଦ ଦାସ ସ୍ମାରକୀ ଅନ୍‌ଲାଇନ୍ ଓପନ ଚେସ୍‌ରେ ଭୁବନେଶ୍ୱରର ଆରିନ ଅନ୍ୱେଷ ସ୍ୱାଇଁ ଚାମ୍ପିୟନ ହୋଇଛନ୍ତି। ସେ ଖେଳିଥିବା ୧୮ ମ୍ୟାଚରୁ ୧୬ଟିରେ ବିଜୟୀ ହୋଇଥିଲେ ଓ ୨ଟି ହାରିଥିଲେ। ଗୁଜରାଟ ଅହମଦାବାଦର କର୍ତ୍ତବ୍ୟ ଅନାଡକଟ୍ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ତେଜା ମେକଲା, ଏସ୍‌ପିକେ ଅତୁଲ ଆନନ୍ଦ, ଫିଡେ ମାଷ୍ଟର ଆର୍ଯ୍ୟନ ବର୍ଷନୀ ଓ ସୌମ୍ୟ ରଞ୍ଜନ ମିଶ୍ର, ଓମ୍ ନିଲେଶ୍ ଦେଓରୁଖକର, ଦେବୀ ପ୍ରସାଦ ନାୟକ, ଆଦିତ୍ୟ ଜେନା, ଶ୍ରବଣ ବଳରାମ ଟପ୍-୧୦ରେ ରହିଥିଲେ। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପୁଣେର ପି. ନନ୍ଦନୀ ଶ୍ରେଷ୍ଠ ମହିଳା ଓ ୬୮ ବର୍ଷୀୟ ଭୁବନେଶ୍ୱରର ଭୀମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ପୁରସ୍କାର ପାଇଥିଲେ। ଗୁଗୁଲ ମିଟ୍ ମାଧ୍ୟମରେ ପ୍ରତିଯୋଗିତା ଉଦ୍‌ଘାଟନ କରାଯାଇଥିଲା। ବିଜେଡି ରାଜ୍ୟ ସମ୍ପାଦକ ଅମରଜିତ ସେନାପତି ଓ ସିଡ୍ରିମ୍‌ଜ୍ ଇ-କମର୍ସର ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦେବତା ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଭୁବନେଶ୍ୱର ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦୀପକ କୁମାର ପଲାଇ ଉପସ୍ଥିତ ଥିଲେ।

## ଲନ୍ ବଲ୍ସ ବୈଷୟିକ ଅଧିକାରୀଙ୍କ କର୍ମଶାଳା ଶେଷ

**ଭୁବନେଶ୍ୱର, ୧୯।୫ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ବୋଲିଂ ଆସୋସିଏଶନ ଆନୁକୂଲ୍ୟରେ ନୟାପଲ୍ଲୀସ୍ଥିତ ଇନ୍‌ଡୋର ହଲ୍‌ରେ ଲନ୍ ବଲ୍ସ ବୈଷୟିକ ଅଧିକାରୀ ଓ କୋଚ୍‌ଙ୍କ କର୍ମଶାଳା ଶୁକ୍ରବାର ଶେଷ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ବୋଲିଂ ଫେଡେରେଶନ ଅଫ୍ ଇଣ୍ଡିଆର ବୈଷୟିକ ଅଧିକାରୀ ପାରସ ଶର୍ମା, ନୀତୀନ ବାସୱାନୀ ଏବଂ ଓଡ଼ିଶା ବୋଲିଂ ଆସୋସିଏଶନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।






# ଆଜିଠୁ ଫିଫା ଯୁବ ବିଶ୍ୱକପ୍

### ୨୦ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଶନିବାରଠାରୁ ଆର୍ଜେଣ୍ଟିନାରେ ଆରମ୍ଭ ହେବାକୁ ଯାଉଛି। ୨୪ଟି ଦଳକୁ ନେଇ ଏହି ପ୍ରତିଯୋଗିତା ଜୁନ୍ ୧୧ ପର୍ଯ୍ୟନ୍ତ ଚାଲିବ।

ଫିଫା ଯୁବ ବିଶ୍ୱକପ୍(୨୦ ବର୍ଷରୁ କମ୍)ର ୨୩ତମ ସଂସ୍କରଣ ଶନିବାରଠାରୁ ଆର୍ଜେଣ୍ଟିନାରେ ଆରମ୍ଭ ହେବାକୁ ଯାଉଛି। ଫିଫା ସହ ଅନୁବନ୍ଧିତ ବିଶ୍ୱର ୨୪ଟି ଯୁବ ଦଳ ଏଥିରେ ଅଂଶଗ୍ରହଣ କରିବେ। ୧୯୭୭ରେ ଏହା ଆରମ୍ଭ ହୋଇଥିଲା । ସେବେଠାରୁ ଏହା ଫିଫା ୱାର୍ଲ୍ଡ ଯୁଥ୍ ଚାମ୍ପିୟନଶିପ୍‌ଭାବେ ପରିଗଣିତ ହୋଇଆସୁଛି। ଟୁର୍ନାମେଣ୍ଟର ଆୟୋଜନ ଅଧିକାର ପ୍ରକୃତରେ ଇଣ୍ଡୋନେସିଆ ପାଇଥିଲା। ଏହି ଦେଶ ପ୍ରଥମଥର ପାଇଁ ୨୦୨୧ରେ ଉକ୍ତ ପ୍ରତିଯୋଗିତା ଆୟୋଜନ କରିବା କଥା। ମାତ୍ର କୋଭିଡ୍-୧୯ ମହାମାରୀ ପାଇଁ ଟୁର୍ନାମେଣ୍ଟକୁ ବାତିଲ କରାଗଲା ଏବଂ ୨୦୨୩ରେ ଏହାକୁ ଆୟୋଜନ କରିବାକୁ ଇଣ୍ଡୋନେସିଆକୁ ଅଧିକାର ପ୍ରଦାନ କରାଗଲା। ଇଣ୍ଡୋନେସିଆ କିନ୍ତୁ ଇସ୍ରାଏଲ୍‌ର ଅଂଶଗ୍ରହଣକୁ ବିରୋଧ କରିବାରୁ ୨୦୨୩ ମାର୍ଚ୍ଚ ୨୯ରେ ଏହାଠାରୁ ଆୟୋଜନ ଅଧିକାର ପ୍ରତ୍ୟାହାର କରି ନିଆଗଲା। ୨୦୨୩ ଏପ୍ରିଲ ୧୭ରେ ଫିଫା ଆନୁଷ୍ଠାନିକ ଭାବେ ଏହାର ଆୟୋଜନ ଅଧିକାର ଆର୍ଜେଣ୍ଟିନାକୁ ପ୍ରଦାନ କଲା। ତେଣୁ ଅଧିକାର ପାଇବାର ଏକମାସ ପରେ ଆର୍ଜେଣ୍ଟିନା ଏହି ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି। ମେ' ୨୦ରୁ ପ୍ରତିଯୋଗିତା ଆରମ୍ଭ ହେବ ଏବଂ ଜୁନ୍ ୧୧ ପର୍ଯ୍ୟନ୍ତ ଚାଲିବ।

### ଭାଗନେବେ ୨୪ ଦଳ

୨୦ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ରେ ୬ଟି କନ୍‌ଫେଡେରେଶନର ୨୪ଟି ଦଳ ଅଂଶଗ୍ରହଣ କରିବେ। ତଦନୁସାରେ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି)ରୁ ଇରାକ, ଜାପାନ, ଦକ୍ଷିଣ କୋରିଆ ଓ ଉଜବେକିସ୍ତାନ, କନ୍‌ଫେଡେରେଶନ୍‌ଅଫ୍‌ଆଫ୍ରିକାନ୍ ଫୁଟବଲ (ସିଏଏଫ୍)ରୁ ଗାମ୍ବିଆ, ନାଇଜେରିଆ, ସେନେଗାଲ ଓ ଟ୍ୟୁନିସିଆ, କନ୍‌ଫେଡେରେଶନ୍ ଅଫ୍ ନର୍ଥ, ସେଣ୍ଟ୍ରାଲ ଆମେରିକା ଆଣ୍ଡ କାରିବିୟନ ଆସୋସିଏଶନ ଫୁଟବଲ (ସିଓଏନ୍‌ସିଏସିଏଏଫ୍)ରୁ ଡୋମିନିକାନ୍ ରିପବ୍ଲିକ୍, ଗୁଏଟେମାଲା, ହଣ୍ଡୁରାସ ଓ ଆମେରିକା ଦଳ ଭାଗନେବେ। ସେହିପରି ସାଉଥ୍ ଆମେରିକାନ୍ ଫୁଟବଲ କନ୍‌ଫେଡେରେଶନ୍‌ରୁ ଆର୍ଜେଣ୍ଟିନା, ବ୍ରାଜିଲ, କଲମ୍ବିଆ, ଇକ୍ୱେଡର ଓ ଉରୁଗୁଏ, ଓସେନିଆ ଫୁଟବଲ କନ୍‌ଫେଡେରେଶନ (ଓସିଏଫ୍)ରୁ ଫଇଜି ଓ ନ୍ୟୁଜିଲାଣ୍ଡ ଏବଂ ୟୁନିୟନ ଅଫ୍ ୟୁରୋପିଆନ ଫୁଟବଲ ଆସୋସିଏଶନସ୍ (ୟୁଇଏଫ୍ଏ)ରୁ ଇଂଲଣ୍ଡ, ଫ୍ରାନ୍ସ, ଇଟାଲି, ଇସ୍ରାଏଲ୍ ଓ ସ୍ଲୋଭାକିଆ ଦଳ ଅଂଶଗ୍ରହଣ କରିବେ। ଭାଗ ନେବାକୁ ଯାଉଥିବା ୨୪ ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ର ଶୀର୍ଷରେ ରହିଥିବା ୨ ଦଳ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ୪ଟି ଶ୍ରେଷ୍ଠ ଦଳକୁ ନେଇ ରାଉଣ୍ଡ ଅଫ୍-୧୬ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଏଥିରୁ ଶ୍ରେଷ୍ଠ ୮ଟି ଦଳ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। କ୍ୱାର୍ଟର ଫାଇନାଲ ୪ଟି ଜୁନ୍ ୩ ଓ ୪, ସେମିଫାଇନାଲ ଜୁନ୍ ୮ ଏବଂ ଫାଇନାଲ ୧୧ ତାରିଖରେ ଅନୁଷ୍ଠିତ ହେବ।

### ୪ ଭେନ୍ୟୁ

ଏଥର ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ଆର୍ଜେଣ୍ଟିନାର ୪ଟି ଭେନ୍ୟୁରେ ଅନୁଷ୍ଠିତ ହେବ। ଏହା ମଧ୍ୟରେ ଲା ପ୍ଲାଟା (ଇଷ୍ଟାଡିଓ ୟୁନିକୋ ଡିଏଗୋ ଆର୍ମାଣ୍ଡୋ ମାରାଡୋନା) ଷ୍ଟାଡିୟମର ଦର୍ଶକ କ୍ଷମତା ସର୍ବାଧିକ ୫୩,୦୦୦। ମେଣ୍ଡୋଜା (ଇଷ୍ଟାଡିଓ ମାଲ୍‌ଭିନାସ ଆର୍ଜେଣ୍ଟିନାଜ୍)ର କ୍ଷମତା ୪୨,୦୦୦ ଥିବାବେଳେ ସାଣ୍ଟିଆଗୋ ଡେଲ୍ ଇଷ୍ଟେରୋ (ଇଷ୍ଟାଡିଓ ୟୁନିକୋ ମାଡ୍ରି ଡି' ସିଉଡାଡେସ)ର ୩୦,୦୦୦ ଓ ସାନ୍ ଜୁଆନ (ଇଷ୍ଟାଡିଓ ସାନ୍ ଜୁଆନ୍‌ଡେଲ୍‌ବିସେନ୍‌ଟେନାରିଓ)ର ଦର୍ଶକ କ୍ଷମତା ୨୫,୨୮୬। ସେମିଫାଇନାଲ ଓ ଫାଇନାଲ ଲା ପ୍ଲାଟା ଷ୍ଟାଡିୟମରେ ଅନୁଷ୍ଠିତ ହେବ।

### ପ୍ରଥମ ଦିବସରେ ୪ ମ୍ୟାଚ୍

ଫିଫା ଯୁବ ବିଶ୍ୱକପ୍‌ର ପ୍ରଥମ ଦିବସରେ ଶନିବାର ୪ଟି ମ୍ୟାଚ ଅନୁଷ୍ଠିତ ହେବ। ଏହାର ପ୍ରଥମ ମ୍ୟାଚ ଗୁଏଟେମାଲା-ନ୍ୟୁଜିଲାଣ୍ଡ ଏବଂ ଦ୍ୱିତୀୟ ମ୍ୟାଚ ଆର୍ଜେଣ୍ଟିନା-ଉଜ୍‌ବେକିସ୍ତାନ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ତୃତୀୟ ମ୍ୟାଚ ଆମେରିକା-ଇକ୍ୱେଡର ଓ ୪ର୍ଥ ମ୍ୟାଚ ଫିଜି-ସ୍ଲୋଭାକିଆ ମଧ୍ୟରେ ଖେଳାଯିବ। ଗତଥରର ଚାମ୍ପିୟନ ତଥା ଯୁଦ୍ଧଗ୍ରସ୍ତ ୟୁକ୍ରେନ ଏଥର ଯୋଗ୍ୟତା ଅର୍ଜନ କରିନାହିଁ। ତେଣୁ କଣ୍ଟିନେଣ୍ଟାଲ ଚାମ୍ପିୟନ ଇଂଲଣ୍ଡ, ବ୍ରାଜିଲ ଓ ସେନେଗାଲ ପରି ଦଳ ଟାଇଟଲ ପାଇଁ ଫେଭରାଇଟ ରହିବେ। ରେକର୍ଡ ୬ ଥର ଚାମ୍ପିୟନ ଏଥର ଯୋଗ୍ୟତା ହାସଲରେ ବିଫଳ ହୋଇଥିଲେ ହେଁ ଆୟୋଜକ ଦଳଭାବେ ଖେଳିବା ସୁଯୋଗ ପାଇଛି। ଗତ ୪ ସଂସ୍କରଣରେ ୟୁରୋପିଆନ ଦଳଗୁଡ଼ିକ ଚାମ୍ପିୟନ ହୋଇଛନ୍ତି। ତେଣୁ ଏଥରର ପ୍ରତିଯୋଗିତା କଡ଼ା ସଂଘର୍ଷପୂର୍ଣ୍ଣ ହେବା ଆଶା ରହିଛି।

### ଆର୍ଜେଣ୍ଟିନା ସବୁଠାରୁ ସଫଳ ଦଳ

ଟୁର୍ନାମେଣ୍ଟର ଇତିହାସ ଅବଲୋକନ କଲେ ଆୟୋଜକ ଆର୍ଜେଣ୍ଟିନା ହିଁ ସବୁଠାରୁ ସଫଳ ଦଳ ଭାବେ ଉଭାହୁଏ। ଏହି ଦଳ ସର୍ବାଧିକ ୬ଥର ୧୯୭୯, ୧୯୯୫, ୧୯୯୭, ୨୦୦୧, ୨୦୦୫ ଓ ୨୦୦୭ରେ ଚାମ୍ପିୟନ ହୋଇଛି। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ବ୍ରାଜିଲ। ଏହି ଦଳ ୧୯୮୩, ୧୯୮୫, ୧୯୯୩, ୨୦୦୩ ଓ ୨୦୧୧ରେ ଟାଇଟଲ ହାସଲ କରିଛି। ପର୍ତ୍ତୁଗାଲ (୧୯୮୯, ୧୯୯୧) ଓ ସର୍ବିଆ (୧୯୮୭, ୨୦୧୫)ରେ ୨ ଥର ଲେଖାଏ ଚାମ୍ପିୟନ ହୋଇଛନ୍ତି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ୨୦୦୯ରେ ଘାନା, ୧୯୯୯ରେ ସ୍ପେନ୍, ୧୯୭୭ରେ ରୁଷିଆ, ୧୯୮୧ରେ ଜର୍ମାନୀ, ୨୦୧୭ରେ ଇଂଲଣ୍ଡ, ୨୦୧୩ରେ ଫ୍ରାନ୍ସ ଓ ୨୦୧୯ରେ ୟୁକ୍ରେନ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଅତୀତରେ ନାଇଜେରିଆ, ଉରୁଗୁଏ, ମେକ୍ସିକୋ, ଦକ୍ଷିଣ କୋରିଆ, କାତାର, ଜାପାନ, ଚେକ୍ ରିପବ୍ଲିକ୍ ଓ ଭେନେଜୁଏଲା ଫାଇନାଲ ଖେଳିଥିଲେ ମଧ୍ୟ ଟାଇଟଲ ବିଜୟର ସ୍ୱାଦ ପାଇନାହାନ୍ତି। ୨୦୧୯ରେ ପୋଲାଣ୍ଡରେ ଅନୁଷ୍ଠିତ ଗତ ସଂସ୍କରଣର ଫାଇନାଲରେ ୟୁକ୍ରେନ ୩-୧ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଚାମ୍ପିୟନ ହୋଇଥିଲା।




# ଭାରତୀୟ ମହିଳା ଭଲିବଲ୍ ଦଳ ଘୋଷିତ

### କାଭା ଚ୍ୟାଲେଞ୍ଜ କପ୍

**ଭୁବନେଶ୍ୱର, ୧୯।୫ (କ୍ରୀଡ଼ା ପ୍ରତିନିଧି)**

ସେଣ୍ଟ୍ରାଲ ଏସିଆନ ଭଲିବଲ ଆସୋସିଏଶନ(କାଭା) ଚ୍ୟାଲେଞ୍ଜ୍ କପ୍ ମହିଳା ଭଲିବଲ ଚାମ୍ପିୟନଶିପ୍ ନେପାଳର କାଠମାଣ୍ଡୁରେ ଚଳିତ ମାସ ୨୨ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଭାରତୀୟ ମହିଳା ଭଲିବଲ ଦଳ ଘୋଷଣା କରାଯାଇଛି। ଏଥିରେ କେରଳରୁ ୬, ରେଲୱେରୁ ୫ ଏବଂ ଓଡ଼ିଶା, ପଶ୍ଚିମବଙ୍ଗ ଓ ହିମାଚଳ ପ୍ରଦେଶରୁ ଜଣେ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ଓଡ଼ିଶାର ଅନନ୍ୟା ଦାସ ଖେଳାଳି ଓ ସୁଧାଂଶୁ ଭୂଷଣ ମିଶ୍ର ମ୍ୟାନେଜରଭାବେ ଦଳରେ ସାମିଲ ହୋଇଛନ୍ତି। ଭଲିବଲ୍ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା କାଭା ବୋର୍ଡର ପ୍ରଶାସନିକ ସଦସ୍ୟ ଅଚ୍ୟୁତ ସାମନ୍ତ ଫାଇନାଲ ମ୍ୟାଚର ପ୍ରତ୍ୟକ୍ଷଦର୍ଶୀ ହେବାସହ ପୁରସ୍କାର ବିତରଣୀ ଉତ୍ସବରେ ସାମିଲ ହେବା କାର୍ଯ୍ୟକ୍ରମ ରହିଛି। କାଠମାଣ୍ଡୁ ଟୁର୍ନାମେଣ୍ଟ ପରେ ଭାରତୀୟ ଦଳ ଇଣ୍ଡୋନେସିଆର ପୂର୍ବ ଜାଭାସ୍ଥିତ ଗ୍ରେସିଆଠାରେ ୪ର୍ଥ ଏଭିସି ମହିଳା ଚ୍ୟାଲେଞ୍ଜରରେ ଅଂଶଗ୍ରହଣ କରିବ। ଏହା ଜୁନ୍ ୧୮ରୁ ୨୮ ପର୍ଯ୍ୟନ୍ତ ଚାଲିବ। ଆଗାମୀ ସମ୍ମାନଜନକ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଭିଏଫ୍‌ଆଇ ଓଡ଼ିଶା ଭଲିବଲ ଆସୋସିଏଶନକୁ କୋଚିଂ କ୍ୟାମ୍ପ ପାଇଁ ଅନୁମତି ପ୍ରଦାନ କରିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ୨୪ ଜଣ ଖେଳାଳିଙ୍କୁ ନେଇ କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଗତ ୨ ତାରିଖରେ କୋଚିଂ କ୍ୟାମ୍ପ ଆରମ୍ଭ ହୋଇଥିଲା। ଏଥିରୁ ୧୪ ଖେଳାଳିଙ୍କ ସମେତ ୩ ଅଫିସିଆଲ ମନୋନୀତ ହୋଇ ଭୁବନେଶ୍ୱରରୁ କାଠମାଣ୍ଡୁ ଯାତ୍ରା କରିଛନ୍ତି। **ଭାରତୀୟ ଦଳ** ନିର୍ମାଲ (ଅଧିନାୟିକା), ଜିନ୍‌ସି ଜନସନ, ଆଞ୍ଜେଲ ଜୋସେଫ, ଏସ. ଶାଲିନି, ଅଶ୍ୱିନୀ କେ., ମାୟା ଥୋମାସ, ଅନୁଶ୍ରୀ କେ.ପି., ସୂର୍ଯ୍ୟା ଏସ୍., ଜିନି କେ.ଏସ., ଶିଳ୍ପା ଆର.ଏସ୍., ପ୍ରେରଣା ପାଲ, ହେମଲତା, ଅଶ୍ୱଥୀ ଆର. (ଲିବେରୋ), ଅନନ୍ୟା ଦାସ (ଲିବେରୋ)। ମ୍ୟାନେଜର: ସୁଧାଂଶୁ ଭୂଷଣ ମିଶ୍ର, ମୁଖ୍ୟ କୋଚ୍: ପ୍ରୀତମ୍ ସିଂ ଚୌହାନ, ସହକାରୀ କୋଚ୍: ବୈଶାଳୀ ଫଡଟାରେ।


କୋଚ୍ ଓ କର୍ମକର୍ତ୍ତାଙ୍କ ଗହଣରେ ଭାରତୀୟ ମହିଳା ଭଲିବଲ ଦଳ।

## ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରମୋଦ, ଦିଲେଶ୍ୱର

**ଭୁବନେଶ୍ୱର, ୧୯।୫ (କ୍ରୀଡ଼ା ପ୍ରତିନିଧି):** ବାହାରିନ୍‌ର ମାନାମାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟର ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶାର ପ୍ରମୋଦ ଭଗତ ଓ ଦିଲେଶ୍ୱର ରାଓ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସିଙ୍ଗଲ୍ସ ମ୍ୟାଚରେ ପ୍ରମୋଦ ବାହାରିନ୍‌ର ହୁସେନ ଏମ୍‌ଡି. ମିର୍ଶ ଅବଦୁଲ ରହମନଙ୍କୁ ୨୧-୮, ୨୧-୪ରେ ପରାସ୍ତ କରିଛନ୍ତି। ମିକ୍ସଡ ଡବଲ୍ସରେ ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ଫ୍ରାନ୍ସର ମାଥ୍ୟୁ ଥୋମାସ ଓ ମାଉଦ ଲେଫୋର୍ଟ ଯୋଡ଼ିଙ୍କୁ ୨୧-୧୮, ୨୧-୧୨ରେ ହରାଇ ଦେଇଛନ୍ତି। ସେହିପରି ପ୍ରମୋଦ ଡବଲ୍ସରେ ସୁକାନ୍ତ କଦମଙ୍କୁ ସାଥିକରି କାମେରୁନ୍‌ର ଇମାନୁଏଲ ପିନୋଚେଟ ଅମୋଉଗୁଲ ଓ ଇଟିଏନେ ସୋଙ୍ଗା ବିଜୋକାଙ୍କୁ ୨୧-୭, ୨୧-୮ରେ ହରାଇଛନ୍ତି। ଦିଲେଶ୍ୱର ରାଓ ୟୁକ୍ରେନର ଓଲେକଜାଣ୍ଡର ଚିର୍କୋଭଙ୍କଠାରୁ ହାରିଯାଇଥିଲେ ମଧ୍ୟ ୩ ମ୍ୟାଚରୁ ୨ଟିରେ ବିଜୟୀ ହୋଇଥିବାରୁ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ଡବଲ୍ସରେ ଦିଲେଶ୍ୱର-ଶୁଭ୍ରଜିତ ମହାରଣା ଯୋଡ଼ି ପେରୁର ରେଞ୍ଜୋ ଡିକ୍ୱେଜ ବସ୍କେସ ମୋରାଲେସ ଓ ପେଡ୍ରୋ ପାବ୍‌ଲୋ ଡି ଭିନାଟାଙ୍କୁ ୨୧-୯, ୨୧-୧୯ରେ ପରାସ୍ତ କରିଛନ୍ତି। ଅନ୍ୟ ୨ଟି ଡବଲ୍ସ ମ୍ୟାଚରେ ଦୀପ୍ ରଞ୍ଜନ ବିଷୋୟୀ ଓ ମନୋଜ ସରକାରଙ୍କ ଯୋଡ଼ି ଚାଇନାର ଗାଓ ୟୁୟାଙ୍ଗ୍ ଓ ୟାଙ୍ଗ୍ ଜିଆନୟୁଆନଙ୍କୁ ଏବଂ ସେହି ଦେଶର ଡୋମିନିକ୍ ବୁଜ୍‌ବର୍ଗର ଓ ମାଉରିନ୍ ଷ୍ଟୁବିଙ୍କୁ ହରାଇ ଦେଇଛନ୍ତି।

# ଦିଲ୍ଲୀ, ଚଣ୍ଡିଗଡ଼, ଅରୁଣାଚଳ ବିଜୟୀ

### ଜାତୀୟ ସବ୍‌ଜୁନିୟର ପୁରୁଷ ହକି

**ରାଉରକେଲା ଅଫିସ,୧୯।୫**

ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ୧୩ତମ ହକି ଇଣ୍ଡିଆ ପୁରୁଷ ସବ୍‌ଜୁନିୟର ଜାତୀୟ ଚାମ୍ପିୟନଶିପ୍ ୨୦୨୩ରେ ଦିଲ୍ଲୀ ହକି, ହକି ଚଣ୍ଡିଗଡ଼ ଓ ହକି ଅରୁଣାଚଳ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଦିଲ୍ଲୀ ହକି ୫-୨ ଗୋଲ୍‌ରେ ଆସାମ ହକିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଆଫ୍ରିଦୀ (୮ମ,୧୧ତମ, ୨୬ତମ ଓ ୩୪ତମ) ବ୍ୟକ୍ତିଗତ ୪ଟି ଗୋଲ ସ୍କୋର କରିଥିବା ବେଳେ ଅନ୍ୟ ଗୋଲଟିକୁ ଆର୍ଯ୍ୟନ ଦେଇଥିଲେ। ପରାଜିତ ଆସାମ ହକି ଦଳ ତରଫରୁ ରିତି ପଟିର (୨୩ତମ) ଓ ରୋହତ ଯାଦବ (୪୦) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଦିନର ଦ୍ୱିତୀୟ ଗେମ୍‌ରେ ହକି ଚଣ୍ଡିଗଡ଼ ୧୯-୦ ଗୋଲରେ ହକି ରାଜସ୍ଥାନକୁ ହରାଇ ଦେଇଛି। ଏହି ଏକତରଫା ମ୍ୟାଚରେ ବିଜୟୀ ଦଳର ଗୁରଜିତ ସିଂ ୯ଟି ଗୋଲ୍ ସ୍କୋର କରିଥିବା ବେଳେ ପ୍ରଭଜୋତ ସିଂ ସଇନି ୩ଟି ଗୋଲ ସ୍କୋର କରିଛନ୍ତି। ପଙ୍କଜ ଶର୍ମା ଓ ଗୁରଜିତ ସିଂ ଦୁଇଟି ଲେଖାଏଁ ଏବଂ ସୁଖପ୍ରୀତ ସିଂ, ସୁଖମନପ୍ରୀତ ସିଂ ଏବଂ ସୁରଜ କୁମାର ସା' ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଶୁକ୍ରବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ହକି ଅରୁଣାଚଳ ୧୩-୦ ଗୋଲ୍‌ରେ ହକି ଗୁଜରାଟକୁ ପରାସ୍ତ କରିଛି।



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶୁକ୍ରବାର ଚଣ୍ଡିଗଡ଼ ଓ ରାଜସ୍ଥାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଟୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨: ପଦକ ପକ୍କା କଲେ ଓଜାସ ଓ ଜ୍ୟୋତି

**ଶାଙ୍ଘାଇ,୧୯।୫(ପି.ଟି.)**

ଚଳିତ ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨ରେ ଭାରତର କମ୍ପାଉଣ୍ଡ ତୀରନ୍ଦାଜୀ ଦଳ ପଦକ ପକ୍କା କରିଥିବା ବେଳେ ରିକର୍ଭ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ନୂଆ ଯୋଡ଼ି ଓଜାସ ଜ୍ୟୋତି ଓ ଜ୍ୟୋତି ଭେନମ ପ୍ରତିଦ୍ୱନ୍ଦ୍ୱୀ ଇଟାଲୀ ଟିମ୍‌କୁ ୧୫୭-୧୫୭(୧୯*-୧୯)ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ସେମାନେ କ୍ରମାଗତ ଦ୍ୱିତୀୟ ଥର ସ୍ୱର୍ଣ୍ଣ ଜିତିବା ଲକ୍ଷ୍ୟରେ ରହିଛନ୍ତି। ୬ଷ୍ଠ ସିଡ୍ ଭାରତୀୟ ଯୋଡ଼ି ଶନିବାର ଫାଇନାଲରେ ଟପ୍ ସିଡ୍ କୋରିଆକୁ ଭେଟିବ। ଏଠାରେ ୬ଷ୍ଠ ସିଡ୍ ଓଜାସ୍ ଓ ଜ୍ୟୋତି ଗତ ମାସରେ ଆଣ୍ଟାଲ୍ୟାଠାରେ ଅନୁଷ୍ଠିତ ଏହି ଇଭେଣ୍ଟ ଜିତି ପ୍ରଥମ ଥର ସ୍ୱର୍ଣ୍ଣ ପଦକ ପାଇଥିଲେ। ଭାରତର ଏହି ଯୋଡ଼ି ପ୍ରଥମେ ପ୍ରିକ୍ୱାର୍ଟରରେ ବାଂଲାଦେଶ ବିପକ୍ଷରେ ୧୫୮-୧୫୧ରେ ବିଜୟ ଲାଭ କରିଥିଲା। ପରେ ତୁର୍କୀ ବିପକ୍ଷରେ୧୫୭-୧୫୬ରେ ବିଜୟ ଲାଭ କରିଥିଲେ। ଅଲିମ୍ପିକ କାଟେଗୋରିରେ ରିକର୍ଭ ଯୋଡ଼ି ଧୀରଜ ବୋମାଦେବୋରା ଓ ସିମରନଜିତ୍ କୌର ଇଣ୍ଡୋନେସିଆଠାରୁ ପରାଜିତ ହୋଇଛନ୍ତି।

DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମେ ୨୦/୨୦୨୩ Bhubaneswar, Saturday, May 20/ 2023

# ପଞ୍ଜାବ ବିଦା, ରାଜସ୍ଥାନ ବିଜୟୀ



ହିମାଚଳ ପ୍ରଦେଶର ଧର୍ମଶାଳା ଷ୍ଟାଡିୟମରେ ଶୁକ୍ରବାର ଆଇପିଏଲ୍ ମ୍ୟାଚ ଉପଭୋଗ କରୁଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଓ ପଞ୍ଜାବ କିଙ୍ଗ୍ସ ମାଲିକାଣୀ ପ୍ରୀତି ଜିଣ୍ଟା।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଦିଲ୍ଲୀ ବନାମ ଚେନ୍ନାଇ**
ସ୍ଥାନ:ଦିଲ୍ଲୀ,
ସମୟ: ଅପରାହ୍ନ ୩.୩୦

**କୋଲକାତା ବନାମ ଲକ୍ଷ୍ନୌ**
ସ୍ଥାନ: କୋଲକାତା,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଧର୍ମଶାଳା, ୧୯।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୪ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ଫଳରେ ପଞ୍ଜାବ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିବାବେଳେ ରାଜସ୍ଥାନ ପ୍ଲେ-ଅଫ୍ ଆଶା ପାଇଁ ଅନ୍ୟ ଦଳ ଗୁଡ଼ିକର ଫଳାଫଳ ଅପେକ୍ଷାରେ ରହିଛି। ୧୪ ମ୍ୟାଚରୁ ୧୪ ପଏଣ୍ଟ ପାଇଛି ରାଜସ୍ଥାନ। ଅନ୍ୟପକ୍ଷରେ ପଞ୍ଜାବ ୧୪ ମ୍ୟାଚରୁ ମାତ୍ର ୧୨ ପଏଣ୍ଟ ସହିତ ବିଦାୟ ପଥ ଦେଖିଛି। ଉଭୟ ଦଳପାଇଁ ଲିଗ୍ ପର୍ଯ୍ୟାୟରେ ଏହାଥିଲା ଶେଷ ମ୍ୟାଚ। ପଞ୍ଜାବ ୨୦ ଓଭରରେ ୫ ଉଇକେଟ ହରାଇ ୧୮୭ ରନ କରିଥିବାବେଳେ ରାଜସ୍ଥାନ ୧୯.୪ ଓଭରରେ ୬ ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରି ନେଇଥିଲା।

ଟସ୍‌ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବର ଆରମ୍ଭ ଭଲ ହୋଇ ନ ଥିଲା। ମାତ୍ର ୨ ରନରେ ପ୍ରଥମ ଏବଂ ୫୦ ରନ ମଧ୍ୟରେ ୪ ଉଇକେଟ ହରାଇ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଭସିମରନ ସିଂ ୨, ଅଧିନାୟକ ଶିଖର ଧାୱନ ୧୭, ଅଥର୍ବ ତାଇଦେ ୧୯ ଓ ଲିଆମ ଲିଭିଂଷ୍ଟୋନ ୯ ରନକରି ଆଉଟ ହୋଇଥିଲେ। ତେବେ ଲୋୟର ଅର୍ଡରରେ ୩ ଖେଳାଳି ଦ୍ରୁତ ହାରରେ ରନ ସଂଗ୍ରହ କରି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସାମ୍ କୁରାନ ୩୧ ବଲ୍‌ରୁ ସର୍ବାଧିକ ୪୯ (୪ ଚୌକା, ୨ ଛକା) ଓ ଶାହରୁଖ ଖାଁ ୨୩ ବଲ୍‌ରୁ ୪୧ (୪ ଚୌକା, ୨ ଛକା) ରନକରି ଅପରାଜିତ ରହିଥିଲେ। ଜୀତେଶ ଶର୍ମା ୨୮ ବଲ୍‌ରୁ ୪୪ (୩ ଚୌକା, ୩ ଛକା) ରନକରି ଆଉଟ ହୋଇଥିଲେ। ଅସମାପ୍ତ ୬ଷ୍ଠ ଉଇକେଟରେ କୁରାନ ଓ ଶାହରୁଖ ମାତ୍ର ୩୭ ବଲ୍‌ରୁ ୭୩ ରନ ସଂଗ୍ରହ କରିଥିଲେ। ପୂର୍ବରୁ କୁରାନ ଓ ଜୀତେଶ ୫ମ ଉଇକେଟରେ ୪୪ ବଲ୍‌ରୁ ୬୪ ରନ ସଂଗ୍ରହ କରି ଇନିଂସ ସମ୍ଭାଳିଥିଲେ। ଶେଷ ୨ ଓଭରରୁ ପଞ୍ଜାବ ୪୬ ରନ ସଂଗ୍ରହ କରିଥିଲା। ରାଜସ୍ଥାନ ପକ୍ଷରୁ ନବଦୀପ ସଇନୀ ସର୍ବାଧିକ ୩ଟି ଏବଂ ଟ୍ରେଣ୍ଟ ବୋଲ୍ଟ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସନ୍ଦୀପ ଶର୍ମା ଓ ୟୁଜବେନ୍ଦ୍ର ଚହଲ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

୧୮୮ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ରାଜସ୍ଥାନ ମାତ୍ର ୧୨ ରନରେ ଜୋଶ୍ ବଟଲର(୦)ଙ୍କ ଉଇକେଟ ହରାଇ ପ୍ରଥମ ଝଟ୍‌କା ଖାଇଥିଲା। ତେବେ ଯଶଶ୍ୱୀ ଜୟସ୍ୱାଲ ଓ ଦେବଦତ୍ତ ପଡିକାଲ ଦ୍ୱିତୀୟ ଉଇକେଟରେ ୪୯ ବଲ୍‌ରୁ ୭୩ ରନ ସଂଗ୍ରହ କରି ଇନିଂସ ସମ୍ଭାଳି ନେଇଥିଲେ। ଅର୍ଦ୍ଧଶତକ ହାସଲ କରିବାପରେ ପଡିକାଲ ୫୧ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସେ ୩୦ଟି ବଲ୍‌ର ସମ୍ମୁଖୀନ ହୋଇଥିବାବେଳେ ନିଜ ଇନିଂସରେ ୫ ଚୌକା, ୩ ଛକା ମାରିଥିଲେ। ୫ ରନ ବ୍ୟବଧାନରେ ଅଧିନାୟକ ସଞ୍ଜୁ ସାମସନ (୨)ଙ୍କ ଉଇକେଟ ହରାଇ ରାଜସ୍ଥାନ ପୁଣି ସଙ୍କଟରେ ପଡ଼ିଥିଲା। ତେବେ ଜୟସ୍ୱାଲ ଓ ଶିମରନ ହେଟମେର ୪ର୍ଥ ଉଇକେଟରେ ମାତ୍ର ୨୨ ବଲ୍‌ରୁ ୪୭ ରନ ସଂଗ୍ରହ କରି ଦଳକୁ ସଂକଟରୁ ଉଦ୍ଧାର କରିଥିଲେ। ଜୟସ୍ୱାଲ ଠିକ୍ ୫୦ (୩୬ ବଲ, ୮ ଚୌକା) ରନ କରି ଆଉଟ ହୋଇଥିବାବେଳେ ହେଟମେର ୨୮ ବଲ୍‌ରୁ ଦ୍ରୁତ ୪୬ (୪ ଚୌକା, ୩ ଛକା) ରନକରି ପ୍ୟାଭିଲିୟନ ଫେରିଥିଲେ। ଶେଷ ଓଭରରୁ ବିଜୟ ପାଇଁ ୯ ରନ ଆବଶ୍ୟକ ହେଉଥିଲା। ପ୍ରଥମ ୩ ବଲ୍‌ରୁ ୪ ରନ ଆସିଥିବାବେଳେ ରାହୁଲ ଚହରଙ୍କ ୪ର୍ଥ ବଲ୍‌କୁ ଛକାରେ ପରିଣତ କରି ଧ୍ରୁବ ଜୁରେଲ ପ୍ରତୀକ୍ଷାର ଅବସାନ ଘଟାଇଥିଲେ। ପଞ୍ଜାବ ବୋଲରଙ୍କ ମଧ୍ୟରେ କାଗିଶୋ ରାବାଡ଼ା ୨ଟି ଏବଂ ସାମ୍ କୁରାନ, ଅର୍ଶଦୀପ ସିଂ, ନାଥାନ ଏଲିସ ଓ ରାହୁଲ ଚହର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୮୭/୫ (ସାମ୍ କୁରାନ-୪୯*, ଜୀତେଶ ଶର୍ମା-୪୪, ଶାହରୁଖ ଖାଁ-୪୧*, ନବଦୀପ ସଇନି-୩/୪୦, ଟ୍ରେଣ୍ଟ ବୋଲ୍ଟ-୧/୩୫, ଆଡାମ ଜାମ୍ପା-୧/୨୬)। ରାଜସ୍ଥାନ ରୟାଲ୍ସ ୧୯.୪ ଓଭରରେ ୧୮୯/୬ (ଦେବଦତ୍ତ ପଡିକାଲ-୫୧, ଜସଶ୍ୱୀ ଜୟସ୍ୱାଲ-୫୦, ଶିମ୍‌ରନ ହେଟମେର-୪୬, କାଗିଶୋ ରାବାଡ଼ା-୨/୪୦, ନାଥାନ ଏଲିସ-୧/୩୪, ଅର୍ଶଦୀପ ସିଂ-୧/୪୦, ସାମ୍ କୁରାନ-୧/୪୬, ରାହୁଲ ଚହର-୧/୨୮)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୧୮ | +୦.୮୩୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୫ | ୧୫ | +୦.୩୮୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୭ | ୫ | ୧୫ | +୦.୩୦୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୭ | ୬ | ୧୪ | +୦.୧୮୦ |
| ରାଜସ୍ଥାନ ରୟାଲ୍ସ | ୧୪ | ୭ | ୭ | ୧୪ | +୦.୧୪୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୭ | ୬ | ୧୪ | -୦.୧୨୮ |
| କୋଲ୍‌କାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | -୦.୨୫୬ |
| ପଞ୍ଜାବ କିଙ୍ଗ୍ସ | ୧୪ | ୬ | ୮ | ୧୨ | -୦.୩୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୫ | ୮ | ୧୦ | -୦.୫୭୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୪ | ୯ | ୮ | -୦.୫୫୮ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷାରେ ବାଧାପ୍ରାପ୍ତ ଯୋଗୁ ପଏଣ୍ଟ ଭାଗ ହୋଇଥିଲା।

# ସିଏସ୍‌କେର ଲକ୍ଷ୍ୟ ପ୍ଲେ-ଅଫ୍

**ନୂଆଦିଲ୍ଲୀ, ୧୯।୫ (ପି.ଟି.):** ଆଇପିଏଲ୍‌ର ଶନିବାର ଦୁଇଟି ମ୍ୟାଚ ଖେଳାଯିବ। ଦିଲ୍ଲୀରେ ପ୍ରଥମ ମ୍ୟାଚ ଚେନ୍ନାଇ ସୁପର କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯିବାକୁ ଥିବାବେଳେ କୋଲକାତା ନାଇଟ ରାଇଡର୍ସ(କେକେଆର) ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମ୍ୟାଚ କୋଲକାତାର ଇଡେନଗାର୍ଡେନ୍ସଠାରେ ହେବ। ବର୍ତ୍ତମାନ ସ୍ଥିତିରେ ସିଏସ୍‌କେ ୧୩ଟି ଗେମ୍‌ରୁ ୧୫ ପଏଣ୍ଟ ସହ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ